# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୧୧/୨୦୨୫ (୧୪ ପୃଷ୍ଠା) Bhubaneswar, Thursday, December 11/2025 Page 14 ₹ 7.00

୫୨ଶ ଭାଗ ୧୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 18 ମୂଲ୍ୟ ₹୭/-





ଭାରତ ସ୍କାଉଟ୍ସ ଓ ଗାଇଡ୍ସ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହ୍ୟୁମାନ୍ ରାଇଟ୍ସ ଏଜୁକେଶନ ଏବଂ ସିଭିଲ ସୋସାଇଟି ଫୋରମ୍ ଫର୍ ହ୍ୟୁମାନ ରାଇଟ୍ସ ପକ୍ଷରୁ ଭୁବନେଶ୍ୱର ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆ ସମ୍ମୁଖରେ ବୁଧବାର ଆନ୍ତର୍ଜାତିକ ମାନବ ଅଧିକାର ଦିବସ ପାଳନ ଅବସରରେ ଆୟୋଜିତ ମାନବ ଶୃଙ୍ଖଳ। **(ଫଟୋ- ମନୋରଞ୍ଜନ ମିଶ୍ର)**

# ମହାନଦୀ ଜଳ ବିବାଦ: ଉଚ୍ଚସ୍ତରୀୟ ସର୍ବଦଳୀୟ କମିଟି ଗଠିତ

**ଓଡ଼ିଶା-ଛତିଶଗଡ଼ ମଧ୍ୟରେ ଦୀର୍ଘଦିନ ହେଲା ଲାଗି ରହିଛି ମହାନଦୀ ଦଳ ବିବାଦ । ଏହାର ସମାଧାନ ପାଇଁ ଅନେକ ଉଦ୍ୟମ ହୋଇଥିଲେ ମଧ୍ୟ ତା'ର ଅନ୍ତ ଘଟିପାରିନାହିଁ। ଏହି ମାମଲାକୁ ନେଇ ୨୦୧୮ରୁ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ ଚାଲିଥିବାବେଳେ ମହାନଦୀ ଜଳ ବ୍ୟବହାର ଅଧିକାର ଉପରେ ତର୍କବିତର୍କ ଜାରି ରହିଛି । ଟ୍ରିବ୍ୟୁନାଲ ସମ୍ମୁଖରେ ଚାଲୁଥିବା ଆଲୋଚନା ଓ ପ୍ରକ୍ରିୟାଗୁଡ଼ିକୁ ଦୃଷ୍ଟିରେ ରଖି ଏବଂ ମହାନଦୀ ଜଳ ବିଷୟର ଜଟିଳତା, ଭାବପ୍ରବଣତାର ଗୁରୁତ୍ୱକୁ ମନେକରି ଓଡ଼ିଶା ସରକାର ବୁଧବାର ଏକ ସର୍ବଦଳୀୟ ଉଚ୍ଚସ୍ତରୀୟ ୮ଜଣିଆ କମିଟି ଗଠନ କରିଛନ୍ତି । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ୩ଜଣ ମନ୍ତ୍ରୀଙ୍କ ସମେତ ବିଜେଡି, କଂଗ୍ରେସ ଓ ଶାସକ ଭାଜପା ବିଧାୟକ ସଦସ୍ୟ ରହିଛନ୍ତି । କେନ୍ଦ୍ରରେ ଏନ୍‌ଡିଏ ଏବଂ ଓଡ଼ିଶା ଓ ଛତିଶଗଡ଼ରେ ଭାଜପା ସରକାର ଚାଲିଥିବାରୁ ମହାନଦୀ ଜଳ ବିବାଦର ରାଜନୈତିକ ସମାଧାନ ପାଇଁ ଉଦ୍ୟମ ଚାଲିଥିବା କୁହାଯାଉଛି ।**

- **କନକ ବର୍ଦ୍ଧନଙ୍କ ଅଧ୍ୟକ୍ଷତାରେ ରହିଛନ୍ତି ୮ ସଦସ୍ୟ**
- **କମିଟିରେ ୩ ମନ୍ତ୍ରୀଙ୍କ ସମେତ ଭାଜପା, ବିଜେଡି, କଂଗ୍ରେସ ବିଧାୟକ**

**ଭୁବନେଶ୍ୱର,୧୦।୧୨(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଗଠିତ ଏହି ସର୍ବଦଳୀୟ କମିଟି ମହାନଦୀ ଜଳ ସମ୍ବନ୍ଧୀୟ ସମସ୍ତ ପ୍ରାସଙ୍ଗିକ ଦିଗକୁ ପରୀକ୍ଷା କରିବ ଏବଂ ରାଜ୍ୟର ବୈଷୟିକ ଓ ପ୍ରଶାସନିକ ସ୍ତରରେ ଚାଲୁଥିବା ପ୍ରୟାସଗୁଡ଼ିକୁ ଆବଶ୍ୟକ ନୀତିଗତ ଦିଗ୍‌ଦର୍ଶନ ପ୍ରଦାନ କରିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। କମିଟିରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ତ୍ତ, ଅବକାରୀ ଏବଂ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଜେଡି ବିଧାୟକ ନିରଞ୍ଜନ ପୂଜାରୀ, ଭାଜପା ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର ଓ କଂଗ୍ରେସ ବିଧାୟିକା ସୋଫିଆ ଫିର୍‌ଦୋସ୍ ସଦସ୍ୟ ଅଛନ୍ତି।

କମିଟି ଗଠନ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବରିଷ୍ଠ ନେତା ତଥା କମିଟିର ସଦସ୍ୟ ଜୟନାରାୟଣ ମିଶ୍ର କହିଛନ୍ତି, ମହାନଦୀ ଜଳ ବିବାଦର ସମାଧାନ ଲାଗି ଟ୍ରିବ୍ୟୁନାଲ ଯିବା ଭୁଲ୍ ନିଷ୍ପତ୍ତି ଥିଲା, ଏଥିଲାଗି ରାଜନୈତିକ ସମାଧାନ ଆବଶ୍ୟକ। ନୀତିନ ଗଡକରୀ ସମାଧାନ ପାଇଁ ଡାକିଥିଲେ, ସେତେବେଳେ ସମାଧାନ କଲେନାହିଁ। ସେହି ସମୟରେ ବିଜେଡି ସରକାର ରାଜନୈତିକ ସମାଧାନ ନ କରି କାହିଁକି ଟ୍ରିବ୍ୟୁନାଲ ଯାଇଥିଲେ। ଟ୍ରିବ୍ୟୁନାଲ ଯିବା ଦ୍ୱାରା ପ୍ରକ୍ରିୟା ବିଳମ୍ବ ହେଲା। ମୁଖ୍ୟମନ୍ତ୍ରୀ ଯେଉଁ କମିଟି ଗଠନ କରିଛନ୍ତି ତାହା ସ୍ୱାଗତଯୋଗ୍ୟ। ଏହି କମିଟି ପାରୁପର୍ଯ୍ୟନ୍ତ ସମାଧାନ କରିବା ଲାଗି ଚେଷ୍ଟା କରିବ। ଛତିଶଗଡ଼ ଯେମିତି ବ୍ୟାରେଜ କଲା, ଓଡ଼ିଶା ସରକାର ସେମିତି ବ୍ୟାରେଜ ନିର୍ମାଣ କରିବା କଥା। ହୀରାକୁଦ ବନ୍ଧର ତଳମୁଣ୍ଡରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ସମୟ ଧାରାରେ ଚକ୍ରବୃଦ୍ଧି ସୁଧ

## ୟୁନେସ୍କୋର ସାଂସ୍କୃତିକ ଐତିହ୍ୟ ତାଲିକାରେ ଦୀପାବଳି

**ନୂଆଦିଲ୍ଲୀ, ୧୦।୧୨**

ୟୁନେସ୍କୋର ଅସ୍ପର୍ଶନୀୟ ସାଂସ୍କୃତିକ ଐତିହ୍ୟ ତାଲିକାରେ ଦୀପାବଳି ସ୍ଥାନ ପାଇଛି। ୟୁନେସ୍କୋ ରିପ୍ରେଜେଣ୍ଟିଭ ଲିଷ୍ଟ ଅଫ୍ ଦ ଇନ୍‌ଟାଞ୍ଜିବଲ କଲ୍‌ଚ୍ୟୁରାଲ ହେରିଟେଜ୍ ଅଫ୍ ହ୍ୟୁମାନିଟିରେ ଏହାକୁ ଅନ୍ତର୍ଭୁକ୍ତ କରାଯାଇଛି। ନୂଆଦିଲ୍ଲୀରେ ଲାଲକିଲ୍ଲାରେ ବୁଧବାର ଅନୁଷ୍ଠିତ ୨୦ତମ ୟୁନେସ୍କୋ ଆନ୍ତଃସରକାରୀ କମିଟି ଅଧିବେଶନରେ ଏହା ଘୋଷଣା କରାଯାଇଛି। ଏହି ଅନ୍ତର୍ଭୁକ୍ତୀକରଣ ଦୀପାବଳିକୁ ଏକ ଜୀବନ୍ତ ପରମ୍ପରା ଭାବରେ ସ୍ୱୀକୃତି ଦେଇଛି, ଯାହା ଅନ୍ଧକାର ଉପରେ ଆଲୋକର ଏବଂ ଅସତ୍ୟ ଉପରେ ସତ୍ୟର ବିଜୟର ☞ପୃଷ୍ଠା-୪

# କେନ୍ଦ୍ର ଅସହାୟ କି

## ଇଣ୍ଡିଗୋ ସଙ୍କଟକୁ ନେଇ ହାଇକୋର୍ଟଙ୍କ ପ୍ରଶ୍ନ

**ନୂଆଦିଲ୍ଲୀ,୧୦।୧୨**

ସପ୍ତାହେରୁ ଊର୍ଦ୍ଧ୍ୱ ସମୟ ଧରି ବିମାନସେବାରେ ବିଭ୍ରାଟର ସମ୍ମୁଖୀନ ହୋଇଥିବା ଦେଶର ସର୍ବବୃହତ୍ ଏୟାରଲାଇନ୍ ଇଣ୍ଡିଗୋର ବହୁ ଫ୍ଲାଇଟ ଉଡ଼ାଣ ରଦ୍ଦ ହୋଇଯାଇଥିବାବେଳେ ଉକ୍ତ ବିବାଦ ଏବେ ଦିଲ୍ଲୀ ହାଇକୋର୍ଟରେ ପହଞ୍ଚିଛି। ଇଣ୍ଡିଗୋ ସଙ୍କଟ ଓ ଏତେ ମାତ୍ରାରେ ବିମାନ ଉଡ଼ାଣ ରଦ୍ଦର ବିଚାରବିଭାଗୀୟ ନିରପେକ୍ଷ ତଦନ୍ତ ପାଇଁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର ହୋଇଛି। ହାଇକୋର୍ଟ ବୁଧବାର ଏହାର ଶୁଣାଣିକରି କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି, ତୁମେ କ'ଣ ଅସହାୟ? ଏଭଳି ସ୍ଥିତି କାହିଁକି ଉପୁଜିଲା?

ପାଇଲଟ୍ ଓ କର୍ମଚାରୀ ସଙ୍କଟକୁ ନେଇ ଗତ ୨ ତାରିଖରୁ ବିଭିନ୍ନ ଘରୋଇ ରୁଟ୍‌ରେ ଇଣ୍ଡିଗୋର ବିମାନ ଉଡ଼ାଣ ବାତିଲ ଏବଂ ବିଳମ୍ବିତ ହୋଇଆସୁଛି। ଫଳରେ ଦେଶବ୍ୟାପୀ ଯାତ୍ରୀମାନେ ନାହିଁ ନ ☞ପୃଷ୍ଠା-୪


DSPL - 415



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଓଡ଼ିଶା ଶାସନ

# ନିଯୁକ୍ତି ମେଳା

ମୁଖ୍ୟମନ୍ତ୍ରୀ
**ଶ୍ରୀ ମୋହନ ଚରଣ ମାଝୀଙ୍କ**
କରକମଳରେ
ନୂତନ ଭାବେ ଚୟନୀତ ୩ ଟି ବିଭାଗର ୫୯୧ ଜଣ ପ୍ରାର୍ଥୀଙ୍କୁ
ନିଯୁକ୍ତିପତ୍ର ପ୍ରଦାନ ତଥା
୪୨୫ କୋଟି ଟଙ୍କାର ନୂତନ ଜଳସେଚନ କାର୍ଯ୍ୟର ଉଦ୍‌ଘାଟନ ଓ ୨୦୭୩ କୋଟି ଟଙ୍କାର ଭିତ୍ତିପ୍ରସ୍ତର ସ୍ଥାପନ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

| | | |
|---|---|---|
| ୨୫୨ ଜଣ ପ୍ରାର୍ଥୀ | ୧୯୭ ଜଣ ପ୍ରାର୍ଥୀ | ୧୪୨ ଜଣ ପ୍ରାର୍ଥୀ |
| ଜଳ ସମ୍ପଦ ବିଭାଗ | ପୂର୍ତ୍ତ ବିଭାଗ | ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ |

୧୧ ଡିସେମ୍ବର ୨୦୨୫ | ଦିବା ୧୧:୩୦ ଘଟିକା | ଓଡ଼ିଶା କୃଷି ଶିକ୍ଷା ସଦନ, ଓ.ୟୁ.ଏ.ଟି., ଭୁବନେଶ୍ୱର

ଜଳ ସମ୍ପଦ ବିଭାଗ | ପୂର୍ତ୍ତ ବିଭାଗ | ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ

**ଓଡ଼ିଶା ସରକାର**

OIPR-32001/13/0023/2526



କାମ୍ବୋଡିଆ ଓ ଥାଇଲାଣ୍ଡ ସୀମାରେ ସଂଘର୍ଷ ଲାଗିରହିଥିବାବେଳେ ବୁଧବାର ଏକ କାମ୍ବୋଡୀୟ ପରିବାର ଟ୍ରାକ୍ଟରରେ ବସି ଚୋଙ୍ଗ୍ କାଲ୍‌ରୁ ଅନ୍ୟତ୍ର ପଳାୟନ କରୁଛନ୍ତି।

# ଭାରତରେ ୨୩% ମହିଳା ଅନ୍ତରଙ୍ଗ ସାଥୀଙ୍କ ହିଂସାର ଶିକାର

**ଲାନ୍‌ସେଟ୍‌ର ୨୦୨୩ ରିପୋର୍ଟ**



ନୂଆଦିଲ୍ଲୀ,୧୦।୧୨ (ଆଇଏଏନ୍‌ଏସ୍/ପି.ଟି.)

ଭାରତରେ ୨୩ ପ୍ରତିଶତ ମହିଳା ସେମାନଙ୍କ ଅନ୍ତରଙ୍ଗ ସାଥୀଙ୍କ ହିଂସାର ଶିକାର ହେଉଥିବା ନେଇ ଏକ ଉଦ୍‌ବେଗଜନକ ରିପୋର୍ଟ ସାମ୍ନାକୁ ଆସିଛି। ଲାନ୍‌ସେଟ୍ ଜର୍ନାଲରେ ବୁଧବାର ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ୨୦୨୩ରେ ୧୫ କିମ୍ବା ତଦୂର୍ଦ୍ଧ୍ୱ ବର୍ଷ ବୟସର ମହିଳାମାନେ ନିଜ ବର୍ତ୍ତମାନ କିମ୍ବା ପୂର୍ବ ପାର୍ଟନରଙ୍କ ଦ୍ୱାରା ଶାରୀରିକ ଓ ଯୌନ ହିଂସାର ଶିକାର ହୋଇଥିଲେ। ସେହିପରି ଦେଶରେ ୧୫ କିମ୍ବା ତଦୂର୍ଦ୍ଧ୍ୱ ବର୍ଷ ବୟସର ୩୦%ରୁ ଅଧିକ ମହିଳା ଏବଂ ୧୩% ପୁରୁଷ ପିଲାବେଳେ ଯୌନହିଂସାର ଶିକାର ହୋଇଥିଲେ। ସାରା ବିଶ୍ୱରେ ଏହି ବୟସ ବର୍ଗର ୧ ବିଲିୟନ୍‌ରୁ ଅଧିକ ବ୍ୟକ୍ତି ପିଲାବେଳେ ଯୌନହିଂସାର ସମ୍ମୁଖୀନ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୬୦୮ ନିୟୁତ ହେଉଛନ୍ତି ମହିଳା। ଉପସାହାରୀୟ ଆଫ୍ରିକା ଓ ଦକ୍ଷିଣ ଏସିଆରେ ଏଭଳି ଘଟଣା ଅଧିକ ଦେଖିବାକୁ ମିଳିଥିଲା। ଏହି ଅଞ୍ଚଳଗୁଡ଼ିକରେ ସ୍ୱାସ୍ଥ୍ୟ ଉପରେ ଯୌନହିଂସାର ପ୍ରଭାବ ଯୋଗୁ ଏଚ୍‌ଆଇଭି ଓ ଅନ୍ୟ ଜଟିଳ ରୋଗ ଦେଖାଦେଇଥାଏ ବୋଲି ଗବେଷକମାନେ ମତ ଦେଇଛନ୍ତି। ଉଚ୍ଚ ଆୟକାରୀ ଦେଶଗୁଡ଼ିକରେ ଏଭଳି ଘଟଣା କମ୍ ଦେଖିବାକୁ ମିଳୁଥିଲେ ହେଁ ସେଠାରେ ମଧ୍ୟ ବାଲ୍ୟାବସ୍ଥାରେ ଯୌନହିଂସାର ଶିକାର ଏକ ବଡ଼ ଆହ୍ୱାନ ହୋଇ ରହିଛି। ଗବେଷକମାନେ ଗ୍ଲୋବାଲ ବର୍ଡନ ଅଫ୍ ଡିଜିଜ୍ (ଜିବିଡି) ଷ୍ଟଡି ୨୦୨୩କୁ ବିଶ୍ଳେଷଣକରି ଏହି ବିଷୟ ଜାଣିବାକୁ ପାଇଛନ୍ତି। ଆମେରିକାର ୱାଶିଂଟନ୍ ୟୁନିଭର୍ସିଟି ଜିବିଡି ଷ୍ଟଡି ପ୍ରସ୍ତୁତ କରିଥାଏ।

# ଭାରତ-ଆମେରିକା ବାଣିଜ୍ୟ ଆଲୋଚନା ଆରମ୍ଭ

ନୂଆଦିଲ୍ଲୀ,୧୦।୧୨

ଭାରତ ଓ ଆମେରିକା ମଧ୍ୟରେ ବୁଧବାର ପୁଣି ବାଣିଜ୍ୟ ଚୁକ୍ତି ସମ୍ପର୍କିତ ଆଲୋଚନା ଆରମ୍ଭ ହୋଇଛି। ଆମେରିକାରୁ ଆସିଥିବା ଡେପୁଟି ଟ୍ରେଡ୍ ରିପ୍ରେଜେଣ୍ଟେଟିଭ୍ ରିକ୍ ସୁଇଟ୍‌ଜର ଓ ଭାରତର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଏହି ଦ୍ୱିପାକ୍ଷିକ ଆଲୋଚନାରେ ଅଗ୍ରଗତି ହୋଇଥିବା ସୂଚନା ଦେଇଛନ୍ତି। ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲ ସୁଇଟ୍‌ଜରଙ୍କୁ ଭେଟି ଆଲୋଚନା ଜାରି ରଖିଥିବା ମନ୍ତ୍ରଣାଳୟ ପକ୍ଷରୁ ସୋସିଆଲ ମିଡିଆ Xରେ କୁହାଯାଇଛି। ସୁଇଟ୍‌ଜରଙ୍କ ସହ ଏକ ପ୍ରତିନିଧି ଦଳ ୨ ଦିନିଆ ଦିଲ୍ଲୀ ଗସ୍ତରେ ଆସିଛନ୍ତି। ଗତ ଅଗଷ୍ଟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତୀୟ ସାମଗ୍ରୀ ଉପରେ ୫୦% ଆମଦାନୀ ଶୁଳ୍କ କଷିବା ପରେ ୨ ଦେଶର ବାଣିଜ୍ୟିକ ସମ୍ପର୍କରେ ତିକ୍ତତା ଦେଖିବାକୁ ମିଳିଛି। ଭାରତ ଟାରିଫ୍ ହ୍ରାସ ଚାହୁଁଥିବାବେଳେ ଭାରତୀୟ ବଜାର ଉପରେ ଆମେରିକାର ନଜର ରହିଛି। ଏହା ପୂର୍ବରୁ ସେପ୍ଟେମ୍ବର ୧୬ରେ ଆମେରିକୀୟ ପ୍ରତିନିଧି ଦଳ ନୂଆଦିଲ୍ଲୀ ଆସି ବାଣିଜ୍ୟ ମନ୍ତ୍ରଣାଳୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ।

# 'ସାର୍କ'ର ବିକଳ୍ପ ଗଢ଼ୁଛି ପାକିସ୍ତାନ

- ଭାରତକୁ ବାଦ୍ ଦେଇ ନୂଆ ଦକ୍ଷିଣ ଏସୀୟ ବ୍ଲକ୍ ଗଠନ ପ୍ରସ୍ତାବ
- ଚାଇନା ଓ ବାଂଲାଦେଶକୁ ସାମିଲ ଉଦ୍ୟମ




ନୂଆଦିଲ୍ଲୀ/ଇସ୍‌ଲାମାବାଦ,୧୦।୧୨

ଦକ୍ଷିଣ ଏସୀୟ ଭୂରାଜନୀତିରେ ଦୀର୍ଘ ସମୟ ଧରି ରହିଆସିଥିବା ଭାରତର ଆଧିପତ୍ୟକୁ ପାକିସ୍ତାନ ଚ୍ୟାଲେଞ୍ଜ କରିବା ଆରମ୍ଭ କରିଛି। ପଡ଼ୋଶୀ ଦେଶ ନିଜ ସ୍ୱାର୍ଥ ହାସଲ ପାଇଁ ସମ୍ପୃକ୍ତ ଅଞ୍ଚଳର ରାଷ୍ଟ୍ରଗୁଡ଼ିକୁ ଭାରତ ବିରୋଧରେ ଉସୁକାଉଛି। ଏଥିରେ ଚାଇନା ଓ ବାଂଲାଦେଶ ସାମିଲ ହୋଇ ଭାରତ ବିରୋଧୀ କାର୍ଯ୍ୟସୂଚୀକୁ ସଫଳ କରିପାରନ୍ତି ବୋଲି ଜଣାପଡ଼ିଛି। ଏହି ୩ ଦେଶ ଅନ୍ୟ ଦକ୍ଷିଣ ଏସୀୟ ରାଷ୍ଟ୍ରଗୁଡ଼ିକୁ ସାର୍କ ଢାଞ୍ଚାରେ ଗଠନ ହେବାକୁ ଥିବା ନୂଆ ରାଷ୍ଟ୍ରଗୋଷ୍ଠୀରେ ମିଶିବାକୁ ପ୍ରସ୍ତାବ ଦେଇଛନ୍ତି। ଦକ୍ଷିଣ ଏସୀୟ ଆଞ୍ଚଳିକ ସହଯୋଗ ସଙ୍ଗଠନ (ସାର୍କ) ଅନେକ ବର୍ଷ ଧରି ନିଷ୍କ୍ରିୟ ରହିଛି। ପାକିସ୍ତାନର ଆତଙ୍କବାଦୀ କାର୍ଯ୍ୟକଳାପ ଏହାର ଅନ୍ୟତମ ପ୍ରମୁଖ କାରଣ ବୋଲି କୁହାଯାଉଛି। ବିଭିନ୍ନ ଗଣମାଧ୍ୟମରେ ଏହି ରିପୋର୍ଟ ପ୍ରକାଶ ପାଇଥିବାବେଳେ ଏହାର ସତ୍ୟାସତ୍ୟ ଜାଣିବା କଷ୍ଟକର।

୧୯୮୫ରେ ଦକ୍ଷିଣ ଏସୀୟ ରାଷ୍ଟ୍ରଗୁଡ଼ିକୁ ନେଇ ଢାକା ସମିଟ୍‌ରେ ଏକ ପ୍ରମୁଖ ରାଷ୍ଟ୍ରଗୋଷ୍ଠୀ ଗଠନ କରାଯାଇଥିଲା। ଏଥିରେ ଭାରତ, ପାକିସ୍ତାନ, ବାଂଲାଦେଶ, ଭୁଟାନ, ମାଳଦ୍ୱୀପ, ନେପାଳ ଓ ଶ୍ରୀଲଙ୍କା ପ୍ରତିଷ୍ଠାତା ସଦସ୍ୟ ଥିବାବେଳେ ୨୦୦୭ରେ ଶ୍ରୀଲଙ୍କା ସାମିଲ ହୋଇଥିଲା। ଦକ୍ଷିଣ ଏସୀୟ କ୍ଷେତ୍ରରେ ଅର୍ଥନୈତିକ ଅଭିବୃଦ୍ଧି, ସାମାଜିକ ପ୍ରଗତି ଓ ସାଂସ୍କୃତିକ ବିକାଶକୁ ପ୍ରୋତ୍ସାହିତ କରିବା ଏହାର ମୁଖ୍ୟ ଲକ୍ଷ୍ୟ ରହିଥିଲା। ତମାମ ମହତ୍ତ୍ୱାକାଂକ୍ଷୀ ଯୋଜନା ଓ ପରିକଳ୍ପନା ସତ୍ତ୍ୱେ ସାର୍କର ଶେଷ ସମ୍ମିଳନୀ ୨୦୧୪ରେ ଅନୁଷ୍ଠିତ ହୋଇଥିଲା। ୨୦୧୬ରେ ଇସ୍‌ଲାମାବାଦରେ ଏହାର ପରବର୍ତ୍ତୀ ବୈଠକ ହେବାକୁ ସ୍ଥିର କରାଯାଇଥିଲା। କିନ୍ତୁ ଉରି ଆତଙ୍କବାଦୀ ଆକ୍ରମଣ ପାଇଁ ଭାରତ ପାକିସ୍ତାନକୁ ଦୋଷ ଦେବା ପରେ ପ୍ରସ୍ତାବିତ ସମ୍ମିଳନୀ ବାତିଲ ହୋଇଯାଇଥିଲା। ପାକିସ୍ତାନ ସୀମାପାର ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ଦର୍ଶାଇ ନୂଆଦିଲ୍ଲୀ ସାର୍କକୁ ବର୍ଜନ କରିଥିଲା। ସେତେବେଳେ ଅନ୍ୟ ଦେଶଗୁଡ଼ିକ ମଧ୍ୟ ଭାରତର ଆଭିମୁଖ୍ୟକୁ ସମର୍ଥନ ଜଣାଇଥିଲେ। ଭାରତ ଏହା ପରିବର୍ତ୍ତେ ବେ ଅଫ୍ ବେଙ୍ଗଲ ଇନିସିଏଟିଭ୍ ଫର୍ ମଲ୍ଟି-ସେକ୍ଟୋରାଲ ଟେକ୍ନିକାଲ ଆଣ୍ଡ ଇକୋନୋମିକ୍ କୋଅପରେଶନ୍ (ବିଆଇଏମ୍‌ଏସ୍‌ଟିଇସି) ରାଷ୍ଟ୍ରଗୋଷ୍ଠୀ ଉପରେ ଗୁରୁତ୍ୱ ଦେଉଛି। ଏହି ଆଞ୍ଚଳିକ ସହଯୋଗ ଗୋଷ୍ଠୀରେ ପାକିସ୍ତାନକୁ ରଖାଯାଇନାହିଁ। ପାକିସ୍ତାନର ଉପପ୍ରଧାନମନ୍ତ୍ରୀ ଇଶାକ୍ ଡାର ଗତ ସପ୍ତାହରେ କହିଥିଲେ, ଇସ୍‌ଲାମାବାଦ ବାଂଲାଦେଶ ଓ ଚାଇନା ସହ ମିଶି ଏହାର ତ୍ରିପାକ୍ଷିକ ପଦକ୍ଷେପକୁ ବିସ୍ତାର ଆରମ୍ଭ କରିଛି। ସାର୍କକୁ ହଟାଇ ଏକ ନୂଆ ଦକ୍ଷିଣ ଏସୀୟ ସହଯୋଗ ସଙ୍ଗଠନ ଗଢ଼ିବା ଉପରେ ଜୋର୍ ଦିଆଯାଉଛି। ସାର୍କ ବାହାରେ ଏକ ବହୁପାକ୍ଷିକ ମଞ୍ଚ ଗଢ଼ାଗଲେ ଅନ୍ତର୍ଜାତୀୟ ବୈଧତା ମଧ୍ୟ ମିଳିବ। ଫଳରେ ମର୍ଯ୍ୟାଦା ଓ ସମ୍ମାନର ସହ ଶାନ୍ତି ବଜାୟ ରହିବ। ଇତିମଧ୍ୟରେ ବାଂଲାଦେଶ ଓ ଚାଇନା କୁନ୍‌ମିଙ୍ଗ୍‌ଠାରେ ଗତ ଜୁନ୍‌ରେ ଏନେଇ ଏକ ବୈଠକ କରିଥିଲେ। ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି)ରେ ଭାରତ-ଚାଇନା ବିବାଦ ଲାଗିରହି ଥିବାବେଳେ ବାଂଲାଦେଶର ମହମ୍ମଦ ୟୁନୁସ୍ ସରକାର କ୍ଷମତାସୀନ ହେବା ପରଠୁ ଖୋଲାଖୋଲି ଭାରତ ବିରୋଧୀ ମନ୍ତବ୍ୟ ଦେଇଆସୁଛନ୍ତି।

ଗତ ମେ'ରେ ଭାରତୀୟ ସଶସ୍ତ୍ର ବଳ ପକ୍ଷରୁ 'ଅପରେଶନ୍ ସିନ୍ଦୂର' ଜରିଆରେ ପାକିସ୍ତାନ ଓ ପାକ୍-ଅଧିକୃତ କଶ୍ମୀର (ପିଓକେ)ସ୍ଥିତ ଆତଙ୍କବାଦୀଙ୍କ ଭିତ୍ତିଭୂମି ଉପରେ ପ୍ରହାର କରାଯିବା ପରେ ୨ ଦେଶ ମଧ୍ୟରେ ୪ ଦିନ ଧରି ସାମରିକ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ପରିପ୍ରେକ୍ଷୀରେ ଡାର୍‌ଙ୍କ ମନ୍ତବ୍ୟ ବିଶେଷ ଗୁରୁତ୍ୱ ବହନ କରେ। ଅନ୍ୟପକ୍ଷେ ଭାରତର ଅର୍ଥନୈତିକ ସ୍ଥିତି ଓ ସଙ୍କଟ ମୁକାବିଲା ବିଶ୍ୱସନୀୟତାକୁ ଦେଖି ବିଶ୍ଳେଷକମାନେ କହିଛନ୍ତି, ନୂଆଦିଲ୍ଲୀକୁ ବାଦ୍‌ଦେଇ ଏକ ପୃଥକ୍ ରାଷ୍ଟ୍ରଗୋଷ୍ଠୀ ଗଠନ କରିବା ବିଶେଷ ଫଳପ୍ରଦ ହୋଇ ନ ପାରେ। ଏପରି କୌଣସି କ୍ଷେତ୍ରୀୟ ମଞ୍ଚ ଗଢ଼ାଗଲେ ଭାରତ ସହ ତାହାର ରାଜନୈତିକ ଉତ୍ତେଜନା ବଢ଼ିବ। ଭାରତ ଏକ ବୃହତ୍ ଅର୍ଥନୀତି ହୋଇଥିବାରୁ ଏହାକୁ ବାଦ୍ ଦେଇ ପାକିସ୍ତାନର ଏଭଳି ଯୋଜନା କାର୍ଯ୍ୟକ୍ଷମ ହେବ ନାହିଁ ବୋଲି ଅନେକ ବିଶ୍ଳେଷକ ମତ ଦେଇଛନ୍ତି।

# ସିଆଇସି ଚୟନ ବୈଠକରେ ଅସହମତି ପ୍ରକାଶ କଲେ ରାହୁଲ

ନୂଆଦିଲ୍ଲୀ,୧୦।୧୨(ପି.ଟି.)

ଦେଶର ନୂଆ କେନ୍ଦ୍ରୀୟ ମୁଖ୍ୟ ସୂଚନା କମିଶନର (ସିଆଇସି)ଙ୍କୁ ଚୟନ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ କମିଟି ବୈଠକ ବୁଧବାର ବସିଛି। ସିଆଇସି ଏବଂ ୮ ସୂଚନା କମିଶନରଙ୍କୁ ନିଯୁକ୍ତି ଦେବା ପାଇଁ ନିଷ୍ପତ୍ତି ହୋଇଥିବାବେଳେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏଥିରେ ଅସହମତି ପ୍ରକାଶ କରିଥିବା ଜଣାପଡ଼ିଛି।

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକ ପ୍ରାୟ ଦେଢ଼ଘଣ୍ଟା ଧରି ଚାଲିଥିଲା। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ମଧ୍ୟ ଏଥିରେ ଯୋଗଦେଇଥିଲେ। ସୂତ୍ରରୁ ଜଣାପଡ଼ିଛି ଯେ, ବିରୋଧୀ ଦଳ ନେତା ରାହୁଲ ନିଯୁକ୍ତି ପାଇବାକୁ ଥିବା ବ୍ୟକ୍ତିମାନଙ୍କ ସମ୍ପର୍କରେ ଅଧିକ ତଥ୍ୟ ଜାଣିବାକୁ ଚାହିଁଥିଲେ। ସେହିପରି ସିଆଇସି ଏବଂ ଅନ୍ୟ ୮ ସୂଚନା କମିଶନରଙ୍କ ନିଯୁକ୍ତି ପ୍ରକ୍ରିୟା ପାଇଁ ଯେଉଁସବୁ ମାପଦଣ୍ଡ ଗ୍ରହଣ କରାଯାଉଛି, ତାହା ଉପରେ ପ୍ରଶ୍ନ ଉଠାଇଥିଲେ। ଚୟନ ପ୍ରକ୍ରିୟାକୁ ନେଇ ରାହୁଲ ତାଙ୍କ ଡିସେଣ୍ଟ ନୋଟ୍‌ରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କେନ୍ଦ୍ରୀୟ ସୂଚନା ଆୟୋଗରେ ବର୍ତ୍ତମାନ ୩୦,୮୩୮ ମାମଲା ପଡ଼ିରହିଥିବାବେଳେ ମାତ୍ର ୨ ଜଣ କମିଶନର ଆନନ୍ଦୀ ରାମଲିଙ୍ଗମ୍ ଓ ବିନୋଦ କୁମାର ତିୱାରୀ ଅଛନ୍ତି।

# ଭୋଟ ଚୋରି ପ୍ରସଙ୍ଗ: ଲୋକ ସଭାରେ ରାହୁଲ-ଶାହା ମୁହାଁମୁହିଁ

ନୂଆଦିଲ୍ଲୀ,୧୦।୧୨

ସଂସଦରେ ବୁଧବାର ପୁଣି ଭୋଟ ଚୋରି ପ୍ରସଙ୍ଗ ଉଠିଛି। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଭାଜପା ଏବଂ ନିର୍ବାଚନ କମିଶନ (ଇସି)ଙ୍କ ଅସାଧୁ ମେଣ୍ଟ ଭୋଟ ଚୋରି କରିଥିବା ଅଭିଯୋଗ ଆଣି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ଚ୍ୟାଲେଞ୍ଜ କରିଛନ୍ତି। ରାହୁଲ ପୂର୍ବରୁ କରିଥିବା ୩ଟି ଖବରଦାତା ସମ୍ମିଳନୀ ଉପରେ ତାଙ୍କ ସହ ବିତର୍କ କରନ୍ତୁ ବୋଲି ଶାହାଙ୍କୁ ଆହ୍ୱାନ ଦେଇଥିଲେ। ଏହାକୁ ନେଇ ଶାହା ଓ ରାହୁଲଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ଓ କଥା କଟାକଟି ହୋଇଥିଲା।

ନିର୍ବାଚନୀ ସଂସ୍କାର ଉପରେ ଆଲୋଚନାରେ ଯୋଗଦେଇ ଶାହା କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକୁ ଟାର୍ଗେଟ କରିଥିଲେ। ଶାହା କହିଥିଲେ, ଇସିଙ୍କ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରସଙ୍ଗରେ ସଂସଦରେ ଆଲୋଚନା ହେବା ଅନୁଚିତ। କିନ୍ତୁ ବିରୋଧୀ ଦଳଗୁଡ଼ିକ ଏନେଇ ଦାବି କରିଥିବାରୁ ଆଲୋଚନା ହେଉଛି। ମନମୋହନ ସିଂ ସରକାରଙ୍କ ଅମଳରେ ବି ଏସ୍‌ଆଇଆର୍ ହୋଇଥିଲା। ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଭୋଟ ଚୋରି କରିଥିଲେ। ଏପରି କି କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଭାରତର ନାଗରିକ ହେବା ପୂର୍ବରୁ ଭୋଟ ଦେଇଥିଲେ ବୋଲି ଶାହା ସମାଲୋଚନା କରିଥିଲେ।

# ତାମସିକ ଖାଦ୍ୟ ବାରଣରୁ ବିବାହ ବିଚ୍ଛେଦ

**ସ୍ତ୍ରୀ ପିଆଜ, ରସୁଣ ନ ଖାଇବାରୁ ତୁଟିଲା ୨୨ ବର୍ଷର ସମ୍ପର୍କ**

ଅହମଦାବାଦ,୧୦।୧୨

ବିବାହର ୨୨ ବର୍ଷ ପରେ ଗୁଜରାଟର ଏକ ଦମ୍ପତି ସମ୍ପର୍କ ତୁଟାଇ ପରସ୍ପରଠାରୁ ଅଲଗା ହୋଇଛନ୍ତି। ଏହାର କାରଣ ଅନେକଙ୍କୁ ବିସ୍ମିତ କରିଛି। ମହିଳା ଜଣକ ସ୍ୱାମୀନାରାୟଣ ଦୀକ୍ଷା ନେଇଥିବାରୁ ପିଆଜ, ରସୁଣ ଖାଇବାକୁ ମନା କରିଦେଇଥିଲେ। ଏହିବିବାଦ ଏପରି ଘନେଇଲା ଯେ, ମାମଲା ଅଦାଲତକୁ ଯାଇଥିଲା। ଗୁଜରାଟ ହାଇକୋର୍ଟ ଫାମିଲି କୋର୍ଟ ରାୟକୁ ବଳବତ୍ତର ରଖି ବିଚ୍ଛେଦ ଅନୁମତି ଦେଇଛନ୍ତି।

ସ୍ୱାମୀନାରାୟଣ ସମ୍ପ୍ରଦାୟର ଅନ୍ୟମାନଙ୍କ ଭଳି ଏହି ମହିଳା ପିଆଜ ଓ ରସୁଣ ଖାଆନ୍ତି ନାହିଁ। ଉକ୍ତ ଦମ୍ପତି ୨୦୦୨ରେ ବିବାହ କରିଥିଲେ। ପରିବାରର ଅନ୍ୟ ସଦସ୍ୟମାନେ ସାଧାରଣ ବ୍ୟଞ୍ଜନ ଖାଉଥିବାବେଳେ ସ୍ୱାମୀଙ୍କ ମା' ସମ୍ପୃକ୍ତ ମହିଳାଙ୍କ ପାଇଁ ବିନା ପିଆଜ ରସୁଣରେ ଭିନ୍ନ ପ୍ରକାରେ ରୋଷେଇ କରନ୍ତି। ଏହାକୁ ନେଇ ପରିବାରରେ ବିବାଦ ଆରମ୍ଭ ହୋଇଥିଲା। ମହିଳା ଜଣକ ନିଜ ପିଲାଙ୍କୁ ଧରି ୨୦୦୭ରେ ଶାଶୂ ଘର ଛାଡ଼ି ମା' ଘରକୁ ଚାଲିଯାଇଥିଲେ। ଫଳରେ ସ୍ୱାମୀ ୨୦୧୩ରେ ଅହମଦାବାଦ ଫାମିଲି କୋର୍ଟକୁ ଯାଇ ଛାଡ଼ପତ୍ର ପାଇଁ ଅନୁମତି ମାଗିଥିଲେ। ୨୦୨୪ ମେ'ରେ ପରିବାର ଅଦାଲତ ବିବାହ ଭଙ୍ଗ ପାଇଁ ଅନୁମତି ଦେଇଥିବାବେଳେ ସ୍ତ୍ରୀ ଏଥିରେ ସହମତି ପ୍ରକାଶ କରିବା ସହ ଉପର କୋର୍ଟରେ ଅପିଲ କରି ନ ଥିଲେ। ତେବେ ମହିଳାଙ୍କୁ ଭରଣପୋଷଣ ଖର୍ଚ୍ଚ ଦେବା ପାଇଁ ଫାମିଲି କୋର୍ଟ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସ୍ୱାମୀ ୧୮ ମାସ ହେଲା ଭରଣପୋଷଣ ଦେଇ ନ ଥିବାରୁ ମହିଳା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେ କେବଳ ୨.୭୨ ଲକ୍ଷ ଟଙ୍କା ଅନ୍ତରୀଣ ଖର୍ଚ୍ଚ ପାଇଥିବାବେଳେ ଅବଶିଷ୍ଟ ୧୩.୨ ଲକ୍ଷ ଟଙ୍କା ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି ମହିଳାଙ୍କ ଓକିଲ ହାଇକୋର୍ଟରେ ଯୁକ୍ତି ବାଢ଼ିଛନ୍ତି।

## ଫୁରସତ୍

# ପରସ୍ପରକୁ କାମୁଡ଼ି ଜଣାନ୍ତି ପ୍ରେମ ଭାବ

ବେଜିଂ



ସାରା ବିଶ୍ୱରେ ପ୍ରେମ ପ୍ରକାଶର ଉପାୟ ପ୍ରାୟତଃ ଭିନ୍ନ। କିଏ ଫୁଲ ଦେଇ ପ୍ରପୋଜ୍ କରନ୍ତି ତ ଆଉ କିଏ ପ୍ରେମପତ୍ର ଦିଅନ୍ତି। ଆଉ କେହି କେହି ସଙ୍ଗୀତ ମାଧ୍ୟମରେ ନିଜର ଭାବନା ପ୍ରକାଶ କରନ୍ତି। ଚାଇନାର କିଛି ଜନଜାତି ମଧ୍ୟରେ ଏକ ଅନନ୍ୟ ପ୍ରଥା ଶତାବ୍ଦୀ ଧରି ପ୍ରଚଳିତ, ଯାହାକୁ ଆଜିର ସମୟରେ ଅଜବ ଏବଂ ଅସାଧାରଣ ବୋଲି ବିବେଚନା କରାଯାଇପାରେ। ଏହି ପ୍ରଥା ପ୍ରେମ ସମ୍ପର୍କ ସହ ଜଡ଼ିତ। ଏଠାରେ ପ୍ରେମ ପ୍ରକାଶ କରିବା ପାଇଁ ଯୁବତୀଯୁବକ ପରସ୍ପରକୁ କାମୁଡ଼ି ଥାଆନ୍ତି।

ଏହି ପରମ୍ପରା 'ୟାଓ ସୋ ଡିଂ କିଙ୍ଗ୍' ନାମରେ ଜଣାଶୁଣା, ଯାହାର ଅର୍ଥ 'ହାତ କାମୁଡ଼ି ପ୍ରେମକୁ ମୁଦ୍ରିତ କର'। ଏହା ଚାଇନାର ହାଇନାନ ପ୍ରଦେଶରେ ରହୁଥିବା ମିଆଓ ସମ୍ପ୍ରଦାୟର ଏକ ପାରମ୍ପରିକ ପ୍ରଥା। ୨୦୧୭ ମସିହାରେ ଏହି ପରମ୍ପରାକୁ ଆନୁଷ୍ଠାନିକ ଭାବେ ଏକ ପ୍ରାଦେଶିକ ସ୍ତରୀୟ ଅମୂର୍ତ୍ତ ସାଂସ୍କୃତିକ ଐତିହ୍ୟ ଭାବରେ ନାମିତ କରାଯାଇଥିଲା। ଏହି ଅନନ୍ୟ ପ୍ରଥା ସାଧାରଣତଃ ସୁପାରି(ବିଟଲ ପାମ୍) ବୃକ୍ଷ ତଳେ କରାଯାଏ। ମିଆଓ ସଂସ୍କୃତିରେ ସୁପାରି ବୃକ୍ଷକୁ ଅନନ୍ତ ପ୍ରେମ ଏବଂ ସ୍ଥାୟିତ୍ୱର ପ୍ରତୀକ ଭାବରେ ବିବେଚନା କରାଯାଏ। ପ୍ରତିବର୍ଷ ତୃତୀୟ ମାସର ତୃତୀୟ ଦିନରେ ପଡୁଥିବା ଏହି ବିଶେଷ ପର୍ବରେ ଯୁବତୀଯୁବକମାନେ ଉକ୍ତ ଗଛଗୁଡ଼ିକର ଛାଇ ତଳେ କିମ୍ବା ଘାସ ପାହାଡ଼ ଉପରେ ଏକାଠି ହୁଅନ୍ତି। ସେମାନେ ଲୋକଗୀତ ମାଧ୍ୟମରେ ପରସ୍ପର ସହ ଯୋଗାଯୋଗ କରନ୍ତି; ଯାହା ପ୍ରେମ, ଭାବନା ଏବଂ ଜୀବନସାଥୀ ପାଇବାର ଆଶାକୁ ପ୍ରକାଶକରେ। ଯେତେବେଳେ ଜଣେ ଯୁବକ ଜଣେ ଯୁବତୀଙ୍କ ପ୍ରତି ଆକର୍ଷିତ ହୁଅନ୍ତି, ସେ ରାତିରେ ନାକ ବଂଶୀ କିମ୍ବା ପତ୍ରରୁ ତିଆରି ସିଟି ପରି ବାଦ୍ୟଯନ୍ତ୍ର ବଜାଇ ନିଜର ଭାବନା ପ୍ରକାଶ କରନ୍ତି। ଯୁବତୀ ଜଣକ ଏହି ସୁମଧୁର ଶବ୍ଦରେ ଲୁଚି ରହିଥିବା ପ୍ରେମକୁ ଅନୁଭବ କରିବା ସହ ପ୍ରତିକ୍ରିୟା ମଧ୍ୟ ଜଣାନ୍ତି। କିନ୍ତୁ ଶବ୍ଦ ନୁହେଁ, କାମୁଡ଼ି ଦେଇ ନିଜ ମନୋଭାବ ପ୍ରକାଶ କରିଥାନ୍ତି।

# ରାଗିଗଲେ ତାନ୍ୟା

ମୁମ୍ବାଇ



ତାନ୍ୟା ମିତ୍ତଲ

ଶେଷ ହୋଇଛି 'ବିଗ୍ ବସ୍ ୧୯'। ଏହି ଶୋ'ରେ ସବୁଠୁ ଚର୍ଚ୍ଚାରେ ଥିବା ଆଧ୍ୟାତ୍ମିକ କଣ୍ଟେଣ୍ଟ କ୍ରିଏଟର ତାନ୍ୟା ମିତ୍ତଲଙ୍କୁ ଚତୁର୍ଥ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। 'ବିଗ୍ ବସ୍ ୧୯' ଘରୁ ବାହାରିବା ପରେ ତାନ୍ୟା ରାଗିଯାଇଛନ୍ତି। ସେ କହିଛନ୍ତି, ଶୋ' ଛାଡ଼ିବା ପରଠାରୁ କୌଣସି ଘରର ସଦସ୍ୟଙ୍କ ସହ କଥା ହୋଇନାହାନ୍ତି। ଘରର ପ୍ରାୟ ପ୍ରତ୍ୟେକ ସଦସ୍ୟ କୌଣସି ନା କୌଣସି ସମୟରେ ତାଙ୍କ ଉପରେ ଚିତ୍କାର କରିଥିଲେ। ଏହା ତାଙ୍କୁ ସବୁଠୁ ଅଧିକ ପ୍ରଭାବିତ କରିଥିଲା। ଘରର ସ୍ମୃତି ମୋ ଉପରେ ଭାରି ପଡ଼ିଛି। ଏପରି ଜଣେ ବି ବ୍ୟକ୍ତି ନାହାନ୍ତି ଯିଏ ମୋ ଉପରେ ରାଗିନାହାନ୍ତି। କିନ୍ତୁ ମୁଁ ସେମାନଙ୍କୁ କହିଥିଲି, ମୋତେ ଏସବୁ ଫରକ ପଡ଼େ ନାହିଁ। ମୁଁ ଧୀରେ ଧୀରେ ମୋର ରୁଟିନକୁ ସ୍ୱାଭାବିକ କରୁଛି କାରଣ ମୋତେ ଗ୍ୱାଲିୟର ଯିବାକୁ ପଡିବ। ସେଠାକାର ଲୋକମାନେ ଏତେ ପାଟି କରନ୍ତି ନାହିଁ, ସେମାନେ ବହୁତ ଭଲରେ କଥା ହୁଅନ୍ତି। ବର୍ତ୍ତମାନ ମୁଁ କାହା ସହ କଥା ହେବାକୁ ଚାହୁଁନାହିଁ। ଏହି ସମୟରେ ତାନ୍ୟା ଫଟୋଗ୍ରାଫର ଏବଂ ସିକ୍ୟୁରିଟିଙ୍କ ଉପରେ ମଧ୍ୟ ପ୍ରବଳ ରାଗିଯାଇଥିଲେ। ଏଥର ଅନୁପମା ଫେମ ଗୌରବ ଖାନ୍ନା 'ବିଗ୍ ବସ୍ ୧୯' ଟ୍ରଫି ଜିତିଥିଲେ। ତାଙ୍କୁ ୫୦ ଲକ୍ଷ ଟଙ୍କା ପୁରସ୍କାର ମିଳିଥିଲା। ଅଭିନେତ୍ରୀ ଫରାନ୍ନା ଭଟ୍ଟ ପ୍ରଥମ ରନର ଅପ୍ ଏବଂ ହାସ୍ୟାଭିନେତା ପ୍ରଣୀତ ମୋରେ ଦ୍ୱିତୀୟ ରନର ଅପ୍ ହୋଇଥିଲେ।




# ରାଜଧାନୀରେ ଆଉ ହେବନି କୃତ୍ରିମ ବନ୍ୟା: ମନ୍ତ୍ରୀ

## ଭୁବନେଶ୍ୱର, ପୁରୀ ସମେତ ଅନ୍ୟ ମହାନଗର ନିଗମରେ ହେବ ଟାଉନ୍ ପ୍ଲାନିଂ

ଭୁବନେଶ୍ୱର,୧୦।୧୨
(ରବିନାରାୟଣ ଜେନା)

ରାଜଧାନୀ ଭୁବନେଶ୍ୱରରେ ଆଉ ଦେଖାଦେବନାହିଁ କୃତ୍ରିମ ବନ୍ୟା କି ଚାଲିବନାହିଁ ଡଙ୍ଗା ବୋଲି ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ବିଧାନସଭାର ଅନ୍ତିମ ଦିନ ପ୍ରଶ୍ନକାଳ ଅବସରରେ ସଦସ୍ୟ ବାବୁ ସିଂଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ରାଜଧାନୀର ବହୁ ପ୍ରାକୃତିକ ଝରଣା ସହ ନାଳ ଉପରେ ଲୋକେ ଜବରଦଖଲ କରିଛନ୍ତି। ସେଥିପାଇଁ ବର୍ଷାଜଳ ନିଷ୍କାସନରେ ବାଧା ଉପୁଜୁଛି। ଇସ୍କନ ମନ୍ଦିରଠାରେ ବର୍ଷା ସମୟରେ ଯେଉଁ କୃତ୍ରିମ ବନ୍ୟା ସୃଷ୍ଟି ହେଉଛି ଏହାର ନିରାକରଣ ପାଇଁ ବିଭାଗ ପକ୍ଷରୁ ଡିପିଆର୍ ପ୍ରସ୍ତୁତ ହୋଇଛି। ବେହେରାସାହିସ୍ଥିତ ନାଳ ପାଇଁ ଟେଣ୍ଡର ପ୍ରକ୍ରିୟା ସରିଥିବାବେଳେ ଆଉ କେତେକ ଡିପିଆର୍‌ରେ ରହିଛି ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ମନ୍ତ୍ରୀ କହିଛନ୍ତି, ଭୁବନେଶ୍ୱର, ପୁରୀ ସମେତ ଅନ୍ୟ ମହାନଗର ନିଗମଗୁଡ଼ିକରେ ଟାଉନ୍ ପ୍ଲାନିଂ କାର୍ଯ୍ୟକାରୀ ହେବ। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) କର୍ତ୍ତୃପକ୍ଷ ପ୍ରାୟ ୯ ହଜାର ଏକର ଜମିରେ ଏହି ଟାଉନ ପ୍ଲାନିଂ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଉକ୍ତ ଯୋଜନା ଅନ୍ତର୍ଗତ ଉପକଣ୍ଠ ଅଞ୍ଚଳଗୁଡ଼ିକରେ ରାସ୍ତା, ଡ୍ରେନେଜ୍, ଜଳଯୋଗାଣ, ସ୍ୱେରେଜ ଭଳି ମୌଳିକ ଭିତ୍ତିଭୂମି ନିର୍ମାଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ଚନ୍ଦାହାଣ୍ଡି ଧରିତ୍ରୀ ଖବରଦାତା ଦିଲୀପ ଦାସଙ୍କ ପରଲୋକ

ନବରଙ୍ଗପୁର,୧୦।୧୨
(ସଦାଶିବ ପ୍ରହରାଜ)


ଦିଲୀପ ଦାସ

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍ ଧରିତ୍ରୀ ଖବରଦାତା ଦିଲୀପ ଦାସ (୫୪)ଙ୍କ ବୁଧବାର ସକାଳ ୯ଟାରେ ପରଲୋକ ଘଟିଛି। ସେ ୨୦୦୯ରୁ ଧରିତ୍ରୀ ଖବରଦାତାଭାବେ କାର୍ଯ୍ୟରତ ଥିଲେ। କିଛିଦିନ ହେବ କିଡ୍‌ନୀ ରୋଗରେ ସେ ଅସୁସ୍ଥ ଥିଲେ। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହୋଇ ସୋମବାର ଚନ୍ଦାହାଣ୍ଡିସ୍ଥିତ ନିଜ ଘରକୁ ଫେରିଥିଲେ। ତେବେ ବୁଧବାର ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତ୍ୟୁ ବେଳକୁ ଦିଲୀପଙ୍କ ସ୍ତ୍ରୀ ଇନ୍ଦୁରେଖା, ଝିଅ ବର୍ଷା, ପୁଅ ଲିପୁନ, ପୁତୁରା ହିମାଂଶୁ, ଦୀପକ ପାଖରେ ଥିଲେ। ଦିଲୀପଙ୍କ ମୃତ୍ୟୁଖବର ପାଇ ପୂର୍ବତନ ଏମ୍‌ପି ରମେଶ ଚନ୍ଦ୍ର ମାଝୀ, ପୂର୍ବତନ ପିସିସି ସାଧାରଣ ସମ୍ପାଦକ କ୍ଷେମାରାଜ୍ ବାଗ, ଏମ୍‌ଡି ହୁସେନ, ସମିତି ସଭ୍ୟ ସନ୍ତୋଷ ପଟ୍ଟନାୟକ, ଭାଜପା ନେତା ଆକୁଲ ଜାଲି, ଛତିଶଗଡ଼ ଗରିଆବନ୍ଧ ଜିଲା ପରିଷଦ ଅଧ୍ୟକ୍ଷ ଗୌରୀଶଙ୍କର କଶ୍ୟପ, ରାୟଗଡ଼ା ସଂସ୍କରଣ ମ୍ୟାନେଜର ବିକାଶ କୁମାର ପଲାଇ, ପ୍ରସାରଣ ବିଭାଗର ବିଶ୍ୱଜିତ୍ ପାଲଟାସିଂ, ଜିଲା ପ୍ରତିନିଧି ସଦାଶିବ ପ୍ରହରାଜ, ଝରିଗାଁ ପ୍ରତିନିଧି କିଶୋର ଚନ୍ଦ୍ର ମଣ୍ଡଳ, ଉମରକୋଟ ପ୍ରତିନିଧି ସନ୍ତୋଷ ଶତପଥୀ, ରାଇଘର ପ୍ରତିନିଧି କିରଣ ପଟ୍ଟନାୟକ ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିଥିଲେ। ଗାଁ ମଶାଣିରେ ଅନ୍ତିମ ସତ୍କାର କରାଯାଇଥିଲା। ପୁଅ ଲିପୁନ୍ ମୁଖାଗ୍ନି ଦେଇଥିଲେ।

# ୨୩ ଓଏଏସ୍ ଅଧିକାରୀଙ୍କ ବଦଳି

ଭୁବନେଶ୍ୱର,୧୦।୧୨
(ରବିନାରାୟଣ ଜେନା)

ରାଜସ୍ୱ ବିଭାଗ ପକ୍ଷରୁ ବୁଧବାର ୨୩ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀଙ୍କ ବଦଳି କରାଯାଇଛି। ବିଭାଗର ବିଜ୍ଞପ୍ତି ଅନୁଯାୟୀ, ମୋ-ସ୍କୁଲ ଅଭିଯାନର ଓଏସ୍‌ଡି କାବେରୀ ମୁଦୁଲିଙ୍କୁ ଯାଜପୁର ଜିଲା ବିଞ୍ଝାରପୁର ତହସିଲଦାର ଭାବେ ବଦଳି କରାଯାଇଥିବାବେଳେ କେନ୍ଦ୍ରାପଡ଼ା ଡିଏସ୍‌ଆର ସମୀର ବେହେରାଙ୍କୁ ପଞ୍ଚାୟତିରାଜ ବିଭାଗକୁ ବଦଳି କରାଯାଇଛି। ସେହିପରି ବିଦ୍ୟାରଶ୍ମୀ ସାହୁଙ୍କୁ କେନ୍ଦ୍ରାପଡ଼ା ଡିଏସ୍‌ଆର୍ ଭାବେ ବଦଳି କରାଯାଇଥିବାବେଳେ ଜ୍ୟୋତ୍ସ୍ନାରାଣୀ ପାତ୍ର ଓ ଅନ୍ୟ ୧୯ ଜଣ ଅଧିକାରୀଙ୍କୁ ତହସିଲଦାର, ଡେପୁଟି କଲେକ୍ଟର ଭାବେ ବିଭିନ୍ନ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି।

# ରାସ୍ତାରେ ଓଲଟିଲା ଗ୍ୟାସ୍ ବୋଝେଇ ଟ୍ୟାଙ୍କର

ଲାଞ୍ଜିଗଡ଼,୧୦।୧୨
(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଭବାନୀପାଟଣାରୁ ରାୟଗଡାକୁ ସଂଯୋଗ କରୁଥିବା ୬ ନମ୍ବର ରାଜ୍ୟ ରାଜପଥ ବଞ୍ଜାରିଘାଟି ନିକଟରେ ବୁଧବାର ସନ୍ଧ୍ୟା ପ୍ରାୟ ସାଢେ ପାଞ୍ଚଟା ସମୟରେ ଗୋଟିଏ ଏଲ୍‌ପିଜି ଗ୍ୟାସ ଟ୍ୟାଙ୍କର (ଓଡି-୨୯-ଏଫ-୯୩୮୩) ଅନ୍ୟ ଏକ ଟ୍ରକ୍‌କୁ ସାଇଡ ଦେବାକୁ ଯାଇ ରାସ୍ତା ଉପରେ ଓଲଟି ପଡିଥିଲା। ଏଥିରେ ଗୁରୁତର ଡ୍ରାଇଭରଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ନ ମିଳିବାରୁ ଏକ ପିକ୍‌ଅପ ଯୋଗେ ଡାକ୍ତରଖାନା ପଠାଯାଇଛି। ଏହି ଟ୍ୟାଙ୍କରଟି ବିଶାଖାପାଟଣାରୁ ଗ୍ୟାସ୍ ବୋଝେଇ କରି ବଲାଙ୍ଗୀର ଯାଉଥିଲା। ଦୁର୍ଘଟଣା ପରେ ଗ୍ୟାସ୍ ନିର୍ଗତ ହେବା ଆଶଙ୍କା କରି ନର୍ଲା ଅଗ୍ନିଶମ ବିଭାଗ, ନର୍ଲା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଘଟଣା ସମ୍ବେଦନଶୀଳ ଥିବାରୁ ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡ଼ା, ନର୍ଲା ତହସିଲଦାର, ଗ୍ୟାସ ସେଫ୍‌ଟି ବିଭାଗ ଓ ଜିଲା ପରିବହନ ବିଭାଗ ମଧ୍ୟ ଦୁର୍ଘଟଣାସ୍ଥଳରେ ପହଞ୍ଚିଥିଲେ। ଟ୍ୟାଙ୍କରରୁ ଗ୍ୟାସ୍ ନିର୍ଗତ ହେବା ଆଶଙ୍କା ଥିବାରୁ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଚଳାଚଳ ଉପରେ ରୋକ ଲଗାଇଛି ପ୍ରଶାସନ। ଫଳରେ ଭବାନୀପାଟଣା-ରାୟଗଡା ୬ ନମ୍ବର ରାଜ୍ୟ ରାଜପଥର ଛଟିକୁ ପର୍ଯ୍ୟନ୍ତ ଯାନବାହନ ଚଳାଚଳ ଠପ ହୋଇଯାଇଛି। ଘଟଣା ସମ୍ପର୍କରେ ପୁଲିସ ଓ ପ୍ରଶାସନ ତୀକ୍ଷ୍ଣ ନଜର ରଖିଛି।

**ଅଦାଲତଙ୍କ ନିର୍ଦ୍ଦେଶକୁ ଅବମାନନା**

# ତହସିଲଦାରଙ୍କ ସରକାରୀ ଗାଡ଼ି ଜବତ

## ଅଦାଲତରେ ହାଜିର ହୋଇ ଜମିହରା ପ୍ରଜାଙ୍କୁ ସୁଧ ଅର୍ଥ ପ୍ରଦାନ କଲେ

ଢେଙ୍କାନାଳ,୧୦।୧୨
(ରତନ ନାୟାର)

ଜମି ଅଧିଗ୍ରହଣ ବାବଦ କ୍ଷତିପୂରଣ ପ୍ରଦାନ ନିମନ୍ତେ ଅଦାଲତଙ୍କ ନିର୍ଦ୍ଦେଶକୁ ଅବମାନନା କରି ଢେଙ୍କାନାଳ ସଦର ତହସିଲଦାର ସ୍ୱାଧୀନ କୁମାର ବେହେରା ଅଡୁଆରେ ପଡ଼ିଛନ୍ତି। ଅଦାଲତଙ୍କ ନିର୍ଦ୍ଦେଶ ଅନୁଯାୟୀ ବୁଧବାର ତହସିଲଦାର ବେହେରା ବ୍ୟବହାର କରୁଥିବା ସରକାରୀ ଗାଡ଼ିକୁ ଜବତ କରାଯାଇଛି। ଏଥିସହ ତହସିଲଦାରଙ୍କ ପ୍ରକୋଷ୍ଠରେ ଥିବା ଚୌକି, ଟେବୁଲ ଓ କମ୍ପ୍ୟୁଟରକୁ ସିଲ୍ କରିବାକୁ ଯିବାବେଳେ ତହସିଲଦାର ସମୟ ମାଗିଥିଲେ। ପରେ ତହସିଲଦାର ଅଦାଲତରେ ହାଜର ହୋଇ ଜଣେ ଜମିହରା ପ୍ରଜାଙ୍କ କ୍ଷତିପୂରଣ ପ୍ରଦାନରେ ଅହେତୁକ ବିଳମ୍ବରୁ ସୁଧ ବାବଦ ଅର୍ଥ ୧୨ଲକ୍ଷ ୧ହଜାର ୯୦୮ ଟଙ୍କାକୁ ଚେକ୍ ମାଧ୍ୟମରେ ପ୍ରଦାନ କରିବା ପରେ ତାଙ୍କୁ ଆଶ୍ୱସ୍ତି ମିଳିଥିଲା। ପରେ ଜବତ ହୋଇଥିବା ସରକାରୀ ଗାଡିକୁ ମୁକୁଳାଇ ଦିଆଯାଇଥିଲା।

ଘଟଣାରୁ ଜଣାପଡ଼ିଛି ଯେ, ଢେଙ୍କାନାଳ ସହର ବାଜିଚୌକ ନିକଟସ୍ଥ ସିମିଳିଆ ଫ୍ଲାଇଓଭର ବ୍ରିଜ ପାଇଁ ୨୦୧୨ରେ ଜମି ଅଧିଗ୍ରହଣ ହୋଇଥିଲା। ଉକ୍ତ ଅଞ୍ଚଳରେ ସ୍ୱର୍ଗତ ସତ୍ୟବାଦୀ ବେହେରାଙ୍କ ଖାତା ନଂ.


କାର୍ଯ୍ୟାଳୟରେ ଉପସ୍ଥିତ ତହସିଲଦାର।


କୋର୍ଟ କର୍ମଚାରୀମାନେ ଢେଙ୍କାନାଳ ତହସିଲ କାର୍ଯ୍ୟାଳୟରେ ତହସିଲଦାରଙ୍କ ଗାଡିକୁ ସିଲ କରୁଛନ୍ତି।

୩୧୩୨, ପ୍ଲଟ ନଂ.୧୯୪୧ରେ ୧୨ ଡେସିମିଲ ଜାଗା ଜମି ଅଧିଗ୍ରହଣ ହୋଇଥିଲା। ଜମି ଅଧିଗ୍ରହଣ ବାବଦକୁ ସତ୍ୟବାଦୀ ବେହେରାଙ୍କ ପରିବାର ୭ଲକ୍ଷ ୫୧ହଜାର ୩୧୬ଟଙ୍କା କ୍ଷତିପୂରଣ ପାଇବା ପାଇଁ ଧାର୍ଯ୍ୟ ହୋଇଥିଲା। କିନ୍ତୁ ପରିବାରର ଅନ୍ୟ ସମ୍ପର୍କୀୟମାନଙ୍କ ମଧ୍ୟରେ ଆପୋଷ ସମାଧାନ ନ ହେବାରୁ ଏ ସଂକ୍ରାନ୍ତରେ ଢେଙ୍କାନାଳ ସିନିୟର ସିଭିଲ ଜଜ୍‌ଙ୍କ ଅଦାଲତରେ ଏଲ୍‌ଏ କେସ୍ ନଂ. ୧୨୩/୨୦୧୩ରେ ଏକ ମାମଲା ରୁଜୁ ହୋଇଥିଲା। ଇତିମଧ୍ୟରେ ସଦ୍ୟବାଦୀଙ୍କ ମୃତ୍ୟୁ ହୋଇଯାଇଛି। ପରିବାର ସଦସ୍ୟ ବହୁବାର ଦୌଡ଼ିବା ପରେ ୧୫।୨।୨୦୨୪ରେ ସେମାନଙ୍କୁ କ୍ଷତିପୂରଣ ବାବଦକୁ ୬ ଲକ୍ଷ ୭୪ ହଜାର ୬୨୪ ଟଙ୍କା ମିଳିଥିଲା। ହେଲେ କ୍ଷତିପୂରଣ ପ୍ରଦାନରେ ଅହେତୁକ ବିଳମ୍ବ ଯୋଗୁ ୬୦ହଜାର ୯୧୬ ଟଙ୍କା ସୁଧ ଜମିହରା ପ୍ରଜାଙ୍କୁ ପ୍ରଦାନ ପାଇଁ ଅଦାଲତଙ୍କ ନିର୍ଦ୍ଦେଶ ରହିଥିଲା। ସୁଧ ପ୍ରଦାନରେ ମଧ୍ୟ ଅହେତୁକ ବିଳମ୍ବ ଯୋଗୁ ମୋଟ ସୁଧ ବାବଦକୁ ୧୨ଲକ୍ଷ ୧୫ହଜାର ୭୦୮ଟଙ୍କା ପ୍ରଦାନ ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। କିନ୍ତୁ ତହସିଲଦାର ଏହା ପ୍ରଦାନ ନ କରିବାରୁ ତାଙ୍କ ନାମରେ ୧୫/୨୦୨୫ରେ ଏକ ମାମଲା ରୁଜୁ ହୋଇ ଅଦାଲତରେ ହାଜର ହେବା ପାଇଁ ନୋଟିସ ଜାରି ହୋଇଥିଲା। ତହସିଲ୍‌ଦାର ହାଜର ହେବା ସତ୍ତ୍ୱେ ନିର୍ଦ୍ଦେଶ ମୁତାବକ ସୁଧ ଅର୍ଥ ପ୍ରଦାନ କରି ନ ଥିଲେ। ଅଦାଲତ ନିର୍ଦ୍ଦେଶକୁ ଅବମାନନା କରିଥିବାରୁ ତାଙ୍କର ସମ୍ପତ୍ତି ବାବଦରେ ସରକାରୀ କାର୍ଯ୍ୟରେ ବବହାର କରୁଥିବା ଓଡି୦୬-ଏଲ୍-୨୨୧୧ ବୋଲେରୋ ଗାଡି, ତାଙ୍କ ସରକାରୀ କାର୍ଯ୍ୟାଳୟର ପ୍ରକୋଷ୍ଠରେ ଥିବା ଚୌକି, ଟେବୁଲ ଓ କମ୍ପ୍ୟୁଟରକୁ ଜବତ କରିବା ପାଇଁ ଅଦାଲତଙ୍କ ନିର୍ଦ୍ଦେଶ ମୁତାବକ କର୍ମଚାରୀମାନେ ଢେଙ୍କାନାଳ ସଦର କାର୍ଯ୍ୟାଳୟରେ ପହଞ୍ଚି ପ୍ରଥମେ ଗାଡ଼ିକୁ ସିଲ୍ କରିଥିଲେ। ଏହାପରେ ତହସିଲଦାର ଅଦାଲତରେ ହାଜର ହୋଇ ସୁଧଅର୍ଥ ପ୍ରଦାନ ବାବଦକୁ ଚେକ୍‌ରେ ୧୨ଲକ୍ଷ ୧ହଜାର ୯୦୮ଟଙ୍କା ପ୍ରଦାନ କରିବା ପରେ ଅଦାଲତଙ୍କ ନିର୍ଦ୍ଦେଶ ମୁତାବକ ସିଲ୍ ହୋଇଥିବା ଗାଡ଼ି ମୁକୁଳିଥିଲା। ବକେୟା ଅର୍ଥ ପ୍ରଦାନ ଓ ଏସଂକ୍ରାନ୍ତରେ ଶୁଣାଣି ନିମନ୍ତେ ୧୨ତାରିଖରେ ଅଦାଲତଙ୍କ ପକ୍ଷରୁ ତାରିଖ ଧାର୍ଯ୍ୟ ହୋଇଛି। ଅଭିଯୋଗକାରୀମାନଙ୍କ ପକ୍ଷରୁ ଆଇନଜୀବୀ ବନବିହାରୀ ପଣ୍ଡା ମାମଲା ପରିଚାଳନା କରୁଥିଲେ। ଏ ସଂକ୍ରାନ୍ତରେ ସତ୍ୟବାଦୀଙ୍କ ପୁଅ ପ୍ରମୋଦ କହିଛନ୍ତି, ବହୁ ବିଳମ୍ବରେ ହେଲେ ମାଧ୍ୟ ଆମ ହକ୍ ଆମକୁ ମିଳିଛି। ସଦର ତହସିଲଦାର ସ୍ୱାଧୀନ କୁମାର ବେହେରା କହିଛନ୍ତି, ଜମି ଅଧିଗ୍ରହଣରେ କ୍ଷତିପୂରଣ ବାବଦକୁ ଅର୍ଥ ଅଭିଯୋଗକାରୀ ପାଇ ସାରିଥିଲେ। ଆଉକିଛି ଟଙ୍କା ବାକିଥିଲା। ଏହା ପ୍ରଦାନରେ ବିଳମ୍ବ ହୋଇଥିଲା, ଯାହାର୍କିଛି ସରକାରୀ ପ୍ରୋସେସରେ ବିଳମ୍ବ ହୋଇଛି। କାହାକୁ ଦୋଷାରୋପ କରିବାକୁ ଚାହୁଁନାହିଁ। ଅପରାହ୍ନରେ ସୁଧ ପ୍ରଦାନ ବାବଦକୁ ନିର୍ଦ୍ଦେଶ ଅନୁଯାୟୀ ୧୨ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଛି ବୋଲି ତହସିଲଦାର କୁହନ୍ତି।

# ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ସରକାରଙ୍କ ସହଯୋଗ ଲୋଡ଼ିଲା ଆଇଏଫ୍‌ଡିସି


ବୈଠକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ଅଧିକାରୀ।

ଭୁବନେଶ୍ୱର, ୧୦।୧୨(ସୁନିତ୍ ମିଶ୍ର)

ଓଡ଼ିଶାର କୃଷି କ୍ଷେତ୍ରରେ ଆଖିଦୃଶିଆ ଉନ୍ନତି ହୋଇଥିବା ଏବଂ ଚାଷ ପ୍ରତି ଯୁବପିଢ଼ି ଅନୁଗାମୀ ହୋଇଥିବା କାରଣରୁ କୃଷି ଉଦ୍ୟୋଗୀ ମଧ୍ୟ ଓଡ଼ିଶାରେ ନିବେଶ ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ଓଡ଼ିଶା ସରକାରଙ୍କ ସହଜ ଓ ନିବେଶମୁଖୀ ନୀତି ଯୋଗୁ ନିବେଶକଙ୍କ ପ୍ରଥମ ପସନ୍ଦ ଓଡ଼ିଶା ପାଲଟିଛି। ଏହି ପରିପ୍ରେକ୍ଷୀରେ ଇଣ୍ଟରନ୍ୟାଶନାଲ ଫର୍ଟିଲାଇଜର ଡେଭଲପମେଣ୍ଟ ସେଣ୍ଟର(ଆଇଏଫ୍‌ଡିସି) ମଧ୍ୟ ଓଡ଼ିଶାରେ ନିଜର ପ୍ଲାଣ୍ଟ ସ୍ଥାପନ ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି ଏବଂ ଏଥିପାଇଁ ଓଡ଼ିଶା ସରକାରଙ୍କ ସହଯୋଗ ମଧ୍ୟ କାମନା କରିଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି।

ଲୋକସେବା ଭବନଠାରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ବୁଧବାର ଆୟୋଜିତ ଏକ ବୈଠକରେ ରାଜ୍ୟରେ ସାର ଉତ୍ପାଦନ ନେଇ ଆଲୋଚନା ହୋଇଛି। କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା ମଧ୍ୟ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ତରଫରୁ ଚାଷୀଙ୍କୁ ବିଭିନ୍ନ ପ୍ରକାର ସହାୟତା ଯୋଗାଇ ଦିଆଯାଉଥିବାରୁ ବହୁ ଲୋକ ଏବେ ଚାଷକୁ ଆପଣେଇଲେଣି। ଅଣଧାନ ଫସଲଗୁଡ଼ିକ ମଧ୍ୟ ଖରିଫରେ ଧାନ ଫସଲ କରୁଛନ୍ତି। ତଦନୁଯାୟୀ ବିଶେଷକରି ଖରିଫ ଫସଲ ସମୟରେ ସାରର ଆବଶ୍ୟକତା ବିଶେଷ ଭାବେ ବୃଦ୍ଧି ପାଇଥାଏ। ଏହାର ସ୍ଥାୟୀ ସମାଧାନ ନିମନ୍ତେ ବିଭାଗ ପକ୍ଷରୁ ଅଧିକ ପ୍ଲାଣ୍ଟ ସ୍ଥାପନ ନେଇ ଆଲୋଚନା ଚାଲିଛି। ଏହାଦ୍ୱାରା ରାଜ୍ୟରେ ଚାଷ ପାଇଁ ସାରର ଅଭାବ ପରିଲକ୍ଷିତ ହେବ ନାହିଁ ଏବଂ ବଣ୍ଟନ ମଧ୍ୟ ସୁଚାରୁରୂପେ ହୋଇପାରିବ ବୋଲି କୁହାଯାଇଛି।

# 'ଅପପ୍ରଚାରକୁ ପ୍ରତିହତ କର'

## ୮ ଘଣ୍ଟା ଚାଲିଲା ଭାଜପାର ପ୍ରଦେଶସ୍ତରୀୟ ସାଙ୍ଗଠନିକ କର୍ମଶାଳା

### ଯୋଗଦେଲେ ମୁଖ୍ୟମନ୍ତ୍ରୀ, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ, ରାଜ୍ୟ ସଭାପତି

ଭୁବନେଶ୍ୱର, ୧୦।୧୨(ସୁନିତ୍ ମିଶ୍ର)

ଭାଜପା ପକ୍ଷରୁ ବୁଧବାର ପ୍ରଦେଶସ୍ତରୀୟ ସାଙ୍ଗଠନିକ କର୍ମଶାଳା ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୧ଟାରୁ ଆରମ୍ଭ ହୋଇଥିବା କର୍ମଶାଳାରେ ମୋଟ୍ ୩ଟି ସେସନରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହେବାସହ ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଏହା ଶେଷ ହୋଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ(ସଙ୍ଗଠନ) ବି.ଏଲ୍.ସନ୍ତୋଷ, ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ସହ ପ୍ରଭାରୀ ଲତା ଉସେଣ୍ଡି, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ(ସଙ୍ଗଠନ) ମାନସ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଭାଜପାର ଆଗାମୀ ଦିନର ରୋଡ୍ ମ୍ୟାପ୍ ପ୍ରସ୍ତୁତ ନେଇ ସବିଶେଷ ଆଲୋଚନା



ଭାଜପା ରାଜ୍ୟ କାର୍ଯ୍ୟାଳୟରେ ବୁଧବାର ଆୟୋଜିତ କର୍ମଶାଳାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରୁଛନ୍ତି।

କରିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ଏହି କର୍ମଶାଳାରେ ମୁଖ୍ୟତଃ ନେତାମାନଙ୍କ ବ୍ୟକ୍ତିଗତ ଜୀବନ ତଥା ଲୋକଙ୍କ ପ୍ରତି ବ୍ୟବହାର ନେଇ ଆଲୋଚନା କରାଯାଇଛି। ସେହିପରି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବିଚାରଧାରା ଅନୁଯାୟୀ ଦଳର କାର୍ଯ୍ୟ କିପରି ହେବା ଆବଶ୍ୟକ ଏବଂ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନା କିପରି ତୃଣମୂଳସ୍ତରରେ ପହଞ୍ଚିବ ତା' ଉପରେ ମଧ୍ୟ ଆଲୋଚନା ହୋଇଛି। ଅନ୍ୟପକ୍ଷରେ ଦଳ କିମ୍ବା ସରକାରକୁ ନେଇ ଯଦି ଅପପ୍ରଚାର ହୁଏ ତାକୁ କିଭଳି ପ୍ରତିହତ କରାଯିବ ସେନେଇ କର୍ମଶାଳାରେ ବୁଝାଯାଇଛି ବୋଲି ଜଣେ ନେତା ନିଜ ନାମ ଗୋପନ ରଖି କହିଛନ୍ତି।

ବୈଠକ ପରେ ଗଣମାଧ୍ୟମକୁ ଦିଆଯାଇଥିବା ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ ଦଳର ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିକଶିତ ଭାରତ ଓ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଭାଜପା ପ୍ରତିଶ୍ରୁତିବଦ୍ଧ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ସହ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ସଙ୍ଗଠନ ସହ ସମନ୍ୱୟ କରି ଦେଶ ଏବଂ ଓଡ଼ିଶାର ବିକାଶ ପାଇଁ ବିଭିନ୍ନ ସମୟରେ ଭାଜପା ପକ୍ଷରୁ କର୍ମଶାଳା ଆୟୋଜନ କରାଯାଇଥାଏ। କର୍ମଶାଳା ମାଧ୍ୟମରେ ଭାଜପା ତା'ର ସଙ୍ଗଠନକୁ ସର୍ବବ୍ୟାପୀ, ସର୍ବସ୍ପର୍ଶୀ କରାଇବା ପାଇଁ ପ୍ରୟାସ ଜାରି ରଖିଛି। ଦେଶ ଓ ରାଜ୍ୟର ବିକାଶରେ କାର୍ଯ୍ୟକର୍ତ୍ତାଙ୍କ ସହଯୋଗ ସମ୍ପର୍କରେ କର୍ମଶାଳାରେ ଆଲୋଚନା କରାଯାଇଥିଲା। ଏହାସହ ସଙ୍ଗଠନକୁ ଅଧିକ ମଜଭୁତ କରିବା ଉପରେ କର୍ମଶାଳାରେ ଆଲୋଚନା କରାଯାଇଛି। କର୍ମଶାଳାରେ ସମସ୍ତ ରାଜ୍ୟ ପ୍ରଦାଧିକାରୀ, ମୋର୍ଚ୍ଚା ସଭାପତି, ଜିଲା ପ୍ରଭାରୀ, ଜିଲା ସଭାପତିମାନେ ଯୋଗଦେଇଥିଲେ।




# କଂଗ୍ରେସ ନେତୃତ୍ୱକୁ ମୋକିମଙ୍କ ଚ୍ୟାଲେଞ୍ଜ

ଭୁବନେଶ୍ୱର/କଟକ,୧୦।୧୨
(ରବିନାରାୟଣ ଜେନା/କାର୍ତ୍ତିକ ସାହୁ)

ସର୍ବଭାରତୀୟ ଏବଂ ରାଜ୍ୟସ୍ତରରେ କଂଗ୍ରେସ ନେତୃତ୍ୱକୁ ନେଇ ଦଳର ପୂର୍ବତନ ବିଧାୟକ ମହମ୍ମଦ ମୋକିମ ପ୍ରଶ୍ନ ଉଠାଇଛନ୍ତି। ଯୁବବର୍ଗଙ୍କୁ ସାଥିରେ ନେଇ ଦେଶ ତଥା ରାଜ୍ୟରେ କଂଗ୍ରେସ କିଭଳି ଆଗକୁ ବଢ଼ିପାରିବ ସେନେଇ ମୋକିମ ଏଆଇସିସିର ପୂର୍ବତନ ସଭାନେତ୍ରୀ ତଥା ରାଜ୍ୟ ସଭା ସଦସ୍ୟ ସୋନିଆ ଗାନ୍ଧୀଙ୍କୁ ଚଳିତମାସ ୮ରେ ପତ୍ର ଲେଖି ଅବଗତ କରାଇଛନ୍ତି। ମୋକିମ ତାଙ୍କ ପତ୍ରରେ ଭକ୍ତଙ୍କ ନେତୃତ୍ୱକୁ ମଧ୍ୟ ସମାଲୋଚନା କରି ରାଜ୍ୟ ନେତୃତ୍ୱରେ ପରିବର୍ତ୍ତନ ପାଇଁ ଦାବି କରିଛନ୍ତି।

ମୋକିମ କହିଛନ୍ତି, କଂଗ୍ରେସ ସହ ମୋର ଦଶନ୍ଧି ଦଶନ୍ଧି ଧରି ସମ୍ପର୍କ ରହିଆସିଛି। ଜିଲା ସଭାପତିଠାରୁ ଆରମ୍ଭକରି ବିଧାୟକ ପର୍ଯ୍ୟନ୍ତ ମୁଁ ଦଳ ପ୍ରତି ସମର୍ପିତ ମନୋଭାବ


ମହମ୍ମଦ ମୋକିମ

ନେଇ କାର୍ଯ୍ୟକରି ଆସିଛି। ତେବେ ଦଳର ପରାଜୟ ପଛରେ ଆମେ ଅନ୍ୟକୁ ଦୋଷ ଦେବା ଅପେକ୍ଷା ଦଳୀୟ ନିଷ୍ପତ୍ତିକୁ ଦାୟୀ ମନେକରୁଛି। ୨୦୨୩ରେ ଶରତ ପଟ୍ଟନାୟକଙ୍କୁ ପିସିସି ସଭାପତି କରାଯାଇଥିଲା। ତାଙ୍କ ସମୟରେ ଦଳ ଲଜ୍ଜାଜନକ ସ୍ଥିତି ତଥା ୧୩ପ୍ରତିଶତ ଭୋଟ ହାରକୁ ଖସିଥିଲା। ସେହିପରି ୩ଥର କ୍ରମାଗତ ଭାବେ ଲୋକ ସଭା ନିର୍ବାଚନ ହାରିଥିବା ଭକ୍ତଙ୍କୁ ୨୦୨୫ରେ ପିସିସି ସଭାପତି ଦାୟିତ୍ୱ ଦିଆଗଲା। ତାଙ୍କର ବ୍ୟକ୍ତିଗତ ବିଚାରଧାରା କଂଗ୍ରେସ ନୀତି ଆଦର୍ଶଠାରୁ ସମ୍ପୂର୍ଣ୍ଣ ଅଲଗା। ଜୟପ୍ରକାଶଙ୍କ ଆନ୍ଦୋଳନ ବେଳେ ସେ ଗାନ୍ଧୀ ପରିବାରକୁ ସମାଲୋଚନା କରିଥିଲେ। ଭକ୍ତ ଓ ତାଙ୍କ ପୁଅ କୋଶଳ ଆନ୍ଦୋଳନକୁ ସମର୍ଥନ କରିବା ଚିନ୍ତାଜନକ। ନୂଆପଡ଼ା ଉପନିର୍ବାଚନରେ କଂଗ୍ରେସ ତାଙ୍କ ନେତୃତ୍ୱରେ ୮୩ ହଜାର ଭୋଟ ବ୍ୟବଧାନରେ ପରାଜିତ ହୋଇଛି। ନୂଆପଡ଼ା ଭକ୍ତଙ୍କ ସଂସଦୀୟ କ୍ଷେତ୍ର ହୋଇଥିଲେ ମଧ୍ୟ ପ୍ରଦର୍ଶନ ନୈରାଶ୍ୟଜନକ ରହିଥିଲା। ତୃଣମୂଳସ୍ତରର କର୍ମୀ ଏବେ ନେତାଙ୍କଠାରୁ ଦୂରେଇ ଯାଉଛନ୍ତି।

ମୋକିମ ଆହୁରି କହିଛନ୍ତି, ମୁଁ ଜଣେ ପୂର୍ବତନ ବିଧାୟକ ହେବା ସତ୍ତ୍ୱେ ୩ ବର୍ଷ ଧରି ରାହୁଲ ଗାନ୍ଧୀଙ୍କୁ ଭେଟିବାର ସୁଯୋଗ ପାଉନାହିଁ। ତୃଣମୂଳସ୍ତରରେ ବୁଥ୍ କର୍ମକର୍ତ୍ତା, ବ୍ଲକ ସଭାପତି ଓ ଜିଲାସ୍ତରୀୟ ନେତୃବୃନ୍ଦ ହେଉଛନ୍ତି କଂଗ୍ରେସର ମେରୁଦଣ୍ଡ। ହେଲେ ସେମାନେ ରାଜ୍ୟ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରିପାରୁନାହାନ୍ତି। ବଡ଼କଥା ହେଲା, ୩୫ ବର୍ଷରୁ କମ୍ ବୟସ୍କ ପ୍ରାୟ ୬୫ପ୍ରତିଶତ ଯୁବବର୍ଗ କଂଗ୍ରେସ ପ୍ରତି ବିମୁଖ ରହିଛନ୍ତି। ଅପରପକ୍ଷେ କଂଗ୍ରେସର ସଙ୍ଗଠନ ସୃଜନ ଏବେ ବଳିଷ୍ଠ ପଦକ୍ଷେପ। ମାତ୍ର ଯେଉଁମାନଙ୍କୁ ଲୋକେ ଷଷ୍ଠତମ ପସନ୍ଦରେ ରଖୁଛନ୍ତି ସେମାନଙ୍କୁ ଜିଲାସ୍ତରରେ ସଭାପତି ନିଯୁକ୍ତ କରାଯାଉଛି। ଏହା ଦଳ ପ୍ରତି ଆନୁଗତ୍ୟ ରଖୁଥିବା କଂଗ୍ରେସପ୍ରେମୀଙ୍କୁ ନିରାଶ କରୁଛି। ଏହାକୁ ଦୃଷ୍ଟିରେ ରଖି ଯୁବବର୍ଗଙ୍କୁ ଆଗକୁ ଆଣିବା ସହିତ କଂଗ୍ରେସ ନେତୃତ୍ୱରେ ନବକଳେବର ତୁରନ୍ତ କରାଯାଉ ବୋଲି ମୋକିମ ତାଙ୍କ ପତ୍ରରେ ଦର୍ଶାଇଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ନିଯୁକ୍ତି ମେଳା, ନୂତନ ଭାବେ ଚୟନୀତ ୩ଟି ବିଭାଗର ୫୯୧ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ, ସ୍ଥାନ: ଓଡ଼ିଶା କୃଷି ଶିକ୍ଷା ସଦନ, ଓୟୁଏଟି, ସମୟ: ପୂର୍ବାହ୍ନ ୧୧ଟା ୩୦ ।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୭ମ ରାଜ୍ୟସ୍ତରୀୟ ପୁସ୍ତକ ମହୋତ୍ସବ, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍ ୩, ସମୟ: ଅପରାହ୍ନ ୨ଟା ।
- ସତ୍ୟମ୍ ଶିବମ୍ ସୁନ୍ଦରମ୍ ପକ୍ଷରୁ ପୁସ୍ତକ ଲୋକାର୍ପଣ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ।
- ୧୬ତମ ଭାରତମୁନୀ ଫେଷ୍ଟିଭାଲ, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା ୩୦ ।
- ଶ୍ୱେତପଦ୍ମା ସାଂସ୍କୃତିକ ପରିବାର ପକ୍ଷରୁ ୧୨ତମ ଓଡ଼ିଆ ମଞ୍ଚ ନାଟକ ମେଳା ୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦ ।
- ଶ୍ରୀରାମ କଥାମୃତ କାର୍ଯ୍ୟକ୍ରମ, ସ୍ଥାନ: ବାଲିଅନ୍ତା ବ୍ଲକ ଅଧୀନ ଭୁବନପୁର ଗ୍ରାମର ମା ଉତ୍ତରମୁଖୀ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା ।

## କଟକ
- ଓଡ଼ିଶା ମାଷ୍ଟର୍ସ ବିଡବ୍ଲ୍ୟୁଏଫ୍ ଟୁର୍ ସୁପର ୧୦୦ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ତୃତୀୟ ଦିବସ, ସ୍ଥାନ: ଜବାହରଲାଲ ନେହରୁ ଇନ୍‌ଡୋର ଷ୍ଟାଡିୟମ, ସମୟ: ସକାଳ ୮ଟା ।

## ଖୋର୍ଦ୍ଧା
- କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: କୁରାଢ଼ମଲ୍ଲ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା ।

## ବାଲେଶ୍ୱର
- ଜିଲାସ୍ତରୀୟ ଯୁବ ମହୋତ୍ସବ, ସ୍ଥାନ: ଏଫ୍ଏମ୍ ଅଟୋନୋମସ୍ କଲେଜ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ।
- ସ୍ମରଣିକା ଉନ୍ମୋଚନ ଉତ୍ସବ, ସ୍ଥାନ: କୁଆଗଡିଆ, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା ।

## ଭଦ୍ରକ
- ବ୍ୟାଙ୍କ ମିତ୍ର ବୈଠକ, ସ୍ଥାନ : ପୌରପାଳିକା କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ।
- ଚତୁର୍ଦ୍ଦଶ ଭଦ୍ରକ ମହୋତ୍ସବର ୧୦ମ ସନ୍ଧ୍ୟା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା ।

## କେନ୍ଦୁଝର
- ଜିଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ୨୦୨୫, ସ୍ଥାନ: ସରକାରୀ ପିମ ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟ , କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ ଟା ।
- ଜିଲାସ୍ତରୀୟ ସାଇବର ସେଫ୍‌ଟି ସଚେତନତା ପ୍ରୋଗ୍ରାମ, ସ୍ଥାନ: ସେଲ ଅଡିଟୋରିୟମ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## ମୟୂରଭଞ୍ଜ
- ଚିତ୍ରଡ଼ା–କାକୁଡିହା ପ୍ରିମିୟର ଲିଗର ଫାଇନାଲ ମ୍ୟାଚ,ସ୍ଥାନ:ଚିତ୍ରଡ଼ା–କାକୁଡିହା ପଡ଼ିଆ, ମୋରଡ଼ା,ସମୟ: ପୂର୍ବାହ୍ନ ୧୦ଟା ।

## ବ୍ରହ୍ମପୁର
- ଭାରତୀୟ ଭାଷା ଉତ୍ସବ ପାଳନ, ସ୍ଥାନ: ଓଡିଆ ଭାଷା ଓ ସାହିତ୍ୟ ବିଭାଗ, ଖଲିକୋଟ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।

## ଗଞ୍ଜାମ
- ୪ର୍ଥ ରାଜ୍ୟ ପୋଲିସ ବ୍ୟାଟମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ହିଞ୍ଜିଳିକାଟୁ ଇନଡୋର ଷ୍ଟାଡିୟମ, ସମୟ: ସକାଳ ୮ଟା ।
- ଭାରତୀୟ ଭାଷା ଦିବସ ପାଳନ, ସ୍ଥାନ: ବୁଗଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,ସମୟ: ପୂର୍ବାହ୍ନ ୧୦ଟା ।
- ଭାରତୀୟ ବିକାଶ ପରିଷଦର ଖବରଦାତା ସମ୍ମିଳନୀ, ସ୍ଥାନ: ଭଞ୍ଜନଗର ଜଳସମ୍ପଦ ବିଭାଗ ଡାକବଙ୍ଗଳା, ସମୟ: ମଧ୍ୟାହ୍ନ ୧୨ଟା ।

## ଢେଙ୍କାନାଳ
- ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ, ସ୍ଥାନ: ଶ୍ରୀଅରବିନ୍ଦ ଇଣ୍ଟିଗ୍ରାଲ ସେଣ୍ଟର ଅଫ୍ ଏଜୁକେଶନ, ମାତୃଭବନ, ବାରଦା, ସମୟ: ପୂର୍ବାହ୍ନ ୧୧ଟା ।

## ଅନୁଗୋଳ
- ଜଙ୍ଗଲ ବନ୍ୟପ୍ରାଣୀ ସଂରକ୍ଷଣ ଓ ଗ୍ରାମୀଣ ପରିବେଶ ସୁରକ୍ଷାରେ ସ୍ଥାନୀୟ ଅଧିବାସୀଙ୍କ ଯୋଗଦାନ ସଂକ୍ରାନ୍ତୀୟ କର୍ମଶାଳା, ସ୍ଥାନ: ଅନୁଗୋଳ ରାଉତଳା ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା ।
- ଜୈବବିବିଧତାକୁ କ୍ଷତି ପହଞ୍ଚାଉଛି ଏକକ ବ୍ୟବହୃତ ପ୍ଲାଷ୍ଟିକ ସମ୍ପର୍କିତ କର୍ମଶାଳା, ସ୍ଥାନ: ଅନୁଗୋଳ ବଡ଼କେରାସ୍ଥିତ ଜରଡ଼ା ବିଏମ୍ ହାଇସ୍କୁଲ, ସମୟ: ଅପରାହ୍ନ ୨ଟା ୧୫ ।

## ଜଗତ୍‌ସିଂହପୁର
- ଏମ୍ଏସ୍ଏମ୍ଇ ବିଭାଗ ପକ୍ଷରୁ ଲିନ୍ ସ୍କିମ ଉପରେ କର୍ମଶାଳା, ସ୍ଥାନ: ସିପେଟ ସମ୍ମିଳନୀ କକ୍ଷ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ ଟା୩୦ ।
- ପୌରପରିଷଦ ଭେଣ୍ଡିଂ ଜୋନ ବ୍ୟବସାୟୀଙ୍କ ଉପଲକ୍ଷେ କର୍ମଶାଳା, ସ୍ଥାନ: ଜୟଦେବ ଭବନ ବଡ଼ପଡ଼ିଆ ,ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା ।

## କେନ୍ଦ୍ରାପଡ଼ା
- ଜିଲାସ୍ତରୀୟ କ୍ରିକେଟ ମ୍ୟାଚ, ସ୍ଥାନ: ବଡମଙ୍ଗ, ଆଳି, ସମୟ: ପୂର୍ବାହ୍ନ ୧୦ଟା ।

## ଯାଜପୁର
- ମଦନମୋହନ ସ୍ୱାଇଁ ଫାଉଣ୍ଡେଶନର ଉଦ୍‌ଘାଟନ ସମାରୋହ ଓ ଆଲୋଚନାଚକ୍ର, ସ୍ଥାନ: ଯାଜପୁର ରୋଡ ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଯାଜପୁର ରୋଡ କାଳୀ ମେଳନ ପଡିଆ, ସମୟ: ପୂର୍ବାହ୍ନ ୧୧ଟାରୁ ରାତି ୧୦ଟା ।

## ନୟାଗଡ଼
- ଘୋଡଲାଗି ପର୍ବର ୧୫ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ ଟା । ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର ; ନୟାଗଡ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ୩୦ ।
- ମା' ବରୁଣେଇ କ୍ରିକେଟ ଟୁର୍ନାମେଣ୍ଟର ସପ୍ତମ ଦିବସରେ ଗୋପୀନାଥପୁର ବନାମ କଣ୍ଟିଲୋ ବରୁଣେଇ (ଏ), ସ୍ଥାନ: କଣ୍ଟିଲୋ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା ।

## ନବରଙ୍ଗପୁର
- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ତେନ୍ତୁଳିଖୁଣ୍ଟି ଦିବ୍ୟ ହୃଦୟ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ଡାବୁଗାଁ ବ୍ଲକସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ, ସ୍ଥାନ: ଡାବୁଗାଁ ବ୍ଲକ ଭୈରବ ମନ୍ଦିର ନିକଟ ପଡିଆ, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ ୨୦୨୫ ଉପଲକ୍ଷେ ଖବରଦାତା ସମ୍ମିଳନୀ, ସ୍ଥାନ : ମଣ୍ଡେଇ ପଡ଼ିଆ, ସମୟ: ଅପରାହ୍ନ ୪ଟା ।

## କୋରାପୁଟ
- କୁନ୍ଦୁରା ପଞ୍ଚାୟତ ସମିତି ପକ୍ଷରୁ ଅନ୍ତୋଦୟ ଆବାସ ମେଳା, ସ୍ଥାନ: କୁନ୍ଦୁରା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା ।
- କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା କାର୍ଯ୍ୟକ୍ରମ, ସ୍ଥାନ:ଦଶମନ୍ତପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା୫୦ ।
- ଏପିଏଲ୍ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ ଖେଳ ସହ ଉଦଯାପନୀ ସମାରୋହ, ସ୍ଥାନ: ହାଲ ଖେଳ ପଡ଼ିଆ, ସୁନାବେଡ଼ା, ସମୟ: ସନ୍ଧ୍ୟା ୬ଟା ।

## ସମ୍ବଲପୁର
- ମନଜିତ ସେଠ ସ୍ମୃତି ସଭା, ସ୍ଥାନ : କବରାପାଲି ଗ୍ରାମ, ସମୟ : ପୂର୍ବାହ୍ନ ୧୦ଟା ।
- ବ୍ରଜ ମହୋତ୍ସବ–୨୫, ସ୍ଥାନ : ସାକ୍ଷୀପଡା ସ୍ଥିତ ଲତା ଘନଶ୍ୟାମ ମଣ୍ଡପ, ସମୟ : ଅପରାହ୍ନ ୨ଟା ।
- ସମ୍ବଲପୁରୀ ସମ୍ମିଳନୀ ପ୍ରସ୍ତୁତି ବୈଠକ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ଅପରାହ୍ନ ୫ଟା ।
- ବୀର ସୁରେନ୍ଦ୍ର ସାଏ ୨୮ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରସ୍ତୁତି ବୈଠକ, ସ୍ଥାନ : ଝାଡୁଆପଡା ସ୍ଥିତ ଯୁବ ଉଦୟନ କାର୍ଯ୍ୟାଳୟ, ସମୟ : ସନ୍ଧ୍ୟା ୭ଟା ।

## ବଲାଙ୍ଗୀର
- ଓଡ଼ିଶା–କର୍ଣ୍ଣାଟକ କୁଚ୍ ବିହାର ଟ୍ରଫି ତୃତୀୟ ଦିବସ ମ୍ୟାଚ୍, ସ୍ଥାନ: ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୯ଟା ।

## ରାଉରକେଲା
- ସାଂସଦ ଖେଳ ମହୋତ୍ସବର ଚତୁର୍ଥ ଦିବସ ଖେଳକୁଦ, ସ୍ଥାନ: ବିର୍ସାମୁଣ୍ଡା ଆଥଲେଟିକ ଷ୍ଟିଡିୟମ,ସମୟ: ସକାଳ ୯ଟା।
- ଆଧ୍ୟାତ୍ମିକ ସାଧନା ଶିବିରର ଉଦଯାପନୀ ସମାରୋହ କାର୍ଯ୍ୟକ୍ରମ,ସ୍ଥାନ: ସେକ୍ଟର–୭ ଶିବାନନ୍ଦ ଆଶ୍ରମ,ସମୟ:ସକାଳ ୯ଟା।
- ଏକତ୍ର ଆୟୋଜିତ ଇସ୍ପାତ ନାଟ୍ୟ ମହୋତ୍ସବ ୧୦ମ ସନ୍ଧ୍ୟା ନାଟକ, ସ୍ଥାନ: ସିଭିକ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୧୫ମିନିଟ ।
- ଆୟୁଷ କଲେଜର ଛାତ୍ରୀଛାତ୍ରଙ୍କ ଆମରଣ ଅନଶନ, ସ୍ଥାନ : ରାଉରକେଲା ହୋମିଓପାଥି ଆୟୁଷ କଲେଜ, ସମୟ: ସକାଳ ୯ଟା
- ବଜରଙ୍ଗ ଦଳ ପକ୍ଷରୁ ଗୀତା ଜୟନ୍ତୀ ମାସ ଅବସରରେ ଆଧ୍ୟାତ୍ମିକ ଶୋଭାଯାତ୍ରା, ସ୍ଥାନ: ବିଶ୍ରା ଛକ, ସମୟ: ପୂର୍ବାହ୍ନ ୧୦ଟା ।
- ପିଏମଶ୍ରୀ ଶିକ୍ଷକ ତାଲିମ ଶିବିରର ୪ର୍ଥ ଦିବସ, ସ୍ଥାନ: ଏନ୍ଆଇଟି ରାଉରକେଲା, ସମୟ: ପୂର୍ବାହ୍ନ ୧୧ଟା ।
- ଏୟାରପୋର୍ଟ କମିଟି ପକ୍ଷରୁ ଷ୍ଟ୍ରିଟ୍ କର୍ଣ୍ଣର ମିଟିଂ, ସ୍ଥାନ: ବିଶ୍ରା ଛକ, ସମୟ: ଅପରାହ୍ନ ୫ଟା ।

## ବରଗଡ଼
- ମାଗଣା ସ୍ୱାସ୍ଥ୍ୟ ଶିବିର,ସ୍ଥାନ: ଡଭା, ଝାରବନ୍ଧ,ସମୟ: ସକାଳ ୯ଟା ।
- ଧନୁଯାତ୍ରା କଳାକାରଙ୍କ ପୂର୍ବାଭ୍ୟାସ,ସ୍ଥାନ:ଗାନ୍ଧିଛକ କଲ୍ୟାଣ ମଣ୍ଡପ, ବରଗଡ଼,ସମୟ:ପୂର୍ବାହ୍ନ ୧୦ଟା ୩୦ ।

## କଳାହାଣ୍ଡି
- ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବ, ସ୍ଥାନ: ଭବାନୀପାଟଣା ଟାଉନହଲ, ସମୟ: ଅପରାହ୍ନ ୫ଟା ।

## ବୌଦ୍ଧ
- ଅଧ୍ୟାତ୍ମିକ ଧନୁଯାତ୍ରା ନାଟ୍ୟୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ଭୈରବୀ ଖେଳ ପଡ଼ିଆ ବୌଦ୍ଧ, ସମୟ:ସନ୍ଧ୍ୟା ୭ଟା ।

## ଦେବଗଡ଼
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଦେବଗଡ଼ ପ୍ରଧାନପାଟ ରୋଡ ଶିରିଡ଼ି ସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦ ।
- ଜାଗରଣ ଆର୍ଟ ଇଣ୍ଟରନ୍ୟାଶନାଲ ପକ୍ଷରୁ ୨୧ତମ ଜାତୀୟ ନାଟକ ମହୋତ୍ସବ, ସ୍ଥାନ: ଦେବଗଡ଼ ସହର ଟାଉନ ହଲ, ସମୟ: ସନ୍ଧ୍ୟା ୭ଟା ।

## ସୁବର୍ଣ୍ଣପୁର
- ସୋନପୁର ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ କ୍ରୀଡା ଦିବସ ପାଳନ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ସକାଳ ୯ଟା ୩୦ ।
- ଜିଲାସ୍ତରୀୟ ଜୁନିୟର ରେଡକ୍ରସ ଶିକ୍ଷା ଓ ତାଲିମ ଶିବିର ଉଦ୍‌ଘାଟନ ଉତ୍ସବ, ସ୍ଥାନ: ସୋନପୁର ପିପିଲିପାଲିସ୍ଥିତ ବିଶ୍ୱ ଭାରତୀ ଚିନ୍ତନ ଶିକ୍ଷା ନିକେତନ ପରିସର, ସମୟ: ଅପରାହ୍ନ ୩ଟା ।
- ସର୍ବଭାରତୀୟ ଜୟ ଜଗନ୍ନାଥ ଲୁଡୁରପଙ୍କ କ୍ରିକେଟ କପର ଟଏସ୍ ଲଞ୍ଚିଂ ଉତ୍ସବ, ସ୍ଥାନ: ଲୁଡୁରପଙ୍କ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା ।

## ଝାରସୁଗୁଡ଼ା
- କୃଷି ଯନ୍ତ୍ରପାତି ମେଳା, ସ୍ଥାନ: ଝାରସୁଗୁଡ଼ା ମନମୋହନ ସ୍କୁଲ ପଡିଆ, ସମୟ: ପୂର୍ବାହ୍ନ ୧୧ଟା ୩୦ ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମକ୍ଷେତ୍ରରେ ଅସମ୍ପୂର୍ଣ୍ଣ କାମକୁ ନେଇ ମାନସିକ ଉଦ୍‌ବେଗ ବୃଦ୍ଧି ପାଇବ । ଅର୍ଥର ଅଭାବ ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମକୁ ତ୍ୱରାନ୍ୱିତ କରିବ । ଆଲୋଚନା ପରିସରରେ ମତପାର୍ଥକ୍ୟ କାରଣରୁ କୌଣସି ସିଦ୍ଧାନ୍ତରେ ଉପନୀତ ହୋଇପାରିବେ ନାହିଁ । ଆଜିର ଯାତ୍ରା, ବାଣିଜ୍ୟ ଓ ଜିଣାବିକା କ୍ଷେତ୍ରରେ ସନ୍ତୋଷଜନକ ଫଳ ପାଇବେ ।

**ବୃଷ** ଉଚ୍ଚକର୍ତ୍ତୃପକ୍ଷଙ୍କ ବାଚନିକ ପ୍ରତିଶ୍ରୁତି କାର୍ଯ୍ୟକୁ ତ୍ୱରାନ୍ୱିତ କରାଇବ । ଭାଗୀଦାର ବ୍ୟବସାୟରେ ସହକର୍ମୀମାନଙ୍କ ଭୁଲ୍ ସକାଶେ ନିଜକୁ ଦାୟୀ ହେବାକୁ ପଡିପାରେ । ପଡ଼ୋଶୀଙ୍କ ଜରିଆରେ ଆଶା କରିଥିବା ଦିଗରୁ କୌଣସି ମୂଲ୍ୟବାନ୍ ଜିନିଷ ପ୍ରାପ୍ତି ହେବାର ଆଶା ରହିଛି । ବନ୍ଧୁଗହଣରେ ଅପ୍ରିୟ ସତ୍ୟ କହି ସମାଲୋଚିତ ହୋଇପାରନ୍ତି ।

**ମିଥୁନ** ସୁସମ୍ପର୍କ ଅଭାବରୁ ପଡ଼ୋଶୀଙ୍କ ଅସହଯୋଗ କାମପାଇଁ ପ୍ରତିବନ୍ଧକ ସୃଷ୍ଟି କରିବ । କଠିନ ଶ୍ରମ ଓ ଅତ୍ୟଧିକ ଭ୍ରମଣଜନିତ ପୁରାତନ ରୋଗର ପୀଡ଼ା କ୍ରମଶଃ ବୃଦ୍ଧି ପାଇପାରେ । କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରି ବ୍ୟସ୍ତ ହୋଇପାରନ୍ତି । ବନ୍ଧୁଙ୍କ ପାଖରେ ଅଟକି ରହିଥିବା ବକେୟା ଟଙ୍କାକୁ କେନ୍ଦ୍ରକରି ବଚସା ସୃଷ୍ଟିର ସୂଚନା ରହିଛି ।

**କର୍କଟ** ଆଜି ବାଣିଜ୍ୟ, ବନ୍ଧୁସମ୍ପର୍କ ଓ ପରିବହନାଦି କ୍ଷେତ୍ରରେ ବିବାଦୀୟ ସ୍ଥିତି ସୃଷ୍ଟି ହୋଇପାରେ । କାମ ସାରିବା ପରେ ଭଲମନ୍ଦର ବିଚାର କରି ଅସ୍ଥିରତା ଅନୁଭବ କରିପାରନ୍ତି । କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ପରିପ୍ରେକ୍ଷୀରେ ଅନ୍ୟମାନଙ୍କ ସହ ଯୋଗାଯୋଗ କରିବାକୁ ପଡିପାରେ । ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ ।

**ସିଂହ** ପାରିବାରିକ ସ୍ଥିତି ଓ ଅର୍ଥ ସମ୍ପର୍କିତ ସମସ୍ୟା ସୁଧାରିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ । ସ୍ୱାର୍ଥହାନି ଆଶଙ୍କାରେ ଆତ୍ମୀୟସ୍ୱଜନ ଦୂରେଇଯିବାରୁ ସାହାଯ୍ୟ ପ୍ରାପ୍ତିର ଆଶା ନିରର୍ଥକ ହେବ । ଗତକାଲିର ଯୋଜନା ବଦଳାଇବା କଷ୍ଟକର ହେବାର ସୂଚନା ରହିଛି । ଦୈହିକ ଓ ମାନସିକ ସୁସ୍ଥତା କେତେକାଂଶରେ ପରିସ୍ଥିତିକୁ ଲାଘବ କରିପାରେ ।

**କନ୍ୟା** କର୍ମକ୍ଷେତ୍ରରେ କୌଣସି ବ୍ୟକ୍ତି ଫୁସୁଲାଫୁସୁଲି କରି ଫାଇଦା ହାସଲ ପାଇଁ ଚେଷ୍ଟା କରିପାରନ୍ତି । ସଭାସମିତିରେ ପାଣ୍ଡିତ୍ୟ ପ୍ରକାଶ ଯୋଗୁ ବୁଦ୍ଧିଜୀବୀଙ୍କ ସହ ସୁସମ୍ପର୍କ ସ୍ଥାପିତ ହୋଇପାରେ । ଅର୍ଥନୈତିକ, ପାରିବାରିକ ପରିସ୍ଥିତି ଓ ବିବାଦୀୟ ଘଟଣା ସକାଶେ ଉଦ୍‌ବେଗ ବୃଦ୍ଧି ପାଇବ । ଆଜିର ଆନୁଷ୍ଠାନିକ କାମରେ ପ୍ରଶଂସିତ ହେବେ ।

**ତୁଳା** ପାରିବାରିକ ଅସୁବିଧା ଦୂର କରିବା ପାଇଁ ବନ୍ଧୁଙ୍କ ସାହାଯ୍ୟ ସହଯୋଗ ଆଶା କରିପାରନ୍ତି । ପ୍ରକାଶନ, ପ୍ରଶାସନ, କଚେରି ମାମଲା ଏବଂ ଆଇନ, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି । ଆଜିର ପ୍ରତ୍ୟୁଷ ଯାତ୍ରାରେ ଯାନ୍ତ୍ରିକ ତ୍ରୁଟି ଯାତ୍ରାକୁ ବିଳମ୍ବିତ କରିବାର ଆଶଙ୍କା ରହିଛି । ସମ୍ପର୍କୀୟଙ୍କ ପରୋକ୍ଷ ଶତ୍ରୁତା କାର୍ଯ୍ୟକୁ ଭଣ୍ଡୁର କରିଦେଇପାରେ ।

**ବିଛା** ପରିସ୍ଥିତିକୁ ସୁଧାରିବାର ଚେଷ୍ଟା କରି ଅସଫଳ ହେବାରୁ ମାନସିକ ବ୍ୟଥା ଅନୁଭବ କରିବେ । ମକଦ୍ଦମା, ପ୍ରତିଯୋଗିତା କିମ୍ବା ପ୍ରତିଦ୍ୱନ୍ଦ୍ୱିତା ସଫଳତା ପ୍ରାପ୍ତିର ସୂଚନା ରହିଛି । ବାଧ୍ୟତାମୂଳକ ସରକାରୀ କାମରେ ଯାତ୍ରା ବ୍ୟଥିତ କରାଇପାରେ । ପାରିବାରିକ କ୍ଷେତ୍ରରେ ଯଥା ସମ୍ଭବ ପରିସ୍ଥିତି ପ୍ରତି ସଜାଗ ରହି ଚଳିଲେ କିଛି ଅସୁବିଧା ହେବନାହିଁ ।

**ଧନୁ** ପରିକଳ୍ପିତ ଯୋଜନାକୁ ବାସ୍ତବ ରୂପ ଦେବାରେ ସମର୍ଥ ହେବେ । କିନ୍ତୁ ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା ହେତୁ ମନ ଆନମନା ହୋଇପାରେ । ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ କିନ୍ତୁ ଏଥିପାଇଁ ବହୁତ ଝିନ୍‌ଝଟ୍ ହେବାକୁ ପଡ଼ିବ । ସାମାଜିକ ସ୍ତରରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ ।

**ମକର** କର୍ମଜଞ୍ଜାଳ ବୃଦ୍ଧି କାରଣରୁ ମାନସିକ ସ୍ଥିତି ଭଲ ରହି ନ ପାରେ । ଯେଉଁ କାମଟି ଆରମ୍ଭ କରିବାକୁ ଯାଉଛନ୍ତି ସେଥିରେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ । ପରିସ୍ଥିତିକୁ ସାମନା କରିବାକୁ ଚେଷ୍ଟା କଲେ ଅବଶ୍ୟ ଉପକୃତ ହୋଇପାରିବେ । ସାଂସ୍କୃତିକ କାମରେ ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟଲାଭ କରିବାର ସୌଭାଗ୍ୟ ଅର୍ଜନ କରିପାରନ୍ତି ।

**କୁମ୍ଭ** ଶାରୀରିକ ଅସୁସ୍ଥତା କାରଣରୁ ଅନ୍ୟର ସାହାଯ୍ୟ ନେବାକୁ ବାଧ ହେବେ । ପରିବହନ କ୍ଷେତ୍ରରେ ସମସ୍ୟା ସମାଧନ କରି ଆତ୍ମସନ୍ତୋଷ ଲାଭକରିବେ । କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମ ସମ୍ପନ୍ନ କରିବାରେ ଅସୁବିଧା ହେବ ନାହିଁ । ପିଲାଙ୍କ ଆଚରଣରେ ପରିବର୍ତ୍ତନ ଆସିପାରେ, ଯାହାକି ଦୁଶ୍ଚିନ୍ତା ବୃଦ୍ଧି କରିବ ।

**ମୀନ** କର୍ମକ୍ଷେତ୍ରରେ ପିଠି ଥାପୁଡ଼େଇ କାମ ହାସଲ କରୁଥିଲେ ମଧ୍ୟ ଆଜି ତାହା କାମକୁ ଆସିବ ନାହିଁ । ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ । ଅନ୍ୟର କଥାକୁ ସତ ମନେକରି ବନ୍ଧୁଙ୍କ ସହ ମନୋମାଳିନ୍ୟ ଘଟିପାରେ । ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ ଏବଂ ବାଣିଜ୍ୟ, ବ୍ୟବସାୟରେ ଲାଭବାନ୍ ହୋଇପାରନ୍ତି ।

ଆଜି ଡିସେମ୍ବର ୧୧ ତାରିଖ, ୟୁନିସେଫ୍ ଦିବସ, ଅନ୍ତର୍ଜାତୀୟ ପର୍ବତ ଦିବସ, ପୌଷ କୃଷ୍ଣ ସପ୍ତମୀ ଯୁକ୍ତ ଅଷ୍ଟମୀ ଗୁରୁବାର । ରାଶିନକ୍ଷତ୍ର–ପୂର୍ବାଫାଲଗୁନୀ/ସିଂହ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । ସକାଳ ଘ.୦୬.୧୪ ଗତେ ଘ.୦୭.୪୧ ମଧ୍ୟେ, ଘ.୦୫.୫୭ ଗତେ ଘ.୦୯.୨୮ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୧.୦୧ ଗତେ ଘ.୦୨.୨୨ ମଧ୍ୟେ ରାହୁ କାଳ ।

# ଶିକାରୀଙ୍କ ବିଦ୍ୟୁତ୍ ଫାଶ ସଂସ୍ପର୍ଶରେ ଆସି ଯୁବକ ମୃତ

ପବିତ୍ରନଗର,୧୦।୧୨ (ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ଥାନା ଟିଂଟିରିମା ଗ୍ରାମ ନିକଟରେ ବାର୍‌ହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ଫାଶ ସଂସ୍ପର୍ଶରେ ଆସି ମଙ୍ଗଳବାର ରାତିରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତକ ହେଉଛନ୍ତି ପୋଇପାଳ ଗ୍ରାମର ଭରତ ଚନ୍ଦ୍ର ବାରିକ (୩୩) । ଭରତ ରାତିରେ ଧାନ ବିଲରୁ ଗୋରୁପଲ ଘଉଡ଼ାଇବା ବେଳେ ଶିକାର ପାଇଁ ବିଛା ହୋଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିବା ସୂଚନା ମିଳିଛି । ଏ ସଂକ୍ରାନ୍ତରେ ମୃତକଙ୍କ ମାମୁ ପୀତାମ୍ବର ପ୍ରଧାନ ଥାନାରେ ଅଭିଯୋଗ କରିବା ପରେ କଣିହାଁ ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଅଧିକ ତଦନ୍ତ ଚଳାଇଛି ।

# ରାଜ୍ୟ ସଭାର ପୂର୍ବତନ ସଦସ୍ୟଙ୍କ କାର୍‌କୁ ଧକ୍କା ଦେଲା ଟ୍ରକ୍

ବଇଣ୍ଠା,୧୦।୧୨ (ପରିକ୍ଷିତ ସାହୁ)

ରାଜ୍ୟ ସଭାର ପୂର୍ବତନ ସଦସ୍ୟ ପ୍ରମିଳା ବହିଦାରଙ୍କ କାର୍‌କୁ ମଙ୍ଗଳବାର ଏକ ଟ୍ରକ୍ ଧକ୍କା ଦେଇଛି । ଅନୁଗୋଳ ଜିଲା ଦେଇ ଯାଇଥିବା କଟକ–ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର କିଶୋରନଗର ବ୍ଲକ ହଣ୍ଡପା ନିକଟରେ ସନ୍ଧ୍ୟାରେ ଘଟିଛି ଏହି ଦୁର୍ଘଟଣା । ତେବେ କାର୍‌ରେ ଥିବା ବହିଦରଙ୍କ ସମେତ ମୋଟ ୫ ଜଣ ଅଳ୍ପକେ ବର୍ତ୍ତିଯାଇଥିବା ବେଳେ ହଣ୍ଡପା ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଚାଳକଙ୍କୁ ଗିରଫ କରିଛି ।

# ଅପରାଜିତାଙ୍କୁ ପ୍ରଶଂସା କଲେ ପ୍ରସନ୍ନ

ଭୁବନେଶ୍ୱର,୧୦।୧୨(ରବିନାରାୟଣ ଜେନା)

ଭାଜପା ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଭୂରି ଭୂରି ପ୍ରଶଂସା କରିଛନ୍ତି । ବିଧାନସଭା ଶୀତ ଅଧିବେଶନର ଶେଷଦିନର ଶୂନ୍ୟକାଳରେ ପ୍ରସନ୍ନ କହିଛନ୍ତି, ଅପରାଜିତା ଆମ ଜିଲାପାଳ ଥିବାବେଳେ ସମ୍ବଲପୁରୀ ବସ୍ତ୍ରକୁ ପ୍ରୋତ୍ସାହନ ଦେବାକୁ ଯାଇ ଏକ ସ୍ୱତନ୍ତ୍ର ପଦକ୍ଷେପ ନେଇଥିଲେ । ପ୍ରତି ସୋମବାର ସମ୍ବଲପୁରୀ ପୋଷାକ ପିନ୍ଧି କାର୍ଯ୍ୟାଳୟ ଆସିବା ପାଇଁ ଏକ ନିର୍ଦ୍ଦେଶ ଦେଇଥିଲେ, ଯଦ୍ୱାରା କେବଳ ଯେ ସମ୍ବଲପୁରୀ ବସ୍ତ୍ରର ଚାହିଦା ବଢ଼ିଥିଲା ତାହା ନୁହେଁ, ବୁଣାକାରଙ୍କୁ ମଧ୍ୟ ପ୍ରୋତ୍ସାହନ ଦେଉଥିଲା । ପ୍ରସନ୍ନ କହିଥିଲେ, ରାଜ୍ୟରେ କୃଷି ପରେ ହସ୍ତତନ୍ତ ହେଉଛି ନିର୍ଭରଯୋଗ୍ୟ କର୍ମସଂସ୍ଥାନ । ହେଲେ ଦିନକୁ ଦିନ ବୁଣାକାରଙ୍କ ସଂଖ୍ୟା କମିବାରେ ଲାଗିଛି । ସରକାରଙ୍କ ତ୍ରୁଟିପୂର୍ଣ୍ଣ ଯୋଜନା ଏଥିପାଇଁ ମୁଖ୍ୟତଃ ଦାୟୀ । ଭାରତ ସରକାରଙ୍କ ପକ୍ଷରୁ ବୁଣାକାରଙ୍କ ବିକାଶ ନିମନ୍ତେ ପ୍ରଦାନ କରାଯାଉଥିବା ସହାୟତାକୁ ବନ୍ଦ କରିଦିଆଯାଇଛି । ପ୍ରାୟ ବୁଣାକାର ସୋସାଇଟି ଏବେ ବନ୍ଦ ହୋଇଗଲାଣି । ଏଠାରେ ଏବେ ସମ୍ବଲପୁରୀ ତଥା ହାତବୁଣା ବସ୍ତ୍ରର ସ୍ଥାନ ନେଇଛି ରାଜସ୍ଥାନ ଓ ତାମିଲନାଡୁ ଛାପାବସ୍ତ୍ର । ସରକାରଙ୍କ ଆନ୍ତରିକତା ନ ଥିବାରୁ ରାଜ୍ୟରେ ୧୩ ସୂତାକଳ ବନ୍ଦ ହୋଇଗଲାଣି । ଓଡ଼ିଶା ବାହାରୁ ସୂତା ଆସୁଛି । ରାଜ୍ୟରେ ବନ୍ଦ ପଡ଼ିଥିବା ସୂତାକଳ କାର୍ଯ୍ୟକ୍ଷମ କରିବା ଦିଗରେ ସରକାର ତୁରନ୍ତ ପଦକ୍ଷେପ ନେବାକୁ ସେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଜାତିକୁ ବଣିଜ ଅଡୁଆ,**
**ମାଳୀକି ଛେଳି ଅଡୁଆ ।**

ପୂର୍ବ କାଳରେ ଗୋଟିଏ ଜାତିର ଲୋକେ ଗୋଟିଏ ପ୍ରକାର ବଣିଜ ବା ବେପାର କରୁଥିଲେ । ସେମାନେ ସେ ବେପାରର ସମସ୍ତ ତତ୍ତ୍ୱ ବା ହାନିଲାଭ ବେଶ୍ ଭଲ ଭାବେ ଜାଣିଥିଲେ । ଅନ୍ୟ ଜାତିର ଲୋକେ ସେ ବେପାର କଲେ ସେଥିରେ ସେତେଟା ପ୍ରତିଷ୍ଠା ପାଇପାରୁ ନ ଥିଲେ । ତେଣୁ ଯେଉଁ ବ୍ୟକ୍ତିର ନିର୍ଦ୍ଦିଷ୍ଟ କାର୍ଯ୍ୟରେ ଦକ୍ଷତା ନାହିଁ ସେ ସେଭଳି କାର୍ଯ୍ୟରେ ହାତ ଦେବା ଠିକ୍ ନୁହେଁ । ସେହିପରି ଛେଳି ଗଛ ପତ୍ର ଆଦି ଖାଇଦେଉଥିବାରୁ ମାଳୀ ପାଇଁ ଛେଳି ରଖିବା ଲାଭଜନକ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଆହା ଆହା କରୁଥାଏ**
**ସାହା ହେବାକୁ ଡରୁଥାଏ ।**

ବିପଦରେ ପଡ଼ିଥିବା ବ୍ୟକ୍ତିଙ୍କୁ ସାଧ୍ୟମତେ ସାହାଯ୍ୟ ସହାନୁଭୂତି ଦେଖାଇବା ଉଚିତ । ମୁହଁ ଉପରେ କେବଳ ଆହା ଆହା କଲେ ବା ମୌଖିକ ସମବେଦନା ଜଣାଇଲେ କିଛି ଲାଭ ମିଳି ନ ଥାଏ । ସାହାଯ୍ୟ କରିବାନେଇ କୁଣ୍ଠା ପ୍ରକାଶ କରୁଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।

# ପ୍ରଥମ ପୃଷ୍ଠାରୁ...

## କେନ୍ଦ୍ର ଅସହାୟ ...

ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଏହା ଉପରେ ଦାଖଲ ପିଆଇଏଲ୍‌ର ଶୁଣାଣି କରି ମୁଖ୍ୟ ବିଚାରପତି ଦେବେନ୍ଦ୍ର କୁମାର ଉପାଧ୍ୟାୟ ଓ ଜଷ୍ଟିସ୍ ତୁଷାର ରାଓ ଗେଡେଲାଙ୍କ ଖଣ୍ଡପୀଠ କହିଛନ୍ତି, ସମ୍ପ୍ରତି ଉପୁଜିଥିବା ସ୍ଥିତିରୁ ଅନ୍ୟ ଏୟାରଲାଇନ୍ସ ଫାଇଦା ନେଇପାରନ୍ତି । ଯାତ୍ରୀମାନଙ୍କଠାରୁ ଟିକେଟ ବାବଦକୁ ମୋଟା ଅଙ୍କର ଅର୍ଥ ଅସୁଲ କରାଯାଉଛି । ଯେଉଁ ଟିକେଟ ୫,୦୦୦ ଟଙ୍କାରେ ମିଳୁଥିଲା ତାହା ବର୍ତ୍ତମାନ ୩୦ରୁ ୩୫ ହଜାରରେ ଉପଲବ୍ଧ । ଯଦି ଏପରି ସଙ୍କଟ ରହିଛି ତେବେ ଅନ୍ୟ ଏୟାରଲାଇନ୍‌ଗୁଡ଼ିକୁ ଲାଭ ଉଠାଇବା ପାଇଁ କିପରି ଅନୁମତି ଦିଆଯାଇ ପାରିବ ? ଅନ୍ୟ ଏୟାରଲାଇନ୍ସ ୩୫,୦୦୦ରୁ ୩୯,୦୦୦ ଟଙ୍କା ପର୍ଯ୍ୟନ୍ତ କିପରି ନେଉଛନ୍ତି ? ଏୟାରଲାଇନ୍ ନିୟମଗୁଡ଼ିକର ଅନୁପାଳନରେ ବିଫଳ ହେଲେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ କ'ଣ ନିୟମ ରହିଛି ? କେନ୍ଦ୍ର ସରକାର କ'ଣ ଅସହାୟ ବୋଲି ମୁଖ୍ୟ ବିଚାରପତି ପ୍ରଶ୍ନ କରିଛନ୍ତି । ଜାନୁଆରୀ ୨୨ରେ ଏହା ଉପରେ ପରବର୍ତ୍ତୀ ଶୁଣାଣି କରାଯିବ । କମିଟି ପକ୍ଷରୁ ଆରମ୍ଭ ହୋଇଥିବା ତଦନ୍ତ ଶେଷ ହେବା ମାତ୍ରେ ଜଉମୁଦ ଲଫାପାରେ ରିପୋର୍ଟ ଦାଖଲ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି । ଖଣ୍ଡପୀଠ ଆହୁରି କହିଛନ୍ତି, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଓ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ନିଆଯାଉଥିବା ପଦକ୍ଷେପକୁ ଖଣ୍ଡପୀଠ ପ୍ରଶଂସା କରିଥିବାବେଳେ କେଉଁ ପରିସ୍ଥିତିରେ ଏଭଳି ଘଟିଲା ବୋଲି ଚିନ୍ତାବ୍ୟକ୍ତ କରିଛନ୍ତି । ଏଭଳି ସ୍ଥିତି ଲାଗିରହିବାରୁ ସାରା ଦେଶରେ ଅନେକ ଲକ୍ଷ ଯାତ୍ରୀ ଫସିରହିଲେ । ଏହା କେବଳ ଯାତ୍ରୀଙ୍କୁ ଅସୁବିଧାରେ ପକାଇନାହିଁ, ବରଂ ଦେଶର ଅର୍ଥନୀତିକୁ ମଧ୍ୟ ପ୍ରଭାବିତ କରିଛି । କାରଣ ଆଜିର ଦିନରେ ଯାତ୍ରୀମାନଙ୍କ ତ୍ୱରିତ ଯାତାୟାତ ଆର୍ଥିକ ପ୍ରଗତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ । ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ବିଷୟ ଆମେ ସଂଜ୍ଞାନକୁ ନେଇଛୁ । ପର୍ଯ୍ୟାପ୍ତ ସଂଖ୍ୟକ ପାଇଲଟ୍‌ଙ୍କୁ ନିୟୋଜିତ କରି ସ୍ଥିତି ସ୍ୱାଭାବିକ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ମୁଖ୍ୟ ବିଚାରପତି କହିଛନ୍ତି ।

ଇତିମଧ୍ୟରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଏହାର ତଦନ୍ତ ଓ ସମାଧାନ ପାଇଁ ଏକ ଅନୁଧ୍ୟାନକାରୀ ଟିମ୍ ଗଠନ କରାଯାଇଛି । ଏହି ୮ ଜଣିଆ ଟିମ୍‌ରେ ବରିଷ୍ଠ ଅଧିକାରୀ, ଡେପୁଟି ଓ ସିନିୟର ଫ୍ଲାଇଟ୍ ଅପରେଶନ୍ସ ଇନ୍‌ସ୍ପେକ୍ଟରମାନଙ୍କୁ ରଖାଯାଇଛି ।

## ମହାନଦୀ ଜଳ ବିବାଦ: ...

ଆହୁରି ବ୍ୟାରେଜ ନିର୍ମାଣ କରିବା କଥା । ରାଜନୈତିକ ସମାଧାନ ହୋଇଗଲେ ମହାନଦୀକୁ ନେଇ ଲାଗି ରହିଥିବା ଜଳ ବିବାଦ ତୁଟିଯିବ ବୋଲି ଜୟନାରାୟଣ କହିଛନ୍ତି । ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର କହିଛନ୍ତି, ବିଜେଡି ସରକାର ସମୟରେ ବାରମ୍ବାର ସର୍ବଦଳୀୟ କମିଟି ଗଠନ ପାଇଁ କୁହାଯିବା ସତ୍ତ୍ୱେ ସେମାନେ ଶୁଣି ନ ଥିଲେ । ଏବକାର ସରକାର ସର୍ବଦଳୀୟ କମିଟି ଗଠନ କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଫଳ କ'ଣ ହେବ ସେ କଥା ଅଲଗା, କିନ୍ତୁ ବର୍ତ୍ତମାନ ସରକାର ସମସ୍ତଙ୍କ ମତ ଜାଣିବାକୁ ଚେଷ୍ଟା କରିଛନ୍ତି । କେଉଁଟା ଠିକ୍ ବା ଭୁଲ, ସେକଥା ଲୋକେ ବିଚାର କରିବେ ବୋଲି ନରସିଂହ କହିଛନ୍ତି ।

ସୂଚନାଯୋଗ୍ୟ, ଜଳ ସମ୍ପଦ ବିଭାଗ ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ ଥିବାବେଳେ ଗତ ୪ ତାରିଖରେ ବିଧାନସଭାର ଏକ ପ୍ରଶ୍ନର ଉତ୍ତରରେ ସେ କହିଥିଲେ, ପଡ଼ୋଶୀ ଛତିଶଗଡ଼ ସହ ମହାନଦୀ ଜଳକୁ ନେଇ ଲାଗି ରହିଥିବା ବିବାଦର ସମାଧାନ ଖୁବ୍‌ଶୀଘ୍ର ଆଇନଗତ ଏବଂ ଶାନ୍ତିପୂର୍ଣ୍ଣ ଭାବେ ହେବ । ଏହାର ସମାଧାନ ଲାଗି ଗତ ଦେଢ଼ବର୍ଷ ହେଲା ରାଜ୍ୟ ସରକାର ଆଇନଗତ ଏବଂ ଆପୋସ ବୁଝାମଣା ଉଦ୍ୟମ ଜାରି ରଖିଛନ୍ତି । ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ପ୍ରତିକ୍ରିୟା ଦେଇ କହିଛନ୍ତି, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଏ ବାବଦରେ କଥାବାର୍ତ୍ତା ଜାରି ରହିଛି । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଇଷ୍ଟର୍ନ ଜୋନାଲ କନ୍‌ଫରେନ୍ସରେ ମଧ୍ୟ ଏ ପ୍ରସଙ୍ଗରେ ଆଲୋଚନା ହୋଇଥିଲା । ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କ ମାଧ୍ୟମରେ ୨ ରାଉଣ୍ଡ ଆଲୋଚନା ସରିଲାଣି ବୋଲି ସେ କହିଛନ୍ତି ।

ସୂଚନାଯୋଗ୍ୟ, ମହାନଦୀ ପ୍ରସଙ୍ଗକୁ ନେଇ ୨୦୧୮ରୁ ଓଡ଼ିଶା ସରକାର ଟ୍ରିବ୍ୟୁନାଲ ଯାଇଛନ୍ତି । ଓଡ଼ିଶା ସରକାର ଅଭିଯୋଗ କରିଥିଲେ, ଛତିଶଗଡ଼ ସରକାର ଉପରମୁଣ୍ଡରେ ଏକାଧିକ ବ୍ୟାରେଜ ନିର୍ମାଣ କରିବା ଦ୍ୱାରା ଖରାଦିନରେ ମହାନଦୀର ତଳମୁଣ୍ଡକୁ ଯେତିକି ଜଳ ଆସିବା କଥା ଆସୁନାହିଁ । ଫଳରେ ଓଡ଼ିଶାରେ ମହାନଦୀ କୂଳରେ ରହିଥିବା ଗ୍ରାମବାସୀ, ଚାଷୀ ସମସ୍ତେ ହଇରାଣ ହେଉଛନ୍ତି । ବିଜେଡି ସରକାର ସମୟରେ ଏହି ପ୍ରସଙ୍ଗକୁ ନେଇ ଅନେକ ଘଟଣା ଦେଖାଦେଇଥିଲେ ମଧ୍ୟ ଏହାର ସମାଧାନ ହୋଇପାରିନଥିଲା । ଏବେ ଉଭୟ ଓଡ଼ିଶା, ଛତିଶଗଡ଼ ଏବଂ କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ସରକାର ଥିବା ଯୋଗୁ ମହାନଦୀ ଜଳ ବିବାଦର ସମାଧାନ ହେବା ସମ୍ଭାବନା ଦେଖାଦେଇଛି । ଟ୍ରିବ୍ୟୁନାଲରେ ମାମଲା ଚାଲିଥିବା ବେଳେ ସେଠାରେ ଉଭୟ ରାଜ୍ୟ ଆପୋସ ବୁଝାମଣା ଭିତରେ ଏହି ସମସ୍ୟାର ସମାଧାନ କରିବେ ବୋଲି ପ୍ରସ୍ତାବ ଦେଇଥିବା ଜଣାପଡ଼ିଛି । ଏହା ପରଠାରୁ ଉକ୍ତ ପ୍ରସଙ୍ଗରେ ଆପୋସ ସମାଧାନ ନେଇ ଚର୍ଚ୍ଚା ଲାଗି ରହିଛି ।

## ୟୁନେସ୍କୋର ସାଂସ୍କୃତିକ ...

ସାର୍ବଜନୀନ ବାର୍ତ୍ତା ଦିଏ । ଏହି ପର୍ବ ଭାରତ ଏବଂ ବିଶ୍ୱର ଅନ୍ୟାନ୍ୟ ଦେଶରେ ଅନେକ ଲକ୍ଷ ଲୋକଙ୍କ ଦ୍ୱାରା କିଛି ଦିନ ଧରି ପାଳନ କରାଯାଏ । ଏଥିରେ ଘର ସଜାଇବା, ଦୀପ ଜଳାଇବା, ପୂଜାର୍ଚ୍ଚନା ଏବଂ ଉପହାର ଆଦାନ ପ୍ରଦାନ ଭଳି ବିଭିନ୍ନ ପ୍ରଥା ସାମିଲ ରହିଛି । ଏହି ପରମ୍ପରା ପରିବାର ଏବଂ ସମ୍ପ୍ରଦାୟ ମଧ୍ୟରେ ପିଢ଼ିରୁ ପିଢ଼ିକୁ ଅନୌପଚାରିକ ଭାବରେ ହସ୍ତାନ୍ତରିତ ହୋଇଆସିଛି, ଯାହା ସାମାଜିକ ବନ୍ଧନ ଏବଂ ଏକ ସାଧାରଣ ପରିଚୟକୁ ସୁଦୃଢ଼ କରିଆସିଛି । ୟୁନେସ୍କୋର ଏହି ସ୍ୱୀକୃତି ଅନ୍ତର୍ଜାତୀୟ ଦୃଶ୍ୟମାନତା ଯୋଗାଇଥାଏ । ଦୀପାବଳିକୁ ମିଶାଇ ଭାରତର ବର୍ତ୍ତମାନ ୟୁନେସ୍କୋ ଅସ୍ପର୍ଶନୀୟ ସାଂସ୍କୃତିକ ଐତିହ୍ୟ ତାଲିକାରେ ୧୬ଟି ବିଷୟ ରହିଛି । ସେଗୁଡ଼ିକ ମଧ୍ୟରେ କୁମ୍ଭମେଳା, କୋଲକାତାର ଦୁର୍ଗାପୂଜା, ଯୋଗ, ଗୁଜରାଟର ଗରବା ନୃତ୍ୟ, ବୈଦିକ ମନ୍ତ୍ର, ରାମଲୀଳା ଆଦି ପ୍ରମୁଖ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୟୁନେସ୍କୋର ଏହି ଘୋଷଣାକୁ ସ୍ୱାଗତ କରି କହିଛନ୍ତି, ଏହା ଦୀପାବଳିର ବୈଶ୍ୱିକ ଲୋକପ୍ରିୟତାରେ ସହାୟକ ହେବ ।

# ମାନବାଧିକାର ଜନସାଧାରଣଙ୍କ ଅଧିକାର, ସୁରକ୍ଷାର ଗ୍ୟାରେଣ୍ଟି : ରାଜ୍ୟପାଳ



ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ବୁଧବାର ଆୟୋଜିତ ବିଶ୍ୱ ମାନବାଧିକାର ଦିବସ ସମାରୋହରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି ବକ୍ତବ୍ୟ ରଖୁଛନ୍ତି।

### ସମ୍ବଲପୁରରେ ରାଜ୍ୟସ୍ତରୀୟ ବିଶ୍ୱ ମାନବାଧିକାର ଦିବସ ସମାରୋହ

ସମ୍ବଲପୁର,୧୦।୧୨(ପ୍ରମୋଦ ବହିଦାର)

ମାନବାଧିକାର କେବଳ ଆଇନର ପାଠ୍ୟକ୍ରମ ବା ଦସ୍ତାବିଜରେ ସୀମିତ ନୁହେଁ ବରଂ ଜନସାଧାରଣଙ୍କ ଅଧିକାର ଓ ସୁରକ୍ଷାର ଗ୍ୟାରେଣ୍ଟି। ଏହା ପ୍ରତ୍ୟହ ମଣିଷର ମର୍ଯ୍ୟାଦା, ସ୍ୱାଧୀନତା, ନ୍ୟାୟ ଏବଂ ସମାନତାକୁ ନିଶ୍ଚିତ କରିଥାଏ। ଓଡ଼ିଶା ମାନବିକ ଅଧିକାର ଆୟୋଗ ଆନୁକୂଲ୍ୟରେ ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ବୁଧବାର ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ମାନବାଧିକାର ଦିବସ ପାଳନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି ଏହା କହିଛନ୍ତି। ବିଶ୍ୱ ମାନବାଧିକାର ଦିବସ ଚଳିତବର୍ଷର ଶୀର୍ଷକ 'ମାନବାଧିକାର ଆମର ଦୈନନ୍ଦିନ ଆବଶ୍ୟକତା' ଉପରେ ଆଲୋକପାତକରି ସେ କହିଥିଲେ ଯେ ଶିକ୍ଷା, ଅଭିବ୍ୟକ୍ତିର ସ୍ୱାଧୀନତା, କାର୍ଯ୍ୟକ୍ଷେତ୍ରରେ ସୁରକ୍ଷିତ ପରିବେଶ, ଖାଦ୍ୟ, ପାନୀୟଜଳ, ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ଭଳି ଅଧିକାର ମାନବିକ ମର୍ଯ୍ୟାଦାର ମୂଳଦୁଆ ଗଠନ ସମାଜକୁ ସମୃଦ୍ଧ କରିଥାଏ। ମାତ୍ର ଏଥିରେ ବ୍ୟତିକ୍ରମ ସମାଜରେ ଅବକ୍ଷୟକୁ ନିମନ୍ତ୍ରଣ ସଦୃଶ ବୋଲି ରାଜ୍ୟପାଳ କହିଥିଲେ।

ଏହି ସମାରୋହରେ ମାନବାଧିକାର କର୍ମୀ ତଥା ରମନ ମାଗାସେସେ ପୁରସ୍କାର ବିଜେତା ବେଜୱାଡା ୱିଲ୍‌ସନ୍, ପୂର୍ବତନ ଡିଜିପି ଡ. ସତ୍ୟଜିତ ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ।

# ବେଆଇନ ଖଣି ଖନନ | ଲିଜ୍‌ଧାରୀଙ୍କଠାରୁ ଆଦାୟ ହୋଇନି ୨,୭୪୫ କୋଟିର କ୍ଷତିପୂରଣ

## ଓଡ଼ିଶା ହାଇକୋର୍ଟ ଯିବାକୁ ରାଜ୍ୟକୁ ସୁପ୍ରିମକୋର୍ଟଙ୍କ ପରାମର୍ଶ

ନୂଆଦିଲ୍ଲୀ,୧୦।୧୨

ବେଆଇନ ଖଣି ଖନନକାରୀ କମ୍ପାନୀଗୁଡ଼ିକଠାରୁ ୨,୭୪୫ କୋଟି ଟଙ୍କାର କ୍ଷତିପୂରଣ ରାଶି ଆଦାୟ ପାଇଁ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ସ୍ୱତନ୍ତ୍ର ଖଣ୍ଡପୀଠରେ ଏହା ଉପରେ ଶୁଣାଣି ଲାଗି ମୁଖ୍ୟ ବିଚାରପତିଙ୍କୁ ଅନୁରୋଧ କରିବାକୁ ବୁଧବାର ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି।

ଓଡ଼ିଶା ହାଇକୋର୍ଟରେ ଚ୍ୟାଲେଞ୍ଜ ହୋଇଥିବା ଓ ସ୍ଥଗିତାଦେଶ ହାସଲ କରାଯାଇଥିବା ଅନେକ ଆବେଦନ ବିଚାରାଧୀନ ଥିବା ନେଇ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଦୀପଙ୍କର ଦତ୍ତା ଓ ଅଗୁଷ୍ଟାଇନ୍ ଜର୍ଜ ମସିହଙ୍କ ଖଣ୍ଡପୀଠଙ୍କୁ ଅବଗତ କରାଯାଇଥିଲା। ଏନେଇ ଖଣ୍ଡପୀଠ କହିଛନ୍ତି, ଏହା ବିପୁଳ ପରିମାଣର ସରକାରୀ ରାଜସ୍ୱ ସମ୍ପର୍କିତ ହୋଇଥିବାରୁ ଓଡ଼ିଶା ସରକାର ୨୦୨୫ ଡିସେମ୍ବର ୧୯ ସୁଦ୍ଧା ହାଇକୋର୍ଟରେ ଆବେଦନ କରନ୍ତୁ। ଏଭଳି ସମସ୍ତ ପିଟିଶନର ଫଇସଲା ୨୦୨୬ ମାର୍ଚ୍ଚ



୩୧ ସୁଦ୍ଧା କରାଇବା ପାଇଁ ସରକାର ମୁଖ୍ୟ ବିଚାରପତିଙ୍କୁ ଅନୁରୋଧ କରନ୍ତୁ ବୋଲି ପରାମର୍ଶ ଦେଇଛନ୍ତି। ୨୦୨୬ ଏପ୍ରିଲ ୬ରେ ଆରମ୍ଭ ହେଉଥିବା ସପ୍ତାହରେ ଏହାର ପରବର୍ତ୍ତୀ ଶୁଣାଣି ସୁପ୍ରିମକୋର୍ଟରେ ହେବ। ହାଇକୋର୍ଟ ଶୁଣାଣିର ଅଗ୍ରଗତି ସମ୍ପର୍କରେ ସେହି ତାରିଖରେ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କୁ ଅବଗତ କରାଇବେ।

ପ୍ରକାଶ ଯେ, କେନ୍ଦୁଝର, ସୁନ୍ଦରଗଡ଼ ଓ ମୟୂରଭଞ୍ଜ ଜିଲାରେ ବେଆଇନ ଖଣି ଖନନ ନେଇ ଲିଜ୍‌ଧାରୀଙ୍କଠାରୁ ୨,୭୪୫ କୋଟି ଟଙ୍କାର କ୍ଷତିପୂରଣ ଆଦାୟ କରିବାକୁ ୨୦୧୭ରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହାସତ୍ତ୍ୱେ ରାଜ୍ୟ କର୍ତ୍ତୃପକ୍ଷ ଓ ଲିଜ୍‌ଧାରୀଙ୍କ ସୁଲାସୁତୁରା ଯୋଗୁ ଏହି ଅର୍ଥ ଆଦାୟ ହୋଇପାରି ନ ଥିବା ଦର୍ଶାଇ ଏନ୍‌ଜିଓ କମନ୍ କଜ୍ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଗତ ଅକ୍ଟୋବର ୨୯ରେ କ୍ଷତିପୂରଣ ଆଦାୟ କରିବାରେ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ ସୁପ୍ରିମକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଲିଜ୍‌ଧାରୀମାନେ ଯେପରି ସରକାରୀ ରାଜସ୍ୱ ଫାଙ୍କି ନ ପାରିବେ ତାହା ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଡ୍‌ଭୋକେଟ ଜେନେରାଲ (ଏଜି) ପୀତାମ୍ବର ଆଚାର୍ଯ୍ୟଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ବୈଠକ ବସୁଛି, ନିର୍ଯାସ ମିଳୁନି

## ବିଜେଡିର ୨ ଜିଲା ସଭାପତି ପଦକୁ ନେଇ ସମସ୍ୟା ସରୁନି

ଭୁବନେଶ୍ୱର,୧୦।୧୨(ସୁନିତ୍ ମିଶ୍ର)

ବିଜେଡିର ସାଙ୍ଗଠନିକ କାର୍ଯ୍ୟକ୍ରମ ନେଇ ବୁଧବାର ଶଙ୍ଖଭବନଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିବା ଜଣାପଡ଼ିଛି। କେତେଜଣ ବରିଷ୍ଠ ନେତାଙ୍କୁ ନେଇ ଏହି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଏଥିରୁ କୌଣସି ନିର୍ଯାସ ବାହାରି ପାରି ନ ଥିବା ଜଣେ ନେତା ନିଜ ନାମ ଗୋପନ ରଖି କହିଛନ୍ତି। ଏହି ଅବସରରେ ମୁଖ୍ୟତଃ ୬୦ଟି ଅଞ୍ଚଳର ବିଏଲ୍‌ଓ, ବିଭିନ୍ନ ବ୍ଲକ୍‌ର ସଭାପତି ଏବଂ ଅନ୍ୟାନ୍ୟ ସାଙ୍ଗଠନିକ ପଦ ପଦବୀ ପୂରଣ ସମ୍ପର୍କରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ, ୨ଟି ସାଙ୍ଗଠନିକ ଜିଲା ବାଲେଶ୍ୱର ଏବଂ ଖୋର୍ଦ୍ଧାର ସଭାପତି ଚୟନ ହୋଇପାରି ନଥିବା ବିଷୟ ଉପରେ ମଧ୍ୟ ଆଲୋଚନା କରାଯାଇଛି। ଏହି ଦୁଇ ଜିଲାର ସଭାପତି ଚୟନ ନ ହୋଇପାରିବା ଦଳ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ମିଳିଥିବା ସୂଚନା ମୁତାବକ, ବାଲେଶ୍ୱର ଜିଲାର ଜଣେ ବରିଷ୍ଠ ନେତା ଜିଲା ସଭାପତି ପଦବୀକୁ ନେଇ ସିଧାସଳଖ ଚେତାବନୀ ଦେଇସାରିଛନ୍ତି। ଯଦି ତାଙ୍କ କଥା ନ ଶୁଣାଯିବ ତେବେ ସେ ଦଳ ଛାଡ଼ିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ବିଭିନ୍ନ ବ୍ଲକ୍‌ର ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷମାନେ କ୍ରମାଗତ ଭାବେ ବିଜେଡି ଛାଡି ଭାଜପାରେ ଯୋଗଦେବାରେ ଲାଗିଛନ୍ତି। ଏହାକୁ କିପରି ରୋକାଯାଇପାରିବ ତାକୁ ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଥିବା କୁହାଯାଉଛି। ମିଳିଥିବା ସୂଚନା ମୁତାବକ, ଏହି ବୈଠକରେ ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ପ୍ରତାପ ଜେନା, ଅରୁଣ କୁମାର ସାହୁ, ସଞ୍ଜୟ କୁମାର ଦାସବର୍ମା, ଅତନୁ ସବ୍ୟସାଚୀ ନାୟକ, ପ୍ରମିଳା ମଲ୍ଲିକ, ପ୍ରତାପ ଦେବ ଓ ଟୁକୁନି ସାହୁ ଉପସ୍ଥିତ ଥିବା ଜଣାପଡ଼ିଛି।

# ହିମବାହର ଆବଶ୍ୟକତାକୁ ଗୁରୁତ୍ୱ

## ଅନ୍ତର୍ଜାତୀୟ ପର୍ବତ ଦିବସ



ପ୍ରତିବର୍ଷ ଡିସେମ୍ବର ୧୧ରେ ପାଳିତ ହୋଇଥାଏ 'ଅନ୍ତର୍ଜାତୀୟ ପର୍ବତ ଦିବସ'। ପର୍ବତର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି, ପର୍ବତ ବିକାଶରେ ସୁଯୋଗ ଓ ପ୍ରତିବନ୍ଧକକୁ ଉଜାଗର କରିବା ଏବଂ ବିଶ୍ୱର ପର୍ବତ ଓ ଉଚ୍ଚଭୂମିରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ସହଭାଗିତା ଗଠନ ଏହି ଦିବସ ପାଳନର ଲକ୍ଷ୍ୟ। ପର୍ବତଗୁଡ଼ିକ ବିଶ୍ୱର ୧୫% ଜନସଂଖ୍ୟାର ବାସସ୍ଥାନ ଏବଂ ବିଶ୍ୱର ପ୍ରାୟ ଅଧା ଜୈବ ବିବିଧତାର ଆକର୍ଷଣୀୟ ସ୍ଥାନଗୁଡ଼ିକୁ ଆଶ୍ରୟ ଦିଅନ୍ତି। ଜଳବାୟୁ ପରିବର୍ତ୍ତନ ଏବଂ ଅତ୍ୟଧିକ ଶୋଷଣ ଯୋଗୁ ପର୍ବତଗୁଡ଼ିକ ମଧ୍ୟ ବିପଦରେ ପଡ଼ିଛନ୍ତି। ଜଳବାୟୁ ଉଷ୍ମ ହେବା ଯୋଗୁ ପର୍ବତ ହିମବାହ ତରଳେ, ଯାହା ନିମ୍ନଗାମୀ ମଧୁର ଜଳ ଯୋଗାଣକୁ ପ୍ରଭାବିତ କରିପାରେ।

୨୦୦୨ ମସିହାରେ ଜାତିସଂଘ ସାଧାରଣ ସଭା ଡିସେମ୍ବର ୧୧କୁ ଅନ୍ତର୍ଜାତୀୟ ପର୍ବତ ଦିବସ ଭାବରେ ନାମିତ କରିଥିଲା। ଜାତିସଂଘର ଖାଦ୍ୟ ଏବଂ କୃଷି ସଂଗଠନ(ଏଫ୍‌ଏଓ) ପର୍ବତ ସମସ୍ୟା ବିଷୟରେ ଅଧିକ ସଚେତନତା ବୃଦ୍ଧି ପାଇଁ ଏହି ଦିବସ ପାଳନ ଲାଗି ସମନ୍ୱୟ କରିଥାଏ। ତେବେ ପର୍ବତଗୁଡ଼ିକରେ ସ୍ଥାୟୀ ବିକାଶକୁ ପ୍ରୋତ୍ସାହନ ଉଦ୍ଦେଶ୍ୟରେ ପ୍ରତିଷ୍ଠିତ ଅନ୍ତର୍ଜାତୀୟ ପର୍ବତ ଦିବସ ୨୦୦୩ ମସିହାରେ ପ୍ରଥମ ଥର ଲାଗି ପାଳିତ ହୋଇଥିଲା। ତେବେ ଚଳିତ ବର୍ଷ ଏହି ଦିବସ ଲାଗି ବିଷୟବସ୍ତୁ ରହିଛି 'ପାହାଡ଼ ଓ ତା' ବାହାରେ ଜଳ, ଖାଦ୍ୟ ଏବଂ ଜୀବିକା ପାଇଁ ହିମବାହ ଗୁରୁତ୍ୱପୂର୍ଣ୍ଣ'। ଏହା ଜାତିସଂଘର ୨୦୨୫କୁ ଅନ୍ତର୍ଜାତୀୟ ହିମବାହ ସଂରକ୍ଷଣ ବର୍ଷ ଭାବରେ ଘୋଷଣା ସହିତ ସମନ୍ୱୟ ରଖି ଜଳ ସୁରକ୍ଷା, ଖାଦ୍ୟ, ସ୍ୱଚ୍ଛ ଶକ୍ତି ଓ ସାଂସ୍କୃତିକ ପରିଚୟରେ ହିମବାହର ଗୁରୁତ୍ୱପୂର୍ଣ୍ଣ ଭୂମିକା ଏବଂ ଏସବୁର ସୁରକ୍ଷା ଲାଗି ଆବଶ୍ୟକତା ଉପରେ ଆଲୋକପାତ କରେ।

# 'ପର୍ ଡ୍ରପ୍ ମୋର୍ କ୍ରପ୍' ଖର୍ଚ୍ଚ ବଢ଼ାଅ | ସବୁ ଜିଲା ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକଙ୍କୁ ସରକାରଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୦।୧୨
(ରବିନାରାୟଣ ଜେନା)

କୃଷି ଓ କୃଷକଙ୍କ ହିତକୁ ଦୃଷ୍ଟିରେ ରଖି କେନ୍ଦ୍ର ଏବଂ ରାଜ୍ୟ ସରକାର ବହୁବିଧ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ମାତ୍ର ବାସ୍ତବକ୍ଷେତ୍ରରେ ଅଧିକାରୀଙ୍କ ଆନ୍ତରିକତା ଅଭାବ ଯୋଗୁ ଏହା ଠିକଣା ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ଫଳରେ କୃଷକଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି କରିବା ଲାଗି ସରକାର ଯେଉଁ ଲକ୍ଷ୍ୟ ରଖୁଛନ୍ତି ତାହା ସାଧିତ ହୋଇପାରୁନାହିଁ। ଏହି ପରିପ୍ରେକ୍ଷୀରେ ରାଜ୍ୟରେ ହ୍ରାସ ପାଉଥିବା କେନ୍ଦ୍ରୀୟ ଯୋଜନା ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ଅନ୍ତର୍ଗତ ଏକ ସ୍ୱତନ୍ତ୍ର ପଦକ୍ଷେପ 'ପର୍ ଡ୍ରପ୍ ମୋର୍ କ୍ରପ୍ (ପିଡିଏମ୍‌ସି)' ଖର୍ଚ୍ଚକୁ ନେଇ ଉଦ୍ୟାନ କୃଷି ବିଭାଗ ଚିନ୍ତା ପ୍ରକଟ କରିଛି। ଏହି ଯୋଜନାରେ ପୂର୍ବବର୍ଷ ତୁଳନାରେ ଚଳିତବର୍ଷ ଲକ୍ଷ୍ୟଧାର୍ଯ୍ୟ ହ୍ରାସ ପାଉଥିବାରୁ ଏହା କିଭଳି ବୃଦ୍ଧି ପାଇବ, ସେନେଇ ବିଭାଗ ଗୁରୁତ୍ୱ ଦେଇଛି।

ଏ ସଂକ୍ରାନ୍ତରେ ଉଦ୍ୟାନ କୃଷି ନିର୍ଦ୍ଦେଶକ କେ. ଗୋରଖ ୱାମାନ ସବୁ ଜିଲାର ଉଦ୍ୟାନ କୃଷି ଉପନିର୍ଦ୍ଦେଶକଙ୍କୁ ନିକଟରେ ପତ୍ର ଲେଖି ଏ ଦିଗରେ ତୁରନ୍ତ ଧ୍ୟାନଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ ଦର୍ଶାଇଛନ୍ତି, ଚାଷୀମାନଙ୍କ କ୍ଷେତରେ କିଭଳି ପାଣି ପହଞ୍ଚିବ ତାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ହେଲେ ବିଭାଗ ଯେଉଁ ଲକ୍ଷ୍ୟଧାର୍ଯ୍ୟ ରଖିଥିଲା ତାହା ପୂରଣ ହୋଇପାରୁନାହିଁ। ଏହାକୁ ନେଇ ତୁରନ୍ତ ଯେଉଁସବୁ କ୍ଷେତକୁ 'ପର୍ ଡ୍ରପ୍ ମୋର୍ କ୍ରପ୍'ରେ ଅନ୍ତର୍ଭୁକ୍ତ କରାଯାଇଛି ତାକୁ ଜିଓଟ୍ୟାଗିଂ କରି ବିଭାଗକୁ ଜଣାଇବାକୁ ସେ ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ବିଭାଗର ତଥ୍ୟ ଅନୁଯାୟୀ, କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାରେ ସବୁ ରାଜ୍ୟକୁ ଯେଉଁ ସହାୟତା ମିଳୁଛି ସେଥିରେ ଓଡ଼ିଶାର ଦୁର୍ବଳ ସ୍ଥିତି ରହିଛି। ୨୦୨୪-୨୫ ବର୍ଷରେ ଓଡ଼ିଶା ଯେଉଁ ଟାର୍ଗେଟ୍ ରଖିଥିଲା ତାହା ୨୦୨୫-୨୬ ବର୍ଷ ବେଳକୁ ପ୍ରାୟ ୬୫% ହ୍ରାସ ପାଇଛି। ଅନ୍ୟପକ୍ଷରେ ଆନ୍ଧ୍ରପ୍ରଦେଶ ଏହି ଯୋଜନାରେ ୮୫୬ କୋଟି ଟଙ୍କାର ସିଂହଭାଗ ସହାୟତା ହାତେଇବାକୁ ସକ୍ଷମ ହେଉଥିବାବେଳେ ଓଡ଼ିଶା ଏକ୍ଷେତ୍ରରେ ମାତ୍ର ୯୦ କୋଟିରେ ସୀମିତ ରହୁଛି। ତେବେ ଗୁଜରାଟ ୮୮୩.୭୫ କୋଟି, କର୍ନାଟକ ୬୮୩. ୪୭ କୋଟି, ଉତ୍ତରପ୍ରଦେଶ ୬୧୦.୪୩ କୋଟି, ତାମିଲନାଡୁ ୫୯୨.୦୫ କୋଟି ମହାରାଷ୍ଟ୍ର ୪୭୭.୨୬ କୋଟି ଏବଂ ମଧ୍ୟପ୍ରଦେଶ ୩୨୫.୬୩ କୋଟି ଟଙ୍କା ପାଇବାକୁ ସକ୍ଷମ ହୋଇପାରୁଛି। ସେହିପରି ୨୦୨୪-୨୫ ବର୍ଷରେ ୧.୫ ଲକ୍ଷ ହେକ୍ଟର ଜମିକୁ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ସେଥିମଧ୍ୟରେ ସୁନ୍ଦରଗଡ଼ ଜିଲାରେ ସର୍ବାଧିକ ୭୨୦୦ ହେକ୍ଟର ଜମିକୁ ଏହି ଯୋଜନାରେ ସାମିଲ କରିବାକୁ ଲକ୍ଷ୍ୟ ରହିଥିଲା। ଏଥିପାଇଁ ୧୩୩୧.୭୦ ଲକ୍ଷ ଟଙ୍କାର ବ୍ୟବସ୍ଥା ରହିଥିଲା। ସେହିପରି ଅନୁଗୋଳରେ ୫୮୨୦ ହେକ୍ଟର ପାଇଁ ୧୦୭୬.୪୬ ଲକ୍ଷ, ଗଞ୍ଜାମରେ ୬୩୦୦ ହେକ୍ଟର ପାଇଁ ୧୧୭୬.୩୪ ଲକ୍ଷ, କେନ୍ଦୁଝରରେ ୬୧୨୦ ହେକ୍ଟର ପାଇଁ ୧୧୩୧ ଲକ୍ଷ, ନବରଙ୍ଗପୁରରେ ୭୨୦୦ ହେକ୍ଟର ପାଇଁ ୧୩୩୧ ଲକ୍ଷ ଏବଂ ଅନ୍ୟାନ୍ୟ ଜିଲାକୁ ମିଶାଇ ୧ ଲକ୍ଷ ୫୦ ହଜାର ହେକ୍ଟର ଜମିରେ ୨୭୭୪୩.୮୨ ଲକ୍ଷ ଟଙ୍କା କେବଳ କୃଷି ସିଞ୍ଚାଇ ଯୋଜନାରେ ଖର୍ଚ୍ଚ କରାଯିବାକୁ ଲକ୍ଷ୍ୟ ରହିଥିଲା। ହେଲେ ତୃଣମୂଳସ୍ତରରେ କାର୍ଯ୍ୟାନ୍ୱୟନ ନ ହେବାରୁ ଚଳିତବର୍ଷ ମାତ୍ର ୫୦ ହଜାର ୯୦୩ ହେକ୍ଟର ଜମିରେ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାରେ କ୍ଷେତକୁ ପାଣି ଯୋଗାଇବାକୁ ବିଭାଗ ଲକ୍ଷ୍ୟ ରଖିଥିବା ଜଣାଯାଇଛି।

## Business

# ତନିସ୍କର କ୍ୟାଣ୍ଟନ୍‌ମେଣ୍ଟ ରୋଡ୍ ଷ୍ଟୋରର ୨୦ ବର୍ଷ ପୂର୍ତ୍ତି




ଭୁବନେଶ୍ୱର,୧୦।୧୨(ଅନୁରାଧା ମହାରଣା)

ତନିସ୍କ ଏହାର କଟକ କ୍ୟାଣ୍ଟନ୍‌ମେଣ୍ଟ ରୋଡ୍ ଷ୍ଟୋରର ୨୦ତମ ବର୍ଷ ପାଳନ କରୁଛି। ଏହି ଅବସରରେ ତନିସ୍କ ଗ୍ରାମ୍ ପିଛା ସୁନାଗହଣା ଉପରେ ୬୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଛି। ସେହିଭଳି ହୀରା ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି ଏବଂ ଯେକୌଣସି ଗହଣା ଷ୍ଟୋରରୁ କିଣାଯାଇଥିବା କୌଣସି କ୍ୟାରେଟ୍‌ର ପୁରୁଣା ସୁନା ବଦଳରେ ଶତପ୍ରତିଶତ ମୂଲ୍ୟ ପ୍ରଦାନ କରାଯାଉଛି। ୫,୪୦୦ ବର୍ଗଫୁଟ୍ ପରିମିତ ସ୍ଥାନରେ ନିର୍ମିତ କଟକ ଷ୍ଟୋରରେ ତନିସ୍କର ବ୍ୟାପକ ଡିଜାଇନ ସମ୍ଭାର ରହିଛି। ସେଗୁଡ଼ିକ ହେଲା ଆବାହନ, ମୃଗାଙ୍କ, ଇଲାନ୍, ସୋଲ୍‌ମେଟ୍, ରେଡିଆନ୍ସ ଇନ୍ ରିଦିମ୍, ସ୍ରୋତିକା, ରିଭା, ଡୋର, ଆଭୀର, ଗ୍ଲାମ୍‌ଡେଜ୍ ଏବଂ ଷ୍ଟ୍ରିଙ୍ଗ୍ ଇଟ୍ ଆଦି ରହିଛି। ସେଲିବ୍ରେଶନର ଅଂଶବିଶେଷ ଗ୍ରାହକ ତନିସ୍କର ନୂତନ ଫେଷ୍ଟିଭ୍ କଲେକ୍ସନ 'ଆବାହନ'କୁ ଦେଖିପାରିବେ। ଷ୍ଟୋରରେ ମୃଗାଙ୍କ କଲେକ୍ସନ ମଧ୍ୟ ରହିଛି। ସେହିଭଳି 'ଇଲାନ୍' ସମସାମୟିକ ମହିଳାଙ୍କ ପାଇଁ ସୂକ୍ଷ୍ମ ଡାଞ୍ଚା, ଫୁଲର ମୋଟିଭ୍ ଏବଂ ଚିଲ୍ଲାଇ ପେଭ୍ ସେଟ୍ ହୀରାକୁ ମିଶ୍ରଣ କରିଥାଏ। ଷ୍ଟୋରରେ ମଧ୍ୟ ମଙ୍ଗଳସୂତ୍ରର ଏକ୍ସକ୍ଲୁସିଭ୍ କଲେକ୍ସନ 'ଡୋର', ସାବିତ୍ରୀ ଉତ୍ସବ ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ 'ସ୍ରୋତିକା' ରହିଛି। ଏ ଅବସରରେ ତନିସ୍କର ଏରିଆ ବିଜ୍‌ନେସ୍ ମ୍ୟାନେଜର କୌଶିକ ବାନାର୍ଜୀ କହିଛନ୍ତି, ଏହି ଷ୍ଟୋର ୨୦ ବର୍ଷ ପାଳନ କରୁଛି ଯାହାକି ତନିସ୍କର ଭରସା ଏବଂ ଉତ୍କର୍ଷର ଯାତ୍ରା କ୍ଷେତ୍ରରେ ଏକ ପ୍ରମୁଖ ମାଇଲଖୁଣ୍ଟ।

# ଦୃଷ୍ଟିବାଧିତ କ୍ରୀଡ଼ାବିତ୍‌ଙ୍କୁ ହାଇଟେକ୍ ଗ୍ରୁପ୍‌ର ସମ୍ବର୍ଦ୍ଧନା

ଭୁବନେଶ୍ୱର,୧୦।୧୨(ଅନୁରାଧା ମହାରଣା)

ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ତଥା ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ଦୃଷ୍ଟିବାଧିତ ମହିଳା ବିଶ୍ୱକପ୍ ବିଜେତାର ୪ଜଣ ପ୍ରତିଯୋଗୀ ଫୁଲ ସୋରେନ୍, ବାସନ୍ତୀ ହାଁସଦା, ଯମୁନାରାଣୀ ଟୁଡୁ, ପାର୍ବତୀ ମାରାଣ୍ଡି ଏବଂ ଓଡ଼ିଶା ଦୃଷ୍ଟିବାଧିତ କ୍ରିକେଟ ଦଳର ସଭାପତି ଏମ୍‌ଡି ଜାଫର ଇକ୍‌ବାଲ୍‌ଙ୍କୁ ୨୦,୦୦୦ ଟଙ୍କା ଲେଖାଏ ଅର୍ଥରାଶି ପୁରସ୍କାର ପ୍ରଦାନ କରିଛନ୍ତି। ଏହାସହ ଆଗାମୀ ଦିନରେ ହାଇଟେକ୍ ତରଫରୁ ସେମାନଙ୍କୁ ୨୨ ଜଣିଆ ଉଭୟ ବାଳକ ଓ ବାଳିକା କ୍ରୀଡ଼ାବିତ୍‌ଙ୍କୁ ଛାତ୍ରାବାସ ଯୋଗାଇବା ସହ ରହିବା, ଖାଇବା ଏବଂ କ୍ରିକେଟ ଖେଳିବା ପାଇଁ ପଡ଼ିଆ ଯୋଗାଇଦେବେ ବୋଲି ଘୋଷଣା କରିଛନ୍ତି। ସେମାନେ କ୍ରୀଡ଼ାରୁ ଅବସର ନେବା ପରେ ହାଇଟେକ୍‌ରେ କର୍ମଯୋଗାଣର ବ୍ୟବସ୍ଥା ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏ ନେଇ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିଥି ଭାବେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରିନ୍ସିପାଲ ପ୍ରଫେସର ଡ. ଦେବାନନ୍ଦ ମହାପାତ୍ର, ଭାଇସ୍-ପ୍ରିନ୍ସିପାଲ ପ୍ରଫେସର ଡ. ଲିସା ଷଡ଼ଙ୍ଗୀ, ଡିନ୍ ଓ ନିର୍ଦ୍ଦେଶକ ଏକାଡେମୀ ପ୍ରଫେସର ଡ. ରାଧାମାଧବ ତ୍ରିପାଠୀ, ପ୍ରଫେସର ଡ. ସୁନୀଲ ଅଗ୍ରୱାଲ, ପ୍ରଫେସର ଡ. ଶ୍ରୀକାନ୍ତ ତିୱାରୀ ଉପସ୍ଥିତ ଥିଲେ।



# ଓପିଟିସିଏଲ୍ ଓ ନାବାର୍ଡ ମଧ୍ୟରେ ଆର୍ଥିକ ସହଭାଗିତା



ଭୁବନେଶ୍ୱର,୧୦।୧୨(ଅନୁରାଧା ମହାରଣା)

ଓଡ଼ିଶାରେ ବିଦ୍ୟୁତ୍ ଭିତ୍ତିଭୂମି ବିକାଶ ପାଇଁ ଓପିଟିସିଏଲ୍ ଏବଂ ନାବାର୍ଡ ମଧ୍ୟରେ ଏକ ଦୀର୍ଘକାଳୀନ ଋଣ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏହି ରଣନୈତିକ ଆର୍ଥିକ ସହଭାଗିତା ରାଜ୍ୟର ଆଗାମୀ ଶିଳ୍ପ ପ୍ରକଳ୍ପ ଓ ଗ୍ରାହକମାନଙ୍କ ପାଇଁ ଗୁଣାତ୍ମକ ଏବଂ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ଲକ୍ଷ୍ୟ ରଖିଛି। ଏହି ବୁଝାମଣାପତ୍ର ଅନୁଯାୟୀ, ନାବାର୍ଡ ବାର୍ଷିକ ୭.୭୫% ଆକର୍ଷଣୀୟ ସୁଧ ହାରରେ ଓପିଟିସିଏଲ୍‌କୁ ୧,୬୮୫.୨୭ କୋଟି ଋଣ ପ୍ରଦାନ କରିଛି। ମୋଟ ଋଣ ପରିମାଣରୁ ୯୦୦ କୋଟି ନୂତନ ବିଦ୍ୟୁତ୍ ପରିବହନ ପ୍ରକଳ୍ପ ପାଇଁ ବ୍ୟବହୃତ ହେବ, ବଳକା ପରିମାଣ ପୂର୍ବରୁ ହୋଇଥିବା ଉଚ୍ଚ ମୂଲ୍ୟଯୁକ୍ତ ଋଣକୁ ସ୍ୱିଚ୍ କରିବା ପାଇଁ ବ୍ୟବହୃତ ହେବ। ଓଡ଼ିଶାରେ ପ୍ରଥମ ଥର ପାଇଁ କୌଣସି ରାଜ୍ୟ ପିଏସ୍‌ୟୁକୁ ନାବାର୍ଡ ଦ୍ୱାରା ପ୍ରକଳ୍ପ ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଏହା ରାଜ୍ୟର ବିଦ୍ୟୁତ୍ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ବିକାଶର ଧାରା ସୃଷ୍ଟିକରିବ। ଲୋକସେବା ଭବନରେ ବୁଝାମଣାପତ୍ର ସ୍ୱାକ୍ଷର ସମାରୋହରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ଓପିଟିସିଏଲ୍‌ର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଭାସ୍କର ଜ୍ୟୋତି ଶର୍ମା ଯୋଗଦେଇ ଓଡ଼ିଶାର ବିଦ୍ୟୁତ୍ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ମିଳିତ ପ୍ରୟାସକୁ ପ୍ରଶଂସା କରିଥିଲେ। ଓପିଟିସିଏଲ୍‌ର ନିର୍ଦ୍ଦେଶକ (ଅର୍ଥ) ଏସ୍.କେ. ସାହୁ ଏବଂ ନାବାର୍ଡର ଓଡ଼ିଶା ଆଞ୍ଚଳିକ କାର୍ଯ୍ୟାଳୟର ମହାପ୍ରବନ୍ଧକ ଭି.କେ. ନାଗଙ୍କ ମଧ୍ୟରେ ଏହି ଚୁକ୍ତି ସ୍ୱାକ୍ଷର ହୋଇଥିଲା। ଓପିଟିସିଏଲ୍ ଓ ନାବାର୍ଡର ଅନ୍ୟାନ୍ୟ କାର୍ଯ୍ୟକାରୀ ନିର୍ଦ୍ଦେଶକ, ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ।

# ଖୋର୍ଦ୍ଧାରୋଡ୍ ଡିଭିଜନରେ ଟ୍ରେନ୍ ରୁଟ୍‌ର ପୁନଃ ସଂଶୋଧନ

ଭୁବନେଶ୍ୱର,୧୦।୧୨

ଖୋର୍ଦ୍ଧା ରୋଡ ଡିଭିଜନ ଅନ୍ତର୍ଗତ ରାଜ ଆଠଗଡ଼ ଏବଂ ଜୋରନ୍ଦା ରୋଡ ମଧ୍ୟରେ ତୃତୀୟ ଓ ଚତୁର୍ଥ ଲାଇନ ଓ ରାଜ ଆଠଗଡ଼ ଷ୍ଟେଶନରେ ନନ-ଇଣ୍ଟରଲକିଂ କାର୍ଯ୍ୟକଳାପ ସହିତ ଜଡିତ ଜରୁରୀ ସୁରକ୍ଷା-ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଚାଲିଛି। ଏଥିପାଇଁ କେତେକ ଟ୍ରେନର ଗତିପଥ ପରିବର୍ତ୍ତନ କରାଯାଇଛି। ଡିସେମ୍ବର ୧୨ ରୁ ୧୯ ମଧ୍ୟରେ ୦୨୮୩୧ ଧାନବାଦ-ଭୁବନେଶ୍ୱର ସ୍ପେଶାଲ, ୧୧ରୁ ୧୯ ମଧ୍ୟରେ ୦୨୮୩୨ ଭୁବନେଶ୍ୱର-ଧାନବାଦ ସ୍ପେଶାଲ, ୧୩ ରେ ୨୨୮୦୫ ଭୁବନେଶ୍ୱର - ଆନନ୍ଦ ବିହାର ଟର୍ମିନାଲ ସୁପରଫାଷ୍ଟ ଏକ୍ସପ୍ରେସ ଓ ୧୫ରେ ୨୨୮୦୬ ଆନନ୍ଦ ବିହାର ଟର୍ମିନାଲ ଭୁବନେଶ୍ୱର ସୁପରଫାଷ୍ଟ ଏକ୍ସପ୍ରେସ ପୁନଃସଂଶୋଧିତ ମାର୍ଗ ଦେଇ ଚଳାଚଳ କରିବ।






ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି କ୍ରମରେ ମଣିଷ ଶେଷ ସୃଷ୍ଟି ନୁହେଁ। କ୍ରମବିକାଶ ଗତି କରି ଚାଲିଛି। ଏବଂ ମନୁଷ୍ୟକୁ ଅତିକ୍ରମ କରି ଏହା ଆଗକୁ ଆଗକୁ ଚାଲିବ। ବର୍ତ୍ତମାନ ପ୍ରତ୍ୟେକ ମଣିଷ ନିଜେ ସିଦ୍ଧାନ୍ତ ନେଉ ଯେ, ସେ ଏହି ନୂତନ ଜାତିର (ଅତିମାନବ) ଅଭ୍ୟୁଦୟ ପାଇଁ ଦୁଃସାହସିକ ଅଭିଯାନରେ ଭାଗ ନେବ କି ନାହିଁ। –ଶ୍ରୀମା



# ସମୟ ଧାରାରେ ଚକ୍ରବୃଦ୍ଧି ସୁଧ



ଦେବଦତ୍ତ ପଟ୍ଟନାୟକ

ଚକ୍ରବୃଦ୍ଧି ସୁଧ (କମ୍ପାଉଣ୍ଡ ଇଣ୍ଟରେଷ୍ଟ)ର ଧାରଣା ମାନବ ଇତିହାସରେ ସବୁଠୁ ଶକ୍ତିଶାଳୀ ତଥା ବିପଜ୍ଜନକ ଆବିଷ୍କାର। ଏହି ଶବ୍ଦ ସଂସ୍କୃତ ଶବ୍ଦକୋଷ ଓ ବୈଧ-ଅର୍ଥନୈତିକ ସାହିତ୍ୟରେ ରହିଛି। ଏଥିରେ ଦର୍ଶାଯାଇଛି ଯେ, ପୂର୍ବରୁ ଜମା ଋଣ ଉପରେ ସୁଧ କଷାଯିବା ପ୍ରକ୍ରିୟା ହିଁ ଚକ୍ରବୃଦ୍ଧି ସୁଧ। ଅର୍ଥନୀତିଜ୍ଞମାନେ ଏବେ ଏହାକୁ ବିଶ୍ୱର ଅଷ୍ଟାଚାର୍ଯ୍ୟ ବୋଲି କହନ୍ତି । ବ୍ୟାଙ୍କ ଓ ଶେୟାର ବଜାର ଏହାର ମ୍ୟାଜିକ୍‌କୁ ନେଇ ଉତ୍ସାହିତ ହେଉଛନ୍ତି, କିନ୍ତୁ ବହୁ ପୂର୍ବରୁ ଲୋକେ ଏହାକୁ ଏକ ଜୀବନ ନଷ୍ଟକାରୀ ଶକ୍ତି ଭାବି ଭୟ କରୁଥିଲେ। ଗୋଟିଏ ଛୋଟ ଋଣ ଏକ ଅସହ୍ୟ ବୋଝ ହୋଇପାରୁଥିଲା। ଅନେକ ସଂସ୍କୃତିରେ ଟଙ୍କାର ଏଭଳି ଅଭିବୃଦ୍ଧି କେବଳ ଏକ ଆର୍ଥିକ ବିଷୟ ନୁହେଁ ବରଂ ଏକ ନୈତିକ ପ୍ରତୀକ ବା ସଙ୍କେତ ହୋଇଛି। ଏ ସମ୍ପର୍କିତ ସର୍ବପ୍ରାଚୀନ ତଥ୍ୟ ମେସୋପଟାମିଆରୁ ମିଳେ। ଖ୍ରୀଷ୍ଟପୂର୍ବ ୨୦୦୦ରେ ବାର୍ଲି କିମ୍ବା ରୁପା ଋଣକୁ ଚକ୍ରବୃଦ୍ଧି ସୁଧ ଦ୍ୱାରା କିଭଳି ଦୁଇଗୁଣ କରାଯାଉଥିଲା ତାହା ମାଟି ଖଣ୍ଡ ଉପରେ ଥିବା ଲେଖାରୁ ଜଣାପଡ଼େ। ଏହା ପଛରେ ଥିବା କାରଣ ଅତ୍ୟନ୍ତ ସରଳ। ଯଦି ଋଣ ନେଇଥିବା ବ୍ୟକ୍ତି ବା ଋଣୀ ଠିକ୍ ସମୟରେ ପରିଶୋଧ ନ କରି ପାରୁଥିଲେ, ସୁଧ ବଢ଼ିଚାଲୁଥିଲା ଏବଂ ଶେଷରେ ତାଙ୍କୁ କ୍ରୀତଦାସ ହେବାକୁ ପଡୁଥିଲା। ଚକ୍ରବୃଦ୍ଧି ସୁଧରେ ଧନ ଶସ୍ୟ ଭଳି ବଢୁଥିଲା, କିନ୍ତୁ ଋଣ ଫାଶରେ ଅନ୍ୟମାନେ ପଡ଼ିଯାଉଥିଲେ।

ଭାରତରେ ସୁଧକୁ ବୃଦ୍ଧି ବୋଲି କୁହାଯାଉଥିଲା, ଅର୍ଥାତ୍ ଅଭିବୃଦ୍ଧି। ଯେତେବେଳେ ଏହି ଅଭିବୃଦ୍ଧିକୁ ବଢ଼ିବାର ବ୍ୟବସ୍ଥା କରାଗଲା, ସେତେବେଳେ ଚକ୍ରବୃଦ୍ଧି ଶବ୍ଦ ବ୍ୟବହାର କରାଗଲା। ଗୋଟିଏ ଚକ ଘୂରିଲା ଭଳି ଚକ୍ରାକାର ଭାବେ ଏହା ବୃଦ୍ଧି ପାଏ। ମୌର୍ଯ୍ୟ ଶାସକଙ୍କ ସମୟରେ କୌଟିଲ୍ୟଙ୍କ ଅର୍ଥଶାସ୍ତ୍ରରେ କିଭଳି ସୁଧ ଆଦାୟ କରାଯାଇପାରିବ ସେ ସମ୍ପର୍କରେ ସ୍ୱଷ୍ଟ ସୀମା ନିର୍ଦ୍ଧାରଣ କରାଯାଇଛି, କିନ୍ତୁ ଏହା ମଧ୍ୟ ଚକ୍ରବୃଦ୍ଧି ସୁଧ ପରମ୍ପରାକୁ ସ୍ୱୀକାର କରିଛି। ପରେ ଗଣିତ ଶାସ୍ତ୍ର ଯଥା ବକ୍ଷଶାଲି ପାଣ୍ଡୁଲିପି ଏହାର ପରପର୍ଯ୍ୟାୟର ପ୍ରଗତି ସମ୍ପର୍କରେ ଯାହା ଦର୍ଶାଇଛି ତାହା ଆମ ଆଧୁନିକ ଚକ୍ରବୃଦ୍ଧି ସୁଧ ଗଣନା ଭଳି। ତଥାପି ଗଣିତଠାରୁ ଭାରତ ବହୁ ଆଗକୁ ଆଗେଇ ଯାଇ ଏହି ବିତ୍ତୀୟ ନୀତିକୁ ନୈତିକତା ଓ କର୍ମର ବିଷୟରେ ପରିବର୍ତ୍ତନ କରିଦେଲା।



ଜାତକ କଥା ବୁଦ୍ଧଙ୍କ ପୂର୍ବଜନ୍ମର କାହାଣୀ କହେ। କର୍ମ କିଭଳି କାମ କରେ ତାହା ଋଣ ଓ ସୁଧକୁ ବ୍ୟବହାର କରି ବୁଝାଯାଇଛି। କାହାଣୀଟିଏ। ଜଣେ ବୋକା ଋଣୀ ଛୋଟ ଋଣ କରି ଭାବିଲେ ଯେ, ଏହାକୁ ପରିଶୋଧ କରିବା ସହଜ। କିନ୍ତୁ ଋଣଦାତା ମୂଳ ଟଙ୍କା ଅଣାୟତ୍ତ ହେବା ଯାଏ ସମୂଳସୁଧ ବା ଚକ୍ରବୃଦ୍ଧି ସୁଧ ଲାଗୁ କରିବା ଯୋଗୁ ଲୋକଟି କ୍ଷତିଗ୍ରସ୍ତ ହେଲା। ତେବେ ଗୋଟିଏ ସତର୍କତାବିହୀନ କାର୍ଯ୍ୟ କିଭଳି ସାରାଜୀବନ ମଣିଷର ସମସ୍ୟା ବଢ଼ାଇଚାଲେ, ତାହା ବୁଦ୍ଧ ଦର୍ଶାଇଛନ୍ତି। ସମ୍ମୋଦମାନ ଜାତକରେ, ବୋଧିସତ୍ତ୍ୱ ଜଣେ ବଣିକଙ୍କୁ କହିଛନ୍ତି ଯେ, ଚକ୍ରବୃଦ୍ଧି ସୁଧ ଜଣେ ଋଣଗ୍ରହୀତାଙ୍କର ଯେଭଳି କ୍ଷତି କରେ ସେହିଭଳି କ୍ଷତିକାରକ ବା ଖରାପ କର୍ମଗୁଡ଼ିକ କର୍ତ୍ତାଙ୍କୁ ଧ୍ୱଂସ କରିବା ପର୍ଯ୍ୟନ୍ତ ସଞ୍ଚିତ ହୋଇ ରହେ। ନିଗ୍ରୋଧମୃଗ ଜାତକରେ ବର୍ଣ୍ଣନା ରହିଛି ଯେ, ବୁଦ୍ଧ ଏକ ମୃଗ ରୂପରେ ଜନ୍ମ ନେଇଛନ୍ତି। ସେ ତାଙ୍କ ସାଥୀମାନଙ୍କୁ କହିଛନ୍ତି, ଗୋଟିଏ ଭୁଲ୍ କାମ ଅପରିଶୋଧ ବା ଅଦେୟ ଋଣ ଭଳି ବୃଦ୍ଧି ପାଏ, ଏପରି କି ଦିନକୁ ଦିନ ଏହା ବଢ଼ିଚାଲେ। କୋସିଆ ଜାତକରେ କୁହାଯାଇଛି ଯେ, ଜଣେ ଧନୀ ବଣିକ ଚକ୍ରବୃଦ୍ଧି ସୁଧ ସର୍ତ୍ତରେ ଶସ୍ୟ ଉଧାର ଦିଅନ୍ତି ଓ ଅତ୍ୟନ୍ତ ଦୁଃଖୀ ଋଣଗ୍ରହୀତା ସାରାଜୀବନ ସେଥିରେ ଛନ୍ଦି ହୋଇଯାଆନ୍ତି। ଏଠାରେ ବୁଦ୍ଧ ବିତ୍ତୀୟ ଋଣକୁ ନୈତିକ ଋଣ ସହ ତୁଳନା କରିଛନ୍ତି ଏବଂ ଦର୍ଶାଇଛନ୍ତି ଯେ, ଚକ୍ରବୃଦ୍ଧି ସୁଧ ଭଳି କାମନା ବୃଦ୍ଧି ପାଇଚାଲେ।

ଜୈନମାନେ ଏହି ଧାରଣାକୁ ଆହୁରି ଅଧିକ ପ୍ରଭାବୀ କରିଛନ୍ତି। ଜୈନଧର୍ମ ଗ୍ରନ୍ଥଗୁଡ଼ିକରେ କର୍ମକୁ ଏକ ଜଟିଳ ବିଷୟ ଭାବେ ବର୍ଣ୍ଣନା କରାଯାଇଛି, ଯାହା ଆତ୍ମା ସହ ଦୃଢ଼ ଭାବେ ଜଡ଼ିତ ରହେ। ଆବଶ୍ୟକ ଚୂର୍ଣିରେ ବର୍ଣ୍ଣନା କରାଯାଇଛି ଯେ, କର୍ମ ମଧ୍ୟ ଚକ୍ରବୃଦ୍ଧି ଭଳି ବହୁଗୁଣିତ ହୋଇଥାଏ। ଜଣେ ବଣିକ ଦେଇଥିବା ଶସ୍ୟ ଋଣ ବିଷୟକୁ ଦୃଷ୍ଟାନ୍ତ ଭାବେ ନିଆଯାଉ। ପ୍ରତ୍ୟେକ ମାସରେ ଶସ୍ୟ ନ ଦେଲେ ତାହା ଅଧିକ ପରିମାଣର ହୋଇଯାଏ ଏବଂ ସେହି ଋଣ ଫାଶରୁ ମୁକୁଳିବା ପାଇଁ ଋଣୀଙ୍କ ପାଖରେ ଆଉ କୌଣସି ବାଟ ନ ଥାଏ। ସେହିଭଳି ପ୍ରତ୍ୟେକଟି ହିଂସାତ୍ମକ କାର୍ଯ୍ୟ କିମ୍ବା ଲୋଭ ସୂକ୍ଷ୍ମ ତଥା ଭୌତିକ କର୍ମକୁ ଆକର୍ଷିତ କରିଥାଏ ଏବଂ ଏହା ଅଧିକରୁ ଅଧିକ ବଢ଼ି ଏକ ଅସୀମ ବନ୍ଧନ ପାଲଟିଯାଏ। ଧର୍ମଦାସ ଗଣିର ଉପଦେଶମାଳାରେ ଜଣେ ବଣିକଙ୍କ କାହାଣୀ ବର୍ଣ୍ଣନ କରାଯାଇଛି, ଯେଉଁଥିରେ ସେ ଚକ୍ରବୃଦ୍ଧି ସୁଧରେ ଶସ୍ୟ ଉଧାର ଦେଇଛନ୍ତି। ଯେତେବେଳେ ଋଣଗ୍ରହୀତା ତାହା ଦେଇପାରିନାହିଁ, ସେତେବେଳେ ଋଣଦାତା ତାଙ୍କ ପିଲାଙ୍କୁ ଚାକର ରଖିବାକୁ ଦାବି କରିଛି। ଏହି କାହାଣୀ ପାଠକ ତଥା ଶ୍ରୋତାଙ୍କୁ ସ୍ମରଣ କରାଇଦିଏ ଯେ, ସାଂସାରିକ ଋଣ କେବେ ବି ଶେଷ ହୁଏ ନାହିଁ, କିନ୍ତୁ କେବଳ ଆଧ୍ୟାତ୍ମିକ ସଂଯମତା ସଂସାର ଚକ୍ରକୁ ଛିନ୍ନ କରିପାରେ।

ଇହୁଦୀଙ୍କ ପାଇଁ ସୁଧର ଆଉ କିଛି ଅର୍ଥ ରହିଥିଲା। ହିବ୍ରୁ ବାଇବେଲରେ, ଅନ୍ୟମାନଙ୍କଠାରୁ ସୁଧ ଆଦାୟ କରିବା ପାଇଁ ପୁରାତନ ହିବ୍ରୁ ଭାଷାଭାଷୀ ଲୋକଙ୍କୁ ବାରଣ କରାଯାଇଥିଲା। ଏହି ସମୁଦାୟ ମଧ୍ୟରେ ଏହାକୁ ବାରଣ କରାଯାଇଥିଲେ ମଧ୍ୟ ବାହାର ଲୋକଙ୍କ ପାଇଁ ଅନୁମତି ରହିଥିଲା। ପରେ ୟୁରୋପର ଖ୍ରୀଷ୍ଟିଆନ ବହୁଳ ଅଞ୍ଚଳରେ ଚର୍ଚ୍ଚ ମୁଖ୍ୟଙ୍କ ଦ୍ୱାରା କରାଯାଇଥିବା ଆଇନରେ ସୁଧ ଆଦାୟ କରିବାକୁ ମନା କରାଯାଇଛି। କିନ୍ତୁ ରାଜାମାନେ ଏବଂ ଉଚ୍ଚସ୍ତରର ବ୍ୟକ୍ତିମାନଙ୍କ ପାଇଁ ଋଣର ଆବଶ୍ୟକତା ଥିଲା, ଏଣୁ ସେମାନେ ଇହୁଦୀମାନଙ୍କ ସହଯୋଗ ଚାହିଁଲେ, ଯେଉଁମାନଙ୍କୁ ବହୁ ସମୟରେ ସାହୁକାର ହେବାକୁ ବାଧ୍ୟ କରାଯାଇଥିଲା, କାରଣ ସେମାନଙ୍କୁ ଅନ୍ୟସବୁ ବୃତ୍ତିରୁ ବାଦ୍ ଦିଆଯାଇଥିଲା। ଏହାଦ୍ୱାରା ଅନେକ ଶତାବ୍ଦୀ ଧରି ଇହୁଦୀମାନେ ଋଣଦାତା ହୋଇରହିଥିଲେ ଏବଂ ସେମାନେ ସୁଧ ପ୍ରକ୍ରିୟା ଉଦ୍ଭାବନ କରିଥିଲେ ବୋଲି ଐତିହାସିକ କାହାଣୀ ବିସୃଷ୍ଟି କରାଯାଇଥିଲା। କିନ୍ତୁ ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ। ଇହୁଦୀ ଆଇନ କରାଯିବାର ବହୁ ଶତାବ୍ଦୀ ପୂର୍ବରୁ ଚକ୍ରବୃଦ୍ଧି ସୁଧ ମେସୋପଟାମିଆ, ଗ୍ରୀସ୍, ଭାରତ ଭଳି ଦେଶରେ ପ୍ରଚଳିତ ଥିଲା। ଅବଶ୍ୟ, ସୁଧକୁ ପ୍ରୋତ୍ସାହିତ ନ କରି କେବଳ ଏହା ଉପରେ କଟକଣା ଲଗାଇ ଇହୁଦୀ ପରମ୍ପରା ଆରମ୍ଭ କରାଯାଇଥିଲା। କିନ୍ତୁ ଇତିହାସ ଇହୁଦୀଙ୍କୁ ଟଙ୍କାର ସଙ୍କେତ କରିଦେଲା ଏବଂ ସେମାନଙ୍କ ବାଣିଜ୍ୟରେ ଚକ୍ରବୃଦ୍ଧି ସୁଧ ଏକ ପ୍ରତୀକ ପାଲଟିଗଲା।

ସମୟ ଓ ସ୍ଥଳବିଶେଷରେ ଚକ୍ରବୃଦ୍ଧି ସୁଧର ବିଭିନ୍ନ ଅର୍ଥ ରହିଆସିଛି। ଶାସକ ଓ ବଣିକଙ୍କ ପାଇଁ ଏହା ଏକ ଗାଣିତିକ ସାଧନ। ସନ୍ନ୍ୟାସୀ ଓ ଋଷିଙ୍କ ଦୃଷ୍ଟିରେ ଏହା ହେଉଛି ମାନବୀୟ ଦୁର୍ବଳତାର ଏକ ନୀତିକଥା ଏବଂ ଲୋଭ ଓ ମୂର୍ଖାମିର ଏବ ଛୋଟ କାମ କିଭଳି ନିୟନ୍ତ୍ରଣ ବାହାରକୁ ଚାଲିଯାଏ ତାହା ଏହା ଦର୍ଶାଏ। ଇହୁଦୀ ଓ ଖ୍ରୀଷ୍ଟିଆନଙ୍କ ପାଇଁ ଏହା ଥିଲା ଏକ ନୈତିକ ଦ୍ୱନ୍ଦ୍ୱ ବା ସମସ୍ୟା ; ଏହା ମଧ୍ୟ ଥିଲା ଉଭୟ ଆବଶ୍ୟକତା ଓ ପାପର ଏକ ପରମ୍ପରା। ଏବେ ବ୍ୟାଙ୍କରମାନେ ଏହାକୁ ଧନର ଚାବିକାଠି ବୋଲି ମାନୁଛନ୍ତି।

–devduttofficial@gmail.com

# ବିଲୁପ୍ତି ପଥେ ନୀଳରକ୍ତ କଙ୍କଡ଼ା



କମଳଲୋଚନ ପଣ୍ଡା

ମାନବ ଜାତି ପାଇଁ ପରମ ଉପକାରୀ ବନ୍ଧୁ ହେଉଛି ବିରଳ ନୀଳରକ୍ତ କଙ୍କଡ଼ା। ତା'ର ନୀଳରକ୍ତର କଣିକାରେ ଭରି ରହିଛି ଅମୂଲ୍ୟ ଔଷଧୀୟ ଗୁଣ। ବାଲେଶ୍ୱର ଏବଂ ଭଦ୍ରକ ଜିଲାର ଶାନ୍ତ ବେଳାଭୂମିରେ ନୀଳରକ୍ତ କଙ୍କଡ଼ା ଦେଖାଯାଆନ୍ତି। ଏମାନଙ୍କ ରକ୍ତ ଧଳା ହୋଇଥିବା ବେଳେ ବାୟୁ ସଂସ୍ପର୍ଶରେ ଆସିଲେ ନୀଳ ହୋଇଯାଏ। ରକ୍ତର ରଙ୍ଗକୁ ନେଇ ଏହି ଜୀବର ନାମ ନୀଳରକ୍ତ କଙ୍କଡ଼ା ହୋଇଛି। ପୃଥିବୀର ୭ଟି ମହାଦେଶ ମଧ୍ୟରୁ କେବଳ ଆମେରିକା ଓ ଏସିଆ ମହାଦେଶରେ ଏହା ଦେଖାଯାଏ। ବିଶେଷକରି ଭାରତରେ ଏହି କଙ୍କଡ଼ାର ଉପସ୍ଥିତି ସବୁଠାରୁ ଅଧିକ। କିନ୍ତୁ, ଆଜି ଏହାର ଅସ୍ତିତ୍ୱ ବିପଦରେ ପଡ଼ିଛି।

ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳ, ବିଶେଷକରି ବଳରାମଗଡ଼ି, ଚାନ୍ଦିପୁର, ଉଗରା, କଷାଫଳ, ହୁକିଟୋଲା ପରି ଅଞ୍ଚଳ ନୀଳରକ୍ତ କଙ୍କଡ଼ାମାନଙ୍କ ଆବାସସ୍ଥଳ। ଏହି କୂଳଗୁଡ଼ିକ ପ୍ରାକ୍-ମୌସୁମୀ ଏବଂ ପରବର୍ତ୍ତୀ ସମୟରେ ଗୁରୁତ୍ୱପୂର୍ଣ୍ଣ ପ୍ରଜନନ ଏବଂ ବସା ସ୍ଥାପନ ଆବାସସ୍ଥଳ ଭାବରେ କାର୍ଯ୍ୟକରେ। ଦୁର୍ଭାଗ୍ୟବଶତଃ, ଦ୍ରୁତ ଉପକୂଳ ବିକାଶ, ଅବୈଧ ମାଛ ଧରିବା ଏବଂ ପ୍ରଦୂଷଣଏହି କଙ୍କଡ଼ାଙ୍କ ବାସସ୍ଥାନ ନଷ୍ଟକରୁଛି। ବହୁ ମସୟରେ ଅନେକ ନୀଳରକ୍ତ କଙ୍କଡ଼ା ମାଛଧରା ଜାଲରେ ଫସିଯାଇ ମରିଯାଉଛନ୍ତି। ଏହା ବ୍ୟତୀତ ବାଲି ଖନନ ଏବଂ କ୍ଷୟ ଯୋଗୁ ଏମାନଙ୍କ ମୃତ୍ୟୁ ଘଟୁଛି। ଜଳବାୟୁ ପରିବର୍ତ୍ତନ ପ୍ରଭାବରୁ ସମୁଦ୍ର ତାପମାତ୍ରା ବୃଦ୍ଧି ଘଟି ଏମାନଙ୍କ ବସା ସ୍ଥାପନ ସ୍ଥାନକୁ ଆହୁରି ହ୍ରାସ କରିଦେଇଛି।

ଆଧୁନିକ ଔଷଧ ପାଇଁ ପ୍ରକୃତିର ଉପହାର ହେଉଛି ନୀଳରକ୍ତ କଙ୍କଡ଼ା। ଏମାନଙ୍କର ପରିବେଶଗତ ଭୂମିକା ବ୍ୟତୀତ ଏମାନେ ମାନବ ସ୍ୱାସ୍ଥ୍ୟ ପାଇଁ ଅମୂଲ୍ୟ ସମ୍ପଦ। ଏମାନଙ୍କର ନୀଳରକ୍ତରେ ଲିମୁଲସ ଆମେବୋସାଇଟ୍ ଲାଇସେଟ୍ ନାମକ ଏକ ଯୌଗିକ ଥାଏ ; ଯାହା ଟିକା, ସର୍ଜିକାଲ ଇମ୍ପ୍ଲାଣ୍ଟ ଏବଂ ଶିରାଭ୍ୟାସ ଔଷଧରେ ଜୀବାଣୁ ଏଣ୍ଡୋଟକ୍ସିନ ଚିହ୍ନଟ କରେ। କୋଭିଡ୍-୧୯ ଟିକା ସମେତ ଜୀବନ ରକ୍ଷାକାରୀ ଟିକାର ପ୍ରତ୍ୟେକ ବ୍ୟାଚ୍ ଏହି ପ୍ରାକୃତିକ ଜୈବ ଚିକିତ୍ସା ପରୀକ୍ଷା ଉପରେ ନିର୍ଭରକରେ।

ବିରଳ ଓ ଦୁର୍ଲଭ ନୀଳରକ୍ତ କଙ୍କଡ଼ାଙ୍କ ସୁରକ୍ଷା ଏବଂ ବଂଶବୃଦ୍ଧି ପାଇଁ ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଏବଂ ଭାରତୀୟ ପ୍ରାଣୀ ବିଜ୍ଞାନ ସର୍ବେକ୍ଷଣର ନାଲିରକ୍ତ କଙ୍କଡ଼ା ଗବେଷଣା ଏବଂ ସଂରକ୍ଷଣ କେନ୍ଦ୍ର ଓଡ଼ିଶାର ଉପକୂଳରେ ସକ୍ରିୟ ଭାବରେ ପ୍ରଜାତି ଉପରେ ନଜର ରଖିଛନ୍ତି। ଗବେଷକ ଏବଂ ସ୍ୱେଚ୍ଛାସେବକମାନେ ଜନସଂଖ୍ୟା ସର୍ଭେ, ଟ୍ୟାଗିଂ କାର୍ଯ୍ୟକ୍ରମ ଏବଂ ସମ୍ପ୍ରଦାୟ ସମ୍ବେଦନଶୀଳତା କର୍ମଶାଳା ପରିଚାଳନା କରନ୍ତି। ଫକୀରମୋହନ ବିଶ୍ୱବିଦ୍ୟାଳୟ କ୍ରମାଗତ ଭାବରେ ନୀଳରକ୍ତ କଙ୍କଡ଼ାର ସୁରକ୍ଷା ପାଇଁ ସଚେତନତା ଅଭିଯାନ, ଉପକୂଳ ମହାବିଦ୍ୟାଳୟ ଗୁଡ଼ିକୁ ଏକାଠି କରିବା ପାଇଁ ସହଯୋଗୀ ଆଭିମୁଖ୍ୟ ଗ୍ରହଣ କରିବା ସହ ଜୈବ ଚିକିତ୍ସା ଗୁରୁତ୍ୱ ଏବଂ ସଂରକ୍ଷଣ ପାଇଁ ଆବଶ୍ୟକତା ସମ୍ପର୍କରେ ଜାତୀୟ ଏବଂ ଆଞ୍ଚଳିକ ମଞ୍ଚରେ ଜ୍ଞାନ ଏବଂ ଚିନ୍ତାଧାରା ବାଣ୍ଟିବା ଜାରିରଖିଛି। ଉପକୂଳ ଜୈବବିବିଧତା ସଂରକ୍ଷଣ ପାଇଁ କର୍ମଶାଳା, ସେମିନାର, ସମ୍ମିଳନୀ ମଧ୍ୟ ଆୟୋଜନ କରୁଛି। ସଂରକ୍ଷଣ ବିଜ୍ଞାନରେ କାର୍ଯ୍ୟ କରିବାକୁ ଛାତ୍ରମାନଙ୍କୁ ତାଲିମ ପ୍ରଦାନ କରାଯାଉଛି। ବିଭିନ୍ନ ବିଷୟ ପାଇଁ ଛାତ୍ର ଗବେଷଣା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବିଶ୍ୱବିଦ୍ୟାଳୟର ଗବେଷଣା ସହଯୋଗୀ ସୌମ୍ୟରଞ୍ଜନ ଦାଶ ନୀଳରକ୍ତ କଙ୍କଡ଼ା ଉପରେ ଗବେଷଣା ପ୍ରକଳ୍ପ କାର୍ଯ୍ୟକରି ଜାତୀୟସ୍ତରରେ ପୁରସ୍କୃତ ମଧ୍ୟ ହୋଇଛନ୍ତି।

ନୀଳରକ୍ତ କଙ୍କଡ଼ା ସୁସ୍ଥ ଉପକୂଳୀୟ ପରିବେଶ ପ୍ରଣାଳୀର ସୂଚକ। ସେମାନଙ୍କୁ ସୁରକ୍ଷା ଦେବା ଅର୍ଥ ହେଉଛି ବାଲିଆ ବେଳାଭୂମି ଏବଂ ସାମୁଦ୍ରିକ ଜୈବବିବିଧତାକୁ ସୁରକ୍ଷା ଦେବା। ସମୃଦ୍ଧ ଉପକୂଳ ଐତିହ୍ୟ ସହ ଓଡ଼ିଶା ସମ୍ପ୍ରଦାୟ ଆଧାରିତ ପରିଚାଳନା, ବାସସ୍ଥାନ ପୁନରୁଦ୍ଧାର ଏବଂ ବନ୍ୟପ୍ରାଣୀ ସୁରକ୍ଷା ଆଇନର କଠୋର ପ୍ରୟୋଗ ମାଧ୍ୟମରେ ନୀଳରକ୍ତ କଙ୍କଡ଼ା ସଂରକ୍ଷଣରେ ଭାରତର ପ୍ରୟାସକୁ ନେତୃତ୍ୱ ଦେଇପାରେ।

ଆବଶ୍ୟକ ସୁରକ୍ଷା ଓ ନିରାପତ୍ତା ଅଭାବରୁ ନୀଳରକ୍ତ କଙ୍କଡ଼ା ବିଲୁପ୍ତହେବାକୁ ବସିଲେଣି। ପରିବେଶ ସନ୍ତୁଳନ ସହ ଜୈବବିବିଧତା ବଜାୟ ରଖିବାରେ ମଧ୍ୟ ଏମାନଙ୍କର ଭୂମିକା ରହିଛି। ଯେତେବେଳେ ଆମେ ଏକ ଅଧିକ ସ୍ଥାୟୀ ଭବିଷ୍ୟତ ଆଡ଼କୁ ଅଗ୍ରସର ହେଉଛୁ, ଏହି ପ୍ରାଚୀନ ନାବିକମାନେ ଆମକୁ ବିବର୍ତ୍ତନ, ପରିବେଶ ବିଜ୍ଞାନ ଏବଂ ମାନବ ବଞ୍ଚିବା ମଧ୍ୟରେ ଗଭୀର ସମ୍ପର୍କକୁ ମନେପକାଇଦେଉଛନ୍ତି। ଏମାନଙ୍କୁ ଜୀବିତ ରଖିବା ଆମର କର୍ତ୍ତବ୍ୟ।

**ଗ୍ରନ୍ଥାଗାର ସହାୟକ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ମୋ : ୭୩୨୭୦୨୮୯୭୮**

## ଏଇ ଭାରତରେ

ପ୍ରାୟ ଏକ ଦଶନ୍ଧି ପୂର୍ବରୁ ମହାରାଷ୍ଟ୍ର ପଶ୍ଚିମଘାଟ ପର୍ବତମାଳା ଆଖପାଖ ଗାଁଗୁଡ଼ିକରେ ଜଳସଙ୍କଟ ଯୋଗୁ କୃଷିରେ ବାଧା ଉପୁଜୁଥିଲା। ସେଠାକାର ବୋର୍‌ୱେଲ କାମ କରୁ ନ ଥିଲା। ଏବେ ଏହି ସମସ୍ୟା ଦୂର କରିଛନ୍ତି ପୁଣେର ଇଞ୍ଜିନିୟର ରାହୁଲ ବକାରେ। ସେ ବୋର୍‌ୱେଲଗୁଡ଼ିକର ପୁନରୁଦ୍ଧାର କରିପାରିଛନ୍ତି। ଫଳରେ ଲୋକେ ପର୍ଯ୍ୟାପ୍ତ ପାନୀୟଜଳ ପାଇବା ସହ ଚାଷକାର୍ଯ୍ୟ ମଧ୍ୟ ସୁରୁଖୁରୁରେ କରୁଛନ୍ତି। ଏସବୁ ଗାଁ ସମେତ ଭାରତରେ ଏଯାବତ୍ ସେ ୪୦୦ରୁ ଊର୍ଦ୍ଧ୍ୱ ବୋର୍‌ୱେଲ ମରାମତି କରିସାରିଲେଣି। ରୋହିଣୀ ନିଲେକାନି ଆର୍ଗିୟାମ ଫାଉଣ୍ଡେଶନ ଦ୍ୱାରା ଏହାର ପରିଚାଳନା କରାଯାଉଛି। ନୂଆ ବୋର୍‌ୱେଲ ତୁଳନାରେ ବହୁ କମ୍ ଖର୍ଚ୍ଚରେ ଅକାମି ହୋଇ ପଡ଼ିରହିଥିବା ବୋର୍‌ୱେଲଗୁଡ଼ିକର ପୁନରୁଦ୍ଧାର ହୋଇପାରୁଛି। ଏହି କାର୍ଯ୍ୟ ସେ ରୋବୋ ମାଧ୍ୟମରେ କରୁଛନ୍ତି। ତାଙ୍କୁ ସହଯୋଗ କରୁଛନ୍ତି ହାଇଡ୍ରୋଲୋଜିଷ୍ଟ ବିନିତ ଫଡନିସ। ରାହୁଲ ଆମେରିକାରେ ଚାକିରି ଛାଡ଼ି ଗାଁରେ ଚାଷ କରିବା ବେଳେ ଜଳାଭାବ ସ୍ଥିତିକୁ ଦେଖି ତାହା ଦୂର କରିବା ପାଇଁ ନିଷ୍ପତ୍ତି ନେଇଥିଲେ।

# ଖଜୁରି ଗଛର କି ଗୁଣ ଗାଇବି



ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ

ଆମ ଦେଶର ସମ୍ବିଧାନ କହେ ଆଇନ ଦୃଷ୍ଟିରେ ସମସ୍ତେ ସମାନ। ହେଲେ ବାସ୍ତବ କ୍ଷେତ୍ରରେ ତାହାର କାର୍ଯ୍ୟାନ୍ୱୟନ ବା ଅନୁପାଳନ ବେଳେ ହୁଏ କିନ୍ତୁ ଠିକ୍ ତା'ର ଓଲଟା। ଜଣେ ଖଟିଖିଆ ମଜୁରିଆ ପାଇଁ ଆଇନ କଚ୍ଛପ ଗତିରେ ଚାଲୁଥିବା ବେଳେ ମହାଜନ ତଥା କ୍ଷମତାଧାରୀଙ୍କ ପାଇଁ ଏହା ଧାଉଁଥାଏ। ମୁଷ୍ଟିମେୟ କେତେଜଣ ଲୋକ ଦେଶର ସବୁତକ ସୁବିଧା ସୁଯୋଗ ସହଜରେ ହାତେଇ ଚାଲିଥିବା ବେଳେ ସାଧାରଣ ଲୋକମାନେ ହେଉଥାନ୍ତି ଚାହିଁ ଜଳକା। ଏମିତି ହୁଏ କାହିଁକି? ଏହାର ଗୂଢ଼ ରହସ୍ୟ ଭେଦିବା ସାଧାରଣ ମଣିଷ ପକ୍ଷରେ ଅସମ୍ଭବ।

ଦେଶ ଏବେ ଏକ ବିଚିତ୍ର ପରିବେଶ ଆଉ ପରିସ୍ଥିତି ଦେଇ ଗତି କରୁଥିବା କହନ୍ତି ବୁଦ୍ଧିଜୀବୀମାନେ। ଲୋକଙ୍କ ମନରେ ଲାଗି ରହିଛି ଅବିଶ୍ୱାସ ଆଉ ଅନାସ୍ଥା ଭାବ। କେହି କାହାକୁ ସହଜରେ ବିଶ୍ୱାସ କରିପାରୁନାହାନ୍ତି। କାହିଁକି ନା ଏବେ ଦେଶର ପ୍ରତିଟି କ୍ଷେତ୍ରରେ ମଣିଷଙ୍କୁ ଚିତାକାଟିବାର ପ୍ରତିଯୋଗିତା ଲାଗିଯାଇଛି। ଯିଏ ଅନ୍ୟଙ୍କୁ ଠକି ଦେଇପାରିଲା କି ଲୁଟି କାଙ୍ଗାଳକରି ଦେଇପାରିଲା ସେ ହେଲା ବଡ଼ଲୋକ ଆଉ କ୍ଷମତାର ମାଲିକ। ଏମିତି ଏକ ଅବେଳରେ ଆଇନ ଉପରେ ଲୋକଙ୍କ ଆସ୍ଥା ବଢ଼ିବା ସ୍ୱାଭାବିକ। ହେଲେ ଏଇ ସମୟରେ ଆଇନର ରକ୍ଷକ ଯଦି ଭକ୍ଷକ ହୁଅନ୍ତି, ତେବେ ସାଧାରଣ ଲୋକମାନେ ଗୁହାରି କରିବେ କାହା ଆଗରେ? ନ୍ୟାୟ ପାଇବେ ତ ପାଇବେ କାହା ପାଖରୁ?

ବେଳେବେଳେ ଲୋକେ ଅଭିଯୋଗ କରୁଥିବା ଶୁଣାଯାଏ 'ଆମ ଦେଶରେ ଏମିତି ଆଇନ କାହିଁକି ତିଆରି କରାଯାଏ, ଯାହା ଉଭୟ ଆଇନ ନିର୍ମାତା ଏବଂ ପାଳନକର୍ତ୍ତାଙ୍କୁ ପାଳନ କରିବା କଷ୍ଟକର ହୋଇପଡ଼େ। ସେ ସରକାରଙ୍କ ତଳସ୍ତରର କର୍ମଚାରୀ ହୁଅନ୍ତୁ କି ସାଧାରଣ ଜନତା, ସେମାନଙ୍କ ପାଇଁ ଆଇନ ଅନୁପାଳନ ବେଳେ ଯେତିକି ଘାତ ପ୍ରତିଘାତ ଦେଖାଯାଏ, କାହିଁକି ଯେ ସେତିକି ଅସୁବିଧା ଦେଖାଯାଏ ନାହିଁ ଉପରିସ୍ଥ ହାକିମ କିମ୍ବା ବଡ଼ବଡ଼ିଆଙ୍କ ବେଳକୁ। ସେମାନଙ୍କ ପାଇଁ ଛୁଟି ସମୟ ବାହାରେ ଏପରିକି ମଧ୍ୟରାତ୍ର ପର୍ଯ୍ୟନ୍ତ ଖୋଲା ରହେ ଅଫିସ୍। ଏପରିକି କୋର୍ଟ କଚେରି ଖୋଲାଯାଏ ଅବେଳରେ। ପିଅନଠୁ ଅଫିସର ପର୍ଯ୍ୟନ୍ତ ସମସ୍ତେ ମାତି ଯାଆନ୍ତି କାମରେ। ସାଧାରଣ ଲୋକଙ୍କ ବେଳକୁ ଥତମତ ହେଉଥିବା ବାବୁମାନଙ୍କ କଲମ ଚାଲେ ଚରଚର୍ ଅର୍ଥାତ୍ କାମ ହୋଇଯାଏ ବୁଲେଟ୍ ବେଗରେ। କେବଳ ଅଫିସର ଚାହିଁଲେ ହେଲା। ଆଉ ସେମାନେ ଏତେ ଓଭର୍ ଟାଇମ୍ କରିବାକୁ କାହିଁକି ଚାହାନ୍ତି, ସେଇ କଥା ତାଙ୍କୁ ହିଁ ଜଣା। ଅବଶ୍ୟ ଏକଥା ସତ ଯେ, ଦିନସାରା ଖଟଣିରୁ ଯେତେ କଷ୍ଟ ଅନୁଭବ କରୁଥିଲେ ହେଁ ଅଫିସ୍ ଟାଇମ୍ ବାହାରେ କାମ କରିବାକୁ ମନା କରିପାରନ୍ତି ନାହିଁ ତଳିଆ କର୍ମଚାରୀ। କେମିତି ହେଲେ ମନାକରି ପାରିବେ? ଯାହା ହେଲେ ବଡ଼ବଡ଼ିଆଙ୍କ କଥା ନା!

ସରକାରୀ ବ୍ୟବସ୍ଥା ଏମିତି ଯେ ଏଇଠି ପଦସ୍ଥ ବାବୁମାନେ ଦରମା ପାଇଲା ବେଳେ ପାଇବେ ସର୍ବାଧିକ, ହେଲେ ଦାୟିତ୍ୱ ମୁଣ୍ଡେଇଲା ବେଳକୁ ଚତୁରତାର ସହ ନିଜ ଉପରୁ ବୋଝତକ ଖସେଇ ଚାଲିଥିବେ ତଳକୁ ତଳକୁ , ଠିକ୍ ପୋଷ୍ଟାଲ ସିଷ୍ଟମ ଭଳି। ଆହା, ବିଚରା ତଳିଆ କର୍ମଚାରୀମାନେ? ସେମାନେ କହିବେ ତ କହିବେ କାହାକୁ? ଯିବେ ତ ଯିବେ କୁଆଡ଼େ? ନିଜର ସାଧମତେ ଆଦେଶ ଅନୁପାଳନ କରିବାକୁ ସେମାନେ ବାଧ୍ୟ। ଏଥିରେ ପୁଣି କରୁକରୁ କୌଣସି କାମ ଯଦି ତଳିଆ କର୍ମଚାରୀଙ୍କ ଉଦ୍‌ଯୋଗ ଫଳରେ ସଫଳ ହୋଇଯାଏ, ତେବେ ତାହାର ଶ୍ରେୟ ନେବାକୁ ଆଗେଇ ଆସନ୍ତି ମାଳମାଳ ବାବୁ, ନେତା, ମନ୍ତ୍ରୀ। ଆଉ ଛୋଟ କର୍ମଚାରୀଟିର ଭାଗ୍ୟ ଅବଳକୁ ଯଦି ବାଇଚାନ୍ସ ଫେଲ୍ ମାରିଯାଏ କୌଣସି କାର୍ଯ୍ୟକ୍ରମ, ତେବେ ସବୁ ଦୋଷ ତଳିଆ କର୍ମଚାରୀଙ୍କ ମୁଣ୍ଡକୁ ଗଡ଼େଇଦେଇ ଝାଡ଼ିଝୁଡ଼ି ସଫା ହୋଇଯିବେ ସେମାନେ। ଏଇଟା ଯୁଗେ ଯୁଗେ ଚାଲି ଆସିଛି ଏଇ ଦେଶରେ।



ସେ ତଳିଆ କର୍ମଚାରୀ ହୁଅନ୍ତୁ କି ସାଧାରଣ ଜନତା, ସେମାନଙ୍କୁ କଥା କଥାରେ ହଇରାଣ ହରକତ କରିପାରୁଥିବା ଉଚ୍ଚପଦସ୍ଥ ବାବୁମାନେ ନିଜକୁ ସ୍ୱୟଂ ଭଗବାନଙ୍କ ଅବତାର ବୋଲି ଭାବୁଥାନ୍ତି। ତାଙ୍କ ଦୃଷ୍ଟିରେ ସେଇ ମଣିଷଙ୍କର ଭାଗ୍ୟ ନିୟନ୍ତା ହେଉଛନ୍ତି ଏଇ ବାବୁମାନେ। କାରଣ ଏମାନଙ୍କ କଲମ ମୁନରେ ନିହିତ ଥାଏ ସେତେ ବଡ଼ କ୍ଷମତା, ଯାହାର ଦୁରୁପଯୋଗ ଏମାନେ କରି ଚାଲିଛନ୍ତି ଅକ୍ଳେଶରେ। ଜଣକୁ ମାରିବା କି ତାରିବା ସବୁକିଛି ଥାଏ ଏମାନଙ୍କ ହାତରେ। ଭାଙ୍ଗିବା ଗଢ଼ିବା, ଗଢ଼ିବା ଭାଙ୍ଗିବା ଏମାନଙ୍କ ପାଇଁ ଏକ ସାଧାରଣ ଖେଳ। ଏମାନେ ଚାହିଁଲେ ଜଣେ ଚାଟୁକାର ଅଥଚ ଅଯୋଗ୍ୟ କର୍ମଚାରୀକୁ ଚାହୁଁଚାହୁଁ ବସେଇ ଦେଇପାରନ୍ତି ଉଚ୍ଚାସନରେ, ଛାଡ଼କରିଦେଇ ପାରନ୍ତି ତା'ର ସବୁତକ ଅନ୍ୟାୟ ଅନୀତି ଦୁର୍ନୀତି। ଅପରପକ୍ଷରେ ସାହେବଙ୍କର ମିଥ୍ୟା ଜୟଗାନରେ ପଶ୍ଚାଦ୍‌ପଦ ହେଉଥିବା ଅଥବା ଦର୍ଶନୀ/ଭେଟି ଦେବାରେ ଅକ୍ଷମତା ପ୍ରକାଶ କରୁଥିବା ଜଣେ ସାଧୁ, ସଚ୍ଚୋଟ, କର୍ମଯୋଗୀ କର୍ମଚାରୀକୁ ତଳି ତଳାନ୍ତ କରିଦେଇ ପାରନ୍ତି ସେ କ୍ଷଣିକ ଭିତରେ।

ସରକାରୀ କାର୍ଯ୍ୟାଳୟରେ ଚାଲିଥିବା ଏମିତି ଅନେକ ଅନାଲୋଚିତ ଅଲିଖିତ କଠୋର ନିୟମକାନୁନ ଯୋଗୁ ଭାଙ୍ଗିଯାଏ ସଚ୍ଚୋଟ କର୍ମଚାରୀଙ୍କ ମନୋବଳ। ଏପରିକି ଅନେକ ସମୟରେ କର୍ମବିମୁଖ ହୋଇ ଉଠନ୍ତି ସେମାନେ। ମନ ତାଙ୍କର ବିଦ୍ରୋହ କରିଉଠେ। ହେଲେ ତାଙ୍କ ଦୁଃଖ ଯନ୍ତ୍ରଣା ଦେଖିବାକୁ କି ସେମାନଙ୍କ ମନୋବେଦନା ବୁଝିବାକୁ କେହି ଜଣେ ହେଲେ ମହାନୁଭାବ ନ ଥାନ୍ତି ସରକାରୀ ବ୍ୟବସ୍ଥା ମଧ୍ୟରେ। ଏହା କହିବା ଅନାବଶ୍ୟକ ଯେ ଆଜିକାଲି ଆମ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ବଢ଼ି ଚାଲିଥିବା ଅନ୍ୟାୟ, ଅନୀତି, ଦୁର୍ନୀତିର ମୂଳକାରଣ ହେଉଛନ୍ତି ଏଇ ଅର୍ଥଲୋଭୀ ଅଧିକାରୀମାନେ। ତଥାପି ଏମାନଙ୍କୁ ସାବାଡ଼ କରିବାର ଠିକ୍ ଉପାୟ କିଛି ଆଜି ପର୍ଯ୍ୟନ୍ତ ବାହାରି ନାହିଁ ବୋଧହୁଏ। ସେମିତି ଉପାୟ କିଛି ନଥିପତ୍ରରେ ଅବଶ୍ୟ ରହି ଥାଇପାରେ, ହେଲେ ତାହା କାର୍ଯ୍ୟାକାରୀ ହେଲେ ତ! ଆଇନକୁ କାର୍ଯ୍ୟକାରୀ କରୁଥିବା ଲୋକ ଯଦି ନିଜେ ଭ୍ରଷ୍ଟାଚାରୀ ହୁଏ? ତେବେ...।

ଅନ୍ୟକୁ ପଦଦଳିତକରି ରଖିବା ଭଳି ଔପନିବେଶବାଦୀ ମନୋଭାବ ପ୍ରତିପୋଷଣ କରୁଥିବା ମିଥ୍ୟାସ୍ତୁତି ପ୍ରିୟ ପ୍ରଶାସନିକ ଅଧିକାରୀ ଏବଂ ତାଙ୍କୁ ନିୟନ୍ତ୍ରିତ ବା ଉତ୍ସାହିତ କରୁଥିବା ମହାମାନ୍ୟମାନେ ହେଉଛନ୍ତି ଦେଶର ପ୍ରଥମ ଶତ୍ରୁ, ଗୃହଶତ୍ରୁ। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏପରି ହୀନ ମାନସିକତା ସୃଷ୍ଟିହେବା କେବେହେଲେ ଶୁଭଙ୍କର ନୁହେଁ। ବୋଧହୁଏ ଆଜିକାଲି ଏଇଥିପାଇଁ ଦେଶ ପରିଚାଳନାର ଗୁରୁଦାୟିତ୍ୱ ମୁଣ୍ଡେଇଥିବା ବ୍ୟକ୍ତିବିଶେଷମାନେ ଜନସାଧାରଣଙ୍କ ଆସ୍ଥାଭାଜନ ହୋଇପାରୁନାହାନ୍ତି। ଦେଶ ହିତରେ ଏପରି ନିମ୍ନ ମାନସିକତାର ପରିବର୍ତ୍ତନ ଜରୁରୀ। ଏକଥା ସମସ୍ତେ ମର୍ମେ ମର୍ମେ ଅନୁଭବ କରୁଛନ୍ତି, କରି ଚାଲିଛନ୍ତି। ତଥାପି ସମସ୍ତେ ଆଜି ନୀରବ। ଲୋକହିତ ଏବଂ ସୁଶାସନ ପାଇଁ ସରକାରୀ ଚାକିରି କ୍ଷେତ୍ରରେ ଦୁର୍ନୀତିଗ୍ରସ୍ତ ଅଧିକାରୀ ତଥା କର୍ମଚାରୀଙ୍କୁ ଦୃଢ଼ହସ୍ତରେ ଦମନ କରାଯିବା ସହ ସଚ୍ଚୋଟ ତଥା କର୍ମଠ ବ୍ୟକ୍ତିବିଶେଷଙ୍କୁ ସୁରକ୍ଷା ଯୋଗାଇଦେବା ଆବଶ୍ୟକ। ହେଲେ ସେତକ କରିବ କିଏ? ସାଧାରଣ ମଣିଷ ନା ଆଇନ ରକ୍ଷକ ତଥା ନିର୍ମାତା ମହାମାନ୍ୟମାନେ?

**ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର**
**ମୋ: ୮୨୪୯୮୦୭୨୬୭**

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୧୧ ଡିସେମ୍ବର ୧୯୭୬**

- ରାଜ୍ୟରେ ୬ଟି ନୂଆ ଗ୍ରାମାଞ୍ଚଳ ବିଦ୍ୟୁତୀକରଣ ପରିକଳ୍ପନା ଜରିଆରେ ୭୨୩ ଗ୍ରାମକୁ ବିଦ୍ୟୁତ୍‌ଶକ୍ତି ଯୋଗାଇବା ପାଇଁ ୨.୨୭ କୋଟି ଟଙ୍କା ମଞ୍ଜୁର।
- ଭାରତର ଆଣବିକ ଗବେଷଣା ପାଇଁ ସୋଭିଏତ ୟୁନିୟନ ୨ ଶହ ଟନ ଭାରିଜଳ ଯୋଗାଇଦେବ ବୋଲି ନିଉୟର୍କ ଟାଇମ୍ସର ଏକ ସମ୍ବାଦରେ ପ୍ରକାଶ ପାଇଛି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | 8 | 5 |
| | | 9 | 6 | | 4 | | | |
| | | | | 3 | | 2 | | |
| | | | | | | | | |
| 5 | 6 | | | | 8 | | | |
| | | | | 4 | 2 | | | 1 |
| | 1 | | 2 | | | 3 | 5 | |
| | | 6 | | | | | 4 | |
| | | 3 | | | 7 | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 2 | 9 | 7 | 8 | 4 | 1 | 5 | 3 |
| 8 | 4 | 5 | 9 | 1 | 3 | 2 | 7 | 6 |
| 7 | 3 | 1 | 5 | 6 | 2 | 8 | 4 | 9 |
| 5 | 1 | 7 | 4 | 9 | 8 | 6 | 3 | 2 |
| 4 | 8 | 6 | 2 | 3 | 5 | 7 | 9 | 1 |
| 3 | 9 | 2 | 1 | 7 | 6 | 4 | 8 | 5 |
| 9 | 6 | 3 | 8 | 4 | 1 | 5 | 2 | 7 |
| 1 | 5 | 8 | 3 | 2 | 7 | 9 | 6 | 4 |
| 2 | 7 | 4 | 6 | 5 | 9 | 3 | 1 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଜିଡିପିରୁ ଲୋକମାନେ କ'ଣ ବୁଝନ୍ତି

ମହାଶୟ,

ଅର୍ଥନୀତିର ଜଟିଳ ପାଠ ମଧ୍ୟରୁ ଗ୍ରସ୍ ଡୋମେଷ୍ଟିକ୍ ପ୍ରଡକ୍ଟ(ଜିଡିପି) ହିସାବ ହେଉଛି ଅନ୍ୟତମ । ଏହାର ବ୍ୟାଖ୍ୟା କରିବା କଷ୍ଟକର। ମୋ ମତରେ ଦେଶର ଅଧିକାଂଶ ସାଧାରଣ ଲୋକର ଜିଡିପି ହେଲା, ତା' ଗାଁ ନିକଟ ବଜାରରେ ତେଲଲୁଣ ଯଦି ଟିକିଏ ଶସ୍ତା ହୋଇଯାଏ ତେବେ ସେ ଅନୁମାନ କରେ ଜିଡିପି ବଢ଼ିଛି। ଏବେ ରାଜ୍ୟ ଏବଂ କେନ୍ଦ୍ର ସରକାର ୧୨ ଏବଂ ୮% ଜିଡିପି ବଢ଼ିଛି ଓ ଦେଶର ଅର୍ଥନୀତି ବୃଦ୍ଧି ପାଇଛି ବୋଲି ପ୍ରଚାର କରୁଛନ୍ତି। ୨୦୩୬ ମସିହାରେ ଓଡ଼ିଶା ଏବଂ ୨୦୪୭ରେ ଦେଶ ବିକଶିତ ହେବ ବୋଲି କହୁଛନ୍ତି। କିନ୍ତୁ ରାଜ୍ୟର ୫୦ଭାଗ ଲୋକ କୃଷି ଉପରେ ନିର୍ଭରଶୀଳ ଏବଂ ସେମାନଙ୍କ ପରିବାରର ମାସିକ ଆୟ ମାତ୍ର ୫୧୧୧ ଟଙ୍କା। ପରିବାରର ଖାଦ୍ୟ, ବସ୍ତ୍ର, ବାସଗୃହ, ଶିକ୍ଷା, ସ୍ୱାସ୍ଥ୍ୟରେ କେତେ ଖର୍ଚ୍ଚ କରିବ ତାହାର ଗୋଟିଏ ସାରଣୀ କରି ପ୍ରକାଶ କରନ୍ତୁ।

**–ରାମଚନ୍ଦ୍ର ପାଲଟାସିଂହ, କୁମାରବସ୍ତ, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ତଥାପି ତୋର ଏ ଲଳିତ ମୂରତି ଆଜି
କଠିନ ବକ୍ଷେ ଉଠଇ ନିମେଷେ ବାଜି
ହତାଶ ପ୍ରୀତିର ହୁତାଶ ଜଳଇ ପୁଣି
ଚଞ୍ଚଳ କରି ମୋର ଅବୟବରାଜି ।

–(ରୂପର ମୋହ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ନାମକୋଣ୍ଡା ନଦୀଘାଟରୁ ମିଳିଲା ମହିଳାଙ୍କ କଟାମୁଣ୍ଡ

କାଲିମେଳା/କୋରୁକୋଣ୍ଡା, ୧୦।୧୨ (ଜୀବନକୃଷ୍ଣ ଦାଶ/ଶିବଦତ୍ତ ସାହୁ)

## କଡ଼ା ସୁରକ୍ଷାରେ ରାଖେଲଗୁଡ଼ା ଗଲା ମୁଣ୍ଡ

ମାଲକାନଗିରି ଜିଲା କାଲିମେଳା ଥାନା ଅନ୍ତର୍ଗତ ପୋଟେରୁ ନଦୀର ନାମକୋଣ୍ଡା ଘାଟରେ ପାଣିରେ ଭାସୁଥିବାମହିଳାଙ୍କ କଟାମୁଣ୍ଡକୁ ବୁଧବାର ପୋଲିସ ଉଦ୍ଧାର କରିଛି। କଟାମୁଣ୍ଡଟି ପାଣିରେ ପଡ଼ି ଗଳିତହେବା ସହ କେବଳ ଖପୁରି ଦେଖାଯାଉଛି। ଉଦ୍ଧାର ମୁଣ୍ଡଟିମାଲକାନଗିରି ନିଆଯାଇ ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ପରୀକ୍ଷା ପରେ ଏହା ରାଖେଲଗୁଡ଼ା ଗ୍ରାମର ଲାକେ ପଡିଆମିଙ୍କ ବୋଲି ଜଣାପଡ଼ିଛି। କୋରୁକୋଣ୍ଡା ଥାନା ଅନ୍ତର୍ଗତ ଡୁଡ଼ାମେଟଲା ନଦୀ ନିକଟରୁ ଗତ ୪ତାରିଖରେ ପୋଲିସ ଲାକେଙ୍କ ମୁଣ୍ଡବିହୀନ ମୃତଦେହକୁ ଜବତ କରିଥିଲା। ବୁଧବାର ମଧ୍ୟାହ୍ନ ପ୍ରାୟ ୨ଟାରେ କଟାମୁଣ୍ଡକୁ କଡ଼ା ସୁରକ୍ଷା ବଳୟରେ ରାଖେଲଗୁଡ଼ା ଗ୍ରାମକୁ ଅଣାଯାଇଥିଲା। ଜିଲା ପ୍ରଶାସନ ଓ ଆଦିବାସୀ ସଂଘର ଉପସ୍ଥିତିରେ ଶାନ୍ତିପୂର୍ଣ୍ଣ ଭାବେ ରାଖେଲଗୁଡ଼ା ଗ୍ରାମରେ ପୂର୍ବରୁ ମୃତଦେହ ପୋତାଯାଇଥିବା ସ୍ଥାନର ଟିକେ ଉପରକୁ ଗାତ ଖୋଳି କଟାମୁଣ୍ଡକୁ ପୋତାଯାଇଛି। ଏହି ସମୟରେ ରାଖେଲଗୁଡ଼ା ଗ୍ରାମରେ ମାଲକାନଗିରି ଏସ୍‌ପି ବିନୋଦ ପାଟିଲ, ଅତିରିକ୍ତ ଏସ୍‌ପି ରାଜକିଶୋର ଦାସ, ଉପଜିଲାପାଳ ଅଶ୍ୱିନୀ ଏଲ୍, ଏଡିଏମ୍ ବେଦବର ପ୍ରଧାନ, ପିଡି ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଚିତ୍ରକୋଣ୍ଡା ଏସ୍‌ଡିପିଓ ପ୍ରଦୋଷ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ଅନ୍ୟପକ୍ଷେ ଲାକେଙ୍କ ମୃତ୍ୟୁକୁ ନେଇ ଦେଖାଦେଇଥିବା ଉତ୍ତେଜନା ଏବେ ଧୀରେ ଧୀରେ ଶାନ୍ତ ହେବାରେ ଲାଗିଛି। ରାଖେଲଗୁଡ଼ା ଗ୍ରାମରେ ସ୍ଥିତି ସୁଧୁରିବାରେ ଲାଗିଛି। ସୁରକ୍ଷାକୁ ଦୃଷ୍ଟିରେ ରଖି ଏମ୍‌ଭି-୨୬ ଗ୍ରାମରେ ସିସିଟିଭି ସହ ଷ୍ଟ୍ରିଟଲାଇଟ୍ ଲଗାଯାଇଛି। ଗାଁର ଗତିବିଧି ଉପରେ ବିଏସ୍‌ଏଫ୍, ସିଆର୍‌ପିଏଫ୍, ପୋଲିସ ମୁତୟନ ହୋଇ କଡ଼ା ନଜର ରଖିଛନ୍ତି। ଚିତ୍ରକୋଣ୍ଡା ଉପଖଣ୍ଡ ଏସ୍‌ଡିପିଓ ପ୍ରଦୋଷ କୁମାର ପ୍ରଧାନଙ୍କ ନେତୃତ୍ୱରେ ବିଏସ୍‌ଏଫ୍, ସିଆରପିଏଫ୍ ଯବାନ ଓ ସ୍ଥାନୀୟ ପୋଲିସ ମିଳିତ ଭାବେ ବୁଧବାର ସନ୍ଧ୍ୟାରେ ବାଲିମେଳା ସହରରେ ଫ୍ଲାଗମାର୍ଚ୍ଚ କରାଯାଇଛି। ଏଥିସହ ଜିଲା ପ୍ରଶାସନ ପକ୍ଷରୁ ବୁଧବାର ଏମ୍‌ଭି-୨୬ ଗ୍ରାମର କ୍ଷତିଗ୍ରସ୍ତ ଲୋକ ଓ ତାଙ୍କ ସମ୍ପର୍କୀୟ ପ୍ରାୟ ୭୦୦ରୁ ଊର୍ଦ୍ଧ୍ୱଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଥିଲା। ଏଥିସହ ଗଦି, ସପ ଓ କମ୍ବଳ ବଣ୍ଟନ କରାଯାଇଥିଲା। ସୂଚନାଯୋଗ୍ୟ, ମୃତ ମହିଳାଙ୍କ ମୁଣ୍ଡକୁ ଯଥାଶୀଘ୍ର ଉଦ୍ଧାରକରି ପରିବାର ଲୋକଙ୍କୁ ହସ୍ତାନ୍ତର ଦାବିରେ ଆଦିବାସୀଙ୍କ ସଂଘବଦ୍ଧ ଆକ୍ରମଣରେ ଏମ୍‌ଭି-୨୬ ଗାଁରେ ଛାରଖାର ହୋଇଯାଇଛି। ମଙ୍ଗଳବାର ବହୁ ସଂଖ୍ୟାରେ ଆଦିବାସୀ ଏମ୍‌ଭି-୨୬ଗାଁରେ ପଶି ଭଙ୍ଗାରୁଜା କରିବା ସହ ନିଆଁ ଲଗାଇ ବହୁ ଘର ପୋଡ଼ି ଦେଇଥିଲେ। ଫଳରେ ଗାଁର ୧୮୮ ଘର ମଧ୍ୟରୁ ୧୬୩ ଘର ଜଳି ପୋଡ଼ି ନଷ୍ଟ ହୋଇଯାଇଛି।

# ଅଧ୍ୟାପିକାଙ୍କୁ ପ୍ରେମ ନିବେଦନକରି ବନ୍ଧାହେଲେ ଅଧ୍ୟକ୍ଷ

ବୋଲଗଡ଼, ୧୦।୧୨ (ଦେବବ୍ରତ ହୋତା)

## ଚେନ୍ନାଇ ଫେରାର ହେଉଥିବାବେଳେ ଖୋର୍ଦ୍ଧାରୁ ଧରାହେଲେ


ପ୍ରଦୀପ୍ତ କୁମାର ଦାସ

ଖୋର୍ଦ୍ଧା ଜିଲା ବୋଲଗଡ଼ସ୍ଥିତ ପରମାନନ୍ଦ ମହାବିଦ୍ୟାଳୟର ଜଣେ ନବନିଯୁକ୍ତ ଅଧ୍ୟାପିକାଙ୍କ ମୋବାଇଲ ନମ୍ବରକୁ ଅଶ୍ଳୀଳ ମେସେଜ୍ ପଠାଇବା ସହ ପ୍ରେମ ନିବେଦନ କରିବା ଅଭିଯୋଗରେ ବୋଲଗଡ଼ ଥାନା ପୋଲିସ ବୁଧବାର ଉକ୍ତ କଲେଜର ଅଧ୍ୟକ୍ଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପ୍ରଦୀପ୍ତ କୁମାର ଦାସ। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଥାଉ କି, ପରମାନନ୍ଦ ମହାବିଦ୍ୟାଳୟରେ ଅଧ୍ୟାପିକା ଜଣଙ୍କ ଏକମାସ ତଳେ ନିଯୁକ୍ତି ପାଇଥିବା ବେଳେ ଅଧ୍ୟକ୍ଷ ଦାସ ତାଙ୍କ ମୋବାଇଲ ନମ୍ବରକୁ ଅଶ୍ଳୀଳ ମେସେଜ୍ ପଠାଇବା ସହ ପ୍ରେମ ନିବେଦନ କରିଆସୁଥିଲେ। ଏପରି କି ଏକଥା ଅନ୍ୟ କାହାକୁ ଜଣାଇଲେ ଚାକିରିରୁ ବହିଷ୍କାର ସହ ଜୀବନ ବର୍ବାଦ କରିଦେବାର ଧମକ ଦେଉଥିଲେ। ସମ୍ପୃକ୍ତ ଅଧ୍ୟାପିକା ଜଣଙ୍କ ଘରେ ଅବସାଦରେ ରହୁଥିବାରୁ ପରିବାର ଲୋକେ କ'ଣ ହୋଇଛି ପଚାରିବାରୁ ସମସ୍ତ କଥା କହିବା ସହ ଚାକିରି ଛାଡ଼ିଦେବା ପାଇଁ ନିଷ୍ପତ୍ତି ନେଇଥିବା ଜଣାଇଥିଲେ। ଏନେଇ ସମ୍ପୃକ୍ତ ଅଧ୍ୟାପିକାଙ୍କ ବାପା ମଙ୍ଗଳବାର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୩୧୦/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଅଧ୍ୟକ୍ଷ ଦାସ ଚେନ୍ନାଇ ଅଭିମୁଖେ ଖସି ପଳାଇବାକୁ ଉଦ୍ୟମ ବେଳେ ପୋଲିସ ତାଙ୍କୁ ଖୋର୍ଦ୍ଧାରୁ ଗିରଫ କରିଥିଲା। ଅନ୍ୟପକ୍ଷରେ ଅଧ୍ୟକ୍ଷ ଦାସଙ୍କ ନାମରେ ପୂର୍ବରୁ ମଧ୍ୟ ଏଭଳି ଅଭିଯୋଗ ରହିଛି ବୋଲି ବୋଲଗଡ଼ ଥାନା ଅଧିକାରିଣୀ ସ୍ନିଗ୍ଧାମୟୀ ବରାଳ ସୂଚନା ଦେଇଛନ୍ତି।

# ମୋବାଇଲ କିଣିବାକୁ ଟଙ୍କା ନ ଦେବାରୁ ବାପାଙ୍କୁ ହାଣିଲା ପୁଅ

ରାୟଗଡ଼ା, ୧୦।୧୨ (ଆଶିଷ ରଞ୍ଜନ ପଣ୍ଡା)

ମୋବାଇଲ ପାଇଁ ଟଙ୍କା ନ ଦେବାରୁ ବାପାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛି ପୁଅ। ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅନ୍ତର୍ଗତ କୈଳାସପୁର ପଞ୍ଚାୟତର ଲାଲିବା ଗାଁରେ ଏଭଳି ହତ୍ୟାକାଣ୍ଡ ଘଟିଛି। ମୃତ ବ୍ୟକ୍ତି ହେଲେ ଭୀମ କାଡ୍ରାକା (୫୭)। ଚାନ୍ଦିଲି ପୋଲିସ ଅଭିଯୁକ୍ତ ପୁଅ ଉଦୟ କାଡ୍ରାକାଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। ତାଙ୍କ ନିକଟରୁ ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ପୋଲିସ ଜବତ କରିଛି।

କୋଲନରା ବ୍ଲକ୍ ଅନ୍ତର୍ଗତ ଲାଲିବା ଗାଁର ଉଦୟ କାଡ୍ରାକା ଏକ ମୋବାଇଲ ଫୋନ କିଣିବାକୁ ମଙ୍ଗଳବାର ରାତିରେ ତାଙ୍କ ବାପାଙ୍କୁ ୧୦ ହଜାର ଟଙ୍କା ମାଗିଥିଲେ। ଭୀମ ଜଣେ ଚାଷୀ ହୋଇଥିବାରୁ ଏତେ ଟଙ୍କା କେଉଁଠୁ ଆଣିବେ ବୋଲି କହିବା ସହ ସେ ଟଙ୍କା ଦେଇପାରିବେ ନାହିଁ ବୋଲି ଅକ୍ଷମତା ପ୍ରକାଶ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ପୁଅ ଉଦୟ ନିକଟରେ ପଡ଼ିଥିବା ଟାଙ୍ଗିଆରେ ବାପା ଭୀମଙ୍କ ମୁଣ୍ଡ ସହ ଶରୀରର ବିଭିନ୍ନ ସ୍ଥାନକୁ ହାଣିଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ବୁଧବାର ସକାଳେ ଭୀମଙ୍କ ସ୍ତ୍ରୀ ଚମ୍ପା କାଡ୍ରାକା ଏ ନେଇ ଚାନ୍ଦିଲି ଥାନାରେ ଏତଲା ଦେବା ପରେ ପୋଲିସ କେସ୍ ନଂ. ୩୩୫/୨୫ରେ ଏକ ହତ୍ୟା ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଆଇଆଇସି ଉତ୍ତମ ସାହୁ ସୂଚନା ଦେଇଛନ୍ତି। ଥାନା ଅଧିକାରୀଙ୍କ ନେତୃତ୍ୱରେ ପୋଲିସ ଟିମ୍ ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଅନୁସନ୍ଧାନ ଚଳାଇଛନ୍ତି। ମୃତଦେହ ଜବତକରି ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଆନ୍ତଃ ରାଜ୍ୟ ଗଞ୍ଜେଇ ବ୍ୟବସାୟୀଙ୍କ ଘରେ ଚଢ଼ାଉ

- ୩ମାସ ହେଲା ଗିରଫ ହୋଇ ଜେଲରେ ଅଛନ୍ତି ଦିଲୀପ
- ଚଢ଼ାଉରେ ସାମିଲ ଥିଲେ ୧୫ରୁ ଊର୍ଦ୍ଧ୍ୱ ଅଧିକାରୀ

କବିସୂର୍ଯ୍ୟନଗର, ୧୦।୧୨ (କୃପାସିନ୍ଧୁ ସ୍ୱାଇଁ)


ଦିଲୀପଙ୍କ ଘରେ ଚଢାଉ ଜାରି ରଖିଥିବା ପୋଲିସ।

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଆଠଗଡ଼ ପାଟଣା ଗୌଡ଼ସାହିରେ ବୁଧବାର କନ୍ଧମାଳ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଛି। ଆନ୍ତଃ ରାଜ୍ୟ ଗଞ୍ଜେଇ ଚାଲାଣ କରୁଥିବା ଗ୍ରାମର ଦିଲୀପ ଗୌଡ଼ଙ୍କ ଘରେ ଏହି ଚଢାଉ ହୋଇଛି। ୧୫ରୁ ଊର୍ଦ୍ଧ୍ୱ ଅଧିକାରୀ ଏଥିରେ ସାମିଲ ଥିବା ବେଳେ ଦିଲୀପ ଏବଂ ତାଙ୍କ ସମ୍ପର୍କୀୟଙ୍କ ଘରେ ମଧ୍ୟ ଚଢ଼ାଉ ଜାରି ରହିଛି। ୩ମାସ ତଳେ କନ୍ଧମାଳ ଜିଲା ବାଲିଗୁଡା ଅଞ୍ଚଳରୁ ଗଞ୍ଜେଇ ଚୋରାଚାଲାଣ ବେଳେ ପୋଲିସ ହାତରେ ଦିଲୀପ ଧରା ପଡିଥିଲେ। ତାଙ୍କୁ ସେତେବେଳେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ସେ ଏବେ ଜେଲରେ ଅଛନ୍ତି। ଘଟଣାର ଛାନ୍‌ଭିନ୍ କରି ପୋଲିସ ଦିଲୀପଙ୍କ ବିରୋଧରେ ପ୍ରମାଣ ଯୋଗାଡ଼ କରିଥିଲା। ସେ ବହୁ ବର୍ଷ ଧରି ଆନ୍ତଃ ରାଜ୍ୟ ଗଞ୍ଜେଇ ଚାଲାଣରେ ସମ୍ପୃକ୍ତ ଥିବା ସହ ଏହାର ମାଷ୍ଟର ମାଇଣ୍ଡ ଥିବା ପ୍ରମାଣ ପୋଲିସକୁ ମିଳିଥିଲା। ଏହାକୁ ଭିତ୍ତିକରି ପୋଲିସ ୬୮ ଏନ୍‌ଡିପିଏସ୍ ମାମଲା ଆଧାରରେ ଦିଲୀପଙ୍କ ଗ୍ରାମରେ ରହିଥିବା ଘରେ ଚଢ଼ାଉ କରି ତାଙ୍କ ସ୍ଥାବର ଅସ୍ଥାବର ସମ୍ପତ୍ତିର ଯାଞ୍ଚ କରୁଛି। ଯାଞ୍ଚ ବେଳେ ଟଙ୍କା, ସୁନା, କିଛି ଡକ୍ୟୁମେଣ୍ଟ ପୋଲିସ ହାତରେ ଲାଗିଛି। ୫ରୁ ୧୦ ବର୍ଷ ମଧ୍ୟରେ ସୁନା, ଗାଡି, ଦୋ ମହଲା ଘର, ଟ୍ରକ୍ ଆଦି କରି ଦିଲୀପ ବେନିୟମ ସମ୍ପତ୍ତି ଠୁଳ କରିଥିବାର ପ୍ରମାଣ ଚଢାଉ ଟିମ୍ ହାତରେ ଲାଗିଛି। ଦିଲୀପଙ୍କ ନାମରେ ବାଲିଗୁଡା ଥାନାରେ ଏନ୍‌ଡିପିଏସ୍ କେସ୍ ନଂ. ୧୦୪/୨୦୨୪ ରହିଛି। ଏହି ଚଢ଼ାଉ ପାଇଁ ଡିଜିପି ଓ ଏସ୍‌ପିଙ୍କ ନିର୍ଦ୍ଦେଶ ଥିଲା। ସେହି ଅନୁସାରେ ସ୍ଥାନୀୟ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ରବୀନ ଚର୍ଚ୍ଚିଲ ମିଶ୍ରଙ୍କ ଉପସ୍ଥିତିରେ କନ୍ଧମାଳ ପୋଲିସ ଚଢ଼ାଉ କରିଛି।

# ବାଲେଶ୍ୱରରୁ ଅଭିଯୁକ୍ତ ଗିରଫ

ବିଷ୍ଣୁପୁର, ୧୦।୧୨ (ରାମକୃଷ୍ଣ ଦାସ)

## ପିହୁ ମା'ଙ୍କୁ ଫୋନ୍‌ରେ ହତ୍ୟା ଧମକ ଘଟଣା

ଯାଜପୁର ଜିଲା ବିଷ୍ଣୁପୁର ଥାନା ଅଞ୍ଚଳର ବହୁଚର୍ଚ୍ଚିତ ନିଖୋଜ ପିହୁର ମା'ଙ୍କୁ ଫୋନ୍‌ରେ ହତ୍ୟା ଧମକ ଦିଆଯାଇଥିଲା। ଏହି ଘଟଣାରେ ପୋଲିସ ଅଭିଯୁକ୍ତକୁ ମଙ୍ଗଳବାର ବିଳମ୍ବିତ ରାତିରେ ବାଲେଶ୍ୱର ଅଞ୍ଚଳରୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବାଲେଶ୍ୱର ଅଞ୍ଚଳର ରାକେଶ ମଲ୍ଲିକ(୨୫)। ପୋଲିସ ରାକେଶଙ୍କୁ ଗିରଫ କରିବା ସହ ତାଙ୍କ ମୋବାଇଲ ଫୋନ୍ ଜବତ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ୨୦୨୦ ଅଗଷ୍ଟ ୯ରେ ବିଷ୍ଣୁପୁର ଥାନା ଅନ୍ତର୍ଗତ ମଧୁସୂଦନପୁର ଗ୍ରାମର କୁନିଝିଅ ପିହୁ ଗାଁ ଦାଣ୍ଡରେ ଖେଳୁଥିବା ବେଳେ ନିଖୋଜ ହୋଇଯାଇଥିଲେ, ଯାହାକୁ ନେଇ ପିହୁଙ୍କ ମା' ମୋନାଲିସା ନାୟକ ନିଖୋଜ ଝିଅର ସନ୍ଧାନ ନିମନ୍ତେ ସରକାରଙ୍କ ନିକଟରେ ଦାବି କରିଆସୁଥିଲେ। ତାଙ୍କ ମୋବାଇଲକୁ ୨ରୁ ୩ଟି ଫୋନ୍ ନମ୍ବରରେ କେହି ଅଜ୍ଞାତ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଉଛନ୍ତି, ଯାହାକୁ ନେଇ ମୋନାଲିସା ବିଷ୍ଣୁପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗ ଆଧାରରେ ନଂ.୫୬୭/୨୫ରେ ମାମଲା ରୁଜୁକରି ତଦନ୍ତ କରୁଥିଲା।


यूनियन बैंक ऑफ़ इंडिया Union Bank of India
भारत सरकार का उपक्रम A Government of India Undertaking

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**ଅନୁଗୁଳ ମୁଖ୍ୟ ଶାଖା**
ଶଙ୍କର ସିନେମା ରୋଡ, ମେନ୍ ରୋଡ, ଜିଲ୍ଲା: ଅନୁଗୁଳ,
ଇମେଲ୍: ubin0535885@unionbankofindia.bank

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଅନୁଗୁଳ ମୁଖ୍ୟ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (୨ୟ) ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ନଂ. ୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ସହ-ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ସହ-ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ସହ-ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଅନୁଗୁଳ ମୁଖ୍ୟ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ସହ-ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ମୃତକ ମାଧବ ପରିଡାଙ୍କ ସମ୍ପତ୍ତିର ପ୍ରତିନିଧିମାନେ: ୧) ସନାତନ ପରିଡା (ସହ-ଋଣଗ୍ରହୀତା), ପିତା: ୰ ମାଧବ ପରିଡା, ୨) ସାଗର ପରିଡା, ପିତା: ୰ ମାଧବ ପରିଡା, ୩) ତୁଲେଇ ପରିଡା, ସ୍ୱାମୀ: ୰ ମାଧବ ପରିଡା, ସମସ୍ତଙ୍କ ଠିକଣା- ସା/ପୋ: କୁକୁଡାଙ୍ଗ, ମଙ୍ଗଳା ମନ୍ଦିର ନିକଟ, ଅନୁଗୁଳ, ଓଡିଶା, ପିନ୍-୭୫୯୧୨୩ | ୩୧.୦୭.୨୦୨୫ ସୁଦ୍ଧା ଟ.୨୪,୫୨,୦୭୫.୮୩ + ପରବର୍ତ୍ତୀ ସୁଧ, ଦେୟ ଏବଂ ଖର୍ଚ୍ଚ | ୨୧.୦୮.୨୦୨୫ / ୦୬.୧୨.୨୦୨୫ | ୰ ମାଧବ ପରିଡାଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୬୯୯/୪୯୬, ପ୍ଲଟ୍ ନଂ.: ୪୨୮୩/୫୮୪୯/୬୧୭୩, ପରିମିତ କ୍ଷେତ୍ର: ଏକର ୦.୦୧୫ ଡିସିମିଲି ଏବଂ ଖାତା ନଂ.: ୬୯୯/୮୦୨, ପ୍ଲଟ୍ ନଂ.: ୪୨୮୪, ପରିମିତ କ୍ଷେତ୍ର: ଏକର ୦.୦୮୦ ଡିସିମିଲି, କିସମ: ଘରବାରୀ, ମୌଜା: କୁକୁଡାଙ୍ଗ, ତହସିଲ: ବଣ୍ଟଁରପାଳ, ଥାନା: ଅନୁଗୁଳ, ଜିଲ୍ଲା: ଅନୁଗୁଳ, ଓଡିଶା-୭୫୯୧୨୩, ଏହାର ଚାରିପାର୍ଶ୍ୱରେ ଉତ୍ତର: ବରଜୁ ଦେହୁରୀ ଏବଂ ରାସ୍ତା, ଦକ୍ଷିଣ: ରଘୁନାଥ ନାୟକ ଏବଂ ଅନ୍ୟମାନେ, ପୂର୍ବ: ମୁରଲୀ ସାହୁ, ପଶ୍ଚିମ: ମୁକୁନ୍ଦ ନାୟକ |
| ଋଣଗ୍ରହୀତାମାନେ: ମୃତକ ସନାତନ ଦାସଙ୍କ ସମ୍ପତ୍ତିର ପ୍ରତିନିଧିମାନେ: ୧) ସୁଲୋଚନା ଦାସ (୰ ସନାତନ ଦାସଙ୍କ ମାତା), ୨) ଜୟନ୍ତୀ ଦାସ, ସ୍ୱାମୀ: ୰ ସନାତନ ଦାସ, ୩) ସତ୍ୟଜିତ୍ ଦାସ, ପିତା: ୰ ସନାତନ ଦାସ, ୪) ନବୀନ ଚନ୍ଦ୍ର ଦାସ, ପିତା: ୰ ସନାତନ ଦାସ, ସମସ୍ତଙ୍କ ଗ୍ରାମ: ପରତରା, ଥାନା: ଅନୁଗୁଳ ସଦର, ତହସିଲ: ବଣ୍ଟଁରପାଳ, ଜିଲ୍ଲା: ଅନୁଗୁଳ, ଓଡିଶା, ପିନ୍-୭୫୯୧୩୨ | ୩୧.୦୭.୨୦୨୫ ସୁଦ୍ଧା ଟ.୩,୫୭,୭୩୨.୩୮ + ପରବର୍ତ୍ତୀ ସୁଧ, ଦେୟ ଏବଂ ଖର୍ଚ୍ଚ | ୨୧.୦୮.୨୦୨୫ / ୦୬.୧୨.୨୦୨୫ | ୰ ସନାତନ ଦାସଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୭୩୩/୩୯୨୩, ରେଭିନ୍ୟୁ ଖାତା ନଂ.: ୩୩୦/୯୨, କ୍ଷେତ୍ର: ଏକର୦.୦୨୦ ଡିସିମିଲି, ମୌଜା: ପରତରା, ଥାନା: ଅନୁଗୁଳ ୨୮, ତହସିଲ: ବଣ୍ଟଁରପାଳ, ଜିଲ୍ଲା: ଅନୁଗୁଳ, ଓଡିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ନିଜସ୍ୱ, ଦକ୍ଷିଣ: ରାସ୍ତା, ପୂର୍ବ: ନିଜସ୍ୱ, ପଶ୍ଚିମ: ଶରତ ଚନ୍ଦ୍ର ଦାସ |

ସ୍ଥାନ: ଅନୁଗୁଳ, ତାରିଖ: ୧୦.୧୨.୨୦୨୫ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ


# ଅଭିଯୁକ୍ତଙ୍କୁ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ

କଟକ, ୧୦।୧୨ (କାର୍ତ୍ତିକ ସାହୁ)

## ଜାମ୍ବିଆରେ ଜାଲ୍ କମ୍ପାନୀ ଖୋଲି ଠକେଇ ମାମଲା

ଆଫ୍ରିକା ମହାଦେଶର ଜାମ୍ବିଆରେ ଏକ ଜାଲ୍ କମ୍ପାନୀ ଖୋଲି ଠକେଇ କରିବା ଅଭିଯୋଗରେ ଗିରଫ ଅଭିଯୁକ୍ତ ସୌମ୍ୟରଞ୍ଜନ ପଣ୍ଡାଙ୍କୁ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ଦେଇଛନ୍ତି। ୫ ଲକ୍ଷ ଟଙ୍କା ଜାମିନ ବଣ୍ଡ ଓ ଦୁଇ ଜାମିନଦାର, ସମାନ ଅପରାଧ ପୁନରାବୃତ୍ତି ନ କରିବା, ଭାରତରେ ମାମଲା ଶେଷ ପରେ ଜାମ୍ବିଆ କୋର୍ଟରେ ଆତ୍ମସମର୍ପଣ ଓ ପ୍ରତିମାସ ଥାନାରେ ହାଜିର ହେବା ଆଦି ସର୍ତ୍ତ ରଖି ଅଦାଲତ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିଛନ୍ତି। ତାଙ୍କ ବିରୋଧରେ ୧.୨୫ ଲକ୍ଷ ଆମେରିକୀୟ ଡଲାର ଠକେଇ କରିଥିବା ଅଭିଯୋଗ ରହିଛି।

ପ୍ରକାଶ ଯେ, ଆବେଦନକାରୀ ନୂଆଦିଲ୍ଲୀରେ ଫସଗ୍ରୋ ରିସୋର୍ସେସ ପ୍ରାଇଭେଟ ଲିମିଟେଡ୍ ନାମକ ସଂସ୍ଥାର ବିତ୍ତ ଓ ପ୍ରଶାସନିକ ପରିଚାଳକ ଭାବେ କାର୍ଯ୍ୟ କରୁଥିଲେ। କମ୍ପାନୀ ତାଙ୍କୁ ଜାମ୍ବିଆର ଭାଗୀଦାରି କମ୍ପାନୀ ଇଗ୍ରୋ ରିସୋର୍ସେସ ଲିମିଟେଡ୍‌କୁ ପଠାଇଥିଲା। ଅଭିଯୁକ୍ତ ସେଠାକୁ ଯାଇ ସମାନ ନାମ ଫସଗ୍ରୋ ନାମରେ ଏକ ଜାଲ୍ କମ୍ପାନୀ ଖୋଲି ନେଣଦେଣ କରିଥିଲେ। ବହୁ ଆମେରିକୀୟ ଡଲାର ଜାଲ କମ୍ପାନୀ ଖାତାକୁ ଟ୍ରାନ୍ସଫର କରିଥିଲେ। ସେହିଭଳି ଭାରତରେ ମନି ଲଣ୍ଡରିଂ ସହ କମ୍ପାନୀର ସମ୍ପତ୍ତି ଚୋରି ଅଭିଯୋଗ ହୋଇଥିଲା। ଜାମ୍ବିଆର କୋର୍ଟରେ ତାଙ୍କ ନାମରେ ମାମଲା ରୁଜୁ ହୋଇଛି। ସେଠାକାର ଅଦାଲତ ତାଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା ଜାରି କରିଛନ୍ତି। ଆବେଦନକାରୀ ଭାରତ ଫେରିବା ପରେ ପ୍ରକୃତ କମ୍ପାନୀର ନିର୍ଦ୍ଦେଶକ ଓଡ଼ିଶା ଯାଜପୁର ବରୀ ରାମଚନ୍ଦ୍ରପୁର ଥାନାରେ ଏ ସଂକ୍ରାନ୍ତରେ ଏତଲା ଦେଇଥିଲେ। ପୋଲିସ ଅଭିଯୋଗର ତଦନ୍ତ କରି ୨୦୨୫ ମେ ୧୫ରେ ତାଙ୍କୁ ଗିରଫ କରିଥିଲା। ୨୦୨୫ ଜୁଲାଇ ୧୪ରେ ପୋଲିସ ଅଭିଯୋଗ ଫର୍ଦ୍ଦ କୋର୍ଟରେ ଦାଖଲ କରିଥିଲା। ଅଭିଯୁକ୍ତ ସେସନ କୋର୍ଟରେ ଜାମିନ ଆବେଦନ କରିଥିଲେ। ଜାମିନ ନ ମିଳିବାରୁ ଅଭିଯୁକ୍ତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ତ୍ରିକୋଣୀୟ ପ୍ରେମରୁ ହୋଇଥିଲା ହତ୍ୟା

ସମ୍ବଲପୁର, ୧୦।୧୨ (ପ୍ରମୋଦ ବହିଦାର)

## ଲକ୍ଷ୍ମୀଡୁଙ୍ଗୁରରୁ ଯୁବକଙ୍କ ମୃତଦେହ ଠାବ ଘଟଣା

## ନାବାଳିକା ପ୍ରେମିକା ଧରାପଡ଼ିଲେ, ନୂଆ ପ୍ରେମିକ ଗିରଫ

ସମ୍ବଲପୁର ଲକ୍ଷ୍ମୀଡୁଙ୍ଗୁରି ପାହାଡ଼ରେ ମଙ୍ଗଳବାର ହୀରାକୁଦ ଆଇଟିଆଇ ଗୁଜାତଲର ଅଭୟ କୁମାର ଦାଶ(୨୦)ଙ୍କ କ୍ଷତାକ୍ତ ମୃତଦେହ ଜବତ କରାଯାଇଥିଲା। ପାରିପାର୍ଶ୍ୱିକ ସ୍ଥିତି ଓ ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ହତ୍ୟାକାଣ୍ଡର ୨୪ଘଣ୍ଟା ଭିତରେ କ୍ଷେତରାଜପୁର ଥାନା ପୋଲିସ ବୁଧବାର ଏହି ଘଟଣା ଉପରୁ ପରଦା ହଟାଇଛି। ତ୍ରିକୋଣୀୟ ପ୍ରେମରୁ ଏହି ହତ୍ୟାକାଣ୍ଡ ଘଟିଛି। ପୂର୍ବତନ ପ୍ରେମିକଙ୍କୁ ରାସ୍ତାରୁ ହଟାଇବା ପାଇଁ ଯୋଜନାବଦ୍ଧ ଭାବେ ପ୍ରେମିକା ଯିଏକି ଜଣେ ନାବାଳିକା ଏବଂ ତାଙ୍କ ନୂତନ ପ୍ରେମିକ ମିଶି କରି ଅଭୟଙ୍କୁ ହତ୍ୟା କରିଛନ୍ତି। ଏ ସଂକ୍ରାନ୍ତରେ ପୋଲିସ ଅଭିଯୁକ୍ତ ସୁବର୍ଣ୍ଣପୁର ଜିଲା ବିନିକାର ଆଶୁତୋଷ ମିଶ୍ର(୨୫)ଙ୍କୁ ଗିରଫ କରିବା ସହ ସମ୍ପୃକ୍ତ ନାବାଳିକାଙ୍କୁ ଧରିଛି। ସେମାନଙ୍କ ନିକଟରୁ ହତ୍ୟାରେ ବ୍ୟବହୃତ ସର୍ଜିକାଲ ବ୍ଲେଡ୍, ଛୁରି, ଏକାଧିକ ଧାରୁଆ ଅସ୍ତ୍ର, ଗ୍ଲୋଭ୍ସକୁ ପୋଲିସ ଜବତ କରିଛି। ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତ ସମ୍ବଲପୁର କ୍ଷେତରାଜପୁର ଥାନା ଅନ୍ତର୍ଗତ ଷ୍ଟେଶନପଡ଼ାର ସୋନୀ ଓରଫ ରୋହିତ ଫେରାର ଅଛନ୍ତି। ଏହାକୁ ନେଇ ଥାନାରେ ଏକ ମାମଲା(ନଂ. ୩୨୨/୨୫)ରୁଜୁ କରି ପୋଲିସ ଅଭିଯୁକ୍ତ ଆଶୁତୋଷଙ୍କୁ କୋର୍ଟ ଚାଲାଣ କରିଛି। ପୋଲିସ ଧରାପଡ଼ିଥିବା ନାବାଳିକାଙ୍କୁ ଜୁଭେନାଇଲ୍ କୋର୍ଟରେ ହାଜର କରିଥିବା ଜିଲା ପୋଲିସ ମୁଖ୍ୟାଳୟରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏଏସ୍‌ପି ଅଜୟ କୁମାର ମିଶ୍ର ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

# ଅଜାଘରକୁ ବୁଲି ଆସିଥିବା ନାତିକୁ ହତ୍ୟା

କବିସୂର୍ଯ୍ୟନଗର, ୧୦।୧୨ (କୃପାସିନ୍ଧୁ ସ୍ୱାଇଁ)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ପୁରୁଷୋତ୍ତମପୁର ବ୍ଲକ ସାମନ୍ତରାପୁର ଗ୍ରାମରେ ଘଟିଛି ଏକ ଅଭାବନୀୟ ଘଟଣା। ଅଜାଘରକୁ ବୁଲିବାକୁ ଆସି ୯ ବର୍ଷର ନାତିର ମୃତଦେହ ଘର ବାଡିପଟୁ ମିଳିଛି। ସେ ହେଲେ ଶେରଗଡ଼ ଖମାର ଗ୍ରାମର ଆଦିତ୍ୟ ଜେନା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିବା ବେଳେ ପରିବାର ଲୋକେ ଏନେଇ ହତ୍ୟା ଅଭିଯୋଗ ଆଣିଛନ୍ତି।

ଖବରରୁ ପ୍ରକାଶ, ଚାରିଦିନ ତଳେ ସାମନ୍ତରାପୁରସ୍ଥିତ ଅଜାଘର ସନିଆ ଭୂୟାଁଙ୍କ ଘରକୁ ଆଦିତ୍ୟ ବୁଲିବାକୁ ଆସିଥିଲେ। ବୁଧବାର ଆଈ ତାଙ୍କୁ ଖାଇବାକୁ ଦେଇ ଚାଷଜମିକୁ କାମ କରିବାକୁ ଯାଇଥିଲେ। କାମ କରୁଥିବା ବେଳେ ସେ ଆଦିତ୍ୟ ନିଖୋଜ ଥିବା ଖବର ପାଇଥିଲେ। ତୁରନ୍ତ ଘରକୁ ଆସି ପରିବାର ଲୋକେ ଓ ଗ୍ରାମବାସୀ ତାଙ୍କୁ ଖୋଜାଖୋଜି କରିବା ପରେ ଘର ବାଡ଼ିପଟେ ଆଦିତ୍ୟ ମୂର୍ଚ୍ଛିତ ଅବସ୍ଥାରେ ପଡ଼ିଥିବା ଦେଖିବାକୁପାଇଥିଲେ। ତୁରନ୍ତ ଏନେଇ କବିସୂର୍ଯ୍ୟନଗର ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ନାବାଳକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପରିବାର ଲୋକଙ୍କ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଆଦିତ୍ୟଙ୍କୁ ତଣ୍ଟିଚିପି ହତ୍ୟା ପରେ କେହିଦୁର୍ବୃତ୍ତ ବାଡ଼ିରେ ପକାଇ ଚାଲିଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।


**OFFICE OF THE ASKA CO-OPERATIVE SUGAR INDUSTRIES LTD., NUAGAM (ASKA)**
P.O.: Nuagam (Aska) - 761111, Ganjam District, Odisha
Phone: 06822-273464, email: askasugar@yahoo.co.in
Website: askasugar.com

Letter No. Engg./2013 — Date: 09.12.2025

**SHORT TENDER CALL NOTICE**

Sealed tenders are invited from licenced labour Contractors/ Firm/Agencies/Organizations etc. for undertaking **"Supply of Labourers for Boiler Ash & Mill House Area Cleaning"** for the crushing season 2025-26 at the Aska Co-operative Sugar Industries Ltd., Nuagam, Aska. Interested tenderers can get details & obtain tender form by download from our website **www.askasugar.com**. Filled tender forms can be sent by Speed Post/Registered Post only which should reach in the office by dated 23.12.2025 by 5.00 P.M. Any future addition/ modification in the tender will be uploaded in website only (i.e. **www.askasugar.com**).

Sd./- Managing Director
A.C.S.I. Ltd., Aska



**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବୁଗୁଡ଼ା, ଗଞ୍ଜାମ**

**ବାର୍ତ୍ତା**

[illegible]



**SBI** **ଚାପଗ୍ରସ୍ତ ପରିସମ୍ପତ୍ତି ପ୍ରବନ୍ଧନ ଶାଖା-୧, କୋଲକାତା**
''ନାଗାଲାଣ୍ଡ ହାଉସ୍'', ୮ମ ମହଲା, ୧୧ ଓ ୧୩ ସେକ୍ସପିୟର ସରଣୀ, କୋଲକାତା-୭୦୦୦୭୧
ଫୋନ୍: ୦୩୩-୨୨୮୦୩୦୯୮, ଫାକ୍ସ: ୦୩୩-୨୨୮୧୦୬୨୨, ଇ-ମେଲ୍: sbi.04151@sbi.co.in

**ଇ-ନିଲାମ ବିଜ୍ଞପ୍ତି**

**ପ୍ରାଧିକୃତ ଅଧିକାରୀଙ୍କ ବିବରଣୀ: ନାମ: ଅନୀଲ କୁମାର ଅନଲ, ଇ-ମେଲ୍ ଆଇଡି: clo2.04151@sbi.co.in, ମୋବାଇଲ ନଂ.: ୯୯୫୫୯୯୮୪୩୦**

**ପରିଶିଷ୍ଟ – IV-A**
**[ନିୟମ ୮(୬) ସହ ପଠନପୂର୍ବକ ନିୟମ ୯(୧)ର ବ୍ୟବସ୍ଥାପନ ଦେଖନ୍ତୁ]**
**ସ୍ଥାବର ସମ୍ପତ୍ତିର ବିକ୍ରୟ ପାଇଁ ବିକ୍ରୟ ନୋଟିସ**
**ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ସହିତ ପଠନ ପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮(୬) ଏବଂ ନିୟମ ୮(୬) ସହ ପଠନପୂର୍ବକ ନିୟମ ୯(୧) ଅଧୀନରେ ସ୍ଥାବର ପରିସମ୍ପତ୍ତିର ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।**

**ଇ-ନିଲାମର ତାରିଖ ଓ ସମୟ: ତାରିଖ: ୩୦।୧୨।୨୦୨୫**
**ସମୟ: ୩୦୦ ମିନିଟ୍, ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ, ପ୍ରତ୍ୟେକ ବିଡ୍ ପାଇଁ ୧୦ ମିନିଟ୍‌ର ଅସୀମିତ ବିସ୍ତାରଣ ସହିତ**

ଏତଦ୍ୱାରା ସାଧାରଣ ଭାବେ ସର୍ବସାଧାରଣ ଏବଂ ବିଶେଷକରି ଋଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କୁ ନୋଟିସ ଦିଆଯାଉଛି ଯେ, ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ/ଚାର୍ଜ କରାଯାଇଥିବା ନିମ୍ନବର୍ଣ୍ଣିତ ସ୍ଥାବର ସମ୍ପତ୍ତି, ଯାହାକୁ ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ଭୌତିକ ଦଖଲ / ସାଙ୍କେତିକ ଦଖଲ ନିଆଯାଇଥିଲା, ତାହାକୁ **ନାୟକ ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରାଇଭେଟ୍ ଲିମିଟେଡ୍ (ଋଣଗ୍ରହୀତା) ଏବଂ ଗ୍ୟାରେଣ୍ଟିଦାତା,** (୧) ଶ୍ରୀ ଅନନ୍ତ ଚରଣ ନାୟକ (୨) ଶ୍ରୀମତୀ ରେଣୁ ଦେବୀ ନାୟକ (୩) ଶ୍ରୀ ବିଶ୍ୱଜିତ ନାୟକ (୪) ଶ୍ରୀ ଆଲୋକ କୁମାର ନାୟକ (୫) ଶ୍ରୀ ଉମେଶ ସେନାପତି ଏବଂ (୬) ଶ୍ରୀ ବାସୁଦେବ ନାୟକଙ୍କଠାରୁ ବନ୍ଧକ ଋଣଦାତାଙ୍କର ବକେୟା ଦେୟ ତା୨୮।୦୧।୨୦୨୦ରିଖ ସୁଦ୍ଧା ଟ.୧୦୦,୬୯,୦୪,୪୪୧.୭୧ (ଶହେକୋଟି ଅଣସ୍ତରି ଲକ୍ଷ ଚାରି ହଜାର ଚାରିଶହ ଏକଚାଳିଶ ଟଙ୍କା ଏକସ୍ତରି ପଇସା ମାତ୍ର) ତଥା ତତ୍‌ପଶ୍ଚାତ୍ ଉପାର୍ଜିତ ସୁଧ ଓ ଶୁଳ୍କଗୁଡ଼ିକୁ ଆଦାୟ କରିବା ପାଇଁ **''ଯେପରି ଅଛି ଯେଉଁଠି ଅଛି''**, **''ଯେପରି ଅଛି ଯାହା ଅଛି''** ଏବଂ **''ଯେଠାରେ ଯାହାବି ଅଛି''** ଭିତ୍ତିରେ ବିନା ଅନନ୍ୟୋପାୟ ଭିତ୍ତିରେ ତା୩୦।୧୨।୨୦୨୫ରିଖ ୧୧.୦୦ ଘଟିକାରେ ୱେବ୍‌ସାଇଟ୍ https://baanknet.com ଜରିଆରେ ବିକ୍ରୟ କରାଯିବ। ସମ୍ପତ୍ତିର ବିବରଣୀ, ସଂରକ୍ଷିତ ମୂଲ୍ୟ ଏବଂ ଇଏମ୍‌ଡି ନିମ୍ନ ଅନୁଯାୟୀ ଅଟେ:

| କ୍ର. ସଂ. | ସମ୍ପତ୍ତି / ପରିସମ୍ପତ୍ତିର ବର୍ଣ୍ଣନା | କ) ସଂରକ୍ଷିତ ମୂଲ୍ୟ ଖ) ଇଏମ୍‌ଡି ଗ) ବିଡ୍ ବୃଦ୍ଧି ପରିମାଣ ଘ) ଋଣ ଭାର |
|---|---|---|
| ୧. | ଡୁପ୍ଲେକ୍ସ (ଜି+୨) ଆବାସିକ ଭବନ, ଏଚ୍ଆଇଜି ଡୁପ୍ଲେକ୍ସ ହାଉସ୍ ନଂ. ଏଚ୍ଆଇଜି, ଡି-୪୯, ସ୍ଥାନ ମୈତ୍ରିବିହାର, ଫେଜ୍-୧, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ରାଜସ୍ୱ ପ୍ଲଟ୍ ନଂ. ୭(ପି), ମୌଜା-ଚନ୍ଦ୍ରଶେଖରପୁର, ଓଡ଼ିଶାରେ, ପଞ୍ଜୀକୃତ ଲିଜ୍ ତଥା ବିକ୍ରୟ କବଲା ସଂ. ଓଡ଼ିଶା ରାଜ୍ୟ ଗୃହନିର୍ମାଣ ପରିଷଦର ୯୦ ବର୍ଷ ଅବଧି ପାଇଁ ୩୦।୦୮।୨୦୦୫ର ୫୧୯୯ ଏବଂ ପଞ୍ଜୀକୃତ ବିକ୍ରୟ କବଲା ସଂ. ୨୮୬, ରକବା: ୧୮.୦୪.୨୦୦୬ର ୨୪୦୦ ବର୍ଗ ଫୁଟ, ଶ୍ରୀ ଅନନ୍ତ ଚରଣ ନାୟକଙ୍କ ମାଲିକାନାଧୀନ। **ଉତ୍ତର:** ସଡ଼କ; **ଦକ୍ଷିଣ:** ଡି-୨୮; **ପୂର୍ବ:** ଡି-୪୮; **ପଶ୍ଚିମ:** ଡି-୫୦। **ସମ୍ପତ୍ତି ଆଇଡି: ଏସ୍‌ବିଆଇଏନ୍୪୦୦୦୧୬୧୬୧୫୫୮, ନିରୀକ୍ଷଣ ତାରିଖ ଓ ସମୟ: ୨୦।୧୨।୨୦୨୫, ମଧ୍ୟାହ୍ନ ୧୨.୦୦ରୁ ଅପରାହ୍ନ ୩.୦୦ ଘଟିକା** | କ) ଟ.୨,୯୮,୦୦,୦୦୦/- ଖ) ଟ.୨୯,୮୦,୦୦୦/- ଗ) ଟ.୧,୦୦,୦୦୦.୦୦ ଘ) ବୈଧାନିକ କର / ବିଦ୍ୟୁତ୍ / ସୋସାଇଟି ରକ୍ଷଣାବେକ୍ଷଣ ଆଦିର ଦେୟ ନିଲାମ କ୍ରେତାଙ୍କ ଦ୍ୱାରା ପୈଠ କରାଯିବ। |

**ସମ୍ପତ୍ତିକୁ ଖୋଜନ୍ତୁ**

| https://sbi.co.in web/sbi-in-the-news/auction-notices/sarfaesi-and-others | ଇ-ନିଲାମ ୱେବ୍‌ସାଇଟ୍ ୟୁଆର୍‌ଏଲ୍ https://baanknet.com | ସମ୍ପତ୍ତିର ଅବସ୍ଥିତି ଏସ୍‌ବିଆଇଏନ୍୪୦୦୦୧୬୧୬୧୫୫୮ |
|---|---|---|

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ, ଦୟାକରି ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ୱେବସାଇଟ୍‌ରେ ଦିଆଯାଇଥିବା ଲିଙ୍କ୍, ଅର୍ଥାତ୍ - https://sbi.co.in/web/sbi-in-the-news/auction-notices/sarfaesi-and-others ଓ https://baanknet.com ପରିଦର୍ଶନ କରନ୍ତୁ

**ତାରିଖ: ୧୧.୧୨.୨୦୨୫, ସ୍ଥାନ: ଭୁବନେଶ୍ୱର** — **ସ୍ୱା./- ପ୍ରାଧିକୃତ ଅଧିକାରୀ, ଭାରତୀୟ ରିଜର୍ଭ ବ୍ୟାଙ୍କ**

## ସଂକ୍ଷେପରେ

### ଟ୍ରାନ୍ସଫର୍ମରରୁ ଯନ୍ତ୍ରାଂଶ ଚୋରି ଅଭିଯୋଗ

**ଯାଁଳା,୧୦।୧୨(ବୁଲା ବାରିକ):** ଗଙ୍ଗପଡ଼ା ପଞ୍ଚାୟତ ଭାତଖୁରି ଗ୍ରାମର ଏକ ଟ୍ରାନ୍ସଫର୍ମରରୁ ତେଲ ଓ ଯନ୍ତ୍ରାଂଶ ଚୋରି ହୋଇଛି। ମଙ୍ଗଳବାର ରାତିରେ କେହି ଦୁର୍ବୃତ୍ତ ଚୋରି କରିବା ଫଳରେ ବିଦ୍ୟୁତ୍ କଟିଯାଇଥିଲା। ବୁଧବାର ଟ୍ରାନ୍ସଫର୍ମର ମରାମତି କରିବା ପରେ ସନ୍ଧ୍ୟାରେ ବିଦ୍ୟୁତ୍ ସରାବରହ ହୋଇଥିବା ଜଣାପଡିଛି। ଏନେଇ ବିଦ୍ୟୁତ୍ ବିଭାଗ ପକ୍ଷରୁ ଇନ୍‌ଫୋଭ୍ୟାଲି ଥାନାରେ ଏକ ଲିଖିତ ଅଭିଯୋଗ କରିଛି। ତେବେ ବିଦ୍ୟୁତ୍ ସଂଯୋଗ ଥିବା ଏକ ଟାନ୍ସଫର୍ମରରୁ ତେଲ ଓ ଯନ୍ତ୍ରାଂଶକୁ ସାଧାରଣ ଲୋକ ଚୋରି କରିବା ଅସମ୍ଭବ ବୋଲି ସ୍ଥାନୀୟ ଲୋକ କହିଛନ୍ତି। ଏହି ଚୋରି ଘଟଣାରେ କେହି କର୍ମଚାରୀ ସମ୍ପୃକ୍ତ ଥିବା ସାଧାରଣରେ ଚର୍ଚ୍ଚା ହେଉଛି।

### ଦେଶୀ ମଦ ସହ ୨ ବାଇକ୍ ଜବତ, ୩ ଗିରଫ

**ବାଲୁଗାଁ,୧୦।୧୨(ସଂଗ୍ରାମ ପାଇକରାୟ):** ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ବୁଧବାର ପୃଥକ୍ ଦୁଇଟି ସ୍ଥାନରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ମୋଟ ୫୧୭ ଲିଟର ଦେଶୀ ମହୁଲି ମଦ ସହିତ ଦୁଇଟି ବାଇକ୍ ଜବତ ହୋଇଛି। ଏଥିରେ ସମ୍ପୃକ୍ତି ନେଇ ୩ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ନାରୁଣୀ ଥାନା ସଲପଡିହ ଗ୍ରାମର ପ୍ରଦୀପ ସେଠୀ, ବାଣପୁର ଥାନା ବଡ଼ସିରେଇପୁର ଗ୍ରାମର ଧୀରେନ୍ଦ୍ର ସ୍ୱାଇଁ ଏବଂ ଅରଖଡିହ ଗ୍ରାମର ମନୋଜ ବରାଳ। ସୂଚନା ମୁତାବକ, ଧୀରେନ୍ଦ୍ର ଏବଂ ମନୋଜ ବାଇକ୍‌ରେ ଦେଶୀ ମହୁଲି ମଦ ଚାଲାଣ କରୁଥିବା ବେଳେ ସେମାନଙ୍କ ଠାରୁ ୫୧୦ ଲିଟର ଏବଂ ପ୍ରଦୀପଙ୍କଠାରୁ ୭ ଲିଟର ମଦ ଜବତ କରାଯାଇଛି। ବିଭାଗ ପକ୍ଷରୁ ପୃଥକ୍ ଭାବେ ଦୁଇଟି ମାମଲା (ନଂ.୨୨୪,୨୨୫/୨୫) ରୁଜୁକରାଯାଇ ୩ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏହି ଚଢ଼ାଉରେ ଏଏସ୍‌ଆଇ ମୀନକେତନ ମହାଲିକ, କନ୍‌ଷ୍ଟେବଲ ରଞ୍ଜିତ ପଟେଲ, ଅଶେଷ ପ୍ରଧାନ, ସୁନିତା ମହାରଣା ପ୍ରମୁଖ ସାମିଲ ଥିଲେ।

### ଡାକ୍ତରଖାନା ପରିସର ସଫେଇ

**କଳାପଥର,୧୦।୧୨(ଗଙ୍ଗାଧର ସାହୁ):** ସ୍ୱଚ୍ଛତା ଆଡ଼କୁ ପାଦଟିଏ, ଏପରି ଏକ କାର୍ଯ୍ୟକ୍ରମ ପରିକଳ୍ପନା କରି କଳାପଥର ଆଞ୍ଚଳିକ ଘରୋଇ ମୋଟର କର୍ମଚାରୀ ସଂଘ ପକ୍ଷରୁ କଳାପଥର ଡାକ୍ତରଖାନା ପରିସରରେ ସଫେଇ କାର୍ଯ୍ୟ କରାଯାଇଛି। ମୋଟର ସଂଘର ସଭାପତି ସୁରେନ୍ଦ୍ର ବିଶ୍ୱାଳଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ କୃଷ୍ଣ ଚନ୍ଦ୍ର ମହାରଣା, ସଭ୍ୟ ସୁକାନ୍ତ ଦଳେଇ, ନିରଞ୍ଜନ ମହାପାତ୍ର, ପ୍ରଦୀପ ଦାସ, ରାମଚନ୍ଦ୍ର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

### ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ବେଗୁନିଆ,୧୦।୧୨(ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଉମା ବେହେରାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବିଜୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତା ଏବଂ ଶିକ୍ଷକ ନାରାୟଣ ମାନସିଂହଙ୍କ ସଂଯୋଜନାରେ ଭାରପ୍ରାପ୍ତ ଏବିଇଓ ନଳିନୀ ପ୍ରଭା ଦେବୀ ମୁଖ୍ୟ ଅତିଥି, ଶିକ୍ଷାବିତ୍ ହରିବନ୍ଧୁ ତ୍ରିପାଠୀ ମୁଖ୍ୟ ବକ୍ତା, ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ବେହେରା, ସମିତିସଭ୍ୟ ମାମା ନାୟକ, ପରିଚାଳନା କମିଟି ସଭାପତି ପ୍ରଭାତ ନାୟକ, ସିଆର୍‌ସିସି ହେମନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷୟିତ୍ରୀଙ୍କ କର୍ମମୟ ଜୀବନ ଉପରେ ଗୁଣଗାନ କରିବା ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଭା ପ୍ରାରମ୍ଭରେ ଶିକ୍ଷକ ମାନସ କୁମାର ସେଠୀ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ଆଖଣ୍ଡଳମଣି ପ୍ରସାଦ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ପିକ୍‌ଅପ୍ ଭ୍ୟାନ୍- କାର୍ ମୁହାଁମୁହିଁ ଧକ୍କା

**ଭୁବନେଶ୍ୱର,୧୦।୧୨(ସତ୍ୟଜିତ ରାଉତ):** ଧଉଳି ଥାନା ଅନ୍ତର୍ଗତ ଲିଙ୍ଗିପୁର ଛକରେ ବୁଧବାର ସକାଳେ ଏକ ଦୁର୍ଘଟଣା ଘଟିଛି। ଏକ ପିକ୍‌ଅପ୍ ଭ୍ୟାନ୍ ଏବଂ କାର୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ୨ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ଉଭୟ ଗାଡ଼ିର ସାମ୍ନା ପାର୍ଶ୍ୱ କ୍ଷତିଗ୍ରସ୍ତ ହୋଇଛି। ସୂଚନା ଅନୁଯାୟୀ, କାର୍‌ଟି ପାଣ୍ଡରା ଆଡ଼କୁ ଯାଉଥିବା ବେଳେ ପିକଅପ୍ ଭ୍ୟାନ୍‌ଟି ଭୁବନେଶ୍ୱର ପଟୁ ଧଉଳି ଆଡ଼କୁ ଯାଉଥିଲା। ଭ୍ୟାନ୍‌ରେ ଜଣେ ବ୍ୟକ୍ତି ଥିବାବେଳେ କାର୍‌ରେ ୪ଜଣ ଥିଲେ। ଏନେଇ ଉଭୟ ପକ୍ଷରୁ ଅଭିଯୋଗ କରାଯାଇନାହିଁ। ଆପୋଷ ସମାଧାନ କରି ଘଟଣାସ୍ଥଳରୁ ନିଜ ଗାଡ଼ି ନେଇଯାଇଥିବା ଜଣାପଡ଼ିଛି।

# ୫ ସହରରେ ହେବ ଟାଉନ ପ୍ଲାନିଂ

**ଟିପି ସ୍କିମ୍, ନ୍ୟୁ ସିଟି ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କଲେ ନଗର ଉନ୍ନୟନ ମନ୍ତ୍ରୀ**

ଭୁବନେଶ୍ୱର,୧୦।୧୨(ଅନୁରାଧା ମହାରଣା)



ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରୁଛନ୍ତି।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ବୁଧବାର ବିଜିପୁର, ପାଇକରାପୁର ଏବଂ ସହଜପୁରରେ ସହର ପରିକଳ୍ପନା ଯୋଜନା (ଟିପି ସ୍କିମ୍) ନମ୍ବର ୧, ୨ ଏବଂ ୩ ପରିଦର୍ଶନ କରିଛନ୍ତି। ସେ ଆଗାମୀ ନୂତନ ସହର (ନ୍ୟୁ ସିଟି) ପ୍ରକଳ୍ପର ସ୍ଥାନ ପରିଦର୍ଶନ କରିବା ସହ ଉଭୟ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଡା. ମହାପାତ୍ର ଗ୍ରେଟର ଭୁବନେଶ୍ୱରକୁ ବିକଶିତ କରିବାର ବ୍ୟାପକ ଦୃଷ୍ଟିକୋଣର ଅଂଶ ଭାବେ ରାଜଧାନୀର ପାର୍ଶ୍ୱବର୍ତ୍ତୀ ଅଞ୍ଚଳଗୁଡ଼ିକରେ ଟିପି ଯୋଜନାଗୁଡ଼ିକୁ ବିସ୍ତାର କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଥିଲେ। ସେ କହିଥିଲେ, ଏହି ଯୋଜନାଗୁଡ଼ିକ ଯୋଜନାବଦ୍ଧ ଓ ସୁବ୍ୟବସ୍ଥିତ ସହରାଞ୍ଚଳ ବିକାଶ ସୁନିଶ୍ଚିତ କରିବା ସହ ନାଗରିକଙ୍କ ପାଇଁ ସାର୍ବଜନୀନ ସୁବିଧାକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବ। ଟିପି ପଦକ୍ଷେପ 'ସମୃଦ୍ଧ ସହର' କାର୍ଯ୍ୟକ୍ରମର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, ଯାହା ବ୍ୟବସ୍ଥିତ ଭୂମି ପୁନର୍ଗଠନ ଏବଂ ଯୋଜନାବଦ୍ଧ ସମ୍ପ୍ରସାରଣ ମାଧ୍ୟମରେ ଓଡ଼ିଶାର ସହରାଞ୍ଚଳଗୁଡ଼ିକୁ ବିକାଶ କେନ୍ଦ୍ରରେ ପରିଣତ କରିବ। ଏହି ଯୋଜନାଟି ବ୍ୟାପକ ବିକାଶ ଯୋଜନା (ସିଡିପି) ୨୦୧୦ର ଲକ୍ଷ୍ୟ ରଖି ହୋଇଛି, ଯାହା ଭୁବନେଶ୍ୱର ବିକାଶ ଅଞ୍ଚଳ ଚାରିପାଖରେ ୬୫ କି.ମି.ର ଏକ ରିଙ୍ଗରୋଡ ନିର୍ମାଣର ପ୍ରସ୍ତାବ ରହିଛି। ଏହି ଟିପି ସ୍କିମ୍ ସଂଯୋଗୀକରଣ ଓ ବାସସ୍ଥାନକୁ ଉନ୍ନତ କରିବା ସହ ମାଲିକମାନଙ୍କ ଦ୍ୱାରା ସଂରକ୍ଷିତ ଜମିର ବଜାର ମୂଲ୍ୟକୁ ମଧ୍ୟ ଯଥେଷ୍ଟ ବୃଦ୍ଧି କରିବ ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ଭୁବନେଶ୍ୱର ସମେତ, କଟକ, ସମ୍ବଲପୁର, ରାଉରକେଲା ଓ ବ୍ରହ୍ମପୁର ମହାନଗର ନିଗମରେ ମଧ୍ୟ ସହର ପରିକଳ୍ପନା ଯୋଜନା କାର୍ଯ୍ୟକାରୀ କରାଯିବ। ଖୁବଶୀଘ୍ର ପୁରୀରେ ଏହି ଟିପି ଯୋଜନା କାର୍ଯ୍ୟକାରୀ ହେବ। ଏହି ଅବସରରେ ମନ୍ତ୍ରୀ ନ୍ୟୁ ସିଟି ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। ଗୋଠପାଟଣା, ଦାସପୁର ଏବଂ ମଳିପଡ଼ାରେ ପ୍ରାୟ ୮୦୦ ଏକର ଜମିରେ ବିକଶିତ ହେବ। ଏହି ପ୍ରକଳ୍ପର ଲକ୍ଷ୍ୟ ଏକ ସହରାଞ୍ଚଳ ଇକୋସିଷ୍ଟମ ସୃଷ୍ଟି କରିବା, ଯାହା ଭୁବନେଶ୍ୱର ବିକାଶ ଯୋଜନା କ୍ଷେତ୍ର ମଧ୍ୟରେ ବହୁମୁଖୀ ଆର୍ଥିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ। ଏ ନେଇ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ମନ୍ତ୍ରୀ କହିଥିଲେ ଯେ, ସିଙ୍ଗାପୁରଭିତ୍ତିକ ସୁବର୍ଣ୍ଣ ଜୁରୋଙ୍ଗ ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରାଇଭେଟ ଲିମିଟେଡ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇସାରିଛି, ଯାହା ଏହି ଐତିହାସିକ ସହରାଞ୍ଚଳ ପଦକ୍ଷେପ ପାଇଁ ବୈଷୟିକ ବିଶେଷଜ୍ଞତା ପ୍ରଦାନ କରିବ। ବିଶ୍ୱସ୍ତରୀୟ ଫାର୍ମ ଜେ.ଏଲ.ଏଲ ସହାୟତାରେ ପ୍ରକଳ୍ପ ପାଇଁ ଏକ ବଜାର ସମ୍ଭାବ୍ୟତା ଅଧ୍ୟୟନ ପୂର୍ବରୁ କରାଯାଇଛି।

## ଜିଲାସ୍ତରୀୟ ଦକ୍ଷତା ବୃଦ୍ଧି ତାଲିମ ଶିବିର



କୃଷ୍ଣପ୍ରସାଦ,୧୦।୧୨(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ପକ୍ଷରୁ କୃଷ୍ଣପ୍ରସାଦ ବ୍ଲକ ମୁଖ୍ୟ ପ୍ରାଣୀ ଚିକିତ୍ସାଳୟ ପରିସରରେ ବୁଧବାର ଜିଲାସ୍ତରୀୟ ଛେଳି ଓ ମେଣ୍ଢା ପାଳନ ଦକ୍ଷତା ଅଭିବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ୨୦ଜଣ ଛେଳି ଓ ମେଣ୍ଢା ଚାଷୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଚାଷୀଙ୍କ ପାଇଁ ଥିବା ସରକାରଙ୍କ ବିଭିନ୍ନ ଯୋଜନା ବାବଦରେ ଅବଗତ କରାଯାଇଥିଲା। ଛେଳି ଓ ମେଣ୍ଢାଙ୍କ ପାଖରେ ଦେଖାଯାଉଥିବା ବିଭିନ୍ନ ରୋଗ ଓ ତାର ନିରାକରଣ ବିଷୟରେ ସଚେତନ କରାଯାଇଥିଲା। ମୁଖ୍ୟ ପ୍ରଶିକ୍ଷକ ଭାବେ ଜିଲା ମୁଖ୍ୟାଳୟରୁ ଏସ୍‌ଡିଭିଓ ଡା.ନୃସିଂହ ଚରଣ, ଡା.ଆଲୋକ କୁମାର ସାହୁ ଏବଂ ବ୍ରହ୍ମଗିରିରୁ ଡା.ଦୀପ୍ତିମୟୀ ସ୍ୱାଇଁ ଯୋଗଦେଇ ଉନ୍ନତ ଛେଳି ପାଳନ ଦିଗରେ ଆଲୋଚନା କରିଥିଲେ। ଏହି ପ୍ରଶିକ୍ଷଣ ଶିବିରକୁ ବ୍ଲକ ମୁଖ୍ୟ ପ୍ରାଣୀ ଚିକିତ୍ସକ ଡା.କିଶୋର କୁମାର ଦାସ ପରିଚାଳନା କରିଥିବା ବେଳେ ସହକାରୀ ପ୍ରାଣୀ ଚିକିତ୍ସକ ଡା.ଗୁରୁ ପ୍ରସନ୍ନ ସାହୁ, ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସକ ଡା. ଦେତ୍ତା ପଟ୍ଟନାୟକ, ଅଜୟ କୁମାର ବିଶ୍ୱାଳ, ଅରୁଣ କୁମାର ଜେନା, ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ସମେତ ପ୍ରାଣୀ ଚିକିତ୍ସାଳୟର ଅନ୍ୟମାନେ ସହଯୋଗ କରିଥିଲେ।

# ଗଣତାନ୍ତ୍ରିକ ରାଷ୍ଟ୍ରରେ ନାଗରିକ ସର୍ବମୟ କର୍ତ୍ତା




କାର୍ଯ୍ୟକ୍ରମରେ ଅତିଥିମାନେ ମୁଖପତ୍ର ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୧୦।୧୨(ସୌମ୍ୟରଞ୍ଜନ ରାଉତ)

ମାନବୀୟ ମୂଲ୍ୟବୋଧ ଓ ମାନବିକତା ଏବେ ସମାଜରେ ମୂଲ୍ୟହୀନ ହେବାର ଉପଲବ୍ଧି ହେଉଛି। ଗଣତାନ୍ତ୍ରିକ ରାଷ୍ଟ୍ରରେ ନାଗରିକମାନେ ହିଁ ସର୍ବମୟ କର୍ତ୍ତା। ତେଣୁ ତାଙ୍କର ଆଚରଣ, ଉଚ୍ଚାରଣ ତଥା ମୂଲ୍ୟବୋଧଭିତ୍ତିକ କାର୍ଯ୍ୟକ୍ରମ ଜରିଆରେ ହିଁ ସୁସ୍ଥ ସମାଜ ଗଠିତ ହୋଇପାରିବ। ବୁଧବାର 'ମାନବାଧିକାର ମଞ୍ଚ' ପକ୍ଷରୁ ରେଡ୍‌କ୍ରସ୍ ଭବନରେ 'ବିଶ୍ୱ ମାନବାଧିକାର ଦିବସ' ପାଳନ ଅବସରରେ ଆୟୋଜିତ 'ସୁସ୍ଥ ସମାଜ ଗଠନରେ ନାଗରିକଙ୍କ ଭୂମିକା' ଶୀର୍ଷକ ଆଲୋଚନାଚକ୍ର ଓ ମଞ୍ଚର ମୁଖପତ୍ର 'ମାନବିକତାର କଥା'ର ୧୨ତମ ବାର୍ଷିକ ଉତ୍ସବରେ ଯୋଗଦେଇ ଅତିଥିମାନେ ଏହି ମତ ପ୍ରକାଶ କରିଛନ୍ତି। ଆଇନଜୀବୀ ନଟବର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଚାରପତି ପ୍ରମଥ ପଟ୍ଟନାୟକ, ଗବେଷକ ଗିରିଶ ପ୍ରସାଦ ସ୍ୱାଇଁ, ଶିକ୍ଷାବିତ୍ ଆଦିତ୍ୟ କୁମାର ମହାନ୍ତି, ପୂର୍ବତନ ପ୍ରଶାସକ ଜୟନ୍ତ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। କେତେଜଣ ସାରସ୍ୱତ ସାଧକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଆଦୃତା ସେବା ସଦନର ୬ଜଣ ଅନ୍ତେବାସୀ ଏବଂ ମାଇକ୍ରୋଭିଟା ଗବେଷଣା ଓ ସ୍ୱାସ୍ଥ୍ୟସେବା କେନ୍ଦ୍ରକୁ 'ମାନବିକତା ସମ୍ମାନ' ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପସଭାପତି ପ୍ରଦୀପ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଆଇନଜୀବୀ ନଟବର ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶିକ୍ଷାବିତ୍ ଡ. ପ୍ରଶାନ୍ତ କୁମାର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

## ବିଏମ୍‌ସି ଗୋଶାଳାକୁ ଗୋଖାଦ୍ୟ ଯୋଗାଇବ ଓମ୍‌ଫେଡ୍

ଭୁବନେଶ୍ୱର,୧୦।୧୨(ଅନୁରାଧା ମହାରଣା)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଏବଂ ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ ଲିମିଟେଡ୍ (ଓମ୍‌ଫେଡ୍) ମଧ୍ୟରେ ବୁଧବାର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଚୁକ୍ତି ଅନୁସାରେ ବିଏମ୍‌ସି ଅଧୀନରେ ଖୋର୍ଦ୍ଧା ଓ ପୁରୀ ଜିଲାରେ ଥିବା ୬ଟି ଗୋଶାଳାର ପ୍ରାୟ ୨ ହଜାର ଗୋରୁଙ୍କ ପାଇଁ ବିଏମ୍‌ସି ପୁଷ୍ଟିକର ଖାଦ୍ୟ ଯୋଗାଇବ। ପ୍ରଥମ ପର୍ଯ୍ୟାୟରେ ପୁରୀ ଓ ଖୋର୍ଦ୍ଧା ଜିଲାର ୪ଟି ଗୋଶାଳାରେ ଥିବା ପ୍ରାୟ ୧୫୦୦ ଗୋରୁଙ୍କ ପାଇଁ ଖାଦ୍ୟ ଯୋଗାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ଗୋଶାଳା ପାଇଁ ଖାଦ୍ୟ କ୍ରୟ କରାଯିବ। ବିଏମ୍‌ସି ପ୍ରତି ମାସରେ ଗୋଶାଳାରେ ୧୮% କ୍ରୁଡ୍ ପ୍ରୋଟିନଯୁକ୍ତ କନ୍‌ସେଣ୍ଟ୍ରେଟ ଗୋଖାଦ୍ୟ ଯୋଗାଇବ। ଏନେଇ ବିଏମ୍‌ସି ମେୟର ସୁଲୋଚନା ଦାସ କହିଛନ୍ତି, ଏହା କୌଣସି ବ୍ୟବସାୟିକ ଚୁକ୍ତିପତ୍ର ନୁହେଁ, ବରଂ ଗୋରୁଙ୍କୁ ଉତ୍ତମ ଗୁଣମାନର ସୁଷମ ଓ ପୁଷ୍ଟିକର ଗୋଖାଦ୍ୟ ଯୋଗାଇଦେବା ପାଇଁ ଏକ ପଦକ୍ଷେପ। ଗୋଶାଳାରେ ରହୁଥିବା ଗୋରୁଙ୍କୁ ସରକାରଙ୍କ ସମର୍ଥିତ ସମବାୟ ସଂସ୍ଥା ଦ୍ୱାରା ବୈଜ୍ଞାନିକ ପଦ୍ଧତିରେ ପ୍ରସ୍ତୁତ ପୁଷ୍ଟିକର ସୁଷମ ଗୋଖାଦ୍ୟ ଯୋଗାଇବା ଆମର କର୍ତ୍ତବ୍ୟ। ସେହିପରି ବିଏମ୍‌ସି କମିଶନର ଚଞ୍ଚଳ ରାଣା କହିଛନ୍ତି, ଓମ୍‌ଫେଡ୍ ଉତ୍ତମ ଗୁଣମାନର ଗୋଖାଦ୍ୟ ପ୍ରସ୍ତୁତ କରୁଛି, ତେଣୁ ସେଠାରୁ କ୍ରୟ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଖାଦ୍ୟ ସାମଗ୍ରୀ ଶେଷ ହେବା ପୂର୍ବରୁ ଗୋଶାଳାରେ ଯେପରି ଖାଦ୍ୟ ପହଞ୍ଚିବ ଅର୍ଥାତ୍ ବର୍ଷସାରା ଯେପରି ଗୋଶାଳାରେ ଖାଦ୍ୟ ମହଜୁଦ ରୁହେ, ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି। ଏହି ଚୁକ୍ତି ସ୍ୱାକ୍ଷର କାର୍ଯ୍ୟକ୍ରମରେ ବିଏମ୍‌ସି ପରିମଳ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ଓମ୍‌ଫେଡ୍ ଡେପୁଟି ମ୍ୟାନେଜର ଡା. ବିଶ୍ୱରଞ୍ଜନ ତ୍ରିପାଠୀ ଏବଂ ଅତିରିକ୍ତ କମିଶନର ରତ୍ନାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଶନିବାର, ରବିବାର ସାରାଦିନ ଖୋଲା ରହିବ ବିଡିଏ ପାର୍କ

ଭୁବନେଶ୍ୱର,୧୦।୧୨(ଅନୁରାଧା ମହାରଣା)



ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏହାର ପାର୍କଗୁଡ଼ିକର ଖୋଲା ରହିବା ସମୟ ପରିବର୍ତ୍ତନ କରିଛି। ପ୍ରାତଃଭ୍ରମଣକାରୀ, ଫିଟନେସ୍‌ପ୍ରେମୀ ଏବଂ ପରିଦର୍ଶକଙ୍କ ବାରମ୍ବାର ଅନୁରୋଧକୁ ଦୃଷ୍ଟିରେ ରଖି ବିଡିଏ ନିଷ୍ପତ୍ତି ନେଇଛି ଯେ, ସପ୍ତାହର ଶନିବାର ଓ ରବିବାର ସବୁ ପାର୍କ ଦିନସାରା ଖୋଲାରହିବ। ଅପରାହ୍ନରେ ସାଧାରଣତଃ ଯେଉଁ ପାର୍କ ବନ୍ଦ ରହେ, ତାହା ଏବେ ହେବ ନାହିଁ। ଏହି ନୂଆ ନିୟମ ଡିସେମ୍ବର ୧୩ ତାରିଖଠାରୁ ଲାଗୁ ହେବ ବୋଲି କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି। ସଂଶୋଧିତ ସମୟ ଅନୁଯାୟୀ, ସମସ୍ତ ବିଡିଏ ପରିଚାଳିତ ପାର୍କ ଶନିବାର ଏବଂ ରବିବାର ସକାଳ ୫ଟାରୁ ରାତି ୮ଟା ୩୦ ପର୍ଯ୍ୟନ୍ତ ଖୋଲା ରହିବ। ଯେଉଁମାନେ ଶନିବାର ଓ ରବିବାର ବାହାରେ ବିତାଇବାକୁ ପସନ୍ଦ କରନ୍ତି, ସେମାନେ ନିରବଚ୍ଛିନ୍ନ ପ୍ରବେଶ କରିପାରିବେ। ଚିତ୍ତବିନୋଦନ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ ଓ ଜନସାଧାରଣଙ୍କ ସୁବିଧାକୁ ଉନ୍ନତ କରିବା, ନାଗରିକଙ୍କୁ ସହରର ସବୁଜ ପ୍ରାକୃତିକ ସ୍ଥାନଗୁଡ଼ିକରେ ବିଶ୍ରାମ, ଫିଟ୍‌ନେସ ଏବଂ ସମାବେଶ ପାଇଁ ବ୍ୟବହାର ଲାଗି ଉତ୍ସାହିତ କରିବା ସକାଶେ ଏହି ପଦକ୍ଷେପ ନିଆଯାଇଛି। ଇନ୍ଦିରା ଗାନ୍ଧୀ ପାର୍କ ସପ୍ତାହର ସବୁଦିନ ସକାଳ ୫ଟାରୁ ରାତି ୮ଟା ୩୦ ପର୍ଯ୍ୟନ୍ତ ଖୋଲା ରହିବ। ଅବଶିଷ୍ଟ ପାର୍କଗୁଡ଼ିକ ପାଇଁ ସପ୍ତାହର ସମୟ ପୂର୍ବ ପରି ଜାରି ରହିବ। ଅର୍ଥାତ ସେଗୁଡ଼ିକ ସକାଳ ୫ଟାରୁ ପୂର୍ବାହ୍ନ ୧୧ଟା ୩୦ ଏବଂ ଅପରାହ୍ନ ୩ଟା ୩୦ରୁ ରାତି ୮ଟା ୩୦ ପର୍ଯ୍ୟନ୍ତ ଖୋଲା ରହିବ। ପ୍ରତ୍ୟେକ ପାର୍କ ପ୍ରବେଶ ଦ୍ୱାର ବୋର୍ଡରେ ଖୁବଶୀଘ୍ର ନୂତନ କାର୍ଯ୍ୟସୂଚୀ ସମୟ ପ୍ରଦର୍ଶିତ ହେବ। ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା କହିଛନ୍ତି, ସହରବାସୀଙ୍କ ମନୋରଞ୍ଜନ ଅଭିଜ୍ଞତାକୁ ଆହୁରି ବୃଦ୍ଧି କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନ ବିଡିଏ ଆଇଜି ପାର୍କ, ବିଜୁ ପଟ୍ଟନାୟକ ପାର୍କ, ଏପିଜେ ଅବଦୁଲ କଲାମ ପାର୍କ, ମଧୁସୂଦନ ଦାସ ପାର୍କ, ଗୁରୁ କେଳୁଚରଣ ମହାପାତ୍ର ପାର୍କ ଏବଂ ବୁଦ୍ଧ ଜୟନ୍ତୀ ପାର୍କ ସମେତ ୫୦ଟି ପ୍ରମୁଖ ପାର୍କ ପରିଚାଳନା କରୁଛି।

# ଗଙ୍ଗୁଆ ଉନ୍ନତୀକରଣ କାର୍ଯ୍ୟର ସମୀକ୍ଷା

ଭୁବନେଶ୍ୱର,୧୦।୧୨(ଅନୁରାଧା ମହାରଣା)

**କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନଗର ଉନ୍ନୟନ ମନ୍ତ୍ରୀଙ୍କ ନିର୍ଦ୍ଦେଶ**

ଖାରବେଳ ଭବନରେ ବୁଧବାର ଗଙ୍ଗୁଆ ନାଳ ଉନ୍ନତି ପ୍ରକଳ୍ପ ସମ୍ବନ୍ଧୀୟ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ନିକୋ ପାର୍କ ଓ ତାହାର ପରିବେଶର ସମଗ୍ର ଉନ୍ନତି ସହିତ ଭୁବନେଶ୍ୱରର ଜଳ ପରିଚାଳନା ଉପରେ ଆଲୋଚନା କରାଯାଇଛି। ସମୀକ୍ଷା ସମୟରେ ମନ୍ତ୍ରୀ ଗଙ୍ଗୁଆ ଉନ୍ନୟନ କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେବା ସହ ଆସନ୍ତା ବର୍ଷାଋତୁ ପୂର୍ବରୁ ଦୃଶ୍ୟମାନ ପରିବର୍ତ୍ତନ ଆଣିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ ଏହାକୁ ଏକ ସମନ୍ୱିତ ପ୍ରୟାସରେ ପରିଣତ କରି ନିକୋ ପାର୍କ ଅଞ୍ଚଳର ମନୋରଞ୍ଜନ ଓ ସାମାଜିକ ସୁବିଧା ବୃଦ୍ଧି, ଗଙ୍ଗୁଆ ନାଳର ପୁନରୁଦ୍ଧାର ଓ ସ୍ୱଚ୍ଛ ଜଳରାଶି ପ୍ରବାହ ସୁନିଶ୍ଚିତ କରିବା ଆଦି କାମଗୁଡ଼ିକୁ ଏକସଙ୍ଗେ ଆଗେଇ ନେବାକୁ ପରାମର୍ଶ ଦେଇଛନ୍ତି। ବୈଠକରେ ବିଧାୟକ ବାବୁ ସିଂହ, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ, ବିଏମ୍‌ସି କମିଶନର ତଥା ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା ପ୍ରମୁଖ ଉପସ୍ଥିତ ଥିଲେ।

## ସନ୍ଧାନୀ କୁକୁର ଧରିଲା ଗଞ୍ଜେଇ ଚାଲାଣ: ୨ ଗିରଫ

ଭୁବନେଶ୍ୱର,୧୦।୧୨(ସତ୍ୟଜିତ ରାଉତ)

ଗଞ୍ଜେଇ ଚାଲାଣ ବେଳେ ଭୁବନେଶ୍ୱର ରେଳ ଷ୍ଟେଶନରେ ଜିଆର୍‌ପି ଏବଂ ଆର୍‌ପିଏଫ୍ ମିଳିତ ଟିମ୍ ଚଢ଼ାଉ କରି ସଫଳତା ପାଇଛି। ସନ୍ଧାନୀ କୁକୁର ଜ୍ୟାକ୍ସନ୍ ସାହାଯ୍ୟରେ ଗଞ୍ଜେଇ ଚାଲାଣ ରୋକିବାରେ ସଫଳ ହୋଇଛି। ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଉତ୍ତରପ୍ରଦେଶ ଝାନ୍‌ସି ଜିଲା ମୌରାନିପୁର ଥାନା ଅଞ୍ଚଳର ହରି ମୋହନ ଆଦିବାସୀ (୨୯) ଓ ମହେଶ। ସେମାନଙ୍କ ନିକଟରୁ ୨୦ କେଜି ୩୦୦ ଗ୍ରାମ୍ ଗଞ୍ଜେଇ ଜବତ କରାଯାଇଛି। ଅଭିଯୁକ୍ତଦ୍ୱୟଙ୍କୁ ଜିଆର୍‌ପି ପକ୍ଷରୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମଙ୍ଗଳବାର ସକାଳେ ଅଭିଯୁକ୍ତମାନେ ବ୍ୟାଗରେ ଗଞ୍ଜେଇ ଭର୍ତ୍ତି କରି ପ୍ଲାଟଫର୍ମ ନଂ.୧ରେ ଛିଡ଼ା ହୋଇଥିଲେ। ସେମାନେ ଝାନ୍‌ସି ଯିବାକୁ ଟ୍ରେନ୍‌କୁ ଅପେକ୍ଷା କରିଥିଲେ। ତେବେ ମିଳିତ ଟିମ୍ ସନ୍ଧାନୀ କୁକୁର ଜ୍ୟାକ୍ସନ୍ ଜରିଆରେ ଅପରେଶନ୍ କରିଥିଲା। କୁକୁର ଶୁଙ୍ଘି ଶୁଙ୍ଘି ଅଭିଯୁକ୍ତଦ୍ୱୟଙ୍କ ପାଖରେ ପହଞ୍ଚିଥିଲା।

# କାବ୍ୟଲୋକ ପକ୍ଷରୁ ୧୧ ପୁସ୍ତକ ଉନ୍ମୋଚିତ

**୭ମ ଓଡ଼ିଶା ରାଜ୍ୟ ପୁସ୍ତକ ମେଳାର ୫ମ ଦିବସ**

ଭୁବନେଶ୍ୱର,୧୦।୧୨
(ସୌମ୍ୟରଞ୍ଜନ ରାଉତ)

୭ମ ଓଡ଼ିଶା ରାଜ୍ୟ ପୁସ୍ତକ ମେଳାର ୫ମ ଦିବସରେ ବୁଧବାର କାବ୍ୟଲୋକ ପକ୍ଷରୁ ଆୟୋଜିତ ସଭାରେ ୧୧ଟି ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଏଥିରେ ଦେଶବନ୍ଧୁ ସ୍ୱାଇଁ ଓ ଦେବଶ୍ରୀ ଧଳଙ୍କ ସମ୍ପାଦନାରେ ସୃଜନ ଗଳ୍ପ ସମ୍ଭାର, କବି ଭିକାରୀ ଧଳଙ୍କ ସମ୍ପାଦନାରେ ଭରତ ବେହେରାଙ୍କ କବିତା ସମଗ୍ର, ଡ. ହେନେରିଟା ମିଶ୍ରଙ୍କ ମୂକଂ କରୋତି ବାଚାଳଂ, ଡ. ପ୍ରିୟଲତା ଜେନାଙ୍କ ମାଧବୀଲତା, ସଂଯୁକ୍ତ ମହାନ୍ତିଙ୍କ ଗଙ୍ଗଶିଉଳି, ବର୍ଷା ଭିଜା ସକାଳ, ଡ. ବାସନ୍ତୀ ମହାନ୍ତିଙ୍କ ସମୀକ୍ଷାୟନ, ସ୍ୱପ୍ନେଶ୍ୱର ଗୋଛିଙ୍କ ଶ୍ରୀଜଗନ୍ନାଥ ମାହାତ୍ମ୍ୟ, ନିବେଦିତା ମହାନ୍ତି ଓ ସୁମନ୍ ବରିହାଙ୍କ ପ୍ରବନ୍ଧ ପଞ୍ଚବିଂଶ, ଆଦିକଥାନୀ, ଡ. ରଶ୍ମିତା ତ୍ରିପାଠୀ ଓ ଗୁପ୍ତେଶର ମାଝିଙ୍କ ଓଡ଼ିଆ ଗଳ୍ପରେ ଆଦିବାସୀ ସଂସ୍କୃତି, ଡ. ରଶ୍ମିତା ତ୍ରିପାଠୀ ଓ ହୃଷୀକେଶ କହଁରଙ୍କ ବୌଦ୍ଧ ଜିଲାର କନ୍ଧ ଜନଜାତି ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ଦୀପା ମିଶ୍ର, ସଂଯୁକ୍ତା ମହାନ୍ତି, ପ୍ରଦ୍ୟୁମ୍ନ ପଟ୍ଟନାୟକ, ଡ. ରଶ୍ମିତା ତ୍ରିପାଠୀ, ଡ. ଲୁସି ପ୍ରିୟଦର୍ଶିନୀ ନାୟକ, ବେବୀଲତା ଶତପଥୀ ଓ ପୁସ୍ତକ କର୍ମୀଙ୍କୁ 'ସୃଜନ ସ୍ୱପ୍ନ ମହାସମ୍ମାନ' ଅର୍ପଣ କରାଯାଇଥିଲା। କଥାକାର ଦେଶବନ୍ଧୁ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ପ୍ରଶାସକ ଡ. ନିରଞ୍ଜନ ସାହୁ, ଦୀପା ମିଶ୍ର, ଡ. ସଂଘମିତ୍ରା ମିଶ୍ର, ଡ. ଅରବିନ୍ଦ ରାୟ, ରାଜ୍ୟବର୍ଦ୍ଧନ ଧଳମହାପାତ୍ର, ଡ. ହେନେରିଟା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଗୀତିକବି ବିପିନ ମହାନ୍ତି ଓ ହିନ୍ଦୀ ଗବେଷକ ବିଶାଳ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କାବ୍ୟଲୋକ ସମ୍ପାଦକ କବି ଭିକାରୀ ଧଳ ଧନ୍ୟବାଦ ଦେଇଥିଲେ।

# ଶିଶୁ ସାହିତ୍ୟ, ଉପନ୍ୟାସ, ଗବେଷଣାତ୍ମକ ପୁସ୍ତକର ଚାହିଦା ବଢୁଛି

**୭ମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବର ୫ମ ଦିବସ**

**ଶିଶୁ ପାଠକଙ୍କୁ ଆକର୍ଷିତ କରୁଛି 'ଶିଶୁଲେଖା'**

ଭୁବନେଶ୍ୱର,୧୦।୧୨(ସୌମ୍ୟରଞ୍ଜନ ରାଉତ)



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ୭ମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବର ବୁଧବାର ଥିଲା ୫ମ ଦିବସ। ମହୋତ୍ସବରେ ବହି କିଣିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବା ଏବଂ କୋରାପୁଟ କଫିର ମଜା ନେବାକୁ ପାଠିକା ପାଠକଙ୍କ ଭିଡ଼ ଜମୁଛି। ଏଥର ପୁସ୍ତକ ମହୋତ୍ସବରେ ଶିଶୁ ସାହିତ୍ୟ, ପୁରସ୍କାରପ୍ରାପ୍ତ ଉପନ୍ୟାସ ଓ ଗବେଷଣାତ୍ମକ ପୁସ୍ତକର ଚାହିଦା ବଢ଼ିଛି। ଶିଶୁ ପାଠକଙ୍କ ଠାରୁ ଆରମ୍ଭ କରି ଯୁବବର୍ଗ ଓ ବୟୋଜ୍ୟେଷ୍ଠ ବ୍ୟକ୍ତିବିଶେଷମାନେ ଶିଶୁସାହିତ୍ୟ, ପୁରସ୍କାରପ୍ରାପ୍ତ ଉପନ୍ୟାସ ଓ ଗବେଷଣାତ୍ମକ ପୁସ୍ତକ କିଣିବାକୁ ପସନ୍ଦ କରୁଛନ୍ତି। ସଂସ୍କୃତି ବିଭାଗର ୭ଟି ଷ୍ଟଲରେ ଏହି ସବୁ ପୁସ୍ତକ କିଣିବା ପାଇଁ ପାଠକଙ୍କ ଭିଡ଼ ଦେଖିବାକୁ ମିଳିଛି। ଓଡ଼ିଆ ଭାଷା ପ୍ରତିଷ୍ଠାନ, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର, ଓଡ଼ିଶା ରାଜ୍ୟ ଅଭିଲେଖାଗାର, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ଓଡ଼ିଶା ସାହିତ୍ୟ ଏକାଡେମୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ପକ୍ଷରୁ ପୁସ୍ତକ ମହୋତ୍ସବରେ ଷ୍ଟଲ୍ ନିର୍ମାଣ କରାଯାଇଛି। ଓଡ଼ିଆ ଭାଷା ପ୍ରତିଷ୍ଠାନର ପତ୍ରିକା 'ଶିଶୁଲେଖା' ଶିଶୁ ପାଠକଙ୍କୁ ଆକର୍ଷିତ କରୁଛି। ପୁସ୍ତକରେ ସ୍ଥାନିତ ହୋଇଥିବା ରଙ୍ଗୀନ୍ ଚିତ୍ର ଓ ଗଳ୍ପସମୂହକୁ ସେମାନେ ପସନ୍ଦ କରୁଛନ୍ତି। ସେହିପରି କେନ୍ଦ୍ର ସାହିତ୍ୟ ଏକାଡେମୀ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କାରପ୍ରାପ୍ତ ଉପନ୍ୟାସକୁ ମଧ୍ୟ ପାଠକମାନେ ବେଶ୍ ପସନ୍ଦ କରୁଛନ୍ତି। ବିଶେଷକରି ୧୯୬୩ ମସିହାରେ ପ୍ରକାଶିତ ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଉପନ୍ୟାସ 'ବନଚାରୀ, 'ଆଜାଦୀ', ରବୀନ୍ଦ୍ରନାଥ ଟାଗୋର୍‌ଙ୍କ ରଚିତ 'ଗୋରା' ଆଦି ପୁସ୍ତକ ପାଠକମହଲରେ ପ୍ରଶଂସା ସାଉଁଟିଛି। ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରକାଶିତ 'ବାଲ୍ମୀକି ରାମାୟଣ', 'ରାମାୟଣ ହରିବଂଶ', 'ସ୍କନ୍ଦପୁରାଣରେ ଶ୍ରୀଜଗନ୍ନାଥ' ପୁସ୍ତକକୁ ମଧ୍ୟ ବୟୋଜ୍ୟେଷ୍ଠ ପାଠକମାନେ ବେଶ୍ ପସନ୍ଦ କରୁଛନ୍ତି। ସେହିପରି ସଙ୍ଗୀତ, ନୃତ୍ୟ ଓ ନାଟକ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଓଡ଼ିଶୀ ଗବେଷଣା କେନ୍ଦ୍ରପକ୍ଷରୁ ପ୍ରକାଶିତ ପୁସ୍ତକ 'ଓଡ଼ିଶୀ ନୃତ୍ୟ ସରଣୀ' ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ପ୍ରକାଶିତ 'ଅନୁଭୂତି ଦର୍ପଣରେ ଓଡ଼ିଆ ନାଟକ', 'ଓଡ଼ିଶାର ଲୋକନାଟ୍ୟ', 'ଗଞ୍ଜାମର ଲୋକନାଟ୍ୟ' ଭଳି ଗବେଷଣାଭିତ୍ତିକ ପୁସ୍ତକ କିଣୁଥିବା ଦେଖିବାକୁ ମିଳିଛି। ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ପକ୍ଷରୁ ସହଜରେ ଉର୍ଦ୍ଦୁ ବର୍ଣ୍ଣମାଳା ଶିଖିବା ପାଇଁ 'ଆସାନ ଉର୍ଦ୍ଦୁ ତାଲିମ' ପୁସ୍ତକ ମଧ୍ୟ ବିକ୍ରି ହେଉଛି।

# ୫ ସହରରେ ହେବ ଟାଉନ ପ୍ଲାନିଂ

## ଟିପି ସ୍କିମ୍, ନ୍ୟୁ ସିଟି ପ୍ରକଳ୍ପର ଅଗ୍ରଗତି ସମୀକ୍ଷାକଲେ ନଗର ଉନ୍ନୟନ ମନ୍ତ୍ରୀ

ଭୁବନେଶ୍ୱର,୧୦।୧୨(ଅନୁରାଧା ମହାରଣା)

ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ବୁଧବାର ବିଜିପୁର, ପାଇକରାପୁର ଏବଂ ସହଜପୁରରେ ସହର ପରିକଳ୍ପନା ଯୋଜନା (ଟିପି ସ୍କିମ୍) ନମ୍ବର ୧, ୨ ଏବଂ ୩ ପରିଦର୍ଶନ କରିଛନ୍ତି। ସେ ଆଗାମୀ ନୂତନ ସହର (ନ୍ୟୁ ସିଟି) ପ୍ରକଳ୍ପର ସ୍ଥାନ ପରିଦର୍ଶନ କରିବା ସହ ଉଭୟ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଡା. ମହାପାତ୍ର ଗ୍ରେଟର ଭୁବନେଶ୍ୱରକୁ ବିକଶିତ କରିବାର ବ୍ୟାପକ ଦୃଷ୍ଟିକୋଣର ଅଂଶ ଭାବେ ରାଜଧାନୀର ପାର୍ଶ୍ୱବର୍ତ୍ତୀ ଅଞ୍ଚଳଗୁଡ଼ିକରେ ଟିପି ଯୋଜନାଗୁଡ଼ିକୁ ବିସ୍ତାର କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଥିଲେ। ସେ କହିଥିଲେ, ଏହି ଯୋଜନାଗୁଡ଼ିକ ଯୋଜନାବଦ୍ଧ ଓ ସୁବ୍ୟବସ୍ଥିତ ସହରାଞ୍ଚଳ ବିକାଶ ସୁନିଶ୍ଚିତ କରିବା ସହ ନାଗରିକଙ୍କ ପାଇଁ ସାର୍ବଜନୀନ ସୁବିଧାକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବ। ଟିପି ପଦକ୍ଷେପ 'ସମୃଦ୍ଧ ସହର' କାର୍ଯ୍ୟକ୍ରମର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, ଯାହା ବ୍ୟବସ୍ଥିତ ଭୂମି ପୁନର୍ଗଠନ ଏବଂ ଯୋଜନାବଦ୍ଧ ସମ୍ପ୍ରସାରଣ ମାଧ୍ୟମରେ ଓଡ଼ିଶାର ସହରାଞ୍ଚଳଗୁଡ଼ିକୁ ବିକାଶ କେନ୍ଦ୍ରରେ ପରିଣତ କରିବ। ଏହି ଯୋଜନାଟି ବ୍ୟାପକ ବିକାଶ ଯୋଜନା (ସିଡିପି) ୨୦୧୦ର ଲକ୍ଷ୍ୟ ରଖି


ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଘଟଣାସ୍ଥଳ ପରିଦର୍ଶନ ଅବସରରେ ଅଧିକାରୀମାନଙ୍କ ସହ ଆଲୋଚନା କରୁଥନ୍ତି।

ହୋଇଛି, ଯାହା ଭୁବନେଶ୍ୱର ବିକାଶ ଅଞ୍ଚଳ ଚାରିପାଖରେ ୬୫ କି.ମି.ର ଏକ ରିଙ୍ଗ୍‌ରୋଡ ନିର୍ମାଣର ପ୍ରସ୍ତାବ ରହିଛି। ଏହି ଟିପି ସ୍କିମ୍ ସଂଯୋଗୀକରଣ ଓ ବାସସ୍ଥାନକୁ ଉନ୍ନତ କରିବା ସହ ମାଲିକମାନଙ୍କ ଦ୍ୱାରା ସଂରକ୍ଷିତ ଜମିର ବଜାର ମୂଲ୍ୟକୁ ମଧ୍ୟ ଯଥେଷ୍ଟ ବୃଦ୍ଧି କରିବ ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ଭୁବନେଶ୍ୱର ସମେତ, କଟକ, ସମ୍ବଲପୁର, ରାଉରକେଲା ଓ ବ୍ରହ୍ମପୁର ମହାନଗର ନିଗମରେ ମଧ୍ୟ ସହର ପରିକଳ୍ପନା ଯୋଜନା କାର୍ଯ୍ୟକାରୀ କରାଯିବ। ଖୁବଶୀଘ୍ର ପୁରୀରେ ଏହି ଟିପି ଯୋଜନା କାର୍ଯ୍ୟକାରୀ ହେବ। ଏହି ଅବସରରେ ମନ୍ତ୍ରୀ ନ୍ୟୁ ସିଟି ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। ଗୋଠପାଟଣା, ଦାସପୁର ଏବଂ ମଳିପଡ଼ାରେ ପ୍ରାୟ ୮୦୦ ଏକର ଜମିରେ ବିକଶିତ ହେବ। ଏହି ପ୍ରକଳ୍ପର ଲକ୍ଷ୍ୟ ଏକ ସହରାଞ୍ଚଳ ଇକୋସିଷ୍ଟମ ସୃଷ୍ଟି କରିବା, ଯାହା ଭୁବନେଶ୍ୱର ବିକାଶ ଯୋଜନା କ୍ଷେତ୍ର ମଧ୍ୟରେ ବହୁମୁଖୀ ଆର୍ଥିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ। ଏ ନେଇ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ମନ୍ତ୍ରୀ କହିଥିଲେ ଯେ, ସିଙ୍ଗାପୁରଭିତ୍ତିକ ସୁବର୍ଣ୍ଣ ଜୁରୋଙ୍ଗ ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରାଇଭେଟ ଲିମିଟେଡ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇସାରିଛି, ଯାହା ଏହି ଐତିହାସିକ ସହରାଞ୍ଚଳ ପଦକ୍ଷେପ ପାଇଁ ବୈଷୟିକ ବିଶେଷଜ୍ଞତା ପ୍ରଦାନ କରିବ। ବିଶ୍ୱସ୍ତରୀୟ ଫାର୍ମ ଜେ.ଏଲ.ଏଲ. ସହାୟତାରେ ପ୍ରକଳ୍ପ ପାଇଁ ଏକ ବଜାର ସମ୍ଭାବ୍ୟତା ଅଧ୍ୟୟନ ପୂର୍ବରୁ କରାଯାଇଛି।

## ସଂକ୍ଷେପରେ

### ମାନବ ଅଧିକାର ସୁରକ୍ଷା ଉପରେ ଗୁରୁତ୍ୱ

ଭୁବନେଶ୍ୱର,୧୦।୧୨(ସୌମ୍ୟରଞ୍ଜନ ରାଉତ)

ଭାରତ ସ୍କାଉଟ୍ ଓ ଗାଇଡ୍, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହ୍ୟୁମାନ୍ ରାଇଟ୍ସ ଏଜୁକେଶନ ଏବଂ ସିଭିଲ ସୋସାଇଟି ଫୋରମ ଫର୍ ହ୍ୟୁମାନ୍ ରାଇଟ୍ସ ପକ୍ଷରୁ ମିଳିତ ଭାବେ ବୁଧବାର ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ୭୭ତମ ଆନ୍ତର୍ଜାତିକ ମାନବ ଅଧିକାର ଦିବସ ପାଳନ କରାଯାଇଛି। ଏହି ଅବସରରେ ଛାତ୍ରୀଛାତ୍ର ଏବଂ ଅନ୍ୟମାନଙ୍କୁ ନେଇ ଏକ ମାନବ ଶୃଙ୍ଖଳ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାଷାବିତ୍ ଡ. ଦେବୀପ୍ରସନ୍ନ ପଟ୍ଟନାୟକ ଏବଂ ସମ୍ମାନିତ ଅତିଥି ଭାବେ ଡ. ମଧୁସୂଦନ ମିଶ୍ର ଯୋଗଦେଇ ସମ୍ବିଧାନର ସୁରକ୍ଷା ଲାଗି ଛାତ୍ରୀଛାତ୍ରଙ୍କୁ ମୁଖବନ୍ଧ ଶପଥପାଠ କରାଇଥିଲେ। ଅନ୍ୟତମ ଅତିଥି ଭାବେ ରାଜ୍ୟ ମାନବ ଅଧିକାର କର୍ମୀ ବାଘାମ୍ବର ପଟ୍ଟନାୟକ, ପ୍ରଦୀପ୍ତ ନାୟକ, ଦେବେନ୍ଦ୍ର ସୂତାର, ଚନ୍ଦ୍ରନାଥ ଦାନୀ, ଗାୟତ୍ରୀ ମିଶ୍ର, ରଣଜିତ ସୂତାର, ଭାରତ ସ୍କାଉଟ୍ ଓ ଗାଇଡ୍‌ର ଯୁଗ୍ମ ସମ୍ପାଦକ ମିହିର ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ମାନବ ଅଧିକାର ସୁରକ୍ଷା ଉପରେ ଅତିଥିମାନେ ଗୁରୁତ୍ୱ ଦେବା ସହ ସୁଖଦ ଜୀବନଯାପନ ପାଇଁ ଉତ୍ତମ ଖାଦ୍ୟ, ବସ୍ତ୍ର, ବାସଗୃହ, ଶିକ୍ଷା, ସ୍ୱାସ୍ଥ୍ୟ, ନ୍ୟାୟ ଏବଂ ସୁରକ୍ଷା ହେଉଛି ମାନବିକ ଅଧିକାର ବୋଲି ମତ ରଖିଥିଲେ।

### ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ଶ୍ରାଦ୍ଧଦିବସ ପାଳିତ

ତ୍ରିଶୂଳିଆ, ୧୦।୧୨(ତୁଷାର କାନ୍ତ ବେହେରା)

ବାରଙ୍ଗସ୍ଥିତ ଝୁନ୍‌ଝୁନ୍ ୱାଲା ବିଦ୍ୟାପୀଠର ପ୍ରତିଷ୍ଠାତା ସ୍ୱର୍ଗତ ଦେଓକରଣ ଝୁନ୍‌ଝୁନ୍ ୱାଲାଙ୍କ ୧୧୫ତମ ଶ୍ରାଦ୍ଧ ବାର୍ଷିକୀ ବୁଧବାର ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ରାଉତଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ପରିସରସ୍ଥ ଝୁନ୍‌ଝୁନ୍‌ୱାଲାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏକ ସ୍ମୃତିସଭା ଆୟୋଜିତ ହୋଇଥିଲା। ଏଥିରେ ନିମନ୍ତ୍ରିତ ଅତିଥି ଅର୍ଜୁନ ମହାରଣା, ନିରଞ୍ଜନ ସାହୁ, ଦେବେନ୍ଦ୍ର ସାହୁ, ଗୁରୁଦୟାଲ ଅଗ୍ରୱାଲ, ତୁଷାର ବରଣ ଦାଶ, ବିଦ୍ୟାଳୟ ପରିଚାଳନା ସଭ୍ୟ ଜୟଦେବ ବେହେରା, ସସ୍ମିତା ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ସ୍ୱର୍ଗତ ଝୁନ୍‌ଝୁନ୍‌ୱାଲାଙ୍କ ଦାୟାଦ ସୁରେନ୍ ଝୁନ୍‌ଝୁନ୍‌ୱାଲାଙ୍କ ଦ୍ୱାରା ଆୟୋଜିତ ପ୍ରସାଦସେବନ କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇଥିଲେ।

### ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ତ୍ରିଶୂଳିଆ,୧୦।୧୨(ତୁଷାର କାନ୍ତ ବେହେରା)

ଫୁଲପୋଖରୀ ବିଦ୍ୟାଳୟରେ ହିନ୍ଦୀ ଶିକ୍ଷୟିତ୍ରୀ ସାହିସ୍ତା ସୁଲତାନାଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୂର୍ଯ୍ୟମଣି ବେହେରାଙ୍କ ଅଧ୍ୟକ୍ଷତାରେ ସଭା ଆୟୋଜିତ ହୋଇଥିଲା। ଅତିଥିମାନେ ସୁଲତାନାଙ୍କ ଛାତ୍ରବତ୍ସଳତା ସମ୍ପର୍କରେ ଆଲୋକପାତ କରିଥିଲେ। ଆଲୁମ୍‌ନି କମିଟି ସଭାପତି ସନ୍ତୋଷ କୁମାର ପାଣି, ବରିଷ୍ଠ ସଦସ୍ୟ ଜନକ ବେଉରା, ଶ୍ରୀବନ୍ତପୁର ସରପଞ୍ଚ ସଞ୍ଜୟ ସ୍ୱାଇଁ, ପରିଚାଳନା କମିଟି ସଭାପତି ଜ୍ୟୋତି ରଞ୍ଜନ ପାଣି, ବଳରାମ ପାଣି, ରାଜକିଶୋର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସୁବୋଧ ନାୟକ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ଶନିବାର, ରବିବାର ସାରା ଦିନ ଖୋଲା ରହିବ ବିଡିଏ ପାର୍କ

ଭୁବନେଶ୍ୱର,୧୦।୧୨(ଅନୁରାଧା ମହାରଣା)

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏହାର ପାର୍କଗୁଡ଼ିକର ଖୋଲା ରହିବା ସମୟ ପରିବର୍ତ୍ତନ କରିଛି। ପ୍ରାତଃଭ୍ରମଣକାରୀ, ଫିଟନେସ୍‌ପ୍ରେମୀ ଏବଂ ପରିଦର୍ଶକଙ୍କ ବାରମ୍ବାର ଅନୁରୋଧକୁ ଦୃଷ୍ଟିରେ ରଖି ବିଡିଏ ନିଷ୍ପତ୍ତି ନେଇଛି ଯେ, ସପ୍ତାହର ଶନିବାର ଓ ରବିବାର ସବୁ ପାର୍କ ଦିନସାରା ଖୋଲାରହିବ। ଅପରାହ୍ନରେ ସାଧାରଣତଃ ଯେଉଁ ପାର୍କ ବନ୍ଦ ରହେ, ତାହା ଏବେ ହେବ ନାହିଁ। ଏହି ନୂଆ ନିୟମ ଡିସେମ୍ବର ୧୩ ତାରିଖଠାରୁ ଲାଗୁ ହେବ ବୋଲି କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି। ସଂଶୋଧିତ ସମୟ ଅନୁଯାୟୀ, ସମସ୍ତ ବିଡିଏ ପରିଚାଳିତ ପାର୍କ ଶନିବାର ଏବଂ ରବିବାର ସକାଳ ୫ଟାରୁ ରାତି ୮ଟା ୩୦ ପର୍ଯ୍ୟନ୍ତ ଖୋଲା ରହିବ। ଯେଉଁମାନେ ଶନିବାର ଓ ରବିବାର ବାହାରେ ବିତାଇବାକୁ ପସନ୍ଦ କରନ୍ତି, ସେମାନେ ନିରବଚ୍ଛିନ୍ନ ପ୍ରବେଶ କରିପାରିବେ। ଚିତ୍ତବିନୋଦନ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ ଓ ଜନସାଧାରଣଙ୍କ ସୁବିଧାକୁ ଉନ୍ନତ କରିବା, ନାଗରିକଙ୍କୁ ସହରର ସବୁଜ ପ୍ରାକୃତିକ ସ୍ଥାନଗୁଡ଼ିକରେ ବିଶ୍ରାମ, ଫିଟ୍‌ନେସ ଏବଂ ସମାବେଶ ପାଇଁ ବ୍ୟବହାର ଲାଗି ଉତ୍ସାହିତ କରିବା ସକାଶେ ଏହି ପଦକ୍ଷେପ ନିଆଯାଇଛି। ଇନ୍ଦିରା ଗାନ୍ଧୀ ପାର୍କ ସପ୍ତାହର ସବୁଦିନ ସକାଳ ୫ଟାରୁ ରାତି ୮ଟା ୩୦ ପର୍ଯ୍ୟନ୍ତ ଖୋଲା ରହିବ। ଅବଶିଷ୍ଟ ପାର୍କଗୁଡ଼ିକ ପାଇଁ ସପ୍ତାହର ସମୟ ପୂର୍ବ ପରି ଜାରି ରହିବ। ଅର୍ଥାତ ସେଗୁଡ଼ିକ ସକାଳ ୫ଟାରୁ ପୂର୍ବାହ୍ନ ୧୧ଟା ୩୦ ଏବଂ ଅପରାହ୍ନ ୩ଟା ୩୦ରୁ ରାତି ୮ଟା ୩୦ ପର୍ଯ୍ୟନ୍ତ ଖୋଲା ରହିବ। ପ୍ରତ୍ୟେକ ପାର୍କ ପ୍ରବେଶ ଦ୍ୱାର ବୋର୍ଡରେ ଖୁବଶୀଘ୍ର ନୂତନ କାର୍ଯ୍ୟସୂଚୀ ସମୟ ପ୍ରଦର୍ଶିତ ହେବ। ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା କହିଛନ୍ତି, ସହରବାସୀଙ୍କ ମନୋରଞ୍ଜନ ଅଭିଜ୍ଞତାକୁ ଆହୁରି ବୃଦ୍ଧି କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନ ବିଡିଏ ଆଇଜି ପାର୍କ, ବିଜୁ ପଟ୍ଟନାୟକ ପାର୍କ, ଏପିଜେ ଅବଦୁଲ କଲାମ ପାର୍କ, ମଧୁସୂଦନ ଦାସ ପାର୍କ, ଗୁରୁ କେଳୁଚରଣ ମହାପାତ୍ର ପାର୍କ ଏବଂ ବୁଦ୍ଧ ଜୟନ୍ତୀ ପାର୍କ ସମେତ ୫୦ଟି ପ୍ରମୁଖ ପାର୍କ ପରିଚାଳନା କରୁଛି। ପ୍ରତିଦିନ ହାରାହାରି ପ୍ରାୟ ୩୫,୦୦୦ ଲୋକ ଏହି ପାର୍କଗୁଡ଼ିକୁ ପରିଦର୍ଶନ କରନ୍ତି।

# କଳାରାହାଙ୍ଗ, ପଟିଆରୁ ହଟିଲା ଜବରଦଖଲ


ସରକାରୀ ଜମିରେ ଥିବା ବେଆଇନ୍ ଘରକୁ ଭଙ୍ଗାଯାଉଛି।

ଭୁବନେଶ୍ୱର,୧୦।୧୨(ଅନୁରାଧା ମହାରଣା)

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ବୁଧବାର କଳାରାହାଙ୍ଗ ଓ ପଟିଆରେ ଜବରଦଖଲ ଉଚ୍ଛେଦ କରାଯାଇଛି। କଳାରାହାଙ୍ଗ ମୌଜା ଅନ୍ତର୍ଗତ ପ୍ଲଟ୍ ନମ୍ବର ୧୭୬୩ରେ ୧୫ ଏକର ୪୭୦ ଡେସିମିଲ ସରକାରୀ ଜମିରେ ଥିବା ୨୫ଟି ଆଜ୍‌ବେଷ୍ଟସ୍/ଟିଣ ନିର୍ମିତ ଦୋକାନ, ୨୦ଟି ଆଜ୍‌ବେଷ୍ଟସ୍ ଘର, ୨ଟି ଶୌଚାଳୟ, ୨ଟି ବାଉଁଶ ନିର୍ମିତ ଶେଡ୍ ଏବଂ ୫୦ ଫୁଟ ଲମ୍ବର କାନ୍ଥ ଭାଙ୍ଗି ଦିଆଯାଇଛି। କଳାରାହାଙ୍ଗ ମୌଜାରେ ୩ଟି ଟିଣ କ୍ୟାବିନ ହଟାଯାଇ ପ୍ରାୟ ୧ଏକର ସରକାରୀ ଜମି ଜବରଦଖଲମୁକ୍ତ କରାଯାଇଛି। ସମୟ ଅଭାବରୁ ଉଚ୍ଛେଦ ଅଭିଯାନ ଆଂଶିକ ଭାବେ କରାଯାଇଥିଲା। ଗୁରୁବାର ଅବଶିଷ୍ଟ ଜବରଦଖଲ ଉଚ୍ଛେଦ କରାଯିବ। ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଦୁଇ ସେକ୍ସନ ପୋଲିସ ଓ ଏକ ସେକ୍ସନ ମହିଳା ପୋଲିସ ମୁତୟନ କରାଯାଇଥିଲା। ବିଡିଏ ଏନ୍‌ଫୋର୍ସମେଣ୍ଟ ଅଫିସର (ଓଏସ୍‌ଡି) ଦେବରାଜ ସେଠୀ ଏବଂ ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କଲା ପ୍ରତିନିଧି ଦଳ


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଆଲୋଚନା ଅବସରରେ ପ୍ରତିନିଧି ଦଳ।

ପୁରୀ,୧୦।୧୨(ଅଜିତ୍ କୁମାର ମହାନ୍ତି)

### ପୁରୀବାସୀଙ୍କ ସ୍ୱତନ୍ତ୍ର ଦର୍ଶନ ପ୍ରସଙ୍ଗ

ପୁରୀବାସୀଙ୍କ ସ୍ୱତନ୍ତ୍ର ଦର୍ଶନ ପାଇଁ ବୁଧବାର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଶ୍ରୀମନ୍ଦିରରେ ସୁରୁଖୁରୁରେ ପ୍ରବେଶ ଓ ଶ୍ରୀଜଗନ୍ନାଥ ଦର୍ଶନର ସୁବ୍ୟବସ୍ଥା କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଏନେଇ ଖୁବ୍‌ଶୀଘ୍ର ଘୋଷଣା କରାଯିବ। ଏହି ସମୟରେ ପ୍ରାକ୍ତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଓ ଭାଜପା ପୁରୀ ଜିଲା ସଭାପତି ଡାକ୍ତର ଦେବେନ୍ଦ୍ର କୁମାର ତରେଇଙ୍କ ନେତୃତ୍ୱରେ ଏହି ରୁଦ୍ଧଦ୍ୱାର ବୈଠକରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ, ବଦ୍ରି ମିଶ୍ର, ମଧୁସୂଦନ ମିଶ୍ର, ମନୋଜ ରଥ ଓ ରାଜେଶ କୁମାର ମହାନ୍ତି ପୁରୀବାସୀଙ୍କ ମନ୍ଦିର ପ୍ରବେଶ, ଜଗନ୍ନାଥ ଦର୍ଶନ, ଅବଢ଼ା କିଣା, ଶୁଖିଲି ଭୋଗ କିଣା, ସତ୍ୟନାରାୟଣଙ୍କ ଦର୍ଶନ, ଲକ୍ଷ୍ମୀ ଦର୍ଶନ, ସୂର୍ଯ୍ୟ ମନ୍ଦିରରେ ନିର୍ବନ୍ଧ, ଶୀତଳା ଦର୍ଶନ ଭଳି ଅନେକ ବିଷୟରେ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, ଏହା ଏକ ବିପ୍ଳବ, ଆନ୍ଦୋଳନ ନୁହେଁ। ଏନେଇ ଶତାଧିକ ମହିଳା, ବରିଷ୍ଠ ନାଗରିକ, ଯୁବଗୋଷ୍ଠୀଙ୍କ ସହ ପୁରୀବାସୀଙ୍କ ପକ୍ଷରୁ ଅଭିଯାନ ମଞ୍ଚ ସିଂହଦ୍ୱାର ଓ ଶରଧାବାଲିରେ ମିଳିତ ପ୍ରାର୍ଥନା ଓ ଦୀପଦାନ କରିଥିଲେ। ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ଜିଲାପାଳଙ୍କୁ ଗତ ୭ ତାରିଖରେ ନିବେଦନପତ୍ର ପ୍ରଦାନ କରିଥିଲେ। ସରକାର ମାତ୍ର ୨ଦିନ ବ୍ୟବଧାନରେ ଅଭିଯାନ ମଞ୍ଚ ସହ ଆଲୋଚନା କରିଥିବାରୁ ପୁରୀବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ଆଇନମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।



ଲୋହିଆ ଏକାଡେମୀରେ ବୁଧବାର ସିଏସ୍‌ଏଚ୍‌ଏଫ୍‌ଆର୍ ପକ୍ଷରୁ ବିଶ୍ୱ ମାନବ ଅଧିକାର ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଦଣ୍ଡ ପ୍ରଣାମ କରି ପୁରୀରେ ପହଞ୍ଚିଲେ ରାଜଗିରି ମହାରାଜ

ପୁରୀ,୧୦।୧୨(ଅଜିତ୍ କୁମାର ମହାନ୍ତି)

ସୁଦୂର ରାଜସ୍ଥାନରୁ ଦଣ୍ଡ ପ୍ରଣାମ କରି ପୁରୀରେ ପହଞ୍ଚି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ରାଜସ୍ଥାନର ରାଜଗିରି ମହାରାଜ। ମହାରାଜ ଗତ ଏପ୍ରିଲ୍ ୧୮ରୁ ପୁରୀ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ସେ ଦଣ୍ଡ ପ୍ରଣାମ କରି ରାଜସ୍ଥାନରୁ ଆସି ବୁଧବାର ପୁରୀରେ ପହଞ୍ଚିଛନ୍ତି। ପୂର୍ବରୁ ରାଜଗିରି ମହାରାଜ ଗଙ୍ଗୋତ୍ରୀରୁ ରାମେଶ୍ୱରମ୍ ପର୍ଯ୍ୟନ୍ତ ଦଣ୍ଡ ପ୍ରଣାମ କରି ଯାତ୍ରା ସମାପନ କରିଥିବା ବେଳେ ବର୍ତ୍ତମାନ ଦଣ୍ଡ ପ୍ରଣାମ କରି ପୁରୀରେ ପହଞ୍ଚିଛନ୍ତି। ସେ ଚାରିଧାମ ଯିବାକୁ ଲକ୍ଷ୍ୟ ରଖିଛନ୍ତି। ମହାପ୍ରଭୁଙ୍କ ଦର୍ଶନ କରି ମହାରାଜ ଭାବବିହ୍ୱଳ ହୋଇପଡ଼ିଛନ୍ତି। ମହାରାଜ କହିଛନ୍ତି, ମହାପ୍ରଭୁଙ୍କ ଦର୍ଶନ କରି ପରମ ଆନନ୍ଦ ଅନୁଭବ ହେଉଛି, ଯାହାକୁ କହିହେବ ନାହିଁ। ପୁରୀରେ ଦୁଇ ତିନି ଦିନ ରହି ଦ୍ୱାରିକା ଏବଂ ବଦ୍ରିନାଥ ଯିବେ ବୋଲି ସେ କହିଛନ୍ତି। ସନାତନ ଧର୍ମର ପ୍ରସାର, ସୁରକ୍ଷା ନେଇ ସେ ଚାରିଧାମ ଯାତ୍ରା କରୁଛନ୍ତି। ଆଜିର ଯୁବପିଢ଼ି ସନାତନ ଧର୍ମକୁ ପାଳନ କରନ୍ତୁ, ଅନୁଶୀଳନ କରନ୍ତୁ। ପାଶ୍ଚାତ୍ୟ ସଭ୍ୟତା ପଛରେ ଗୋଡ଼ାନ୍ତୁ ନାହିଁ ବୋଲି ମହାରାଜ କହିଛନ୍ତି।

# ଚଢ଼ାଉ ବେଳେ ୨୭ ସିଲିଣ୍ଡର ଜବତ: ଜଣେ ଗିରଫ

ମାହାଙ୍ଗା ,୧୦।୧୨ (ଅଜୟ କୁମାର ମହାନ୍ତି )

ମାହାଙ୍ଗା ବ୍ଲକ ଅନ୍ତର୍ଗତ ବାସୁଦେବପୁର ଗାଁରେ ବୁଧବାର ଜଣେ ବେଆଇନ ଗ୍ୟାସ ବ୍ୟବସାୟୀଙ୍କ ଘରେ ଚଢ଼ାଉ କରାଯାଇଛି। ତାଙ୍କ ଘରୁ ୨୭ଟି ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଛି। ଏହି ଅଭିଯୋଗରେ ସୁଧାଂଶୁ ସାହୁଙ୍କୁ ଗିରଫ କରାଯାଇଛି। ସୁଧାଂଶୁ ଗାଁ ଭିତରେ ନିଜଘରେ ବେଆଇନ ଭାବେ ଗ୍ୟାସ ସିଲିଣ୍ଡର ରଖି ଦୀର୍ଘଦିନ ହେବ ବ୍ୟବସାୟ କରୁଥିଲେ।

# ଡିଏଲ୍‌ସିଏଲ୍ ଅଲ୍ ଇଣ୍ଡିଆ ନ୍ୟାଶନାଲ କ୍ରିକେଟ ଲିଗ୍ ପାଇଁ ଶୁଭମ୍ ମନୋନୀତ

ବେଗୁନିଆ,୧୦।୧୨
(ସନ୍ଧ୍ୟାରାଣୀ ମିଶ୍ର)



ଡିଏଲ୍‌ସିଏଲ୍ ଅଲ୍ ଇଣ୍ଡିଆ ନ୍ୟାଶନାଲ କ୍ରିକେଟ ଲିଗ୍-୨୦୨୫ ରେ ଖେଳିବା ପାଇଁ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ପଙ୍ଗାରସିଂହ ପଞ୍ଚାୟତ ଅନ୍ତର୍ଗତ ଭୋଗଡ଼ା ଗ୍ରାମର ଶୁଭମ ଜ୍ୟୋତି ସାମନ୍ତରାୟ ମନୋନୀତ ହୋଇଛନ୍ତି। ଗତ ଅଗଷ୍ଟ ୨୩ରେ ଦିଲ୍ଲୀ ସ୍ଥିତ ଶିବାଜୀ ଷ୍ଟାଡିୟମଠାରେ ଓଡ଼ିଶାର ୧୯ବର୍ଷରୁ କମବର୍ଗର ବାଳକ ଓ ବାଳିକାମାନଙ୍କର ମନୋନୟନ ପ୍ରକ୍ରିୟା ହୋଇଥିଲା। ଏଥିରେ ସଫଳତାର ସହ ସେ ଉତ୍ତମ କ୍ରୀଡ଼ା ପ୍ରଦର୍ଶନ କରି ମନୋନୀତ ହୋଇଥିବାରୁ ରାଜ୍ୟ ଓ ବେଗୁନିଆ ଅଞ୍ଚଳବାସୀଙ୍କ ପାଇଁ ଗର୍ବ ଗୌରବ ସୃଷ୍ଟି କରିଛନ୍ତି। ତାଙ୍କର ଏହି ସଫଳତାରେ ପରିବାରବର୍ଗ ଏବଂ ଗ୍ରାମବାସୀ ଖୁସିଥିବା ବେଳେ ଆଗକୁ କ୍ରିକେଟ୍‌ରେ ନାମ କମାଇବାକୁ ଆଶା ବାନ୍ଧିଛନ୍ତି ଶୁଭମ। ଅନ୍ୟପଟେ ତାଙ୍କର ଏହି ସଫଳତାର ଖବର ପ୍ରଚାରିତ ହେବା ପରେ ବହୁ କ୍ରୀଡ଼ାବିତ୍ ଏବଂ ବନ୍ଧୁମାନେ ଶୁଭେଚ୍ଛା ଜଣାଇଛନ୍ତି।

# ଗଣତାନ୍ତ୍ରିକ ରାଷ୍ଟ୍ରରେ ନାଗରିକ ସର୍ବମୟ କର୍ତ୍ତା

ଭୁବନେଶ୍ୱର,୧୦।୧୨(ସୌମ୍ୟରଞ୍ଜନ ରାଉତ)

ମାନବୀୟ ମୂଲ୍ୟବୋଧ ଓ ମାନବିକତା ଏବେ ସମାଜରେ ମୂଲ୍ୟହୀନ ହେବାର ଉପଲବ୍ଧି ହେଉଛି। ଗଣତାନ୍ତ୍ରିକ ରାଷ୍ଟ୍ରରେ ନାଗରିକମାନେ ହିଁ ସର୍ବମୟ କର୍ତ୍ତା। ତେଣୁ ତାଙ୍କର ଆଚରଣ, ଉଚ୍ଚାରଣ ତଥା ମୂଲ୍ୟବୋଧଭିତ୍ତିକ କାର୍ଯ୍ୟକ୍ରମ ଜରିଆରେ ହିଁ ସୁସ୍ଥ ସମାଜ ଗଠିତ ହୋଇପାରିବ। ବୁଧବାର 'ମାନବାଧିକାର ମଞ୍ଚ' ପକ୍ଷରୁ ରେଡ୍‌କ୍ରସ୍ ଭବନରେ 'ବିଶ୍ୱ ମାନବାଧିକାର ଦିବସ' ପାଳନ ଅବସରରେ ଆୟୋଜିତ 'ସୁସ୍ଥ ସମାଜ ଗଠନରେ ନାଗରିକଙ୍କ ଭୂମିକା' ଶୀର୍ଷକ ଆଲୋଚନାଚକ୍ର ଓ ମଞ୍ଚର ମୁଖପତ୍ର 'ମାନବିକତାର କଥା'ର ୧୨ତମ ବାର୍ଷିକ ଉତ୍ସବରେ ଯୋଗଦେଇ ଅତିଥିମାନେ ଏହି ମତ ପ୍ରକାଶ କରିଛନ୍ତି। ଆଇନଜୀବୀ ନଟବର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଚାରପତି ପ୍ରମଥ ପଟ୍ଟନାୟକ, ଗବେଷକ ଗିରିଶ ପ୍ରସାଦ ସ୍ୱାଇଁ, ଶିକ୍ଷାବିତ୍ ଆଦିତ୍ୟ କୁମାର ମହାନ୍ତି, ପୂର୍ବତନ ପ୍ରଶାସକ ଜୟନ୍ତ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। କେତେଜଣ ସାରସ୍ୱତ ସାଧକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଆଦୃତା ସେବା ସଦନର ୬ଜଣ ଅନ୍ତେବାସୀ ଏବଂ ମାଇକ୍ରୋଭିଟା ଗବେଷଣା ଓ ସ୍ୱାସ୍ଥ୍ୟସେବା କେନ୍ଦ୍ରକୁ 'ମାନବିକତା ସମ୍ମାନ' ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପସଭାପତି ପ୍ରଦୀପ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଆଇନଜୀବୀ ନଟବର ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶିକ୍ଷାବିତ୍ ଡ. ପ୍ରଶାନ୍ତ କୁମାର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଅତିଥିମାନେ ମଞ୍ଚର ମୁଖପତ୍ର ଉନ୍ମୋଚନ କରୁଛନ୍ତି।

# ବିଏମ୍‌ସି ଗୋଶାଳାକୁ ଗୋଖାଦ୍ୟ ଯୋଗାଇବ ଓମ୍‌ଫେଡ୍

ଭୁବନେଶ୍ୱର,୧୦।୧୨(ଅନୁରାଧା ମହାରଣା)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଏବଂ ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ ଲିମିଟେଡ୍ (ଓମ୍‌ଫେଡ୍) ମଧ୍ୟରେ ବୁଧବାର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

ଚୁକ୍ତି ଅନୁସାରେ ବିଏମ୍‌ସି ଅଧୀନରେ ଖୋର୍ଦ୍ଧା ଓ ପୁରୀ ଜିଲାରେ ଥିବା ୬ଟି ଗୋଶାଳାର ପ୍ରାୟ ୨ ହଜାର ଗୋରୁଙ୍କ ପାଇଁ ବିଏମ୍‌ସି ପୁଷ୍ଟିକର ଖାଦ୍ୟ ଯୋଗାଇବ। ପ୍ରଥମ ପର୍ଯ୍ୟାୟରେ ପୁରୀ ଓ ଖୋର୍ଦ୍ଧା ଜିଲାର ୪ଟି ଗୋଶାଳାରେ ଥିବା ପ୍ରାୟ ୧୫୦୦ ଗୋରୁଙ୍କ ପାଇଁ ଖାଦ୍ୟ ଯୋଗାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ଗୋଶାଳା ପାଇଁ ଖାଦ୍ୟ କ୍ରୟ କରାଯିବ। ବିଏମ୍‌ସି ପ୍ରତି ମାସରେ ଗୋଶାଳାରେ ୧୮% କ୍ରୁଡ୍ ପ୍ରୋଟିନ୍‌ଯୁକ୍ତ କନ୍‌ସେଣ୍ଟ୍ରେଟ ଗୋଖାଦ୍ୟ ଯୋଗାଇବ। ଏନେଇ ବିଏମ୍‌ସି ମେୟର ସୁଲୋଚନା ଦାସ କହିଛନ୍ତି, ଏହା କୌଣସି ବ୍ୟବସାୟିକ ଚୁକ୍ତିପତ୍ର ନୁହେଁ, ବରଂ ଗୋରୁଙ୍କୁ ଉତ୍ତମ ଗୁଣମାନର ସୁଷମ ଓ ପୁଷ୍ଟିକର ଗୋଖାଦ୍ୟ ଯୋଗାଇଦେବା ପାଇଁ ଏକ ପଦକ୍ଷେପ। ଗୋଶାଳାରେ ରହୁଥିବା ଗୋରୁଙ୍କୁ ସରକାରଙ୍କ ସମର୍ଥିତ ସମବାୟ ସଂସ୍ଥା ଦ୍ୱାରା ବୈଜ୍ଞାନିକ ପଦ୍ଧତିରେ ପ୍ରସ୍ତୁତ ପୁଷ୍ଟିକର ସୁଷମ ଗୋଖାଦ୍ୟ ଯୋଗାଇବା ଆମର କର୍ତ୍ତବ୍ୟ। ସେହିପରି ବିଏମ୍‌ସି କମିଶନର ଚଞ୍ଚଳ ରାଣା କହିଛନ୍ତି, ଓମ୍‌ଫେଡ୍ ଉତ୍ତମ ଗୁଣମାନର ଗୋଖାଦ୍ୟ ପ୍ରସ୍ତୁତ କରୁଛି, ତେଣୁ ସେଠାରୁ କ୍ରୟ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

ଖାଦ୍ୟ ସାମଗ୍ରୀ ଶେଷ ହେବା ପୂର୍ବରୁ ଗୋଶାଳାରେ ଯେପରି ଖାଦ୍ୟ ପହଞ୍ଚିବ ଅର୍ଥାତ୍ ବର୍ଷସାରା ଯେପରି ଗୋଶାଳାରେ ଖାଦ୍ୟ ମହଜୁଦ ରୁହେ, ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି। ଏହି ଚୁକ୍ତି ସ୍ୱାକ୍ଷର କାର୍ଯ୍ୟକ୍ରମରେ ବିଏମ୍‌ସି ପରିମଳ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ଓମ୍‌ଫେଡ୍ ଡେପୁଟି ମ୍ୟାନେଜର ଡା. ବିଶ୍ୱରଞ୍ଜନ ତ୍ରିପାଠୀ ଏବଂ ଅତିରିକ୍ତ କମିଶନର ରତ୍ନାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ବିଏମ୍‌ସି ମେୟର ସୁଲୋଚନା ଦାସ ଏବଂ କମିଶନର ଚଞ୍ଚଳ ରାଣାଙ୍କ ଉପସ୍ଥିତିରେ ବୁଝାମଣାପତ୍ର ସ୍ୱାକ୍ଷରିତ ହେଉଛି।

## ସଂକ୍ଷେପରେ

### ବଡ଼ମ୍ବା ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ଗଠନ, କର୍ମକର୍ତ୍ତା ଚୟନ

**ବଡ଼ମ୍ବା, ୧୦।୧୨(ମାୟାଧର ମଲ୍ଲିକ)**

ବଡମ୍ବା ହାଟସ୍ଥିତ ଆଡିଆ ମହାଦେବ ମନ୍ଦିର ପ୍ରାଙ୍ଗଣରେ ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ନେଇ ଏକ ବୈଠକ ଆୟୋଜନ କରାଯାଇଛି। ବଡ଼ମ୍ବା ନାଗରିକ ମଞ୍ଚ ସଭାପତି ଦାମୋଦର ରଣାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ଗଠନ କରାଯିବା ସହ କର୍ମକର୍ତ୍ତା ଚୟନ କରାଯାଇଛି। ଏହି ଅବସରରେ ନୂତନ ସଭାପତି ଭାବେ ଖବରଦାତା ଚିନ୍ମୟ ମହାନ୍ତି, ଉପସଭାପତି ଭାବେ ଶିବନାରାୟଣ ମିଶ୍ର, ପଞ୍ଚାନନ ମଲ୍ଲିକ, ସାଧାରଣ ସମ୍ପାଦକ ଭାବେ ନିଗମାନନ୍ଦ ନାୟକ, ସହ ସମ୍ପାଦକ ଭାବେ ଜଳଧର ରଣା, କୋଷାଧ୍ୟକ୍ଷ ଗୋବର୍ଦ୍ଧନ ମହାରଣାଙ୍କୁ ମନୋନୀତ କରାଯାଇଛି। ସେହିପରି ମହାସଂଘର ଉପଦେଷ୍ଟାଭାବେ ପ୍ରାକ୍ତନ ବ୍ଲକ୍ ଅଧ୍ୟକ୍ଷ ବିବେକାନନ୍ଦ ମଲ୍ଲିକ, ବଡ଼ମ୍ବା ବିକାଶ ପରିଷଦ ସଭାପତି ସନ୍ତୋଷ କୁମାର ପଟ୍ଟନାୟକ ଓ ସାମାଜିକ କର୍ମୀ ମନୋଜ ପଟ୍ଟନାୟକ ପ୍ରମୁଖ ମନୋନୀତ ହୋଇଛନ୍ତି। ମୁଖ୍ୟ ସଂଯୋଜକ ଭାବେ ଦାମୋଦର ରଣା ଓ ସଂଯୋଜକ ଭାବେ ଅକ୍ଷୟ କରଣଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି।

### ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ତ୍ରିଶୂଳିଆ,୧୦।୧୨ (ତୁଷାର କାନ୍ତ ବେହେରା):**

ଫୁଲପୋଖରୀ ବିଦ୍ୟାଳୟ ପରିସରରେ ହିନ୍ଦୀ ଶିକ୍ଷୟିତ୍ରୀ ସାହିସ୍ତା ସୁଲତାନାଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୂର୍ଯ୍ୟମଣି ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ସଭାରେ ଅତିଥିମାନେ ଯୋଗଦେଇ ଶିକ୍ଷୟିତ୍ରୀଙ୍କ ଉଚ୍ଚକୋଟୀର ଶିକ୍ଷାଦାନ, ସମୟାନୁବର୍ତ୍ତିତା, ଛାତ୍ର ବାତ୍ସଲ୍ୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଆଲୁମ୍ନି କମିଟି ସଭାପତି ସନ୍ତୋଷ କୁମାର ପାଣି, ବରିଷ୍ଠ ସଦସ୍ୟ ଜନକ ବେଉରା, ଶ୍ରୀବନ୍ତପୁର ସରପଞ୍ଚ ସଞ୍ଜୟ ସ୍ୱାଇଁ, ପରିଚାଳନା କମିଟି ସଭାପତି ଜ୍ୟୋତି ରଞ୍ଜନ ପାଣି, ବଳରାମ ପାଣି, ରାଜକିଶୋର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏଥିସହ ସହକର୍ମୀ ଶିକ୍ଷକ ବିଜୟ ବାଗ, ଡ. ପ୍ରାଚୀ ଦାସ, ସ୍ମୃତିରେଖା ସାମଲ, ଲିପିକା ସାହୁ, ନୀଳିମା ମୁର୍ମୁ, ବିଳାସିନୀ ସାହୁ, ମିନା ବିଶୋଇ, ମମତା ମଲ୍ଲିକ ଓ ସମସ୍ତ ଛାତ୍ରୀଛାତ୍ର ଶିକ୍ଷୟିତ୍ରୀଙ୍କ ବିଦ୍ୟାଳୟ କର୍ମମୟ ଜୀବନ ସମ୍ବନ୍ଧିତ ଆଲୋଚନା ସଭାରେ ଭାଗନେଇ ଥିଲେ। ଏଇ କାର୍ଯ୍ୟକ୍ରମକୁ ସୁବୋଧ ନାୟକ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ୨ ବର୍ଷ ହେବ ନୂତନ ହିତାଧିକାରୀଙ୍କୁ ମିଳୁନି ବାର୍ଦ୍ଧକ୍ୟ ଭତ୍ତା

- ୧୧୫୩ ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ
- ଭତ୍ତା ଆଶାରେ ଆଖିବୁଜିଲେଣି ବହୁ ହିତାଧିକାରୀ

**ଟିଗିରିଆ, ୧୦।୧୨( ଜାଫର ଖାଁ):**

ସରକାର ବୃଦ୍ଧାବୃଦ୍ଧମାନଙ୍କୁ ସେବା ଯୋଗାଇଦେବାକୁ ବିଭିନ୍ନ ଯୋଜନା କରିଥିଲେ ମଧ୍ୟ ଏହାର ପ୍ରକୃତ ଲାଭ ହିତାଧିକାରୀଙ୍କୁ ମିଳିପାରୁ ନାହିଁ। ଟିଗିରିଆ ବ୍ଲକର ୧୪ ପଞ୍ଚାୟତରେ ଏପରି ଘଟଣା ଦେଖିବାକୁ ମିଳିଛି। ଉକ୍ତ ପଞ୍ଚାୟତର ଶତାଧିକ ହିତାଧିକାରୀ ନୂତନ ଭାବେ ଭତ୍ତା ପାଇଁ ଆବେଦନ କରିଥିଲେ। ମାତ୍ର ୨ ବର୍ଷ ବିତିବା ସତ୍ତ୍ୱେ ମଧ୍ୟ ସେମାନେ ଭତ୍ତା ନ ପାଇ ଅନେକ ଅସୁବିଧା ଭୋଗୁଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଶେଷ ଥର ପାଇଁ ଯୋଗ୍ୟ ହିତାଧିକାରୀମାନଙ୍କୁ ନୂତନ ବାର୍ଦ୍ଧକ୍ୟ ଭତ୍ତା ସରକାରଙ୍କ ତରଫରୁ ବ୍ଲକ ପ୍ରଶାସନ ମାଧ୍ୟମରେ ପ୍ରଦାନ କରାଯାଇଥିଲା। ଏହା ମଧ୍ୟରେ ୨ ବର୍ଷ ବିତିଯାଇଥିଲେ ମଧ୍ୟ ନୂତନ ଭାବେ ଭତ୍ତା ପାଇଁ ଆବେଦନ କରିଥିବା ହିତାଧିକାରୀଙ୍କୁ ଏ ପର୍ଯ୍ୟନ୍ତ ଭତ୍ତା ମିଳି ନ ଥିବା ଜଣାପଡ଼ିଛି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦିଲୀପ ପ୍ରଧାନଙ୍କ କହିବା ଅନୁଯାୟୀ, ବ୍ଲକର ୧୪ଟି ପଞ୍ଚାୟତରୁ ବିଭିନ୍ନ ପ୍ରକାର ଭତ୍ତା ପାଇଁ ୧୧୫୩ ଜଣ ଅନ୍‌ଲାଇନ ଯୋଗେ ଆବେଦନ କରିଛନ୍ତି। ସେମାନଙ୍କ ମଧ୍ୟରୁ ବାର୍ଦ୍ଧକ୍ୟ ଭତ୍ତା ପାଇଁ ୭୯୨ ଜଣ, ବିଧବା ଭତ୍ତା ପାଇଁ ୬୭ ଜଣ, ଭିନ୍ନକ୍ଷମ ଭତ୍ତା ପାଇଁ ୪୪ ଜଣ, ୮୦ ବର୍ଷରୁ ଅଧିକ ବୟସ ୧୩୧ ଜଣ, ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ୮୭ ଜଣ ଏବଂ ୮୦ ପ୍ରତିଶତ ଭିନ୍ନକ୍ଷମ ଭତ୍ତା ପାଇଁ ୩୨ ଜଣ ନୂତନ ହିତାଧିକାରୀ ଆବେଦନ କରିଛନ୍ତି। ହେଲେ ଏ ପର୍ଯ୍ୟନ୍ତ ହିତାଧିକାରୀମାନଙ୍କୁ ଭତ୍ତା ମିଳିପାରି ନାହିଁ। ଇତି ମଧ୍ୟରେ ଅନେକ ହିତାଧିକାରୀ ବୟସର ଅପରାହ୍ନରେ ଗରିବ ଗୁରୁବା, ବିଧବା, ବାର୍ଦ୍ଧକ୍ୟ ଭତ୍ତା ପାଇ ଅପେକ୍ଷା କରି ଶେଷରେ କିଛି ଆଖି ବୁଜି ଦେଇଥିବା ବେଳେ ଅନ୍ୟ ହିତାଧିକାରୀମାନେ ଭତ୍ତାକୁ ଅନେଇ ବହୁ ହୀନସ୍ତା ହେଉଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଟିଗିରିଆ ବିଡିଓ ମନସ୍ୱିନୀ ଦାସଙ୍କୁ ପଚାରିବାରୁ ସରକାରଙ୍କ ତରଫରୁ ଏବେ ସୁଦ୍ଧା କୌଣସି ଟାର୍ଗେଟ ନଥିବାରୁ ଭତ୍ତା ପ୍ରଦାନ ହୋଇନାହିଁ ହେଲେ ଖୁବ ଶୀଘ୍ର ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯିବା ପାଇଁ ଯୋଜନା କରାଯାଉଛି ବୋଲି ସେ କହିଛନ୍ତି।

# ଚଢ଼ାଉ ବେଳେ ୨୭ ସିଲିଣ୍ଡର ଜବତ: ଜଣେ ଗିରଫ


ଜବତ ଗ୍ୟାସ୍ ସିଲିଣ୍ଡର।

**ମାହାଙ୍ଗା ,୧୦।୧୨ ( ଅଜୟ କୁମାର ମହାନ୍ତି ):**

### ଗାଁ ଭିତରେ ବେଆଇନ ଗ୍ୟାସ୍ ବ୍ୟବସାୟ

ମାହାଙ୍ଗା ବ୍ଲକ ଅନ୍ତର୍ଗତ ବାସୁଦେବପୁର ଗାଁରେ ବୁଧବାର ଜଣେ ବେଆଇନ ଗ୍ୟାସ ବ୍ୟବସାୟୀଙ୍କ ଘରେ ଚଢ଼ାଉ କରାଯାଇଛି। ତାଙ୍କ ଘରୁ ୨୭ଟି ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଛି। ଏହି ଅଭିଯୋଗରେ ସୁଧାଂଶୁ ସାହୁଙ୍କୁ ଗିରଫ କରାଯାଇଛି। ସୁଧାଂଶୁ ଗାଁ ଭିତରେ ନିଜଘରେ ବେଆଇନ ଭାବେ ଗ୍ୟାସ ସିଲିଣ୍ଡର ରଖି ଦୀର୍ଘଦିନ ହେବ ବ୍ୟବସାୟ କରୁଥିଲେ। ଗାଁ ଭିତରେ ଶତାଧିକ ଗ୍ରାମବାସୀଙ୍କ ଘର ରହିଥିବା ବେଳେ ନିଜ ଖଞ୍ଜା ଘରେ ବେଆଇନ ଗ୍ୟାସ ରଖି ବ୍ୟବସାୟ କରୁଥିବାରୁ ଅନେକ ଥର ଗ୍ରାମବାସୀ ଅଭିଯୋଗ କରିଆସୁଥିଲେ। ମାତ୍ର କୌଣସି ସୁଫଳ ନ ମିଳିବାରୁ ଶେଷରେ ଗ୍ରାମବାସୀ ସାଲେପୁର ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତିଙ୍କ ନିକଟରେ ଅଭିଯୋଗ କରିଥିଲେ। ତାଙ୍କ ନିର୍ଦ୍ଦେଶରେ ବୁଧବାର ମାହାଙ୍ଗା ପୋଲିସ ଚଢ଼ାଉ କରି କାର୍ଯ୍ୟାନୁଷ୍ଠାନ ନେଇଛି। ସେହିପରି ମାହାଙ୍ଗା ଓ ଭଦ୍ରେଶ୍ୱର ଥାନା ଅଞ୍ଚଳର ବହୁ ବ୍ୟକ୍ତିଙ୍କ ଘରେ ଚୋରା ଗ୍ୟାସ ବ୍ୟବସାୟ ଚାଲିଥିବା ଅଭିଯୋଗ ହୋଇ ଆସୁଛି। ଏ ସମ୍ପର୍କରେ ଏସ୍‌ଡିପିଓ ପତି କହିଛନ୍ତି ଆଗାମୀ ଦିନରେ ଅନ୍ୟାସବୁ ଅଞ୍ଚଳରେ ମଧ୍ୟ ଚଢ଼ାଉ କରାଯିବ।

# ବାସୁଦେବପୁର ବଜାରରୁ ହଟିଲା ଜବରଦଖଲ


ବଜାରରୁ ଜେସିବି ସାହାଯ୍ୟରେ ଜବରଦଖଲ ଉଚ୍ଛେଦ କରାଯାଉଛି।

**ମାହାଙ୍ଗା,୧୦।୧୨ ( ଅଜୟ କୁମାର ମହାନ୍ତି):**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ବରଅଠା କଲ୍ୟାଣପୁର ଗ୍ରାମ୍ୟ ଉନ୍ନୟନ ରାସ୍ତାର ବାସୁଦେବପୁର ବଜାରରୁ ଜବର ଦଖଲ ଉଚ୍ଛେଦ ହୋଇଛି। ଏହି ରାସ୍ତାରୁ ଜବରଦଖଲ ଉଚ୍ଛେଦ ପାଇଁ ଦୀର୍ଘ ଦିନ ହେବ ଦାବି ହୋଇ ଆସୁଥିଲା। ଏବେ ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିଥିବା ବେଳେ, ଅଧିକାଂଶ ସ୍ଥାନ ଜବର ଦଖଲରେ ଥିବାରୁ ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିଲା। ବୁଧବାର ମାହାଙ୍ଗା ତହସିଲଦାର ଶୁଭାଶିଷ ପାଲଟାଙ୍କ ନେତୃତ୍ୱରେ ପୋଲିସ ଫୋର୍ସ, ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀ ପ୍ରମୁଖ ବାସୁଦେବପୁର ବଜାରରେ ପହଞ୍ଚି ଜେସିବି ଲଗାଇ ବଜାରର ଉଭୟ ପାର୍ଶ୍ୱରେ ଥିବା ଦୋକାନ ଘର ଗୁଡିକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଛନ୍ତି।

ବାରମ୍ବାର ଅଭିଯୋଗ ପରେ ଶେଷରେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହି ରାସ୍ତା ଯେଉଁ ସବୁ ଅଞ୍ଚଳ ଦେଇ ଯାଇଛି, ସେସବୁ ଅଞ୍ଚଳରେ ନିର୍ଦ୍ଦିଷ୍ଟ କେତେକ ସ୍ଥାନ ଅବରୋଧ ମୁକ୍ତ ପାଇଁ ନୋଟିସ କରାଯିବା ପରେ ଭାଙ୍ଗି ଦିଆଯାଇଛି।

ଅନ୍ୟପକ୍ଷରେ କୁହୁଣ୍ଡା ପଞ୍ଚାୟତର କଲ୍ୟାଣପୁର ଗ୍ରାମରେ ଏହି ରାସ୍ତାକୁ ଅଧିକାଂଶ ପରିବାର ଜବରଦଖଲରେ ରଖିଥିବା ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ପ୍ରଶାସନ ପକ୍ଷରୁ ମାପଚୁପ କରାଯାଇ ଥିଲା। ମଧ୍ୟ ଏଯାବତ୍ ଜବର ଦଖଲ ଉଚ୍ଛେଦ ହୋଇନାହିଁ। ଏନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ କଲ୍ୟାଣପୁର ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ମାହାଙ୍ଗା ତହସିଲଦାର କହିଛନ୍ତି ଯେ , ଖୁବ ଶୀଘ୍ର ରାସ୍ତା ମାପ କରାଯିବ ଓ ବେଆଇନ ଦଖଲ ସବୁକୁ ଉଚ୍ଛେଦ କରାଯିବ।

### ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ଶ୍ରାଦ୍ଧଦିବସ ପାଳିତ

**ତ୍ରିଶୂଳିଆ, ୧୦।୧୨(ତୁଷାର କାନ୍ତ ବେହେରା):**

ବାରଙ୍ଗ ଅଞ୍ଚଳର ସର୍ବପୁରାତନ ଝୁନ ଝୁନ ୱାଲା ବିଦ୍ୟାପୀଠର ପ୍ରତିଷ୍ଠାତା ସ୍ୱର୍ଗତ ଦେଓକରଣ ଝୁନ୍‌ଝୁନ୍‌ୱାଲାଙ୍କ ୧୧୫ତମ ଶ୍ରାଦ୍ଧ ବାର୍ଷିକୀ ବୁଧବାର ପାଳନ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ରାଉତଙ୍କ ଅଧ୍ୟକ୍ଷତାରେ ପ୍ରଥମେ ବିଦ୍ୟାଳୟ ପରିସରସ୍ଥ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି ଅବସରରେ ଝୁନ୍‌ଝୁନ୍‌ୱାଲାଙ୍କ ସମ୍ପର୍କରେ ଏକ ଆଲୋଚନା ସଭା ଆୟୋଜନ କରାଯାଇଥିଲା। ଏଥିରେ ନିମନ୍ତ୍ରିତ ଅତିଥି ଅର୍ଜୁନ ମହାରଣା, ନିରଞ୍ଜନ ସାହୁ, ଦେବେନ୍ଦ୍ର ସାହୁ, ଗୁରୁଦୟାଲ ଅଗ୍ରୱାଲ, ତୁଷାର ବରଣ ଦାଶ, ବିଦ୍ୟାଳୟ ପରିଚାଳନା ସଭ୍ୟ ଜୟଦେବ ବେହେରା, ସସ୍ମିତା ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଉପଲକ୍ଷେ ସ୍ୱର୍ଗତ ଝୁନ୍‌ଝୁନ୍‌ୱାଲାଙ୍କ ଦାୟାଦ ସୁରେନ୍ ଝୁନ୍‌ଝୁନ୍‌ୱାଲାଙ୍କ ଦ୍ୱାରା ପ୍ରସାଦସେବନ ଆୟୋଜନ କରାଯାଇଥିଲା। ଏଥିରେ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ।

# ସ୍ନେହ, ସହାନୁଭୂତିରେ ମାନବ ଅଧିକାର ସୁଦୃଢ଼ ହୁଏ

### ବିଶ୍ୱ ମାନବ ଅଧିକାର ଦିବସ ପାଳିତ

**ବଡ଼ମ୍ବା, ୧୦।୧୨(ମାୟାଧର ମଲ୍ଲିକ):**



ବିଶ୍ୱ ମାନବ ଅଧିକାର ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଓକିଲ ସଂଘର କର୍ମକର୍ତ୍ତା।

ବଡ଼ମ୍ବା ତାଲୁକ ଆଇନ ସେବା ସଂସ୍ଥା, ବଡ଼ମ୍ବା ଆନୁକୂଲ୍ୟରେ ବୁଧବାର ବିଶ୍ୱ ମାନବିକ ଅଧିକାର ଦିବସ ପାଳିତ ହୋଇଯାଇଛି। ବଡ଼ମ୍ବା ତାଲୁକ ଆଇନ ସେବା ସଂସ୍ଥା ଅଧ୍ୟକ୍ଷ ତଥା ସବ୍‌ଜଜ ଦୁର୍ବାସା ଦୁର୍ଗାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବଡ଼ମ୍ବା ଜେ.ଏମ୍.ଏଫ୍.ସି. ରିଚି ମିଳନ ପାତ୍ର ଓ ବଡ଼ମ୍ବା ଓକିଲ ସଙ୍ଘ ସଭାପତି କୈଳାସ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ଦିବସର ମାହାତ୍ମ୍ୟ ପ୍ରତିପାଦନ କରିଥିଲେ। ଏଥିସହ ସ୍ନେହ, ସହାନୁଭୂତି ଓ ଭ୍ରାତୃଭାବରେ ମାନବିକ ଅଧିକାର ସୁଦୃଢ଼ ହୁଏ ବୋଲି କହିଥିଲେ। ସେହିଭଳି ଅଧ୍ୟକ୍ଷ ଦୁର୍ବାସା ଦୁର୍ଗା ମାନବିକ ଅଧିକାର ଯେଭଳି ଭାବେ କ୍ଷୁଣ୍ଣ ନ ହୁଏ ସେଥିପାଇଁ ସମସ୍ତ ନାଗରିକ ସଚେତନ ହେବା ଜରୁରୀ ବୋଲି କହିଥିଲେ। ଉକ୍ତ ଦିବସରେ ଓକିଲ ସଙ୍ଘର ବହୁ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ବିଭାଗୀୟ କର୍ମଚାରୀ ରଞ୍ଜିତ କୁମାର ମାଝୀ ଓ ବିନୟ କୁମାର ପତି ପରିଚାଳନା କରିଥିଲେ।

### ଶନିବାର, ରବିବାର ସାରା ଦିନ ଖୋଲା ରହିବ ବିଡିଏ ପାର୍କ

**ଭୁବନେଶ୍ୱର,୧୦।୧୨(ଅନୁରାଧା ମହାରଣା):**

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏହାର ପାର୍କଗୁଡ଼ିକର ଖୋଲା ରହିବା ସମୟ ପରିବର୍ତ୍ତନ କରିଛି। ପ୍ରାତଃଭ୍ରମଣକାରୀ, ଫିଟନେସ୍‌ପ୍ରେମୀ ଏବଂ ପରିଦର୍ଶକଙ୍କ ବାରମ୍ବାର ଅନୁରୋଧକୁ ଦୃଷ୍ଟିରେ ରଖି ବିଡିଏ ନିଷ୍ପତ୍ତି ନେଇଛି ଯେ, ସପ୍ତାହର ଶନିବାର ଓ ରବିବାର ସବୁ ପାର୍କ ଦିନସାରା ଖୋଲାରହିବ। ଅପରାହ୍ନରେ ସାଧାରଣତଃ ଯେଉଁ ପାର୍କ ବନ୍ଦ ରହେ, ତାହା ଏବେ ହେବ ନାହିଁ। ଏହିନୂଆ ନିୟମ ଡିସେମ୍ବର ୧୩ତାରିଖଠାରୁ ଲାଗୁ ହେବ ବୋଲି କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି। ସଂଶୋଧିତ ସମୟ ଅନୁଯାୟୀ, ସମସ୍ତ ବିଡିଏ ପରିଚାଳିତ ପାର୍କ ଶନିବାର ଏବଂ ରବିବାର ସକାଳ ୫ଟାରୁ ରାତି ୮ଟା ୩୦ ପର୍ଯ୍ୟନ୍ତ ଖୋଲା ରହିବ। ଯେଉଁମାନେ ଶନିବାର ଓ ରବିବାର ବାହାରେ ବିତାଇବାକୁ ପସନ୍ଦ କରନ୍ତି, ସେମାନେ ନିରବଚ୍ଛିନ୍ନ ପ୍ରବେଶ କରିପାରିବେ।

# ସବୁଜ ବଳୟ ସୃଷ୍ଟି ନିମନ୍ତେ ଛାତ୍ର ସଂସଦ କାର୍ଯ୍ୟ କରିବାକୁ ନିଷ୍ପତ୍ତି


ସଂସଦର ବାର୍ଷିକ ଅଧିବେଶନରେ ଯୋଗଦେଇଥିବା ପୁରାତନ ଛାତ୍ରୀଛାତ୍ର ଓ ଶିକ୍ଷକ।

### ସରଣ୍ଡା ବିଦ୍ୟାପୀଠର ପୁରାତନ ଛାତ୍ର ସଂସଦର ବାର୍ଷିକ ଅଧିବେଶନ

**ଆଠଗଡ଼,୧୦।୧୨(ସତ୍ୟ ପ୍ରସାଦ ରଥ):**

ଅଂଶୁପା ହ୍ରଦ କୂଳସ୍ଥିତ ସରଣ୍ଡା ବିଦ୍ୟାପୀଠର ପୁରାତନ ଛାତ୍ର ସଂସଦର ବାର୍ଷିକ ଅଧିବେଶନ ଅନ୍ଧାର ଘର ବାଉତୀ ପୀଠ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ୧୯୮୧ ମସିହା ମାଟ୍ରିକ ବ୍ୟାଚ୍ ଛାତ୍ରୀ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସତ୍ୟଭାମା ସାମନ୍ତ ରାୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ପୁରାତନ ଛାତ୍ରୀଛାତ୍ରମାନେ ଯୋଗଦେଇ ବିଦ୍ୟାଳୟର ପାରିପାର୍ଶ୍ୱିକ ଉନ୍ନତି, ଆଧୁନିକ ଶିକ୍ଷାଦାନ ପାଇଁ ଭିତ୍ତିଭୂମିର ବିକାଶ ଓ ବିଦ୍ୟାଳୟ ପରିସରରେ ସବୁଜ ବଳୟ ସୃଷ୍ଟି କରିବା ପାଇଁ ଛାତ୍ର ସଂସଦ କାର୍ଯ୍ୟ କରିବ ବୋଲି ନିଷ୍ପତ୍ତି ନେଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ର କାହ୍ନୁଚରଣ ସ୍ୱାଇଁ, ଧରଣୀଧର ସାମଲ, ରମେଶ ଚନ୍ଦ୍ର ସାହୁ, ନିତ୍ୟାନନ୍ଦ ସ୍ୱାଇଁ, ଅନ୍ତର୍ଯ୍ୟାମୀ ସ୍ୱାଇଁ, ଯଶୋବନ୍ତ ସାମନ୍ତରାୟ, ନରେନ୍ଦ୍ର ସାହୁ, ଦେବେନ୍ଦ୍ର ସାହୁ, ମାଧୁରୀ ନନ୍ଦ, ନଳିନୀ ମହାପାତ୍ର, ସନ୍ଧ୍ୟାରାଣୀ ରଣା, ବାସନ୍ତୀ ଦେଇ ପ୍ରମୁଖ ଉପସ୍ଥିତି ଥିଲେ।

# ରତାପାଟ କଳା, ସଂସ୍କୃତି, ଐତିହ୍ୟର ଗନ୍ତାଘର


କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ବଡ଼ମ୍ବା,୧୦।୧୨(ମାୟାଧର ମଲ୍ଲିକ):**

- ଲକ୍ଷ୍ମୀପୂଜା ମହୋତ୍ସବ ଷଷ୍ଠ ସନ୍ଧ୍ୟା

ରତାପାଟ ମହାଲକ୍ଷ୍ମୀ ପୂଜା ମହୋତ୍ସବ ମଙ୍ଗଳବାର ଷଷ୍ଠ ଦିନରେ ପହଞ୍ଚିଛି। ଫଳରେ ରତାପାଟ ଗ୍ରାମ ଉତ୍ସବମୁଖର ହୋଇଉଠିଛି। ଏହିଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ସ୍ଥାନୀୟ ବଡକମ୍ବିଲୋ ଛାତ୍ରୀମାନେ ବଡ଼ମ୍ବାର ଆରାଧ୍ୟା ଦେବୀ ମା' ଭଟ୍ଟାରିକାଙ୍କ ମହିମା ଆଧାରିତ ଲୋକନୃତ୍ୟ ଢଣ କୋଇଲା ନୃତ୍ୟ ପରିବେଷଣ କରିଥିଲେ। ମହୋତ୍ସବ କମିଟି ସଭାପତି ରଜନୀକାନ୍ତ ବଳବନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବଣିକ ସଂଘର ସଭାପତି ମିହିର କୁମାର ପ୍ରଧାନ, ସମ୍ପାଦକ ସୋମନାଥ ଖୁଣ୍ଟିଆ, ସାମାଜିକ କର୍ମୀ ପ୍ରସନ୍ନ କୁମାର ପ୍ରଧାନ, ଓଷ୍ଟା ସମ୍ପାଦକ ଅଶୋକ କୁମାର ଧଳ, ସଭାପତି ଶ୍ୟାମ ବନ୍ଧୁ ବେହୁରା, କଟକ ଜିଲା ସମ୍ପାଦକ ବିଜୟ କୁମାର ଛତ୍ର, ସଭାପତିକଳିଙ୍ଗ କେଶରୀ ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇ ରତାପାଟ ଗ୍ରାମର କିମ୍ବଦନ୍ତୀ ସମ୍ପର୍କିତ ତଥ୍ୟ ପ୍ରଦାନ କରିଥିଲେ। ଏଥିସହ ରତାପାଟ କଳା, ସଂସ୍କୃତି ଓ ଐତିହ୍ୟର ଗନ୍ତାଘର ବୋଲି ବକ୍ତାମାନେ ବକ୍ତବ୍ୟ ରଖିଥିଲେ। ଶେଷରେ ସିଂହମ ନୃତ୍ୟ ପରିବେଷଣରେ ଦର୍ଶକ ମତୁଆଲା ହେଇଥିଲେ। ସେହିପରି ମୁଗଗାହୀର ଉଚ୍ଚ ବିଦ୍ୟାଳୟ, ଦଶରଥପୁର ଉଚ୍ଚ ବିଦ୍ୟାଳୟ ଓ ପାଟଣା ସାହିର ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ।

# ନିର୍ମାଣ କାର୍ଯ୍ୟରେ ପୁରୁଣା କଳଙ୍କି ଲୁହା ଛଡ଼ ବ୍ୟବହାର

### ଗୋବରୀ ନଦୀରେ ନୂତନ ସେତୁ କାମ ନିମ୍ନମାନର

- ଭିଜିଲାନ୍ସ ତଦନ୍ତ ଦାବିକଲେ ଗ୍ରାମବାସୀ
- ଲାଗି ନାହିଁ ସୂଚନାଫଳକ
- କାମ ବେଳେ ରହୁନାହାନ୍ତି ଯନ୍ତ୍ରୀ

**ମାହାଙ୍ଗା,୧୦।୧୨(ଅଜୟ କୁମାର ମହାନ୍ତି)**


ଗୋବରୀ ନଦୀ ନୂତନ ସେତୁ ନିର୍ମାଣ ଚାଲିଛି।

ମାହାଙ୍ଗା ବ୍ଲକ ଶ୍ରୀକୃଷ୍ଣପୁର ପଞ୍ଚାୟତ ଅନ୍ତର୍ଗତ ଗୋବରୀ ନଦୀ ଉପରେ ପଶୁଲୁଣ୍ଡା ରାଉତ ସାହିରେ ଏକ ନୂତନ ସେତୁ ନିର୍ମାଣ କରାଯାଉଛି। ଏହି ସେତୁ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବାବେଳେ କାର୍ଯ୍ୟ ସମୟରେ ବୈଷୟିକ ଅଧିକାରୀ କିମ୍ବା ଯନ୍ତ୍ରୀ ରହୁ ନାହାନ୍ତି। କେବେଳ ସେତିକି ନୁହେଁ, ଏହି କାମରେ କଳଙ୍କି ଲାଗିଥିବା ଲୁହାଛଡ଼ ବ୍ୟବହାର କରାଯାଉଥିବା ଅଭିଯୋଗ ହୋଇଛି। ଏନେଇ ଗ୍ରାମବାସୀ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିବା ସହ ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି।

ସେତୁର ଉଭୟପଟ ଗ୍ରାମ ଯଥା ପଶୁଲୁଣ୍ଡା ଓ ମାଳିହତା ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବିଜୁସେତୁ ଯୋଜନାରେ ଗୋବରୀ ନଦୀ ଉପରେ ନୂତନ ସେତୁ ନିର୍ମାଣ କାମ ଚାଲିଛି। ଏହା ସଂଲଗ୍ନ ମାହାଙ୍ଗା –ବାଗସରପୁର ରାସ୍ତାକୁ ସଂଯୋଗ କରୁଥିବା ଚାୟାପାଳ, ମାଳିହତା ଓ ଚଢ଼େଇପୁଟିଆ ରାସ୍ତାର ଶିଳାନ୍ୟାସ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ୨୦୨୦ ମେ'୩୧ରେ କରିଥିଲେ। ମାତ୍ର କାମର ପ୍ରାରମ୍ଭିକ ପର୍ଯ୍ୟାୟରେ ସମ୍ପୃକ୍ତ ଠିକାଦାର କାମରେ ଅବହେଳା କରି କାମ ଛାଡି ପଳାଇଥିଲେ। ଫଳରେ ଦୀର୍ଘଦିନ ଧରି କାମ ନ ହୋଇ ସେମିତି ପଡ଼ିରହିଥିଲା। ୨୦୨୩ ନଭେମ୍ବର ୨୯ରେ କଟକ ଗ୍ରାମ୍ୟ ନିର୍ମାଣ ସର୍କଲ ପକ୍ଷରୁ ଚିଠି ନଂ. ୪୬୬୪ରେ ଏହି ସେତୁ ପାଇଁ ପୁନଶ୍ଚ ଟେଣ୍ଡର କରାଯାଇ ନୂତନ ଠିକାଦାର ଚୟନ ପରେ ପୁନର୍ବାର କାମ ଆରମ୍ଭ ହୋଇଥିଲା। କାମ ଆରମ୍ଭ ପରେ ପରେ ବର୍ଷାଦିନ ଆସିବାରୁ ଓ ନଦୀରେ ଅଧିକ ପାଣି ଆସିବା ଯୋଗୁ କାମ ବନ୍ଦ ରହିଥିଲା। ନିର୍ମାଣ କାର୍ଯ୍ୟ ଅଧା ହୋଇଥିବାରୁ ସେତୁରେ ଲାଗିଥିବା ଖୁଣ୍ଟିଗୁଡ଼ିକର ବହୁ ଅଂଶ ପଦାକୁ ବାହାରିଥିଲା। ମାତ୍ର ଉକ୍ତ ଲୁହାଛଡ଼ଗୁଡ଼ିକୁ କଳଙ୍କରୁ ରକ୍ଷା କରିବା ପାଇଁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏପରିକି ଅନେକଗୁଡ଼ିଏ ଲୁହାଛଡ଼ ବିଡା ପଶୁଲୁଣ୍ଡା ଗ୍ରାମର ଜନୈକ ବ୍ୟକ୍ତି ତାଙ୍କ ବାଡିରେ ଖୋଲା ଆକାଶ ତଳେ ରଖିଥିବା ଅଭିଯୋଗ ହୋଇଛି। ଏବେ ସେତୁର ଖୁଣ୍ଟି ଢଳାଇ କାମରେ ଉକ୍ତ କଳଙ୍କି ଲାଗିଥିବା ଲୁହାଛଡ଼ ବ୍ୟବହୃତ ହେଉଥିବା ଅଭିଯୋଗ ହୋଇଛି। ଏପରିକି ନିମ୍ନମାନର ବାଲି, ଗୋଡ଼ି, ସିମେଣ୍ଟର ଢଳେଇ ପକାଯାଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। କାର୍ଯ୍ୟସ୍ଥଳରେ ଗୋଟିଏ ହେଲେ ସୂଚନାଫଳକ ଲାଗି ନ ଥିବାବେଳେ ଯନ୍ତ୍ରୀ ମଧ୍ୟ ରହୁନାହାନ୍ତି। ସେହିପରି ସେତୁ ସଂଲଗ୍ନ ରାସ୍ତାକାମ କରା ନ ଯିବାରୁ ଚାୟାପାଳ– ଚଢେଇପୁଟିଆ ଭାୟା ମାଳିହତା ରାସ୍ତାରେ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇ ଗମନାଗମନ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଏଥିଯୋଗୁ ରାସ୍ତା ଉପରେ ନିର୍ଭରଶୀଳ ଯାତ୍ରୀମାନଙ୍କୁ ଅନେକ ବାଟ ବୁଲି ଯିବାକୁ ପଡୁଛି ବୋଲି ଅଭିଯୋଗ ହୋଇଛି। ଏହି ଅନିୟମିତତାର ବିଧିବଦ୍ଧ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପଶୁଲୁଣ୍ଡା ଓ ମାଳିହତା ଗ୍ରାମବାସୀ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗର ମହାନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କଟକ ଅଧୀକ୍ଷଣ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାରେ ତଦନ୍ତ କରିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୦।୧୨।୨୦୨୫

| | |
|---|---|
| ୫,୭୬,୫୪୨ ଟଙ୍କା | |
| ସୁନା | ୧.୨୦୦ ଗ୍ରାମ୍ |
| ରୁପା | ୧୫.୮୦୦ ଗ୍ରାମ୍ |

# ୨୮୫ ଦିନରେ ଓକିଲ ସଂଘର ସତ୍ୟାଗ୍ରହ

### ବାଲୁଖଣ୍ଡ ଅଭୟାରଣ୍ୟରେ କୋର୍ଟ କମ୍ପ୍ଲେକ୍ସ ନିର୍ମାଣକୁ ବିରୋଧ

ପୁରୀ,୧୦।୧୨(ଅଜିତ୍ କୁମାର ମହାନ୍ତି)




ଧାରଣାରତ ଓକିଲମାନେ ।

ବାଲୁଖଣ୍ଡ ଅଭୟାରଣ୍ୟ ମଧୁର ଜଳ ଅଞ୍ଚଳରେ ପୁରୀ କୋର୍ଟ କମ୍ପ୍ଲେକ୍ସ ନିର୍ମାଣକୁ ବିରୋଧ କରି ଚାଲିଥିବା ଓକିଲ ସଂଘର ସତ୍ୟାଗ୍ରହ ବୁଧବାର ୨୮୫ଦିନରେ ପହଞ୍ଚିଛି। ସଂଘ ପକ୍ଷରୁ କୁହାଯାଇଛି, ପୁରୀ ଅଦାଲତ କୋଠା ୧୬୨ ବର୍ଷ ତଳର। ଏଠାରେ ମଧୁବାବୁ, ଗୋପବନ୍ଧୁ, ସୁଭାଷ ବୋଷଙ୍କ ବାପା, ବିଜୁ ପଟ୍ଟନାୟକଙ୍କ ବାପାଙ୍କ ଭଳି ଯୋଗଜନ୍ମା ଓକିଲାତି କରୁଥିଲେ। ପୁରୀ ସହରର ଏକ ପ୍ରମୁଖସ୍ଥଳରେ ଥାଇ ଗୋଟିଏ ସ୍ଥାନରେ କଚେରି ଓ ଅଦାଲତର କାର୍ଯ୍ୟ ଲୋକେ ସହଜରେ ପାଉଛନ୍ତି। ଜିଲାପାଳଙ୍କ ଅଫିସ ଠାରୁ ଅଦାଲତକୁ ଅଲଗା କରିବା ଓ କୋର୍ଟକୁ ଅନ୍ୟଯାଗାକୁ ନେବା ପ୍ରସ୍ତାବକୁ ସରକାର ଆଇନ ବିଭାଗକୁ ବାଲୁଖଣ୍ଡ ଅଭୟାରଣ୍ୟର ମଧୁର ଜଳ ଅଞ୍ଚଳ ଓ ସିଆର୍‌ଜେଡ ଅଞ୍ଚଳରେ ଜମି ଦେଲେ, ଯାହାକି ସମସ୍ତ କଟକଣା ଅଛି। କିପରି ଆଇନି ବିଭାଗ ସେଠାରେ କୋର୍ଟ କମ୍ପ୍ଲେକ୍ସ କରିବ, ସେ ନେଇ ଓକିଲ ସଂଘ ଆଜକୁ ୨୮୫ ଦିନ ଧରି ସତ୍ୟାଗ୍ରହ ଜାରି ରଖିଛି। ପୂର୍ବରୁ ଓକିଲ ସଂଘ ହାଇକୋର୍ଟ, ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ଆଇନ ମନ୍ତ୍ରୀ, ଏମ୍‌ପି, ବିଧାୟକଙ୍କୁ କଟକଣା ଥିବା ଜମିରେ କୋର୍ଟ କମ୍ପ୍ଲେକ୍ସ ନ କରି ବର୍ତ୍ତମାନ ଥିବା କୋର୍ଟ ସହ ତହସିଲ ଡିଆର୍‌ଡିଏ, ଉପଜିଲାପାଳ ଅଫିସ ଜମିକୁ ମିଶାଇ କୋର୍ଟ କମ୍ପ୍ଲେକ୍ସ କରିବାକୁ ଅନୁରୋଧ କରାଯାଇଛି। ଲୋକଙ୍କ ହିତ ଦୃଷ୍ଟିରୁ ବର୍ତ୍ତମାନ ସ୍ଥାନରେ କୋର୍ଟ କମ୍ପ୍ଲେକ୍ସ ତିଆରି କରାଯାଉ ବୋଲି ସଂଘର ସାଧାରଣ ସମ୍ପାଦକ ଶରତ କୁମାର ରାୟଗୁରୁ ସରକାର ଓ ବିଚାର ବିଭାଗକୁ ନିବେଦନ କରିଛନ୍ତି। ୯ମାସ ବିତିଯାଇଥିଲେ ମଧ କୌଣସି ସମାଧାନ ହେଇ ନ ଥିବାରୁ ସଂଘ ଉଦ୍‌ବେଗ ପ୍ରକାଶ କରିଛି। ସତ୍ୟାଗ୍ରହରେ ଜୟଦେବ ମିଶ୍ର, ଅନୀଲ ରାୟ, ରୁଦ୍ର ନନ୍ଦନ ମିଶ୍ର, ରଚିତା ଦାଶ, ଶରତ ରଥ, ସୋମନାଥ ଦାସ, ସାରଦା ସାମଲ, ବିଭୁଦତ୍ତ ପଟ୍ଟନାୟକ, ଧିରେନ ରାୟ, ଭାଗବତ ପଟ୍ଟନାୟକ, ରମେଶ ପ୍ରଧାନ, ପ୍ରଦୀପ ଜେନା, ରଞ୍ଜିତା ମହାନ୍ତି, ନକୁଳ ପତି, ସମୀର ଘୋଷ, କର୍ଣ୍ଣବୀର ମହାପାତ୍ର, ଅନୀଲ ସାହୁ ଓ ମୁନା ମହାପାତ୍ର ପ୍ରମୁଖ ନେତୃତ୍ୱ ନେଇଥିଲେ। ଯଦି ସରକାର ଦାବି ନ ମାନନ୍ତି ତେବେ ଆନ୍ଦୋଳନ ଜୋର୍‌ଦାର କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ବିଶ୍ୱବିଦ୍ୟାଳୟରେ ଛାତ୍ରଙ୍କୁ ରାଗିଂ ଅଭିଯୋଗ

ପିପିଲି,୧୦।୧୨(ପ୍ରଭାତ କୁମାର ମହାପାତ୍ର)

ପିପିଲି ଥାନା ଅଞ୍ଚଳରେ ଥିବା ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ପଢୁଥିବା କେନ୍ଦ୍ରାପଡ଼ା ଜିଲା ଆଳି ଅଞ୍ଚଳର ଜଣେ ଦ୍ୱିତୀୟ ବର୍ଷର ଛାତ୍ରଙ୍କୁ କଲେଜ ପରିସରରେ ରାଗିଂ କରାଯିବା ସହ ଶାରୀରିକ ନିର୍ଯାତନା ଦିଆଯାଇଥିବା ସମ୍ପର୍କରେ ତାଙ୍କ ମାଆ ରୀନା ରାଉତ ପିପିଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ବିଏନ୍‌ଏସ୍‌ର ବିଭିନ୍ନ ଧାରାରେ ଉକ୍ତ ବିଶ୍ୱବିଦ୍ୟାଳୟର ୨ ଛାତ୍ର ଓ ୨ ଛାତ୍ରୀଙ୍କ ବିରୋଧରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ପିପିଲି ଆଇଆଇସି ସୌମେନ୍ଦୁ ଶେଖର ତ୍ରିପାଠୀ ଓ ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ସୁରମା ସ୍ୱାଇଁ ଉକ୍ତ ବିଶ୍ୱବିଦ୍ୟାଳୟକୁ ଯାଇ ସେଠାରେ କେତେଜଣ ଛାତ୍ରୀଛାତ୍ରଙ୍କ ବୟାନ ରେକର୍ଡ କରିବା ସହ ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରିଥିଲେ।

ଅଭିଯୋଗ ଅନୁଯାୟୀ, ଗତ ୨୪ତାରିଖରେ ପୀଡ଼ିତ ଛାତ୍ର କ୍ଲାସରେ ଥିବା ସମୟରେ ଜଣେ ସହପାଠୀ ଓ ଅନ୍ୟ ଜଣେ ସିନିଅର ଛାତ୍ର ତାଙ୍କୁ ଦ୍ୱିତୀୟ ମହଲାରେ ଥିବା ଶୌଚାଳୟକୁ ନେଇଯାଇ ସେଠାରେ ନିସ୍ଥୁକ ମାଡ଼ ମାରିବା ସହ ପାଇଖାନା ପ୍ୟାନ ଭିତରେ ତାଙ୍କ ମୁହଁକୁ ଭର୍ତ୍ତି କରାଇ ଦେଇଥିଲେ। ଛାତି, ପେଟ, ବେକ, ଆଣ୍ଠୁକୁ ମାଡ଼ ମାରିଥିଲେ। ୨ଟା ଶୌଚାଳୟ ଭିତରେ ପ୍ରାୟ ଦୁଇ ଘଣ୍ଟା ଧରି ଅମାନୁଷିକ ଭାବେ ମାଡ଼ ମାରିବା ସହ ପାଇଖାନା ଚଟାଣ ଚଟାଇଥିଲେ। ଏହାପୂର୍ବରୁ କଲେଜର ଉକ୍ତ ୨ଛାତ୍ର ମଧ୍ୟରୁ ଜଣକର ମହିଳା ବାନ୍ଧବୀଙ୍କ ମାଧ୍ୟମରେ ସୁଚିନ୍ତିତ ଭାବେ ଉକ୍ତ ପୀଡ଼ିତ ଛାତ୍ରକୁ ଭୋଜି ବାହାନାରେ କଲେଜ ବାହାରକୁ ଡାକି ନେଇ ଯାଇଥିଲେ। ସେଠାରେ ତାଙ୍କୁ ମାଡ଼ ମାରିବା ସହିତ ଡ୍ରଗ୍ସ ଟାଣିବାକୁ ବାଧ କରାଯାଇ ୨ଲକ୍ଷ ଟଙ୍କା ଦେବାକୁ ଧମକ ଦିଆଯାଇଥିଲା। ଏଥିରେ ପୀଡ଼ିତ ଛାତ୍ର ଜଣଙ୍କ ଭୟଭୀତ ହୋଇ କଲେଜ ନଯାଇ ସେ ନିଜ ଘରକୁ ଯାଇ ଏ ସମ୍ପର୍କରେ ଜଣାଇଥିଲେ। ଘଟଣା ସମ୍ପର୍କରେ କଲେଜ କର୍ତ୍ତୃପକ୍ଷଙ୍କୁ ଇ-ମେଲ ଜରିଆରେ ଅଭିଭାବକ ଜଣାଇଥିଲେ। କଲେଜ କର୍ତ୍ତୃପକ୍ଷ ପୀଡ଼ିତ ଛାତ୍ର ଓ ତାଙ୍କ ପରିବାର ଲୋକଙ୍କୁ ଡକାଇଥିଲେ। ଏପରି ରାଗିଂକୁ ପିଲାଖେଳ ଭାବି ଆପୋଷ ସମାଧାନ କରିଦେବା ପାଇଁ କଲେଜ କର୍ତ୍ତୃପକ୍ଷ ତାଙ୍କୁ ପରାମର୍ଶ ଦେଇଥିବାର ପିପିଲି ଥାନାରେ ପୀଡ଼ିତଙ୍କ ମାଆ ଲିଖିତ ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ହାଇୱା ଧକ୍କାରେ ମହିଳାଙ୍କ ମୃତ୍ୟୁ

କଣାସ/ଡେଲାଙ୍ଗ,୧୦।୧୨(ବିଭୂତି ଭୂଷଣ ତ୍ରିପାଠୀ/ରଶ୍ମିରଞ୍ଜନ ପ୍ରଧାନ)

କଣାସ ଥାନା ତ୍ରିଲୋଚନପୁର ପଞ୍ଚାୟତର କାତପଡ଼ା ଛକ ନିକଟରେ ଏକ ହାଇୱା ଧକ୍କାରେ ସ୍କୁଟିରେ ଥିବା ମହିଳାଙ୍କ ମୃତ୍ୟୁ ଘଟିଛି। ମହିଳା ହେଲେ ଘୋରଡ଼ିଆ ଗ୍ରାମର ରବୀନ୍ଦ୍ର କୁମାର ନାୟକ ତାଙ୍କ ସ୍ତ୍ରୀ ମିନତୀ ନାୟକ। ପ୍ରକାଶ ଯେ, ଘୋରଡ଼ିଆ ଗ୍ରାମର ରବୀନ୍ଦ୍ର ନାୟକ ତାଙ୍କ ସ୍ତ୍ରୀ ମିନତୀଙ୍କୁ ନେଇ ସ୍କୁଟିରେ କେନାଲ ବନ୍ଧ ଦେଇ ନିରାକାରପୁର ଝିଅ ଘରକୁ ଯାଉଥିଲେ। ସେହି ସମୟରେ ଏକ ହାଇୱା କଣାସରୁ ଘୋରଡ଼ିଆ ଯାଉଥିବା ବେଳେ କାତପଡ଼ା ଛକ ନିକଟରେ ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ସ୍କୁଟିରୁ ସ୍ୱାମୀ-ସ୍ତ୍ରୀ ଛିଟିକି ପଡ଼ିଥିଲେ। ସେହି ସମୟରେ ସ୍ତ୍ରୀ ମିନତୀଙ୍କ ଉପରେ ହାଇୱାଟି ଚଢ଼ି ଯାଇଥିବା ଜଣାପଡ଼ିଛି। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିକୁ ଜବତ କରିବା ସହ କଣାସ ମେଡିକାଲ୍‌କୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏନେଇ କଣାସ ଥାନାରେ ୨୮୮/୨୫ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

### ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଜଗନ୍ନାଥ ସଡ଼କ ଅବରୋଧ

କଣାସ,୧୦।୧୨(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ନୂଆ ଜଗନ୍ନାଥ ସଡ଼କର ଚୁପୁରିଙ୍ଗି ନିକଟରେ କୌଣସି ବ୍ୟକ୍ତି ମଙ୍ଗଳବାର ବିଳମ୍ବିତ ରାତିରେ ଗୋଟିଏ ଗାଈ ଓ ବାଛୁରୀକୁ କାଟି ଦେଇ ରାସ୍ତା ଉପରେ ପକାଇ ଦେଇଥିଲେ। ବୁଧବାର ବିଶ୍ୱ ହିନ୍ଦୁ ପରିଷଦର କର୍ମକର୍ତ୍ତାମାନେ ଚୁପୁରିଙ୍ଗି ନିକଟ ମେଗା ପାନୀୟ ଜଳ ପ୍ରକଳ୍ପ ନିକଟରେ ରାସ୍ତା ଅବରୋଧ କରି ଦୀର୍ଘ ସମୟ ବସିବା ପରେ କଣାସ ଅତିରିକ୍ତ ତହସିଲ୍‌ଦାର ଉପେନ୍ଦ୍ର କୁମାର ସେଠୀ ଏବଂ ଗଡ଼ିଶାଗୋଡା ଆଇଆଇସି ସୁଧିର କୁମାର ଦାସ ଘଟଣାସ୍ଥଳରେ ପହଞ୍ଚି ଅବରୋଧକାରୀଙ୍କ ସହିତ ଆଲୋଚନା କରିଥିଲେ। ଶୀଘ୍ର ତଦନ୍ତ କରି ଦୋଷୀଙ୍କୁ ୧୦ଦିନ ମଧ୍ୟରେ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅବରୋଧ ହଟିଥିଲା।

### ବିଶ୍ୱ ମାନବାଧିକାର ଦିବସ ପାଳିତ

ପିପିଲି,୧୦।୧୨(ଦୁର୍ଗା ମାଧବ ମିଶ୍ର)

ପିପିଲି ଦେୱାନୀ ସହକାରୀ ଦୌରାଜଜ୍ କୋର୍ଟରେ ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଛି। ଏଥିରେ ଦେୱାନୀ ସହକାରୀ ଦୌରାଜଜ୍ ତଥା ତାଲୁକ ଲିଗାଲ କମିଟି ଅଧ୍ୟକ୍ଷ ବିଶେଷ କୁମାର ସାହୁ ଯୋଗଦେଇଥିବା ବେଳେ ପିପିଲି ଜୁଡିସିଆଲ ମାଜିଷ୍ଟ୍ରେଟ୍ ସ୍ୱର୍ଣ୍ଣପ୍ରଭା ସ୍ୱାଇଁ ଉପସ୍ଥିତ ଥିଲେ। ବରିଷ୍ଠ ଆଇନଜୀବୀ ରସାନ୍ତ କିଶୋର ପରିଡ଼ା, ଶିବ ପ୍ରସାଦ ସାହୁ, ଅନିଲ୍ କୁମାର ଦାସ, ସୂର୍ଯ୍ୟନାରାୟଣ ନାୟକ, ଶିବ ସୁନ୍ଦର ଜେନା, ମୋହରିର, ଉଭୟ କୋର୍ଟର କର୍ମଚାରୀ ଏବଂ ମହକିଲମାନେ ଉପସ୍ଥିତ ଥିବାବେଳେ ଅଧ୍ୟକ୍ଷ ସାହୁ ସମସ୍ତ ମାନବାଧିକାର ଆଇନ ପ୍ରଣୟନ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ପିପିଲି ଓକିଲ ସଂଘର ଆଇନଜୀବୀ ଶଙ୍କର୍ଷଣ ପ୍ରଧାନ ପରିଚାଳନା କରିଥିଲେ।

# ନିଶାଗ୍ରସ୍ତ ବ୍ୟକ୍ତି ସମାଜର ହିତ ସାଧନରେ ବାଧା ଦେଇଥାନ୍ତି

### ତୃତୀୟାଦେବ ବିଦ୍ୟାନିକେତନରେ 'ନିଶାକୁ ନା' ସଚେତନତା

ସାକ୍ଷୀଗୋପାଳ,୧୦।୧୨(ଭରତ ରାଉତ/ ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ କୃତିତ୍ୱ ଅର୍ଜନ କରିଥିବା ଜଣେ ଛାତ୍ରୀ।

ନିଶାଗ୍ରସ୍ତ ବ୍ୟକ୍ତି ସମାଜର ହିତ ସାଧନରେ ବାଧକ ସାଜିଥାନ୍ତି। ସମ୍ପ୍ରତି ସମୟରେ ବିଦ୍ୟାଳୟ ସ୍ତରରୁ ଅନେକ ଛାତ୍ରୀଛାତ୍ର ନିଶାସେବନ କରି ନିଜ ଜୀବନକୁ ବିପଦଗାମୀ କରିବା ସହ ସମାଜର ଅହିତ ସାଧନ କରୁଛନ୍ତି। ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ର ପରିବାରର ନିଶା ଖାଉଥିବା ବ୍ୟକ୍ତିଙ୍କୁ ନିଶା ଛଡ଼ାଇବା ପାଇଁ ଅଳି କରନ୍ତୁ ବୋଲି 'ନିଶାକୁ ନା' ସଚେତନଧର୍ମୀ କାର୍ଯ୍ୟକ୍ରମରେ ଯୋଗଦେଇ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ପଣ୍ଡା ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ସମର କେଶରୀ ପ୍ରଧାନ ଓ ଚିତ୍ରରୂପା ଷଡ଼ଙ୍ଗୀ, ଅବସପ୍ରାପ୍ତ ପ୍ରଧାନଶିକ୍ଷକ ସତ୍ୟବାଦୀ ଦାସ, ବିଜୟ କୁମାର ପରିଡ଼ା, ନବଘନ ଶତପଥୀ, ମନୋରଞ୍ଜନ ମିଶ୍ର, ହରପ୍ରିୟା କର, ଗଜେନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ନିଶାରୁ ମୁକ୍ତି ନିମନ୍ତେ ଅନେକ ପ୍ରତିକାର ବ୍ୟବସ୍ଥା କଥା ବୁଝାବା ସହ ତମାଖୁ ନ କରିବା ପାଇଁ ବୁଝାଇଥିଲେ। ଏହି ଅବସରରେ ଜୀବନରେ କେବେହେଲେ ନିଶା ଗ୍ରହଣ ନ କରିବାକୁ ଛାତ୍ରୀଛାତ୍ର ଶପଥ ପାଠ କରିବା ସହ ଜଣାଅଜଣା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନଶିକ୍ଷକ ଅରବିନ୍ଦ ଦାସ ଧନ୍ୟବାଦ ଦେଇଥିଲେ।

### ତଦନ୍ତ ବିଳମ୍ବ ଯୋଗୁ ସାଧାରଣରେ ଅସନ୍ତୋଷ

ନୟାହାଟ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପିକ୍‌ନିକ ଘଟଣା

ଯୋଗେଶ୍ୱରପୁର,୧୦।୧୨(ରଶ୍ମିରଞ୍ଜନ ସାହୁ)

ନୟାହାଟ ଉଚ୍ଚମାଧ୍ୟମିକ ବିଦ୍ୟାଳୟର କର୍ତ୍ତୃପକ୍ଷ ସରକାରୀ ନୀତିନିୟମକୁ ନ ମାନି କାର୍ଯ୍ୟ ଦିବସରେ ପିକ୍‌ନିକ ଯିବା ଘଟଣା ଲୋକଲୋଚନକୁ ଆସିବା ପରେ ଓ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପୁରୀ ଜିଲାପାଳ ଉକ୍ତ ଘଟଣାର ତଦନ୍ତ ପାଇଁ ୫ଜଣିଆ କମିଟି ଗଠନ କରି ନିର୍ଦ୍ଦେଶ ଦେଇଥିଲେ। ଏହି ଘଟଣା ୬ଦିନ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ନୟାହାଟ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ତଦନ୍ତ କମିଟି ପହଞ୍ଚି ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ, ଗତ ୩ ତାରିଖରେ କଲେଜ ଅଧ୍ୟକ୍ଷ ତାଲା ପକାଇ ୫୦ରୁ ୬୦ପିଲାଙ୍କ ଠାରୁ ନେଇ ପିକ୍‌ନିକ ଯାଇଥିଲେ। ଉପଜିଲାପାଳ ଓ ଶିକ୍ଷା ବିଭାଗର ଅନୁମତି ନ ଥାଇ କିଭଳି ପିକ୍‌ନିକ ଗଲେ ଏହି ଘଟଣାକୁ ଲୁଚାଇବାକୁ ଯାଇ କଲେଜ ଅଧ୍ୟକ୍ଷ ଷ୍ଟଡି ଟୁର ଯାଇଥିଲୁ ବୋଲି କହିଥିଲେ। ଆମ ପ୍ରତିନିଧି ସତ୍ୟାସତ୍ୟ ଜାଣିବା ପାଇଁ ଯୁକ୍ତ ୨ ପରିଷଦର ଅଧ୍ୟକ୍ଷ ପ୍ରଶାନ୍ତ ପରିଡ଼ାଙ୍କୁ ପଚାରିବାରେ ସେ କହିଥିଲେ, ପିଜି ଓ ଯୁକ୍ତ ୩ର ଛାତ୍ରୀଛାତ୍ର ଷ୍ଟଡି ଟୁର୍ ଯାଇପାରିବେ କିନ୍ତୁ ଯୁକ୍ତ ଦୁଇ ପିଲା ଯାଇପାରିବେ ନାହିଁ। ଏ ସମ୍ପର୍କରେ ଶିକ୍ଷା ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ ପଚାରିବାରେ ସେ କହିଥିଲେ, ମୁଁ ଜାଣି ନାହିଁ କି ନିର୍ଦ୍ଦେଶ ଦେଇନାହିଁ। କଲେଜ କର୍ତ୍ତୃପକ୍ଷ କାହା ନିର୍ଦ୍ଦେଶରେ ଓ କିପରି ଗଲେ ଉକ୍ତ ଘଟଣାର ତଦନ୍ତ ପାଇଁ ପୁରୀ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

# ପିଏମ୍‌ଶ୍ରୀ ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲର କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ




ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀମାନେ ।

ପିପିଲି,୧୦।୧୨(ଦୁର୍ଗାମାଧବ ମିଶ୍ର)

ଦାଣ୍ଡମୁକୁନ୍ଦପୁରସ୍ଥିତ ପିଏମ୍‌ଶ୍ରୀ ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲ୍‌ରେ ଅନୁଷ୍ଠିତ ୨ଦିନିଆ କ୍ରୀଡ଼ା ପ୍ରତିଯୋଗିତା ବୁଧବାର ଶେଷ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ସଭାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ପୀତବାସ ସେଠି ଏଂ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବସନ୍ତ ମଞ୍ଜରୀ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ କ୍ରୀଡ଼ାର ମହତ୍ୱ ଉପରେ ଦିଗ୍‌ଦର୍ଶନ ଦେଇ ପାଠ ସହିତ କ୍ରୀଡ଼ାକୁ ପ୍ରାଧାନ୍ୟ ଦେବା ପାଇଁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥିଭାବେ ସ୍କୁଲ ପରିଚାଳନା କମିଟି ସଭାପତି ରମାକାନ୍ତ ମିଶ୍ର, ବରିଷ୍ଠ ଶିକ୍ଷକ ଅଶୋକ ସ୍ୱାଇଁ ଉପସ୍ଥିତ ଥିଲେ। କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କ ନାମ ଘୋଷଣା କରି ସାନ୍ତ୍ୱନାମୂଳକ ସମ୍ମାନ ଦେଇଥିବା ବେଳେ କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ବାର୍ଷିକ ଉତ୍ସବରେ ମାନପତ୍ର ଏବଂ ଟ୍ରଫି ଦିଆଯାଇ ସମ୍ବର୍ଦ୍ଧିତ କରାଯିବ ବୋଲି ପ୍ରଧାନ ଶିକ୍ଷୟତ୍ରୀ ପ୍ରତିଭା ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ପ୍ରତିଯୋଗିତାକୁ କ୍ରୀଡ଼ା ଶିକ୍ଷୟିତ୍ରୀ ରୋଜିନା ପଣ୍ଡା, ଉମେଶ ଶତପଥୀ, ଗୃହଲକ୍ଷ୍ମୀ ରାଉତରାୟ ଏବଂ କୁମାର ଅନୁରାଗ ଶରଣ ପରିଚାଳନା କରିଥିବା ବେଳେ ସଭାକାର୍ଯ୍ୟକୁ ସୌମ୍ୟରଞ୍ଜନ ବେହେରା ପରିଚାଳନା କରିଥିଲେ।

# ବ୍ଲେସ୍‌ଡ ସାକ୍ରାମେଣ୍ଟ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

ପୁରୀ,୧୦।୧୨(ଅଜିତ୍ କୁମାର ମହାନ୍ତି)

ଭିଆଇପି ରୋଡ୍‌ସ୍ଥିତ ବ୍ଲେସ୍‌ଡ ସାକ୍ରାମେଣ୍ଟ ଉଚ୍ଚ ବିଦ୍ୟାଳୟ ପରିସରରେ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ସିଷ୍ଟର ଆଡୋରସର ମୁଖ୍ୟ ସିଷ୍ଟର ମ୍ୟାରୀ ରୋଜ ଓ ବିଦ୍ୟାଳୟର ପ୍ରିନ୍ସିପାଲ ସିଷ୍ଟର ମ୍ୟାରୀ ଜଜ୍ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ସିଷ୍ଟର ମ୍ୟାରୀ ରୋଜ୍ କହିଥିଲେ, ବିଦ୍ୟାଳୟରେ କେବଳ ବିଦ୍ୟା ଗ୍ରହଣ କରାଯାଏ ତାହା ନୁହଁ, ଛାତ୍ରୀଛାତ୍ରଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ କ୍ରୀଡ଼ା ମଧ୍ୟ ଏକ ଜରୁରୀ ପାଠ୍ୟକ୍ରମ ରୂପରେ ଶିକ୍ଷା ଦିଆଯାଇଥାଏ। ବର୍ତ୍ତମାନ ବିଦ୍ୟାଳୟସ୍ତରର କ୍ରୀଡ଼ାରୁ ପିଲାଙ୍କ ପ୍ରତିଭା ବିକଶିତ ହୋଇ ରାଜ୍ୟସ୍ତରୀୟ ତଥା ରାଷ୍ଟ୍ରସ୍ତରୀୟ ଓ ଅନ୍ତର୍ଜାତୀୟସ୍ତରରେ ସୁନାମ ଅର୍ଜନ କରୁଛନ୍ତି। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିଲେ।

# ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କୁଇଜ୍, ଭାଗନେଲେ ୨୨୫ ବିଦ୍ୟାର୍ଥୀ

କଣାସ,୧୦।୧୨(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅନ୍ତର୍ଗତ କୁଳମଣୀ ସଂଯୁକ୍ତ ଉଚ୍ଚ ବିଦ୍ୟାପୀଠ ପରିସରରେ ବ୍ଲକ୍‌ସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବୁଧବାର ପୂର୍ବାହ୍ନରେ କଣାସ ବ୍ଲକ ଶିକ୍ଷାଧିକାରୀ ରାମଚନ୍ଦ୍ର ବେହେରା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କଣାସ ବ୍ଲକ ଅନ୍ତର୍ଗତ ୧୭ ଆଞ୍ଚଳିକ ସାଧନ କେନ୍ଦ୍ରର ପ୍ରାଥମିକ, ଉଚ୍ଚପ୍ରାଥମିକ, ଉଚ୍ଚବିଦ୍ୟାଳୟଗୁଡ଼ିକରୁ ୨୨୫ ବିଦ୍ୟାର୍ଥୀ ଏହି କୁଇଜ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସବ୍‌ଜୁନିୟର, ଜୁନିୟର ଓ ସିନିୟର ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଥିଲା। ସବ୍‌ଜୁନିୟରରେ ବାରଦାବାଦଲପୁର ସଂଯୁକ୍ତ ଉ.ପ୍ରା. ବିଦ୍ୟାଳୟର ଛାତ୍ର ସୌଭାଗ୍ୟ ରଞ୍ଜନ ଦାସ, ଜୁନିୟର ଓ ସିନିୟର ବିଭାଗରେ କୁଳମଣି ସଂଯୁକ୍ତ ବିଦ୍ୟାପୀଠର ଛାତ୍ରୀ ଶୁଭଲକ୍ଷ୍ମୀ ବେହେରା ଓ ଚିନ୍ମୟୀ ସାହୁ ଜିଲାସ୍ତରୀୟ କୁଇଜ୍ ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ।

ଅପରାହ୍ନରେ ଶିକ୍ଷାଧିକାରୀ ବେହେରାଙ୍କ ସଭାପତିତ୍ୱ ଓ ଶିକ୍ଷକ ସୁଶାନ୍ତ ନରେନ୍ଦ୍ରଙ୍କ ସଂଯୋଜନାରେ ପୁରସ୍କାର ବିତରଣ ସଭାରେ ସହ ଶିକ୍ଷାଧିକାରୀ ନାରାୟଣ ପ୍ରଧାନ, ଗୋବର୍ଦ୍ଧନ ବେହେରା ଓ ପ୍ରଫୁଲ୍ଲ କୁମାର ବେହେରା ଓ ପ୍ରଧାନଶିକ୍ଷକ ଶିଶିର କୁମାର ମହାନ୍ତି, ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷା ପ୍ରତିମା ସାହୁ, ସିଆର୍‌ସିସି ବିଜୟ କୁମାର ପ୍ରଧାନ ଓ ପରିଚାଳନା କମିଟି ଅଧ୍ୟକ୍ଷ ଅକ୍ଷୟ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

# ୨୨୦ ହେକ୍ଟର ଜମିରେ କରାଯିବ ଆଳୁଚାଷ

ନିମାପଡ଼ା,୧୦।୧୨(ବିଚିତ୍ରାନନ୍ଦ ସାହୁ)




ଉଦ୍ୟାନ ବିଭାଗର ପଦସ୍ଥ ଅଧିକାରୀ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

ପୁରୀ ଜିଲା ନିମାପଡ଼ା ବ୍ଲକରେ ଆଳୁ ମିଶନର ସଫଳତା ପରିପ୍ରେକ୍ଷୀରେ ବ୍ଲକ ଉଦ୍ୟାନ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିବା ଏକ ସର୍ଭେକ୍ଷଣରୁ ଜଣାପଡ଼ିଛି। ଏଥିନିମନ୍ତେ ନିମାପଡ଼ା ବ୍ଲକ ସହକାରୀ ଉଦ୍ୟାନ ଅଧିକାରୀ ଶୁଭଶ୍ରୀ କରଙ୍କ ନେତୃତ୍ୱରେ ବ୍ଲକର ବିଭିନ୍ନ ଅଞ୍ଚଳରେ ସଫଳ ଆଳୁ ଚାଷ ସମ୍ପର୍କରେ କୃଷକ ସଚେତନତା ଶିବିରମାନ ଉଦ୍ୟାନ ବିଭାଗ ତରଫରୁ ଆୟୋଜିତ ହେଉଛି। ଚଳିତ ରବିଋତୁରେ ନିମାପଡ଼ା ବ୍ଲକରେ ୨୨୦ ହେକ୍ଟର ଜମିରେ ସଫଳ ଆଳୁ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଥିବା ବେଳେ ଉଦ୍ୟାନ ବିଭାଗ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ଶତାଧିକ ଚାଷୀଙ୍କୁ ୧୨ ଶହ କ୍ୱିଣ୍ଟାଲ ଆଳୁ ମଞ୍ଜି ସୁଲଭ ମୂଲ୍ୟରେ ଯୋଗାଇ ଦିଆଯାଇଛି। ଚାଷୀମାନଙ୍କୁ ମୁଖ୍ୟତଃ ଖୁପ୍ରିଜ୍ୟୋତି ଓ ଖୁପ୍ରିପୋଖରାଜ କିସମର ମଞ୍ଜି ଯୋଗାଇ ଦିଆଯାଇଥିବା ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଆଳୁ ଚାଷର ସଫଳତା ପାଇଁ ଇତିମଧ୍ୟରେ ସ୍ଥାନୀୟ ବ୍ଲକ ଅନ୍ତର୍ଗତ ଡେଣୁଅ, ଛେନୁଅ, ଭିଲିଗ୍ରାମ, ଶେଉଳସାହି, ବଳଙ୍ଗା, ଉଚ୍ଛୁପୁର ଆଦି ଅଞ୍ଚଳରେ କୃଷକ ସଚେତନତା ଶିବିରମାନ ଆୟୋଜିତ ହୋଇ ଉତ୍ତମ ପଦ୍ଧତିରେ ସଫଳ ଆଳୁ ଚାଷ ସମ୍ପର୍କରେ କୃଷକଙ୍କୁ ବିଭାଗୀୟ ଅଧିକାରୀ ସଚେତନ କରିଛନ୍ତି। ଜିଲା ଉଦ୍ୟାନ କୃଷି ବିଭାଗର ଉପନିର୍ଦ୍ଦେଶକ ଡ. ମଞ୍ଜୁଳା ତ୍ରିପାଠୀ, ସହକାରୀ ଉପନିର୍ଦ୍ଦେଶକ ସୌମ୍ୟଶ୍ରୀ ମହାରଣା, ନିମାପଡ଼ା ବ୍ଲକ ଉଦ୍ୟାନ ଅଧିକାରୀ ଶୁଭଶ୍ରୀ କର, ଅଧିଦର୍ଶକ କୁଳମଣି ମହାରଣା, କ୍ଷେତ୍ର ପରିଦର୍ଶକ ସିଲଭା ନାୟକ, ଉଦ୍ୟାନ ସାଥୀ ମନୋଜ କୁମାର ସ୍ୱାଇଁ ପ୍ରମୁଖ ବିଭିନ୍ନ କ୍ଷେତ୍ର ପରିଦର୍ଶନ କରି କୃଷକଙ୍କୁ ସଚେତନତା ବାର୍ତ୍ତା ବାଣ୍ଟି ଦେଇଥିଲେ। ଉଦ୍ୟାନ ବିଭାଗରେ ପର୍ଯ୍ୟାପ୍ତ ପରିମାଣର ଆଳୁ ମଞ୍ଜି ମହଜୁଦ୍ ରହିଛି ଓ ଚାଷୀମାନେ ଯେତେ ପରିମାଣର ମଞ୍ଜି ଚାହିଁବେ ନେଇପାରିବେ ବୋଲି ଉଦ୍ୟାନ ଅଧିକାରୀ ଶୁଭଶ୍ରୀ କର କହିଛନ୍ତି। ନିମାପଡ଼ା ଓ ବଳଙ୍ଗା କୃଷି ବହୁଳ ଅଞ୍ଚଳ ହୋଇଥିବାରୁ ଆଳୁ ଚାଷ ମିଶନର ସଫଳତା ନିଶ୍ଚିତ ମିଳିବ ବୋଲି କୁହାଯାଇଛି।

## ଫଟୋରେ ଖବର








ପୁରୀ ବେଳାଭୂମିରେ ସାପକୋଠି ନିର୍ମାଣ ବିଳମ୍ବ ପ୍ରତିବାଦରେ ମତ୍ସ୍ୟଜୀବୀ ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରୁଛନ୍ତି । ନାଟକ 'ଶେଷ ଇଚ୍ଛା'ର ଏକ ଦୃଶ୍ୟ । ପୁରୀ କଲେଜ ଅଫ ଫାର୍ମାସ୍ୟୁଟିକାଲ ସାଇନ୍ସ ପକ୍ଷରୁ ପୌର ସଦନଠାରେ ଅନୁଷ୍ଠିତ ଜାତୀୟ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ ।

## ଗୋଆ ନାଇଟ୍ କ୍ଲବ୍ ଅଘଟଣ ପରେ...

# ହୋଟେଲ, ପବ୍‌ରେ ଅଗ୍ନି ନିରାପତ୍ତାକୁ ନେଇ ପ୍ରଶ୍ନ




ଭୁବନେଶ୍ୱର,୧୦।୧୨
(ସତ୍ୟଜିତ ରାଉତ)



ବର୍ଚ ବାଇ ରୋମିଓ ଲେନ୍ ଦ୍ୱାରା ପରିଚାଳିତ ଗୋଆର ଏକ ନାଇଟ୍ କ୍ଲବରେ ଗତ ୬ତାରିଖ ବିଳମ୍ବିତ ରାତିରେ ଘଟିଥିବା ଭୟଙ୍କର ଅଗ୍ନିକାଣ୍ଡ ଦେଶବ୍ୟାପୀ ବଡ଼ ଚର୍ଚ୍ଚାର ବିଷୟ ହୋଇଛି। ସେଠାରେ ଆବଶ୍ୟକ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବାରୁ ୨୫ଜଣଙ୍କ ଜୀବନହାନି ଘଟିଥିବାବେଳେ ଅନେକ ଆହତ ହୋଇଥିଲେ। ଏଭଳି ସ୍ଥିତିରେ ହୋଟେଲ, ରେଷ୍ଟୁରାଣ୍ଟ, କ୍ଲବ୍ ଓ ପବ୍ ଆଦିର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି। ରାଜଧାନୀ ଭୁବନେଶ୍ୱରରେ ଥିବା ଅନେକ ପ୍ରତିଷ୍ଠାନରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ଢୁଗୁଲା ଥିବା ଅଭିଯୋଗ ହେଉଛି। ଯଦି ସେଗୁଡ଼ିକରେ କୌଣସି ପ୍ରକାର ଅଘଟଣ ଘଟେ ତେବେ ବଡ଼ କ୍ଷତିକୁ ରୋକାଯାଇ ପାରିବ ନାହିଁ। ଅପରପକ୍ଷରେ ସମସ୍ତ ରେଷ୍ଟୁରାଣ୍ଟ, ହୋଟେଲ, ବାର୍ ଏବଂ ପବ୍‌ରେ ନିରାପତ୍ତା ବ୍ୟବସ୍ଥାକୁ କଡ଼ାକଡ଼ିଭାବେ ପାଳନ କରିବାକୁ ତାଗିଦ୍ କରାଯାଇଥିବାବେଳେ ଏହାକୁ ଯାଞ୍ଚ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଅଗ୍ନିଶମ ବିଭାଗ ଡିଜି କହିଛନ୍ତି।

ତଥ୍ୟ ଅନୁଯାୟୀ, ଭୁବନେଶ୍ୱରରେ ୫୮ ହୋଟେଲ ଓ ୮୨ଟି ରେଷ୍ଟୁରାଣ୍ଟ ରହିଛି। ଏପରି କି ଅନେକ ରେଷ୍ଟୁରାଣ୍ଟରେ ନାଇଟ୍ କ୍ଲବ୍ ଓ ପବ୍ ଚାଲିଛି। ଏହି ପ୍ରତିଷ୍ଠାନଗୁଡ଼ିକ ବୈଧ ଅଗ୍ନି ନିରାପତ୍ତା ପ୍ରମାଣ ପତ୍ର ରଖିବା ବାଧ୍ୟତାମୂଳକ। ଏଗୁଡ଼ିକ ମଧ୍ୟରୁ କେତେକ ପ୍ରତିଷ୍ଠାନର ଫାୟାର ସେଫ୍ଟି ସାର୍ଟିଫିକେଟ୍ ରହିଥିବାବେଳେ ଆଉ କେତେକ ଏହି ନିୟମ ମଧ୍ୟରେ ଆସୁନାହାନ୍ତି। ଫାୟାର ସେଫ୍ଟି ନ ଥିବା ପ୍ରତିଷ୍ଠାନଗୁଡ଼ିକ ଅଗ୍ନି ନିରାପତ୍ତାକୁ ନେଇ ସର୍ବନିମ୍ନ ଆବଶ୍ୟକତା ଉପକରଣ ମଧ୍ୟ ରଖିବା ଆବଶ୍ୟକ। ଅଗ୍ନି ନିବାରଣ ଓ ଅଗ୍ନି ନିରାପତ୍ତା (ସଂଶୋଧିତ) ଆଇନ୍ ୨୦୨୫ ଅନୁଯାୟୀ ଏହି ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ନିୟମ ଥିବାବେଳେ କେତେକ ପ୍ରତିଷ୍ଠାନ ଏହି ଦିଗରେ ଅବହେଳା କରୁଛନ୍ତି। ଫାୟାର ସେଫ୍ଟି ପ୍ରମାଣ ପାଇବାକୁ ହେଲେ ଟାଉନ ପ୍ଲାନିଂ ଆପ୍ରୁଭାଲ୍ ଆବଶ୍ୟକ। ପ୍ରତିଷ୍ଠାନର ଉଚ୍ଚତା ଓ ପରିଧିକୁ ନେଇ ଭିନ୍ନ ଭିନ୍ନ ଫାୟାର ଫାଇଟିଂ ବ୍ୟବସ୍ଥା କରିବାକୁ ଅଗ୍ନିଶମ ବିଭାଗର ନିର୍ଦ୍ଦେଶନାମା ରହିଛି।

ଜଣେ ଅଗ୍ନିଶମ ଅଧିକାରୀଙ୍କ କହିବା କଥା, ଭିନ୍ନ ଭିନ୍ନ ପ୍ଲାନିଂ ଅନୁଯାୟୀ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକର ଛାତ ଉପରେ ଟାଙ୍କି ଏବଂ ପ୍ରତି ମହଲାରେ ଗୋଟିଏ ଲେଖାଏ ହୋସ୍ ରିଲ୍ ରହିବା। ସେହିପରି ଅଧିକ ଅଞ୍ଚଳ ଥିଲେ ଅଣ୍ଡରଗ୍ରାଉଣ୍ଡ ଟାଙ୍କି ସହ ପମ୍ପ ଲାଗିବ। ଏପରିକି ଅଣ୍ଡରଗ୍ରାଉଣ୍ଡ ଟାଙ୍କି ସହ ଡିଜେଲ୍ ପମ୍ପ, ଇଲେକ୍ଟ୍ରିକ୍ ପମ୍ପ, ଜକି ପମ୍ପ ସମେତ ସ୍ପ୍ରିଙ୍କଲର ମଧ୍ୟ ରହିବ। ବିଶେଷ କରି ସବୁ ପ୍ରତିଷ୍ଠାନରେ ଫାୟାର ଆଲାରାମ, ଫାୟାର ଏକ୍ସଟିଂଗୁସର ରହିବା ସହ ବିପତ୍ତି ବେଳେ ପଳେଇବା ବାହାରିବା ଲାଗି ପର୍ଯ୍ୟାପ୍ତ ପ୍ରସ୍ଥାନ ଦ୍ୱାର ଥିବା ଦରକାର। ଏହାସହ ବିଭିନ୍ନ ସମୟରେ ଇଲେକ୍ଟ୍ରିକ ତାର ଯାଞ୍ଚ କରିବା ସହ ନିୟମିତ ଏସି ଚଲାଇବା କଥା ନୁହେଁ। ଭିତରେ ଧୂମ୍ରପାନକୁ ବାରଣ କରିବା ଦରକାର। ଅଧିକ ବଡ଼ ପ୍ରତିଷ୍ଠାନ ସହ ବହୁ ସଂଖ୍ୟାରେ ଲୋକମାନେ ଏକତ୍ରିତ ହୋଇଥିଲେ ସେଠାରେ ଫାୟାର ସେଫ୍ଟି ସୁପରଭାଇଜର ରହିବା ଆବଶ୍ୟକ। ତେବେ କେତେକ କ୍ଷେତ୍ରରେ ଅଗ୍ନି ନିରାପତ୍ତା ପାଇଁ ଥିବା ଉପକରଣଗୁଡ଼ିକ ପୁରୁଣା ହୋଇଯାଇଥିବାବେଳେ, ତାହାକୁ ବ୍ୟବହାର କରିବାକୁ ମଧ୍ୟ କର୍ମଚାରୀଙ୍କ ମଧ୍ୟରେ ଜ୍ଞାନ ରହୁନାହିଁ। ଫାୟାର ସେଫ୍ଟି ପ୍ରମାଣପତ୍ରର ଅବଧି ୨ବର୍ଷ ରହିଥିବାବେଳେ ଏହାର ମିଆଦ ଶେଷ ହେଉଥିବାବେଳେ ପ୍ରତିଷ୍ଠାନଗୁଡ଼ିକ ଏହିଦିଗରେ ଧ୍ୟାନ ଦେଉନାହାନ୍ତି। ଏନେଇ ଅଗ୍ନିଶମ ବିଭାଗ ପକ୍ଷରୁ ମଧ୍ୟ ନିୟମିତ ଯାଞ୍ଚ ହେଉନାହିଁ। ତେବେ ଅଘଟଣକୁ ରୋକିବାକୁ ହେଲେ ଅଗ୍ନି ନିରାପତ୍ତାକୁ ନେଇ ସଚେତନତା ଓ ତାଲିମ ପ୍ରଦାନର ଆବଶ୍ୟକତା ରହିଥିବା ମତପ୍ରକାଶ ପାଇଛି।

> **ନିୟମ ଅନୁଯାୟୀ ଅଗ୍ନି ନିରାପତ୍ତାକୁ ଧ୍ୟାନ ଦେଉଛୁ**
> ସରକାରଙ୍କ ନିୟମ ଅନୁଯାୟୀ ଅଗ୍ନି ନିରାପତ୍ତା ଦିଗକୁ ଆମେ ବିଶେଷ ଧ୍ୟାନ ଦେଉଛୁ। ସମ୍ଭାବ୍ୟ ଅଗ୍ନିକାଣ୍ଡ ହେଲେ ତାହାକୁ ତୁରନ୍ତ ଆୟତ୍ତ କରିବାକୁ ଆମ ପାଖରେ ୧୫ଟି ଫାୟାର ଏକ୍ସଟିଂଗ୍ୟୁସର ରହିଛି। ଅଘଟଣବେଳେ ଗ୍ରାହକମାନେ କିଭଳି ସୁରକ୍ଷିତ ଭାବରେ ବାହାରି ପାରିବେ ସେଥିପାଇଁ ୩ଟି ପ୍ରସ୍ଥାନ ଦ୍ୱାର ରହିଛି। ଅଗ୍ନି ନିରାପତ୍ତା ଉପକରଣର ବ୍ୟବହାର ନେଇ କର୍ମଚାରୀଙ୍କୁ ମଧ୍ୟ ଆମେ ତାଲିମ ଦେଇ ଏହି ଦିଗରେ ସଚେତନ ଅଛୁ।
> - ଯଶୁକ୍ରିଷ୍ଣ ସାହୁ, ମ୍ୟାନେଜର, ଏମ୍ପାୟର କ୍ଲବ୍ ଆଣ୍ଡ୍ ସ୍କାଏ ଲାଉଞ୍ଜ, ଚନ୍ଦ୍ରଶେଖରପୁର

**ଫାୟାର ସାର୍ଟିଫିକେଟ୍ ଦେଖି ଲାଇସେନ୍ସ ଦେଉଛୁ**



ଅବକାରୀ ବିଭାଗ ପକ୍ଷରୁ ହୋଟେଲ ଓ ରେଷ୍ଟୁରାଣ୍ଟ ପାଇଁ ଲାଇସେନ୍ସ ଦିଆଯିବାବେଳେ ଆମେ ଫାୟାର ସେଫ୍ଟି ସାର୍ଟିଫିକେଟ୍ ଅଛି କି ନାହିଁ ଯାଞ୍ଚ କରୁଛୁ। ଏପରିକି ଲାଇସେନ୍ସ ନବୀକରଣ ବେଳେ ମଧ୍ୟ ଏ ଦିଗ ପ୍ରତି ଆମେ ଧ୍ୟାନ ଦେଉଛୁ। ଅଗ୍ନି ନିରାପତ୍ତା ଦିଗରେ ଆମେ ଧ୍ୟାନ ଦେଇ ଅଧିକ ନିରୀକ୍ଷଣ କରୁଛୁ। ଛୋଟ ଅଞ୍ଚଳରେ ଥିବା ପବ୍ ଓ କ୍ଲବରେ ସୁରକ୍ଷା ଉପକରଣ ଅଛି କି ନାହିଁ ତାହା ମଧ୍ୟ ଦେଖୁଛୁ। ଅଗ୍ନି ନିରପତ୍ତା ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇ କାର୍ଯ୍ୟ କରୁଛୁ।
- ଡିଏସ୍‌ପି ରାଜକିଶୋର ସ୍ୱାଇଁ, ଭୁବନେଶ୍ୱର ଅବକାରୀ ଡିଏସ୍‌ପି

**ଯାଞ୍ଚ ପାଇଁ ସବୁ ଅଫିସରଙ୍କୁ ନିର୍ଦ୍ଦେଶ ହୋଇଛି**



ଛୋଟ ଛୋଟ ହୋଟେଲ ଓ ପବ୍ ଅଗ୍ନି ନିରାପତ୍ତା ଆଇନ କର୍ତ୍ତୃତ୍ୱରେ ଆସନ୍ତି ନାହିଁ। ଏହି ପ୍ରତିଷ୍ଠାନଗୁଡ଼ିକରେ ଯେଭଳି କୌଣସି ଅଘଟଣ ନ ଘଟିବ ସେଥିପ୍ରତି ଆମେ ଅଧିକ ଯତ୍ନବାନ ହୋଇଛୁ। ଏ ଦିଗରେ ଯାଞ୍ଚ କରିବା ସବୁ ଅଫିସରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ୧୦ରୁ ୧୫ ଦିନ ମଧ୍ୟରେ ଫାୟାର ଟିମ୍ ଉକ୍ତ ପ୍ରତିଷ୍ଠାନଗୁଡ଼ିକୁ ଯାଇ ଯାଞ୍ଚ କରିବା ଯଦି ଉକ୍ତ ପ୍ରତିଷ୍ଠାନଗୁଡ଼ିକ ଆମ ନିୟମ ଅନୁଯାୟୀ ଆସୁଥିବେ ଏବଂ ଅବହେଳା କରିଥିଲେ, ତେବେ ସେମାନଙ୍କୁ ନୋଟିସ ଦିଆଯିବ। ଫାୟାର ସେଫ୍ଟି ସାର୍ଟିଫିକେଟ୍ ନ ଥିବା ପ୍ରତିଷ୍ଠାନଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିବାକୁ ସମ୍ପୃକ୍ତ ମ୍ୟୁନିସିପାଲିଟିକୁ ଜଣାଇ ଦିଆଯିବ। ଏ ଦିଗରେ ସମାଧାନ ବାହାର କରିବା ପାଇଁ ଆମେ ଯୋଜନା କରିଛୁ।
-ସୁଧାଂଶୁ ଷଡ଼ଙ୍ଗୀ, ଅଗ୍ନିଶମ ମହାନିର୍ଦ୍ଦେଶକ

## ରାଜଧାନୀରେ ଯୁବକଙ୍କୁ ଗୋଡ଼ାଇ ହାଣିଲେ

ଭୁବନେଶ୍ୱର,୧୦।୧୨(ସତ୍ୟଜିତ ରାଉତ)

କିଛିଦିନର ବ୍ୟବଧାନରେ ରାଜଧାନୀରେ ପୁଣି ଖଣ୍ଡା ଝୁଲିଛି। ଏୟାରପୋର୍ଟ ଥାନା ଅନ୍ତର୍ଗତ କାର୍ଗିଲ ବସ୍ତିରେ ବୁଧବାର ରାତିରେ ଜଣେ ଯୁବକଙ୍କ ଖଣ୍ଡାରେ ଆକ୍ରମଣ କରାଯାଇଛି। ଆହତ ଯୁବକ ହେଲେ ସଂଗ୍ରାମ ଜେନା। ଖଣ୍ଡା ଚୋଟରେ ସଂଗ୍ରାମଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି। କେତେଜଣ ଯୁବକ ତାଙ୍କୁ ବସ୍ତିରେ ଆକ୍ରମଣ କରି ଫେରାର ହୋଇଯାଇଛନ୍ତି। ଗୁରୁତର ଅବସ୍ଥାରେ ସଂଗ୍ରାମଙ୍କ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ କଟକ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଏୟାରପୋର୍ଟ ଥାନା ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଧରିବାକୁ ଖୋଜାଖୋଜି ଚଳାଇଛି। ନିଶା କାରବାରକୁ ନେଇ ଅଭିଯୁକ୍ତମାନେ ଏହି କାଣ୍ଡ ଘଟାଇଥିବା ସ୍ଥାନୀୟ ଲୋକମାନେ କହିଛନ୍ତି। ତେବେ ପ୍ରକୃତରେ ଘଟଣା ପଛର କାରଣ ଜାଣିବାକୁ ପୋଲିସ ଉଦ୍ୟମ ଜାରି ରଖିଛି। ଅଭିଯୁକ୍ତମାନେ ସ୍ଥାନୀୟ ଅଞ୍ଚଳରୁ ଫେରାର ହୋଇଯାଇଥିବାବେଳେ ବିଭିନ୍ନ ପୋଲିସ ଟିମ୍ ସେମାନଙ୍କୁ ଧରିବାକୁ ଚଢ଼ାଉ ଜାରି ରଖିଛି।

## ପିକ୍‌ଅପ୍ ଭ୍ୟାନ୍- କାର୍ ମୁହାଁମୁହିଁ ଧକ୍କା

ଭୁବନେଶ୍ୱର,୧୦।୧୨(ସତ୍ୟଜିତ ରାଉତ)

ଧଉଳି ଥାନା ଅନ୍ତର୍ଗତ ଲିଙ୍ଗିପୁର ଛକରେ ବୁଧବାର ସକାଳେ ଏକ ଦୁର୍ଘଟଣା ଘଟିଛି। ଏକ ପିକ୍‌ଅପ୍ ଭ୍ୟାନ୍ ଏବଂ କାର୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ୨ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ଉଭୟ ଗାଡ଼ିର ସାମ୍ନା ପାର୍ଶ୍ୱ କ୍ଷତିଗ୍ରସ୍ତ ହୋଇଛି। ସୂଚନା ଅନୁଯାୟୀ, କାରଟି ପାଣ୍ଡରା ଆଡ଼କୁ ଯାଉଥିବା ବେଳେ ପିକ୍‌ଅପ୍ ଭ୍ୟାନଟି ଭୁବନେଶ୍ୱର ପଟୁ ଧଉଳି ଆଡ଼କୁ ଯାଉଥିଲା। ଭ୍ୟାନ୍‌ରେ ଜଣେ ବ୍ୟକ୍ତି ଥିବାବେଳେ କାରରେ ୪ଜଣ ଥିଲେ। ତେବେ ଏନେଇ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇନାହିଁ। ସେମାନେ ଆପୋସ ସମାଧାନକରି ଘଟଣାସ୍ଥଳରୁ ନିଜ ଗାଡ଼ି ନେଇଯାଇଥିବା ଜଣାପଡ଼ିଛି।

## ସନ୍ଧାନୀ କୁକୁର ଧରିଲା ଗଞ୍ଜେଇ ଚାଲାଣ: ୨ ଗିରଫ

ଭୁବନେଶ୍ୱର,୧୦।୧୨(ସତ୍ୟଜିତ ରାଉତ)

ଗଞ୍ଜେଇ ଚାଲାଣ ବେଳେ ଭୁବନେଶ୍ୱର ରେଳ ଷ୍ଟେସନରେ ଜିଆର୍‌ପି ଏବଂ ଆର୍‌ପିଏଫ୍ ମିଳିତ ଟିମ୍ ଚଢ଼ାଉକରି ସଫଳତା ପାଇଛି। ସନ୍ଧାନୀ କୁକୁର କ୍ୟାକ୍ସନ୍ ସାହାଯ୍ୟରେ ଗଞ୍ଜେଇ ଚାଲାଣ ରୋକିବାରେ ସଫଳ ହୋଇଛି। ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଉତ୍ତରପ୍ରଦେଶ ଖାନ୍‌ସା ଜିଲ୍ଲା ମୈରାନିପୁର ଥାନା ଅଞ୍ଚଳର ହରିମୋହନ ଅହିବାସୀ (୨୯) ଓ ମହେଶ। ସେମାନଙ୍କ ନିକଟରୁ ୨୦ କେଜି ୩୦୦ ଗ୍ରାମ୍ ଗଞ୍ଜେଇ ଜବତ କରାଯାଇଛି। ଅଭିଯୁକ୍ତଦ୍ୱୟଙ୍କୁ ଜିଆର୍‌ପି ପକ୍ଷରୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଯାଇଛି। ମଙ୍ଗଳବାର ସକାଳେ ଅଭିଯୁକ୍ତମାନେ ବ୍ୟାଗରେ ଗଞ୍ଜେଇ ଭର୍ତ୍ତି କରି ପ୍ଲାଟ୍‌ଫର୍ମ ନଂ.୧ରେ ଛିଡ଼ାହୋଇଥିଲେ। ସେମାନେ ଝାନ୍‌ସୀ ଯିବାକୁ ଟ୍ରେନ୍‌କୁ ଅପେକ୍ଷା କରିଥିଲେ। ତେବେ ମିଳିତ ଟିମ୍ ସନ୍ଧାନୀ କୁକୁର କ୍ୟାକ୍ସନ୍ ଜରିଆରେ ଅପରେଶନ କରିଥିଲା। କୁକୁର ଶୁଙ୍ଘି ଶୁଙ୍ଘି ଅଭିଯୁକ୍ତଦ୍ୱୟଙ୍କ ପାଖରେ ପହଞ୍ଚିଥିଲା।

## ଗଙ୍ଗୁଆ ଉନ୍ନତୀକରଣ କାର୍ଯ୍ୟର ସମୀକ୍ଷା

### କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନଗର ଉନ୍ନୟନ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୦।୧୨(ଅନୁରାଧା ମହାରଣା)

ଖାରବେଳ ଭବନରେ ବୁଧବାର ଗଙ୍ଗୁଆ ନାଳ ଉନ୍ନତି ପ୍ରକଳ୍ପ ସମ୍ବନ୍ଧୀୟ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ନିକୋ ପାର୍କ ଓ ତାହାର ପରିବେଶର ସମଗ୍ର ଉନ୍ନତି ସହିତ ଭୁବନେଶ୍ୱରର ଜଳ ପରିଚାଳନା ଉପରେ ଆଲୋଚନା କରାଯାଇଛି। ସମୀକ୍ଷା ସମୟରେ ମନ୍ତ୍ରୀ ଗଙ୍ଗୁଆ ଉନ୍ନୟନ କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେବା ସହ ଆସନ୍ତା ବର୍ଷାଋତୁ ପୂର୍ବରୁ ଦୃଶ୍ୟମାନ ପରିବର୍ତ୍ତନ ଆଣିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ ଏହାକୁ ଏକ ସମନ୍ୱିତ ପ୍ରୟାସରେ ପରିଣତ କରି ନିକୋ ପାର୍କ ଅଞ୍ଚଳର ମନୋରଞ୍ଜନ ଓ ସାମାଜିକ ସୁବିଧା ବୃଦ୍ଧି, ଗଙ୍ଗୁଆ ନାଳର ପୁନରୁଦ୍ଧାର ଓ ସ୍ୱଚ୍ଛ ଜଳରାଶି ପ୍ରବାହ ସୁନିଶ୍ଚିତ କରିବା ଆଦି କାମଗୁଡ଼ିକୁ ଏକସଙ୍ଗେ ଆଗେଇ ନେବାକୁ ପରାମର୍ଶ ଦେଇଛନ୍ତି। ବୈଠକରେ ବିଧାୟକ ବାବୁ ସିଂହ, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ, ବିଏମ୍‌ସି କମିଶନର ତଥା ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା ପ୍ରମୁଖ ଉପସ୍ଥିତ ଥିଲେ।

## ଘେରାଉରେ ସାମିଲ ହେବନି ଏସ୍‌ସି,ଏସ୍‌ଟି ଓ ଦିବ୍ୟାଙ୍ଗ ଏକ୍ସ-କ୍ୟାଡର ଶିକ୍ଷକ ସଂଘ

ଭୁବନେଶ୍ୱର,୧୦।୧୨(ସୁଚିସ୍ମିତା ସାହୁ)

ରାଜ୍ୟ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ଦିବ୍ୟାଙ୍ଗ ଏକ୍ସ-କ୍ୟାଡର ସଂଘର କାର୍ଯ୍ୟକାରିଣୀ କର୍ମକର୍ତ୍ତାମାନଙ୍କୁ ନେଇ ରାଜ୍ୟ ସଭାପତି ବିଜୟ ମାଝୀଙ୍କ ଅଧ୍ୟକ୍ଷତାରେ ବରମୁଣ୍ଡାସ୍ଥିତ କାଳୀ ମନ୍ଦିର ପରିସରରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ କାର୍ଯ୍ୟରତ ୭ ହଜାର ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ଦିବ୍ୟାଙ୍ଗ ଏକ୍ସ-କ୍ୟାଡର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଭବିଷ୍ୟତକୁ ଆଧାର କରି ଗତ ଅଗଷ୍ଟ ୭ରେ ଗଣଶିକ୍ଷା ସଚିବ ତଥା ବିଭାଗୀୟ ଅଧିକାରୀ ଦାବି ଉପରେ ଆଲୋଚନା କରିଥିଲେ। ବର୍ତ୍ତମାନ ସରକାର ଦାବି ମୁତାବକ ସୁବିଧା ପ୍ରଦାନ କରୁଛନ୍ତି। ଏଣୁ ରାଜ୍ୟ ପ୍ରାଥମିକ ଏକ୍ସ-କ୍ୟାଡର ମହାସଂଘ ଆସନ୍ତା ୧୫ ତାରିଖରେ କରିବାକୁ ଯାଉଥିବା ବିଧାନସଭା ଘେରାଉରେ ରାଜ୍ୟ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ଦିବ୍ୟାଙ୍ଗ ଏକ୍ସ-କ୍ୟାଡର ସଂଘ ସାମିଲ ହେବେନାହିଁ ଏବଂ ସରକାରଙ୍କୁ ପୂର୍ଣ୍ଣମାତ୍ରାରେ ସହଯୋଗ କରିବା ଲାଗି ନିଷ୍ପତ୍ତି ନେଇଛି। ଉକ୍ତ ସଭାରେ ରାଜ୍ୟ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ଦିବ୍ୟାଙ୍ଗ ସଂଘର ମହାସଚିବ ଭାରତୀ ମଲ୍ଲିକ, ସଭାପତି ବିଜୟ ମାଝି, କାର୍ଯ୍ୟକାରୀ ସଭାପତି ଜୟ ମାଝୀ, ସାଧାରଣ ସମ୍ପାଦକ ସୁଶାନ୍ତ କୁମାର, କୋଷାଧ୍ୟକ୍ଷ ହୃଷୀକେଶ ଖୋସ୍ଲା ଏବଂ ରାଜେନ୍ଦ୍ର ପସପୁରେଡ଼ି ପ୍ରମୁଖ ଉପସ୍ଥିତ ଥିଲେ।




ସିଆଇଏସ୍‌ଡିରେ ଆମ୍ବେଦକର ଇଣ୍ଟରନ୍ୟାଶନାଲ ସେଣ୍ଟର ପକ୍ଷରୁ ବୁଧବାର ଅନ୍ତର୍ଜାତୀୟ ମାନବ ଅଧିକାର ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି। (ଫଟୋ- ବିକାଶ ନାୟକ)

## କାବ୍ୟଲୋକ ପକ୍ଷରୁ ୧୧ ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,୧୦।୧୨(ସୌମ୍ୟରଞ୍ଜନ ରାଉତ)

**୭ମ ଓଡ଼ିଶା ରାଜ୍ୟ ପୁସ୍ତକ ମେଳାର ୫ମ ଦିବସ**

୭ମ ଓଡ଼ିଶା ରାଜ୍ୟ ପୁସ୍ତକ ମେଳାର ୫ମ ଦିବସରେ ବୁଧବାର କାବ୍ୟଲୋକ ପକ୍ଷରୁ ଆୟୋଜିତ ସଭାରେ ୧୧ଟି ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଏଥିରେ ଦେଶବନ୍ଧୁ ସ୍ୱାଇଁ ଓ ଦେବଶ୍ରୀ ଧଳଙ୍କ ସମ୍ପାଦନାରେ ସୃଜନ ଗଳ୍ପ ସମ୍ଭାର, କବି ଭିକାରୀ ଧଳଙ୍କ ସମ୍ପାଦନାରେ ଭରତ ବେହେରାଙ୍କ କବିତା ସମଗ୍ର, ଡ. ହେନେରିଟା ମିଶ୍ରଙ୍କ ମୁଁ କରୋଟି ବାଚାଳ', ଡ. ପ୍ରିୟରତା ଜେନାଙ୍କ ମାଧବୀଲତା, ସଂଯୁକ୍ତା ମହାନ୍ତିଙ୍କ ଗଙ୍ଗଶିଉଳି, ବର୍ଷା ଭିଞ୍ଜା ସକାଳ, ଡ. ଓ. ରଶ୍ମିତା ତ୍ରିପାଠୀଙ୍କ ବାସନ୍ତୀ ମହାନ୍ତିଙ୍କ ସମୀକ୍ଷାୟନ, ସ୍ୱପ୍ନେଶ୍ୱର ଗୋଚ୍ଛିଙ୍କ ଶ୍ରୀଜଗନ୍ନାଥ ମାହାତ୍ମ୍ୟ, ନିବେଦିତା ମହାନ୍ତି ଓ ସୁମନ୍ ବରିହାଙ୍କ ପ୍ରବନ୍ଧ ପଞ୍ଚବିଂଶ, ଅଭିକଥାଣୀ, ଡ. ରଶ୍ମିତା ତ୍ରିପାଠୀ ଓ ଗୁପ୍ତେଶ୍ୱର ମାଝିଙ୍କ ଓଡ଼ିଆ ଗଳ୍ପରେ ଆଦିବାସୀ ସଂସ୍କୃତି, ଡ. ରଶ୍ମିତା ତ୍ରିପାଠୀ ଓ ହୃଷୀକେଶ କହଁରଙ୍କ ବୌଦ୍ଧ ଜିଲ୍ଲାର କନ୍ଧ ଜନଜାତି ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ଦୀପା ମିଶ୍ର, ସଂଯୁକ୍ତା ମହାନ୍ତି, ପ୍ରଦ୍ୟୁମ୍ନ ପଟ୍ଟନାୟକ, ଡ. ରଶ୍ମିତା ତ୍ରିପାଠୀ, ଡ. ଲୁସି ପ୍ରିୟଦର୍ଶିନୀ ନାୟକ, ଦେବୀଲତା ଶତପଥୀ ଓ ପୁସ୍ତକ କର୍ମୀଙ୍କୁ 'ସୃଜନ ସ୍ୱପ୍ନ ମହାସମ୍ମାନ' ଅର୍ପଣ କରାଯାଇଥିଲା। କଥାକାର ଦେଶବନ୍ଧୁ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ପ୍ରଶାସକ ଡ. ନିରଞ୍ଜନ ସାହୁ, ଦୀପା ମିଶ୍ର, ଡ. ସଂଘମିତ୍ରା ମିଶ୍ର, ଡ. ଅରବିନ୍ଦ ରାୟ, ରାଜ୍ୟବର୍ଦ୍ଧନ ଧନମହାପାତ୍ର, ଡ. ହେନେରିଟା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଗାତିକବି ବିପିନ ମହାନ୍ତି ଓ ବିପ୍ଳା ଗବେଷକ ବିଶାଳ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କାବ୍ୟଲୋକ ସମ୍ପାଦକ କବି ଭିକାରୀ ଧଳ ଧନ୍ୟବାଦ ଦେଇଥିଲେ।

# ଶିଶୁ ସାହିତ୍ୟ, ଉପନ୍ୟାସ, ଗବେଷଣାତ୍ମକ ପୁସ୍ତକର ଚାହିଦା ବଢ଼ୁଛି

**■୭ମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବର ୫ମ ଦିବସ**

**■ଶିଶୁ ପାଠକଙ୍କୁ ଆକର୍ଷିତ କରୁଛି 'ଶିଶୁଲେଖା'**





ପାଠିକାମାନେ ପୁସ୍ତକ ଦେଖୁଛନ୍ତି।

ଭୁବନେଶ୍ୱର,୧୦।୧୨(ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ୭ମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବର ବୁଧବାର ଥିଲା ୫ମ ଦିବସ। ମହୋତ୍ସବରେ ବହି କିଣିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବା ଏବଂ କୋରାପୁଟ କଫିର ମଜା ନେବାକୁ ପାଠିକା ପାଠକଙ୍କ ଭିଡ଼ ଜମୁଛି। ଏଥର ପୁସ୍ତକ ମହୋତ୍ସବରେ ଶିଶୁ ସାହିତ୍ୟ, ପୁରସ୍କାରପ୍ରାପ୍ତ ଉପନ୍ୟାସ ଓ ଗବେଷଣାତ୍ମକ ପୁସ୍ତକର ଚାହିଦା ବଢ଼ିଛି। ଶିଶୁ ପାଠକଙ୍କ ଠାରୁ ଆରମ୍ଭ କରି ଯୁବବର୍ଗ ଓ ବୟୋଜ୍ୟେଷ୍ଠ ବ୍ୟକ୍ତିବିଶେଷମାନେ ଶିଶୁସାହିତ୍ୟ, ପୁରସ୍କାରପ୍ରାପ୍ତ ଉପନ୍ୟାସ ଓ ଗବେଷଣାତ୍ମକ ପୁସ୍ତକ କିଣିବାକୁ ପସନ୍ଦ କରୁଛନ୍ତି। ସଂସ୍କୃତି ବିଭାଗରେ ୭ଟି ଷ୍ଟଲରେ ଏହି ସବୁ ପୁସ୍ତକ କିଣିବା ପାଇଁ ପାଠକଙ୍କ ଭିଡ଼ ଦେଖିବାକୁ ମିଳିଛି। ଓଡ଼ିଆ ଭାଷା ପ୍ରତିଷ୍ଠାନ, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର, ଓଡ଼ିଶା ରାଜ୍ୟ ଅଭିଲେଖାଗାର, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ଓଡ଼ିଶା ସାହିତ୍ୟ ଏକାଡେମୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ପକ୍ଷରୁ ପୁସ୍ତକ ମହୋତ୍ସବରେ ଷ୍ଟଲ୍ ନିର୍ମାଣ କରାଯାଇଛି। ଓଡ଼ିଆ ଭାଷା ପ୍ରତିଷ୍ଠାନର ପତ୍ରିକା 'ଶିଶୁଲେଖା' ଶିଶୁ ପାଠକଙ୍କୁ ଆକର୍ଷିତ କରୁଛି। ପୁସ୍ତକରେ ସ୍ଥାନିତ ହୋଇଥିବା ରଙ୍ଗିନ୍ ଚିତ୍ର ଓ ଗଳ୍ପସମୂହକୁ ସେମାନେ ପସନ୍ଦ କରୁଛନ୍ତି। ସେହିପରି କେନ୍ଦ୍ର ସାହିତ୍ୟ ଏକାଡେମୀ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କାରପ୍ରାପ୍ତ ଉପନ୍ୟାସକୁ ମଧ୍ୟ ପାଠକମାନେ ବେଶ୍ ପସନ୍ଦ କରୁଛନ୍ତି। ବିଶେଷକରି ୧୯୯୩ ମସିହାରେ ପ୍ରକାଶିତ ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଉପନ୍ୟାସ 'ବନଚାରୀ, 'ଆକାଶୀ', ରବୀନ୍ଦ୍ରନାଥ ଟାଗୋରଙ୍କ ରଚିତ 'ଗୋରା' ଆଦି ପୁସ୍ତକ ପାଠକ ମହଲରେ ପ୍ରଶଂସା ସାଉଟିଛି। ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରକାଶିତ 'ବାଲ୍ମୀକିରାମାୟଣ', 'ରାମାୟଣ ହରିବଂଶ', 'ସ୍କନ୍ଦ ପୁରାଣରେ ଶ୍ରୀଜଗନ୍ନାଥ' ପୁସ୍ତକକୁ ମଧ୍ୟ ବୟୋଜ୍ୟେଷ୍ଠ ପାଠକମାନେ ବେଶ୍ ପସନ୍ଦ କରୁଛନ୍ତି। ସେହିପରି ସଙ୍ଗୀତ, ନୃତ୍ୟ ଓ ନାଟକ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ପ୍ରକାଶିତ ପୁସ୍ତକ 'ଓଡ଼ିଶୀ ନୃତ୍ୟ ସରଣୀ' ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ପ୍ରକାଶିତ 'ଅନୁଭୂତି ଦର୍ପଣରେ ଓଡ଼ିଆ ନାଟକ', 'ଓଡ଼ିଶାର ଲୋକନାଟ୍ୟ', 'ଗଞ୍ଜାମର ଲୋକନାଟ୍ୟ' ଭଳି ଗବେଷଣାତ୍ମକ ପୁସ୍ତକ କିଣୁଥିବା ଦେଖିବାକୁ ମିଳିଛି। ସେହିପରି ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ପକ୍ଷରୁ ସହଜରେ ଉର୍ଦ୍ଦୁ ବର୍ଣ୍ଣମାଳା ଶିଖିବା ପାଇଁ 'ଆସାନ ଉର୍ଦ୍ଦୁ ତାଲିମ' ପୁସ୍ତକ ମଧ୍ୟ ବିକ୍ରି ହେଉଛି।



# ମତଦାନ କେନ୍ଦ୍ର ସୁବ୍ୟବସ୍ଥିତ ଉପରେ ଗୁରୁତ୍ୱ



ବୈଠକରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଅଧିକାରୀ ଏବଂ ବିଭିନ୍ନ ଦଳର ନେତାମାନେ।

## ଜିଲା ପ୍ରଶାସନ – ରାଜନୈତିକ ଦଳ ମଧ୍ୟରେ ବୈଠକ

## ଜିଲାରେ ୨,୪୩୪ ମତଦାନ କେନ୍ଦ୍ର

ଖୋର୍ଦ୍ଧା,୧୦।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ୍ ସମ୍ମିଳନୀ କକ୍ଷରେ ବୁଧବାର ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଜିଲାର ଭୁବନେଶ୍ୱର ଲୋକ ସଭା ଅନ୍ତର୍ଗତ ୭ ଏବଂ ପୁରୀ ଲୋକ ସଭା ଅନ୍ତର୍ଗତ ଚିଲିକାକୁ ମିଶାଇ ମୋଟ ୮ ବିଧାନସଭା ନିର୍ବାଚନ ମଣ୍ଡଳୀରେ ମତଦାନ କେନ୍ଦ୍ର ସୁବ୍ୟବସ୍ଥିତ ନିମନ୍ତେ ବିଭିନ୍ନ ରାଜନୈତିକ ଦଳ ସହିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିରିକ୍ତ ଜିଲାପାଳ ବେଉରା କହିଥିଲେ, ନୂତନ ଭାବେ କରାଯାଇଥିବା ଭୋଟଦାନ କେନ୍ଦ୍ର ଓ ସ୍ଥାନାନ୍ତର ହୋଇଥିବା ଭୋଟଦାନ କେନ୍ଦ୍ର ଲୋକମାନେ ଜାଣିବା ପାଇଁ ସମସ୍ତ ରାଜନୈତିକ ଦଳ ପ୍ରତିନିଧି ପଠାଇ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ। ପୂର୍ବରୁ ଜିଲାରେ ୧,୯୬୧ ବୁଥ୍ ଥିବା ବେଳେ ସ୍ଥାନାନ୍ତର ମତଦାନ କେନ୍ଦ୍ର ୧୯ ଓ ନୂତନ ମତଦାନ କେନ୍ଦ୍ର ୪୭୩କୁ ମିଶାଇ ବର୍ତ୍ତମାନ ମୋଟ ୨,୪୩୪ ମତଦାନ କେନ୍ଦ୍ର ନିର୍ବାଚନ କମିଶନଙ୍କ ଅନୁମୋଦନକ୍ରମେ ସ୍ଥିରୀକୃତ ହୋଇଛି। ଜୟଦେବ ନିର୍ବାଚନମଣ୍ଡଳୀରେ ପୂର୍ବରୁ ମତଦାନ କେନ୍ଦ୍ର ୨୩୬ ଥିବା ବେଳେ ନୂତନଭାବେ ୧୫ଟି କରାଯାଇ ମୋଟ ୨୫୧ ମତଦାନ କେନ୍ଦ୍ର ହୋଇଛି। ସେହିପରି ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀରେ ପୂର୍ବରୁ ୨୦୨ ମତଦାନ କେନ୍ଦ୍ର ଥିବାବେଳେ ନୂତନ ଭାବେ ୧୭ଟି ବର୍ଦ୍ଧିତ କରାଯାଇ ମୋଟ ୨୧୯, ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀରେ ୨୬୯ ମତଦାନ କେନ୍ଦ୍ର ଥିବାବେଳେ ୩ ସ୍ଥାନାନ୍ତର ଓ ୮୭ ନୂତନ ମତଦାନ କେନ୍ଦ୍ରକୁ ନେଇ ମୋଟ ୩୫୬, ଏକାମ୍ର ଭୁବନେଶ୍ୱର ନିର୍ବାଚନମଣ୍ଡଳୀରେ ପୂର୍ବରୁ ୨୪୮ ମତଦାନ କେନ୍ଦ୍ର ଥିବା ବେଳେ ୨୮ ବୃଦ୍ଧି ହୋଇ ୨୭୬, ଜଟଣୀ ନିର୍ବାଚନମଣ୍ଡଳୀରେ ପୂର୍ବରୁ ୨୬୨ ମତଦାନ କେନ୍ଦ୍ର ଥିବାବେଳେ ୮୪ ବୃଦ୍ଧି କରାଯାଇ ୨୪୬, ବେଗୁନିଆ ନିର୍ବାଚନମଣ୍ଡଳୀରେ ପୂର୍ବରୁ ୨୩୯ ମତଦାନ କେନ୍ଦ୍ର ଥିବା ବେଳେ ୪ ସ୍ଥାନାନ୍ତର କେନ୍ଦ୍ର ଓ ୬୭ ବୃଦ୍ଧି କେନ୍ଦ୍ରକୁ ନେଇ ମୋଟ ୩୦୭, ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ପୂର୍ବରୁ ୨୪୮ ମତଦାନ କେନ୍ଦ୍ର ଥିବା ବେଳେ ୧୧ ସ୍ଥାନାନ୍ତର ଓ ୯୧ ନୂତନ କେନ୍ଦ୍ରକୁ ନେଇ ମୋଟ ୩୪୮ ଏବଂ ଚିଲିକା ନିର୍ବାଚନମଣ୍ଡଳୀରେ ପୂର୍ବରୁ ୨୪୮ ଥିବାବେଳେ ୧ ସ୍ଥାନାନ୍ତର ଓ ୮୪ ନୂତନ କେନ୍ଦ୍ରକୁ ନେଇ ମୋଟ ୩୩୨ ମତଦାନ କେନ୍ଦ୍ର କରାଯାଇଛି । ଉକ୍ତ ବୈଠକରେ ବିଭିନ୍ନ ଦଳର ପ୍ରତିନିଧି ବିଜୁ ଜନତା ଦଳ ଜିଲା ଉପସଭାପତି ଉମାକାନ୍ତ ପଟ୍ଟନାୟକ, ଭାରତୀୟ ଜାତୀୟ କଂଗ୍ରେସ ଜିଲା ଉପସଭାପତି ସୌମ୍ୟ ପଟ୍ଟନାୟକ, ସିପିଆଇ (ଏମ୍)ର ଅନନ୍ତ ମଙ୍ଗରାଜ, ଭାରତୀୟ ଜନତା ପାର୍ଟିର ବଦ୍ରି ନାରାୟଣ ଦାସ, ଆମ ଆଦ୍‌ମୀ ପାର୍ଟିର ପ୍ରଶାନ୍ତ କୁମାର ରଣସିଂହ, ସୂର୍ଯ୍ୟକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହିତ ଡେପୁଟି କଲେକ୍ଟର(ନିର୍ବାଚନ) ମନୋଜ କୁମାର ସେନାପତି, ରଞ୍ଜନ କୁମାର ମହାନ୍ତି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ନିର୍ବାଚନ କାର୍ଯ୍ୟାଳୟ ବରିଷ୍ଠ ସହାୟିକା ସାଗରିକା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ତ୍ୟାଗ, ଆଦର୍ଶ ଯୁବପିଢ଼ିଙ୍କ ପାଥେୟ ହେଉ



ସମାରୋହରେ ଉପସ୍ଥିତ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାଧାରୀ।

## ପଣ୍ଡିତ ନାରାୟଣ ମିଶ୍ରଙ୍କ ଜୟନ୍ତୀ ସମାରୋହ

ଖୋର୍ଦ୍ଧା,୧୦।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାସ୍ଥିତ ଜୟୀ ରାଜଗୁରୁ ଟାଉନ ହଲ୍ ପରିସରରେ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ନାରାୟଣ ମିଶ୍ରଙ୍କ ୧୧୦ତମ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ ଯୋଗଦେଇ ପଣ୍ଡିତ ନାରାୟଣ ମିଶ୍ରଙ୍କ ତ୍ୟାଗ, ଆଦର୍ଶ ପ୍ରତି ଆଜିର ଯୁବପିଢ଼ି ଆକୃଷ୍ଟ ହେବା ଲାଗି ଆହ୍ୱାନ ଦେଇଛନ୍ତି। ଏଥିସହ ପଣ୍ଡିତ ମିଶ୍ରଙ୍କ ସ୍ୱାଧୀନତା ସଂଗ୍ରାମର ପୃଷ୍ଠଭୂମି ସମ୍ପର୍କରେ କହିଥିଲେ। ମୁଖ୍ୟ ବକ୍ତାଭାବେ ଅଖିଳଚକ୍ର– ଓଡ଼ିଶା ସମ୍ପାଦକ ହରେକୃଷ୍ଣ ପଣ୍ଡା ଯୋଗଦେଇ ପଣ୍ଡିତ ମିଶ୍ର ଯାଜପୁର ଜିଲାର ବରୀ ଆଶ୍ରମରେ ରହି କିଭଳି ସ୍ୱାଧୀନତା ସଂଗ୍ରାମରେ ସାମିଲ ହେବା ଲାଗି ବାନର ସେନା ଗଠନ କରିଥିଲେ ସେ ସମ୍ପର୍କରେ କହିଥିଲେ। ଶିକ୍ଷାବିତ୍ ଡ.ନିରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହର ସଂଗ୍ରାମୀ ନାରାୟଣ ସ୍ମୃତି ପରିଷଦର ସମ୍ପାଦକ ଡ.ଧୀରେନ୍ଦ୍ର ନନ୍ଦ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସମ୍ମାନିତ ବକ୍ତାଭାବେ ବରିଷ୍ଠ ଆଇନଜୀବୀ ଅଜିତ୍ ପଟ୍ଟନାୟକ, ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହ ପ୍ରମୁଖ ଯୋଗଦେଇ ପଣ୍ଡିତ ମିଶ୍ରଙ୍କ ଲିଖିତ 'ଚିଲିକା ଦର୍ଶନ', 'ଭୋଟର ଭାବନା', 'ପୁଣ୍ୟଶ୍ଳୋକ' ଓ 'ଦଶଦିଗ' ଆଦି କାବ୍ୟ ଓଡ଼ିଆ ସାହିତ୍ୟକୁ ଅମୂଲ୍ୟ ଉପହାର ବୋଲି କହିଥିଲେ। ଇନରହୁଇଲ କ୍ଲବ ସଭାନେତ୍ରୀ ଡ.ମିନତୀ ମହାନ୍ତି, ଶିକ୍ଷାବିତ୍ ଡ.ବୃନ୍ଦାବନ ପଣ୍ଡା ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ପରିବେଶପ୍ରେମୀ ସୁକାନ୍ତି ପଟ୍ଟନାୟକ, ଖବରଦାତା କମଳକ୍ରିଷ୍ଣ ମହାନ୍ତି, ସନ୍ତୋଷ କୁମାର ମହାନ୍ତି, ଚିତ୍ରଉତ୍ତୋଳକ ଗୋପୀନାଥ ନନ୍ଦୀ, ସନ୍ତୋଷ କୁମାର ଦାସ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ସ୍ତମ୍ଭକାର ଉମାଶଙ୍କର ପ୍ରସାଦ, ବିମଳ ଷଡ଼ଙ୍ଗୀ, ଆଡଭୋକେଟ ଶକ୍ତିଶଙ୍କର ମିଶ୍ର, ପଣ୍ଡିତ ମିଶ୍ରଙ୍କ ପୁତ୍ରବଧୂ ଶିକ୍ଷୟିତ୍ରୀ ମନୋରମା ମିଶ୍ର, ଜୟଦେବ ମିଶ୍ର, ସୁବାସ ସାମନ୍ତରାୟ, ବୈକୁଣ୍ଠନାଥ ରାଜଗୁରୁ ପ୍ରମୁଖ ଉପସ୍ଥିତ ଥିଲେ। ସକାଳେ ମଙ୍ଗଳାନଗର ଛକସ୍ଥିତ ପଣ୍ଡିତ ମିଶ୍ରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

# ଲୁହା ବ୍ୟାରିକେଡ୍‌ରେ ପିଟିହେଲା ଟ୍ରକ୍

ଜଟଣୀ,୧୦।୧୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ମୁଖ୍ୟ ରାସ୍ତା ସୀତାରାମ ଛକ ଅଣ୍ଡରପାସ ଠାରେ ବୁଧବାର ରାତିରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଖୋର୍ଦ୍ଧା ପଟୁ ଏକ ମାଲବାହୀ ଟ୍ରକ ସୀତାରାମ ଛକସ୍ଥିତ ରେଲୱେ ଅଣ୍ଡରପାସ ଦେଇ ଯିବାବେଳେ ସେଠାରେ ଭାରିଯାନ ପ୍ରବେଶ ନିଷେଧ ପାଇଁ ରେଲୱେ ପ୍ରଶାସନ ପକ୍ଷରୁ ଲଗାଯାଇଥିବା ଲୁହା ବ୍ୟାରିକେଡ୍‌ରେ ପିଟିହୋଇଯାଇଥିଲା। ଲୁହ ବ୍ୟାରିକେଡ୍‌ଟି ଉପୁଡ଼ିଯିବା ସହ ଘଟଣାସ୍ଥଳରେ ଟ୍ରକଟି ରାସ୍ତାରେ ଫସି ରହିଥିଲା। ଫଳରେ ଉକ୍ତ ରାସ୍ତାଦେଇ ଯାଉଥିବା ବିଭିନ୍ନ ଯାନବାହନ ରାସ୍ତାରେ ଅଟକି ରହିବାରୁ ଯାତାୟାତରେ ଅସୁବିଧା ଦେଖାଦେଇଥିଲା। ଖବରପାଇ ଜଟଣୀ ପୋଲିସ ପହଞ୍ଚି ତଦନ୍ତ କରିବା ଏବଂ ଟ୍ରାଫିକ ନିୟନ୍ତ୍ରଣ କରିଥିଲା। ତେବେ ଘଟଣାସ୍ଥଳରୁ ଟ୍ରକ୍ ଚାଳକ ଫେରାର ହୋଇଯାଇଛନ୍ତି।

# ୧୧ ଦଫା ଦାବିରେ ସିପିଆଇର ବିକ୍ଷୋଭ




## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଖୋର୍ଦ୍ଧା,୧୦।୧୨(ପ୍ରଭାତ ପାଣିଗ୍ରାହୀ)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ବୁଧବାର ୪ ଶ୍ରମ କୋଡ୍ ବାତିଲ ସମେତ ୧୧ଦଫା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ଜୟୀ ରାଜଗୁରୁ ଭବନ ନିକଟରୁ ଶତାଧିକ ମହିଳା, ପୁରୁଷ କର୍ମୀ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ଶ୍ରମ ବିରୋଧୀ ଶ୍ରମକୋଡ୍ ବାତିଲ କରିବାକୁ ଦାବି କରିଥିଲେ। ଚାଷୀଙ୍କ ଉତ୍ପାଦିତ ଧାନକୁ ତୁରନ୍ତ ମଣ୍ଡିରେ କ୍ରୟ କରାଯାଉ। ରାଜ୍ୟ ସରକାର ଖାଉଟି କାର୍ଡର ଚିହ୍ନଟ ପ୍ରକ୍ରିୟାରେ ପାତରଅନ୍ତର କରା ନ ଯାଇ ସମସ୍ତ ଉପଭୋକ୍ତାଙ୍କୁ ଖାଉଟି କାର୍ଡ ଦିଆଯାଉ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଖୋର୍ଦ୍ଧା ଜିଲାର ହିତାଧିକାରୀଙ୍କୁ ତୁରନ୍ତ କାର୍ଯ୍ୟାଦେଶ ପ୍ରଦାନ କରାଯାଉ। ବୋଲଗଡ଼– ବେଗୁନିଆ କାଜୁଚାଷୀଙ୍କ ଦଖଲରେ ଥିବା କାଜୁଜମିର ସ୍ଥାୟୀ ପଟ୍ଟା ଦିଆଯାଉ। ଭୂମିହୀନ, ଦଳିତ ଆଦିବାସୀ ଓ ଗରିବ ଲୋକଙ୍କୁ ଘରଡିହ ପଟ୍ଟା ଦିଆଯାଉ। ଚିଲିକା ତହସିଲରେ ଜମି, ଘରଡିହ ପଟ୍ଟା ସର୍ଭେ ସରିଥିବା ପ୍ରଜାଙ୍କୁ ପଟ୍ଟା ଦିଆଯାଉ। ନୂଆଗଡ଼ ଦଳିତ ସାହିର ୩୦୦ ମିଟର ଗ୍ରାମ୍ୟ ରାସ୍ତା ତୁରନ୍ତ କରାଯାଉ। ବିଦ୍ୟୁତ୍ ଶୁଳ୍କ ୩୦୦ ୟୁନିଟ୍ ଛାଡ଼ ଘୋଷଣାକୁ କାର୍ଯ୍ୟକାରୀ କରାଯାଉ। ଗ୍ରୀନ୍‌କାର୍ଡ ହିତାଧିକାରୀଙ୍କୁ ୧୦କେଜି ଖାଉଟି ସାମଗ୍ରୀ ସହ ମାସିକ ୧ହଜାର ଟଙ୍କା ଭତ୍ତା, ଭୁବନେଶ୍ୱର ତହସିଲ ଅଧୀନ ଗାଡ଼କଣ ମୌଜାର ବନ୍ଦୋବସ୍ତ କମିଶନର ଅଦାଲତରେ ବିଚାରାଧୀନ ଥିବା ମାମଲାର ତ୍ୱରିତ ବିଚାର କରାଯିବା ସହ ୧୯୭୪/୭୫ ମସିହାରେ ଲିଜ୍ ଜମି ପଟ୍ଟା ସଂଶୋଧନ କରାଯିବାକୁ ଦାବି ହୋଇଛି। ସିପିଆଇ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁର ଜେନା, ଜିଲା ସମ୍ପାଦକ ଅମିୟ ପଟ୍ଟନାୟକ, ରାଜ୍ୟ ମଣ୍ଡଳ ସମ୍ପାଦକ ରମଣୀରଞ୍ଜନ ରାଉତ, ଭୁବନେଶ୍ୱର ମଣ୍ଡଳ ସମ୍ପାଦକ କୈଳାସ ପୁହାଣ, ବାଲୁଗାଁ ମଣ୍ଡଳ ସମ୍ପାଦକ ଯୁଗଳ ଜାନି, ବୋଲଗଡ଼ର ବିନୋଦ ବରାଡ଼, ବେଗୁନିଆର ବସନ୍ତ ସେଠୀ, ଜଟଣୀର ମୁରଲୀ ଜେନା, ବରିଷ୍ଠ ନେତା ନୃସିଂହ ବେହେରା, ବରିଷ୍ଠ ଶିକ୍ଷକ ନେତା ଦିବାକର ପରମଗୁରୁ, ଉତ୍ତର ଭୁବନେଶ୍ୱର ୨୦୨୪ ସିପିଆଇ ପ୍ରାର୍ଥୀ ଶଙ୍କର ବେହେରା ପ୍ରମୁଖ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମକ ବିରୋଧୀ ନୀତିକୁ ସମାଲୋଚନା କରିଥିଲେ।

# କ୍ରୀଡ଼ା ଦ୍ୱାରା ଶରୀର ସୁସ୍ଥ, ନୀରୋଗ ରୁହେ

ଟାଙ୍ଗୀ,୧୦।୧୨(ରଘୁନାଥ ସାହୁ)

ଚାନ୍ଦପୁର ଶ୍ରୀସତ୍ୟସାଇ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ମା' ଡୋମଣି ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଖାଉଟି ଅଦାଲତର ପୂର୍ବତନ ଅଧ୍ୟକ୍ଷ ନାରାୟଣ ମହାପାତ୍ର ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ କ୍ରୀଡ଼ା ପ୍ରଶିକ୍ଷକ ବିଜୟ କୁମାର ରାଉତ ଯୋଗଦେଇ କହିଥିଲେ, ଶିକ୍ଷା ଓ କ୍ରୀଡ଼ା ଅଙ୍ଗାଙ୍ଗୀ ଭାବେ ଜଡ଼ିତ। କ୍ରୀଡ଼ା ଦ୍ୱାରା ଶରୀର ସୁସ୍ଥ, ନୀରୋଗ ରହିବା ସହ ମନ ପ୍ରଫୁଲ୍ଲ ରୁହେ। ତେଣୁ ସମସ୍ତ ଛାତ୍ରୀଛାତ୍ର ପାଠପଢ଼ା ସହ କ୍ରୀଡ଼ା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ନାୟକ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସିଦ୍ଧାର୍ଥ ପାତ୍ର, କିଶୋର ଲେଙ୍କା, ମନୋରଞ୍ଜନ ବେହେରା ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ନୀଳିମା ମହାନ୍ତି ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ଶିକ୍ଷୟିତ୍ରୀ ଭାରତୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ର ଶପଥପାଠ କରିବା ପରେ ପ୍ରତିଯୋଗିତା ଆରମ୍ଭ କରାଯାଇଥିଲା। ଦୌଡ଼, ବେଲୁନ୍ ଫଟା ଦୌଡ଼, ଚାମଚ ବାଟି ବାଲାନ୍ସ ଦୌଡ଼, ଲଙ୍ଗଜମ୍ପ, ଅଖା ଦୌଡ଼, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତାରେ ବହୁ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଶିକ୍ଷୟିତ୍ରୀ କ୍ରିଷ୍ଣା ପରିଡ଼ା, ସୁମିତ୍ରା ମହାରଣା, ପ୍ରମିଳା ପ୍ରଧାନ, କଳ୍ପନା ପ୍ରଧାନ, ରିନାବାଳା ସାହୁ, ନିତୁନ ନାୟକ, ରୀତିକ୍ରୀଷ୍ଟା ପ୍ରିୟଦର୍ଶିନୀ, ଅନୁରାଧା ଜେନା ପ୍ରମୁଖ ପରିଚାଳନା କରିଥିଲେ।



ବାର୍ଷିକ କ୍ରୀଡ଼ା ଉତ୍ସବରେ ଅଂଶଗ୍ରହଣ କରିଥିବା ପିଲାମାନେ।

# ଚାନ୍ଦପୁରରେ ମେଡିକାଲ କଲେଜ ସ୍ଥାପନ ଦାବି



ଖବରଦାତା ସମ୍ମିଳନୀରେ ଉତ୍କଳୀୟମ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଉଛି।

ଟାଙ୍ଗୀ,୧୦।୧୨(ରଘୁନାଥ ସାହୁ)

ରଣପୁରର ସ୍ୱେଚ୍ଛାସେବୀ ସଙ୍ଗଠନ ଉତ୍କଳୀୟମ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଚାନ୍ଦପୁରରେ ସରକାରୀ ମେଡିକାଲ କଲେଜ ସ୍ଥାପନ ଦାବିରେ ବୁଧବାର ଚାନ୍ଦପୁରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉତ୍କଳୀୟମ ଫାଉଣ୍ଡେଶନର ଅଧ୍ୟକ୍ଷ ଆଇନଜୀବୀ ରାଜୀବ ଲୋଚନ ପ୍ରଧାନ ତଥା ନୟାଗଡ଼ ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ସ୍ୱର୍ଣ୍ଣ ପ୍ରକାଶ ରାଉତରାୟ, ସମାଜସେବୀ ତ୍ରିନାଥ ବିଶ୍ୱାଳ, ଗାୟତ୍ରୀ ଫାଉଣ୍ଡେଶନ ଅଧ୍ୟକ୍ଷ ପ୍ରଫୁଲ୍ଲ ନାୟକ, ସୁଧାଂଶୁ ଶେଖର ପ୍ରଧାନ, ସଂଗ୍ରାମ ମାର୍ଥା, ପ୍ରମୋଦ ପ୍ରଧାନ, ପ୍ରମୋଦ ରଗଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଚାନ୍ଦପୁର ବସନ୍ତ ମଞ୍ଜରୀ ସ୍ୱାସ୍ଥ୍ୟ ନିବାସ ପୂର୍ବରୁ ଯକ୍ଷ୍ମା ଚିକିତ୍ସାଳୟ ଭାବେ କାର୍ଯ୍ୟ କରିଆସୁଥିଲା। ଯକ୍ଷ୍ମା ରୋଗର ଉପଯୁକ୍ତ ଚିକିତ୍ସା ଯୋଗୁ ରାଜ୍ୟରେ ଯକ୍ଷ୍ମା ରୋଗୀଙ୍କ ସଂଖ୍ୟା କମିବାରେ ଲାଗିଲା, ତେଣୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ସାଧାରଣ ଚିକିତ୍ସାଳୟ ଭାବେ ଘୋଷଣା କରିଥିଲେ। ଏହି ଚିକିତ୍ସାଳୟ ୧୧୭ ଏକର ଜମି ଉପରେ ସ୍ଥାପିତ ହୋଇଛି। ଏହି ଜମିକୁ ତତ୍କାଳୀନ ରଣପୁର ରାଣୀ ବସନ୍ତ ମଞ୍ଜରୀ ଦେବୀ ଯକ୍ଷ୍ମା ମେଡିକାଲ ପାଇଁ ଦାନ କରିଥିଲେ। ଫଳରେ ରଣପୁର, ଟାଙ୍ଗୀ, ଗଞ୍ଜାମ ସହ ପୁରୀ ଅଞ୍ଚଳର ଲୋକେ ଏଠାରେ ସେବା ପାଇଆସୁଥିଲେ। ଏବେ ନୟାଗଡ଼ ଜିଲାରେ ମେଡିକାଲ କଲେଜ ଖୋଲିବା ପାଇଁ ସରକାର ବିଚାର କରୁଛନ୍ତି। ତେଣୁ ଚାନ୍ଦପୁର ବସନ୍ତ ମଞ୍ଜରୀ ସାଧାରଣ ଚିକିତ୍ସାଳୟକୁ ସରକାର ମେଡିକାଲ କଲେଜ ଭାବେ ଘୋଷଣା କରିବା ପାଇଁ ନୟାଗଡ଼ ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ସ୍ୱର୍ଣ୍ଣ ପ୍ରକାଶ ରାଉତରାୟ ଦାବି କରିଛନ୍ତି।

# ଓଡ଼ିଶୀ ସଙ୍ଗୀତରେ ବିଭୋର ଶ୍ରୋତା

## ଜଟଣୀ ପୁସ୍ତକ ମେଳାର ଚତୁର୍ଥ ସନ୍ଧ୍ୟା



ଜଟଣୀ ପୁସ୍ତକ ମେଳାର ଚତୁର୍ଥ ସନ୍ଧ୍ୟାରେ ଓଡ଼ିଶୀ ସଂଗୀତ ପରିବେଷଣ କରାଯାଉଛି।

ଜଟଣୀ,୧୦।୧୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୁସ୍ତକ ମେଳା ସମିତି ପକ୍ଷରୁ ସ୍ଥାନୀୟ ଟାଉନ ହଲ୍(ସ୍ରଷ୍ଟା) ପରିସରରେ ଅନୁଷ୍ଠିତ ତ୍ରୟୋବିଂଶତିତମ ଜଟଣୀ ପୁସ୍ତକ ମେଳାର ବୁଧବାର ଥିଲା ଚତୁର୍ଥ ସନ୍ଧ୍ୟା। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଜବାହାରଲାଲା ସୁବୁଦ୍ଧିଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଂସ୍କୃତିକ ଅନୁଷ୍ଠାନ ସ୍ୱରାଞ୍ଜଳି ପକ୍ଷରୁ ଓଡ଼ିଶୀ ସଙ୍ଗୀତ ଗୁରୁ ଜଳଧର ପ୍ରଧାନ ଏବଂ ସାଥି ଓଡ଼ିଶୀ, ଛାନ୍ଦ ଏବଂ ଚମ୍ପୁ ପରିବେଷଣ କରିଥିବା ବେଳେ ମର୍ଦ୍ଦଳରେ ଗୁରୁ ଗୋପାଳ ନାୟକ ସହଯୋଗ କରିଥିଲେ। ଓଡ଼ିଶୀ ନୃତ୍ୟଗୁରୁ ଶମ୍ଭୁଦତ୍ତ ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଧାରଣଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜଟଣୀ ଏବଂ ପାଖଆଖ ଅଞ୍ଚଳର ବହୁଜନସାଧାରଣ ପୁସ୍ତକ ମେଳାର ବିଭିନ୍ନ ଷ୍ଟଲ ବୁଲି ପୁସ୍ତକ କିଣିବା ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ଉଠାଇଥିଲେ। ଭବାନୀ ଶଙ୍କର ମହାପାତ୍ର, ପଦ୍ମନାଭ ପାଣିଗ୍ରାହୀ, ସୁଶାନ୍ତ କୁମାର ସୁବୁଦ୍ଧି, ସୁକାନ୍ତ ଲେଙ୍କା, ଅମ୍ବିକା ପ୍ରସାଦ ପଟ୍ଟନାୟକ, ସୁଶାନ୍ତ ରାଉତ, କିଶୋର ଚନ୍ଦ୍ର ପାଇକରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଡିଏଲ୍‌ସିଏଲ୍ ଅଲ୍ ଇଣ୍ଡିଆ ନ୍ୟାଶନାଲ କ୍ରିକେଟ ଲିଗ୍ ପାଇଁ ଶୁଭମ୍ ମନୋନୀତ

ବେଗୁନିଆ,୧୦।୧୨
(ସନ୍ଧ୍ୟାରାଣୀ ମିଶ୍ର)



ଡିଏଲ୍‌ସିଏଲ୍ ଅଲ୍ ଇଣ୍ଡିଆ ନ୍ୟାଶନାଲ କ୍ରିକେଟ ଲିଗ୍– ୨୦୨୫ ରେ ଖେଳିବା ପାଇଁ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ପଙ୍ଗାରସିଂହ ପଞ୍ଚାୟତ ଅନ୍ତର୍ଗତ ଭୋଗଡ଼ା ଗ୍ରାମର ଶୁଭମ ଜ୍ୟୋତି ସାମନ୍ତରାୟ ମନୋନୀତ ହୋଇଛନ୍ତି। ଗତ ଅଗଷ୍ଟ ୨୩ରେ ଦିଲ୍ଲୀ ସ୍ଥିତ ଶିବାଜୀ ଷ୍ଟାଡିୟମଠାରେ ଓଡ଼ିଶାର ୧୯ବର୍ଷରୁ କମବର୍ଗର ବାଳକ ଓ ବାଳିକାମାନଙ୍କର ମନୋନୟନ ପ୍ରକ୍ରିୟା ହୋଇଥିଲା। ଏଥିରେ ସଫଳତାର ସହ ସେ ଉତ୍ତମ କ୍ରୀଡ଼ା ପ୍ରଦର୍ଶନ କରି ମନୋନୀତ ହୋଇଥିବାରୁ ରାଜ୍ୟ ଓ ବେଗୁନିଆ ଅଞ୍ଚଳବାସୀଙ୍କ ପାଇଁ ଗର୍ବ ଗୌରବ ସୃଷ୍ଟି କରିଛନ୍ତି। ତାଙ୍କର ଏହି ସଫଳତାରେ ପରିବାରବର୍ଗ ଏବଂ ଗ୍ରାମବାସୀ ଖୁସିଥିବା ବେଳେ ଆଗକୁ କ୍ରିକେଟ୍‌ରେ ନାମ କମାଇବାକୁ ଆଶା ବାନ୍ଧିଛନ୍ତି ଶୁଭମ। ଅନ୍ୟପଟେ ତାଙ୍କର ଏହି ସଫଳତାର ଖବର ପ୍ରଚାରିତ ହେବା ପରେ ବହୁ କ୍ରୀଡ଼ାବିତ୍ ଏବଂ ବନ୍ଧୁମାନେ ଶୁଭେଚ୍ଛା ଜଣାଇଛନ୍ତି।

# ବାଲୁଗାଁ ମହାବିଦ୍ୟାଳୟ ୨ ଛାତ୍ରଙ୍କୁ ସ୍ୱର୍ଣ୍ଣ, ବ୍ରୋଞ୍ଜ ପଦକ

## ଶକ୍ତି ଉତ୍ତୋଳନ ପ୍ରତିଯୋଗିତା

ବାଲୁଗାଁ,୧୦।୧୨
(ସଂଗ୍ରାମ ପାଇକରାୟ)

ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲ ପରିସରରେ ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ପକ୍ଷରୁ ଅନୁଷ୍ଠିତ ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ବାଲୁଗାଁ ମହାବିଦ୍ୟାଳୟର ଓଡ଼ିଆ ସ୍ନାତକ ବିଭାଗ ଦ୍ୱିତୀୟ ବର୍ଷ ଛାତ୍ର ସନ୍ତୋଷ ସ୍ୱାଇଁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ଇତିହାସ ସ୍ନାତକ ବିଭାଗ ଦ୍ୱିତୀୟ ବର୍ଷ ଛାତ୍ର ଆଦିତ୍ୟ ନାରାୟଣ ପ୍ରହରାଜ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହି ଅବସରରେ ବାଲୁଗାଁ ମହାବିଦ୍ୟାଳୟ ପକ୍ଷରୁ ଅଧ୍ୟକ୍ଷ ଡ.ଲକ୍ଷ୍ମୀଧର ସୁବୁଦ୍ଧି ଏବଂ ଯୁକ୍ତ୨ ଅଧ୍ୟକ୍ଷ ସୁବାସ ଶ୍ରୀଚନ୍ଦନ ପଦକ ହାସଲ କରିଥିବା ଉଭୟ ଛାତ୍ରଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ କ୍ରୀଡ଼ା କ୍ଷେତ୍ରରେ ଆହୁରି ଅଧିକ ସଫଳତା ହାସଲ କରି ମହାବିଦ୍ୟାଳୟକୁ ଗୌରବାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ।



ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ପଦକ ହାସଲ କରିଥିବା ଦୁଇ ଛାତ୍ର।

## କୁରାଢ଼ମଲ୍ଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଭାଲିଆବାଡ଼ି, ପଙ୍ଗାରସିଂହ ବିଜୟୀ

ଖୋର୍ଦ୍ଧା,୧୦।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ଅଧୀନ କୁରାଢ଼ମଲ୍ଲଠାରେ ମା'ବାଉଡୀ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ବୁଧବାର ଭାଲିଆବାଡ଼ି ଏବଂ ପଙ୍ଗାରସିଂହ ଟିମ୍ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍ ଭାଲିଆବାଡ଼ି ଏବଂ ପାତ୍ରପଡ଼ା ଟିମ୍ ମଧ୍ୟରେ ହେଇଥିଲା। ଭାଲିଆବାଡ଼ି ଟିମ୍ ପ୍ରଥମେ ବ୍ୟାଟିଂ କରି ୧୩ ଓଭରରେ ୫ ଉଇକେଟ ବିନିମୟରେ ୧୭୬ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଆଶୁତୋଷ ସାମନ୍ତରାୟ ୫୬ ରନ କରିଥିଲେ। ଜବାବରେ ପାତ୍ରପଡ଼ା ଟିମ୍ ୧୩ ଓଭରରେ ୭ଉଇକେଟ ବିନିମୟରେ ୧୧୮ ରନ ସଂଗ୍ରହ କରି ପରାଜିତ ହୋଇଥିଲା।



ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

ଆଶୁତୋଷ ସାମନ୍ତରାୟ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ କଲ୍ୟାଣପୁର ଏବଂ ପଙ୍ଗାରସିଂହ ଟିମ୍ ମଧ୍ୟରେ ହୋଇଥିଲା। ପଙ୍ଗାରସିଂହ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୪ଉଇକେଟ ବିନିମୟରେ ୧୫୮ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରଜତ କୁମାର ଦାସ ୫୨ରନ କରିଥିଲେ। ଜବାବରେ କଲ୍ୟାଣପୁର ଟିମ୍ ୧୨ ଓଭରରେ ୬ ଉଇକେଟ ବିନିମୟରେ ୧୦୭ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ରଜତ ସାମନ୍ତରାୟ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଝଜ ସାମନ୍ତରାୟ ଏବଂ ଆକାଶ ପରିଡା ମ୍ୟାଚ୍ ପରିଚାଳନା କରିଥିଲେ। ପ୍ରେମାନନ୍ଦ କାଳିଆ ଓ ତପନ କାଳିଆ ସ୍କୋରର, ଶଶୀଭୂଷଣ ସିଂହ ଭାଷ୍ୟକାର ଭାବେ ଦାୟିତ୍ୱ ତୁଲାଇଥିଲେ। ଅତିଥିଭାବେ ସରପଞ୍ଚ ଶ୍ରୀରାମ ମହାନ୍ତି, ଜ୍ୟୋତି ଶଙ୍କର ପରିଡ଼ା, ଗୋପୀନାଥ ମହାରଥୀ ପ୍ରମୁଖ ଯୋଗଦେଇ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଗୁରୁବାର ପ୍ରଥମ ମ୍ୟାଚ୍ ସୁଆଙ୍ଗ ଓ ଗଙ୍ଗପଡ଼ା, ଦ୍ୱିତୀୟ ମ୍ୟାଚ ପଙ୍ଗାରସିଂହ ଏବଂ ଭାଲିଆବାଡ଼ି ଟିମ୍ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ୨୬ ଦିନ ପରେ ଅର୍ଦ୍ଧଦଗ୍ଧ ମହିଳାଙ୍କ ମୃତ୍ୟୁ, ସ୍ୱାମୀ ଗିରଫ

ଡେଲାଙ୍ଗ,୧୦।୧୨(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ଥାନା ଅଞ୍ଚଳରେ ପାରିବାରିକ କଳହରୁ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁର କରୁଣ ପରିଣତି ଦେଖିବାକୁ ମିଳିଛି। ରେଞ୍ଚ ଗ୍ରାମ ବେଣୁ ପ୍ରଧାନଙ୍କ ପାରିବାରିକ କଳହକୁ ନେଇ ତାଙ୍କ ପତ୍ନୀ ନଭେମ୍ବର ୧୪ ତାରିଖ ବିଳମ୍ବିତ ରାତିରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ କଟକ ମେଡିକାଲ୍‌ରେ ଭର୍ତ୍ତି କରାଯାଇଥିଲା। ଦୀର୍ଘ ୨୬ଦିନ ପରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ମହିଳାଙ୍କ ମୃତ୍ୟୁ ଘଟିଛି । ମହିଳା ହେଲେ ବେଣୁଙ୍କ ଧର୍ମପତ୍ନୀ ସୁନିତା ବାରିକ୍। ଝିଅକୁ ଶ୍ୱଶୁର, ଶାଶୁ ଓ ସ୍ୱାମୀ ବିଭିନ୍ନ ସମୟରେ ଗାଳିଗୁଲଜ ସହ ନିର୍ଯାତନା ଦେବା ସହିତ ସ୍ୱାମୀ ଓ ପରିବାର ଲୋକ ପେଟ୍ରୋଲ ଢାଳି ନିଆଁ ଲଗାଇ ମାରିଦେବାକୁ ଉଦ୍ୟମ କରିଥିବା ନେଇ ମୃତ ମହିଳାଙ୍କ ବାପା ବାବୁଲି ବାରିକ ଡେଲାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ଡେଲାଙ୍ଗ ପୋଲିସ ୪୪୦/୨୫ରେ ଏକ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ଅନ୍ୟପଟେ ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ଉନ୍ନତି ନ ଆସି ବିଗିଡ଼ିଯିବାରୁ ଡିସେମ୍ବର ୩ରେ ରେଞ୍ଚ ଗ୍ରାମର ବେଣୁଧର ପ୍ରଧାନ(୨୪)ଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଅନ୍ୟପଟେ ଘଟଣା ଘଟିବାର ୨୬ ଦିନ ଏବଂ ମହିଳାଙ୍କ ମୃତ୍ୟୁ ପରେ ଡେଲାଙ୍ଗ ପୋଲିସ ସାଇଣ୍ଟିଫିକ୍ ଟିମକୁ ନେଇ ବେଣୁଙ୍କ ଘରେ ଘଟଣା ଘଟିଥିବା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତ ମହିଳାଙ୍କ ଶବ ବ୍ୟବଚ୍ଛେଦ ହେବା ପରେ ପୁରୀ ସ୍ୱର୍ଗଦ୍ୱାର ଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ପରିବାର ଲୋକେ ସୂଚନା ଦେଇଛନ୍ତି।

### ୧୦୦ ବରିଷ୍ଠ ନାଗରିକଙ୍କୁ ଶୀତବସ୍ତ୍ର ବଣ୍ଟନ

ସାକ୍ଷୀଗୋପାଳ,୧୦।୧୨(ଭରତ ରାଉତ)

ମଧୁବନ ପଞ୍ଚାୟତ କର୍ଯ୍ୟାଳୟଠାରେ ଭାରତ ବିକାଶ ପରିଷଦ ସତ୍ୟବାଦୀ ଶାଖା ତରଫରୁ ୧୦୦ ଜଣ ବରିଷ୍ଠ ନାଗରିକଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ପରିଷଦର ସାମାଜିକ ସମ୍ପର୍କ ଓ ସହଯୋଗ କାର୍ଯ୍ୟକ୍ରମର ଏହା ଏକ ଅଂଶବିଶେଷ। ମଧୁବନ ପଞ୍ଚାୟତ ଅଧୀନ ବ୍ରହ୍ମପୁର, ଇଚ୍ଛାପୁର, ବାଣପୁର, ବିଞ୍ଝାଇପଡ଼ା, ଦିହପୁର, ସୁରୁଜିପୁର, ବଳିକୁଦ ଓ ସିଂହକୁଦା ଗ୍ରାମର ବରିଷ୍ଠ ନାଗରିକଙ୍କୁ କମ୍ବଳ ପ୍ରଦାନ କରାଯାଇଥିଲା। ଏଥିରେ ଭାରତ ବିକାଶ ପରିଷଦ ପୂର୍ବ ପ୍ରାନ୍ତର ସଭାପତି ସତ୍ୟବାଦୀ ଦାସ, ସତ୍ୟବାଦୀ ଶାଖା ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସଚିବ ବିଜୟ କୁମାର ପରିଡ଼ା, ସମ୍ପର୍କ ସଚିବ ନବଘନ ଶତପଥୀ, କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପଣ୍ଡା, ପରିବେଶ ସଚିବ ଦେବରାଜ ନାୟକ, ମହିଳା ସହଭାଗିତା ରିତା ତ୍ରିପାଠୀ, ସଭ୍ୟ ଦିଗମ୍ବର ରଥ, ଅମିୟ କୁମାର ସ୍ୱାଇଁ, ପ୍ରଜ୍ଞା ସ୍ୱାଇଁ, ସମର କିଶୋର ପ୍ରଧାନ, ଲିଙ୍ଗରାଜ ସାହୁ, ଏଲ୍. ଏନ୍ ସ୍ୱାଇଁ, ବିଷ୍ଣୁପ୍ରିୟା ବିଶ୍ୱାଳ, ସରୋଜିନୀ ସ୍ୱାଇଁ, ସୁଧାକର ମହାପାତ୍ର, ଟୁକୁନା କର, ବ୍ରହ୍ମା ନନ୍ଦ ମହାରଣା, ପ୍ରଫୁଲ୍ଲ ପ୍ରଧାନ, ସଂଗ୍ରାମ ମହାପାତ୍ର, ସୁରେନ୍ଦ୍ର ସ୍ୱାଇଁ ଓ ଲୋକନାଥ ବାରିକ ଯୋଗଦେଇଥିଲେ। ସରପଞ୍ଚଙ୍କ ପ୍ରତିନିଧି ବିକ୍ରମ କୁମାର ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ, ଚିକିତ୍ସାଳୟ କାର୍ଯ୍ୟକ୍ଷମ ହେଉ

### ଜିଲାପାଳଙ୍କୁ ଦାବିପତ୍ର ଦେଲା ଜିଲା କଂଗ୍ରେସର ଏକ ପ୍ରତିନିଧି ଦଳ

ପୁରୀ,୧୦।୧୨(ଅଜିତ୍ କୁମାର ମହାନ୍ତି)



କଂଗ୍ରେସର ପ୍ରତିନିଧିଦଳ ଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ କାର୍ଯ୍ୟକ୍ଷମ ହେଉ ବୋଲି ଦାବିକରି ଜିଲା କଂଗ୍ରେସ ସଭାପତି ଇଂ. ରାଜେଶ କୁମାର ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବୁଧବାର ଜିଲାପାଳଙ୍କ ସହ ଆଲୋଚନା କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ଦିଗରେ କେଉଁ ଅଧିକାରୀଙ୍କ ସମୟରେ ବେନିୟମ କାର୍ଯ୍ୟ ହୋଇଛି, ତାହା ବିଷୟରେ ସରକାରଙ୍କୁ ଚିଠି ଲେଖିବେ ବୋଲି ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି। କିଛିଦିନ ପୂର୍ବରୁ ଜିଲାପାଳ ଏ ଦିଗରେ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିବା ସ୍ପଷ୍ଟ କରିଥିଲେ। ସେହିପରି ଆନ୍ତର୍ଜାତିକ ଅର୍ଥ ପାଣ୍ଠି ଯଦି ପୁରୀ ପାଇଁ କିଛି ଅର୍ଥ ମଞ୍ଜୁର କରିଥାଏ, ତେବେ ନିଶ୍ଚିତ ଆଗକୁ ମଲ୍ଟିସ୍ପେଶାଲିଟି ହସ୍ପିଟାଲ ଖୋଲିବା ପାଇଁ ସରକାରଙ୍କ ପାଖରେ ଦାବି ଉପସ୍ଥାପନ କରିବେ ବୋଲି ମତ ଦେଇଥିଲେ। ଗତ ୨୫ ତାରିଖରେ ଜିଲା କଂଗ୍ରେସର ଏକ ପ୍ରତିନିଧି ଦଳ ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ପ୍ରତିନିଧିଙ୍କୁ ଭେଟି ଅନେକ ସମସ୍ୟା ଯଥା ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଥିବା ଜମି ଆଜିପର୍ଯ୍ୟନ୍ତ ମେଡିକାଲ କଲେଜ ନାମରେ ମାଲିକାନା ସ୍ଥାନାନ୍ତରିତ ହୋଇନାହିଁ। ଆହୁରି ୫ ଏକର ଜମି ଅଧିଗ୍ରହଣ ହୋଇ ନ ଥିବା ସ୍ପଷ୍ଟ ହୋଇଥିଲା ବେଳେ ପିକେଡିଏ ମଞ୍ଜୁରୀ ମଧ ମିଳିନାହିଁ, ଆପାତକାଳୀନ ଦୁର୍ଘଟଣା ଚିକିତ୍ସା ବିଭାଗ ତଥା ହୃଦ୍‌ରୋଗ, ମସ୍ତିଷ୍କାଘାତ ଓ ସ୍ନାୟବିକ ରୋଗ, ମୂତ୍ରାଶୟ ରୋଗ, ପୋଡ଼ାଜଳା ରୋଗୀ ଚିକିତ୍ସା କ୍ଷେତ୍ରରେ କିଛି ବି ବିଷୟ ନ ଥିବା ଜଣାପଡ଼ିଥିଲା। ମେଡିକାଲ୍ କଲେଜ ହସ୍ପିଟାଲରେ ସ୍ୱୀକୃତିପ୍ରାପ୍ତ ବିଦ୍ୟୁତ୍ ଏବଂ ପାନୀୟ ଜଳ ସଂଯୋଗ ହୋଇ ନ ଥିବା ଜଣାପଡ଼ିଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ଉତ୍ତମ କୁମାର ଆଚାର୍ଯ୍ୟ, ବିନାୟକ ଦାସମହାପାତ୍ର, ସରସ୍ୱତୀ ପାତ୍ର, ନିରଞ୍ଜନ ରଥ, ବିଦ୍ୟୁତ୍‌ଲତା ଆଚାର୍ଯ୍ୟ, ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ସୁକାନ୍ତ କୁମାର ପ୍ରଧାନ, ସୀତାକାନ୍ତ ମହାନ୍ତି, ଉମାକାନ୍ତ ବରାଳ, ବିଶ୍ୱନାଥ ଦାଶ, ଅମରେନ୍ଦ୍ର ପାଇକରାୟ, ସ୍ୱାଧୀନ କୁମାର ପଣ୍ଡା, ଅମିୟ କୁମାର ଦାସ, ଉମାକାନ୍ତ ବେହେରା, ଅବିନାଶ ମିଶ୍ର, ଆଶୁତୋଷ ମିଶ୍ର, ଚେତନ ମିଶ୍ର, ମନୋଜ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୟୁକୋ ବ୍ୟାଙ୍କର ସମ୍ବଳ, ଏମ୍‌ଏସ୍‌ଏମ୍‌ଇ ଓ କୃଷି ମହୋତ୍ସବ

ଭୁବନେଶ୍ୱର,୧୦।୧୨

ୟୁକୋ ବ୍ୟାଙ୍କ ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ସମ୍ବଳ, ଏମ୍‌ଏସ୍‌ଏମ୍‌ଇ ଓ କୃଷି ମହୋତ୍ସବ ପୁରୀସ୍ଥିତ ସାଗର ତରଙ୍ଗ ହୋଟେଲଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏମ୍‌ଏସ୍‌ଏମ୍‌ଇ, ସମ୍ବଳ ଓ କୃଷି କ୍ଷେତ୍ରର ଗ୍ରାହକ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବ୍ୟାଙ୍କମିତ୍ରମାନେ ଯୋଗଦେଇଥିଲେ। ଏହି ଅବସରରେ ୟୁକୋ ବ୍ୟାଙ୍କର କୋଲକାତାସ୍ଥିତ ମୁଖ୍ୟ କାର୍ଯ୍ୟାଳୟର କୃଷି ଏବଂ ଗ୍ରାମୀଣ ବ୍ୟବସାୟ ବିଭାଗ ଉପମହାପ୍ରବନ୍ଧକ ପ୍ରସନଜିତ୍ ରାୟ, ଏସ୍‌ଏଲ୍‌ବିସି ଓଡ଼ିଶା ଇନ୍‌ଚାର୍ଜ ଲିଙ୍ଗରାଜ ନାୟକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୟୁକୋ ବ୍ୟାଙ୍କ ଭୁବନେଶ୍ୱର ଅଞ୍ଚଳର ଉପ ମହାପ୍ରବନ୍ଧକ ତଥା ଆଞ୍ଚଳିକ ମୁଖ୍ୟ ଭଗଓତ ସିଂହ ଭାକୁନୀ ସ୍ୱାଗତ ଅଭିଭାଷଣ ଦେଇଥିଲେ। ପ୍ରସନଜିତ୍ ରାୟ ଅର୍ଥନୈତିକ ଅଭିବୃଦ୍ଧି ଓ ନିଯୁକ୍ତି ସୃଷ୍ଟିରେ ଏମ୍‌ଏମ୍‌ଏମ୍‌ଇର ଗୁରୁତ୍ୱ, ସରକାରୀ ସହାୟତା, ଋଣ ଯୋଜନା ଓ ରପ୍ତାନି ପ୍ରୋତ୍ସାହନ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଲିଙ୍ଗରାଜ ନାୟକ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସମ୍ବୋଧିତ କରିବା ସହ ମହିଳା ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀମାନଙ୍କ ପାଇଁ ବ୍ୟାଙ୍କର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ମହୋତ୍ସବ ଅବସରରେ ୟୁକୋ ବ୍ୟାଙ୍କର ଏମ୍‌ଏସ୍‌ଏମ୍‌ଇ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଫଳ କାହାଣୀଗୁଡ଼ିକୁ ଉପସ୍ଥାପନା କରାଯାଇଥିଲା । ମହିଳା ଗ୍ରାହକମାନଙ୍କ ପାଇଁ ପିଙ୍କ୍ ବାସ୍କେଟ୍, ୟୁକୋ ଅପରାଜିତା, ୟୁକୋ ଜୟଲକ୍ଷ୍ମୀ ଏବଂ ୟୁକୋ ସହାୟିକା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସହାୟକ ମହାପ୍ରବନ୍ଧକ ରାମଚନ୍ଦ୍ର ଦାଶ ଧନ୍ୟବାଦ ଦେଇଥିଲେ।

# ବିଏମ୍‌ସି ଗୋଶାଳାକୁ ଗୋଖାଦ୍ୟ ଯୋଗାଇବ ଓମ୍‌ଫେଡ୍

ଭୁବନେଶ୍ୱର,୧୦।୧୨(ଅନୁରାଧା ମହାରଣା)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଏବଂ ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ ଲିମିଟେଡ୍ (ଓମ୍‌ଫେଡ୍) ମଧ୍ୟରେ ବୁଧବାର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଚୁକ୍ତି ଅନୁସାରେ ବିଏମ୍‌ସି ଅଧୀନରେ ଖୋର୍ଦ୍ଧା ଓ ପୁରୀ ଜିଲାରେ ଥିବା ୬ଟି ଗୋଶାଳାର ପ୍ରାୟ ୨ ହଜାର ଗୋରୁଙ୍କ ପାଇଁ ବିଏମ୍‌ସି ପୁଷ୍ଟିକର ଖାଦ୍ୟ ଯୋଗାଇବ। ପ୍ରଥମ ପର୍ଯ୍ୟାୟରେ ପୁରୀ ଓ ଖୋର୍ଦ୍ଧା ଜିଲାର ୪ଟି ଗୋଶାଳାରେ ଥିବା ପ୍ରାୟ ୧୫୦୦ ଗୋରୁଙ୍କ ପାଇଁ ଖାଦ୍ୟ ଯୋଗାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ଗୋଶାଳା ପାଇଁ ଖାଦ୍ୟ କ୍ରୟ କରାଯିବ। ବିଏମ୍‌ସି ପ୍ରତି ମାସରେ ଗୋଶାଳାରେ ୧୮% କ୍ରୁଡ୍ ପ୍ରୋଟିନ୍‌ଯୁକ୍ତ କନ୍‌ସେଣ୍ଟ୍ରେଟ ଗୋଖାଦ୍ୟ ଯୋଗାଇବ। ଏନେଇ ବିଏମ୍‌ସି ମେୟର ସୁଲୋଚନା ଦାସ କହିଛନ୍ତି, ଏହା କୌଣସି ବ୍ୟବସାୟିକ ଚୁକ୍ତିପତ୍ର ନୁହେଁ, ବରଂ ଗୋରୁଙ୍କୁ ଉତ୍ତମ ଗୁଣମାନର ସୁଷମ ଓ ପୁଷ୍ଟିକର ଗୋଖାଦ୍ୟ ଯୋଗାଇଦେବା ପାଇଁ ଏକ ପଦକ୍ଷେପ। ଗୋଶାଳାରେ ରହୁଥିବା ଗୋରୁଙ୍କୁ ସରକାରଙ୍କ ସମର୍ଥିତ ସମବାୟ ସଂସ୍ଥା ଦ୍ୱାରା ବୈଜ୍ଞାନିକ ପଦ୍ଧତିରେ ପ୍ରସ୍ତୁତ ପୁଷ୍ଟିକର ସୁଷମ ଗୋଖାଦ୍ୟ ଯୋଗାଇବା ଆମର କର୍ତ୍ତବ୍ୟ। ସେହିପରି ବିଏମ୍‌ସି କମିଶନର ଚଞ୍ଚଳ ରାଣା କହିଛନ୍ତି, ଓମ୍‌ଫେଡ୍ ଉତ୍ତମ ଗୁଣମାନର ଗୋଖାଦ୍ୟ ପ୍ରସ୍ତୁତ କରୁଛି, ତେଣୁ ସେଠାରୁ କ୍ରୟ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଖାଦ୍ୟ ସାମଗ୍ରୀ ଶେଷ ହେବା ପୂର୍ବରୁ ଗୋଶାଳାରେ ଯେପରି ଖାଦ୍ୟ ପହଞ୍ଚିବ ଅର୍ଥାତ୍ ବର୍ଷସାରା ଯେପରି ଗୋଶାଳାରେ ଖାଦ୍ୟ ମହଜୁଦ ରୁହେ, ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି। ଏହି ଚୁକ୍ତି ସ୍ୱାକ୍ଷର କାର୍ଯ୍ୟକ୍ରମରେ ବିଏମ୍‌ସି ପରିମଳ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ଓମ୍‌ଫେଡ୍ ଡେପୁଟି ମ୍ୟାନେଜର ଡା. ବିଶ୍ୱରଞ୍ଜନ ତ୍ରିପାଠୀ ଏବଂ ଅତିରିକ୍ତ କମିଶନର ରତ୍ନାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କଲା ପ୍ରତିନିଧି ଦଳ



ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦାବିପତ୍ର ଦେଉଛନ୍ତି ।

ପୁରୀ,୧୦।୧୨(ଅଜିତ୍ କୁମାର ମହାନ୍ତି)

### ପୁରୀବାସୀଙ୍କ ସ୍ୱତନ୍ତ୍ର ଦର୍ଶନ ପ୍ରସଙ୍ଗ

ପୁରୀବାସୀଙ୍କ ସ୍ୱତନ୍ତ୍ର ଦର୍ଶନ ପାଇଁ ବୁଧବାର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଶ୍ରୀମନ୍ଦିରରେ ସୁରୁଖୁରୁରେ ପ୍ରବେଶ ଓ ଶ୍ରୀଜଗନ୍ନାଥ ଦର୍ଶନର ସୁବ୍ୟବସ୍ଥା କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଏନେଇ ଖୁବ୍‌ଶୀଘ୍ର ଘୋଷଣା କରାଯିବ। ଏହି ସମୟରେ ପ୍ରାକ୍ତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଓ ଭାଜପା ପୁରୀ ଜିଲା ସଭାପତି ଡାକ୍ତର ଦେବେନ୍ଦ୍ର କୁମାର ତରେଇଙ୍କ ନେତୃତ୍ୱରେ ଏହି ରୁଦ୍ଧଦ୍ୱାର ବୈଠକରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ, ବଦ୍ରି ମିଶ୍ର, ମଧୁସୂଦନ ମିଶ୍ର, ମନୋଜ ରଥ ଓ ରାଜେଶ କୁମାର ମହାନ୍ତି ପୁରୀବାସୀଙ୍କ ମନ୍ଦିର ପ୍ରବେଶ, ଜଗନ୍ନାଥ ଦର୍ଶନ, ଅବଢ଼ା କିଣା, ଶୁଖିଲି ଭୋଗ କିଣା, ସତ୍ୟନାରାୟଣଙ୍କ ଦର୍ଶନ, ଲକ୍ଷ୍ମୀ ଦର୍ଶନ, ସୂର୍ଯ୍ୟ ମନ୍ଦିରରେ ନିର୍ବନ୍ଧ, ଶୀତଳା ଦର୍ଶନ ଭଳି ଅନେକ ବିଷୟରେ ଆଲୋଚନା କରିଥିଲେ।

ଏହା ଏକ ବିପ୍ଳବ, ଆନ୍ଦୋଳନ ନୁହେଁ। ଏନେଇ ଶତାଧିକ ମହିଳା, ବରିଷ୍ଠ ନାଗରିକ, ଯୁବଗୋଷ୍ଠୀଙ୍କ ସହ ପୁରୀବାସୀଙ୍କ ପକ୍ଷରୁ ଅଭିଯାନ ମଞ୍ଚ ସିଂହଦ୍ୱାର ଓ ଶରଧାବାଲିରେ ମିଳିତ ପ୍ରାର୍ଥନା ଓ ଦୀପଦାନ କରିଥିଲେ। ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ଜିଲାପାଳଙ୍କୁ ଗତ ୭ ତାରିଖରେ ନିବେଦନପତ୍ର ପ୍ରଦାନ କରିଥିଲେ। ରାଜ୍ୟ ସରକାର ମାତ୍ର ୨ଦିନ ବ୍ୟବଧାନରେ ଅଭିଯାନ ମଞ୍ଚ ସହ ଆଲୋଚନା କରିଥିବାରୁ ପୁରୀବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ଆଇନମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

### ଦଣ୍ଡ ପ୍ରଣାମ କରି ପୁରୀରେ ପହଞ୍ଚିଲେ ରାଜଗିରି ମହାରାଜ

ପୁରୀ,୧୦।୧୨(ଅଜିତ୍ କୁମାର ମହାନ୍ତି)

ସୁଦୂର ରାଜସ୍ଥାନରୁ ଦଣ୍ଡ ପ୍ରଣାମ କରି ପୁରୀରେ ପହଞ୍ଚି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ରାଜସ୍ଥାନର ରାଜଗିରି ମହାରାଜ। ମହାରାଜ ଗତ ଏପ୍ରିଲ୍ ୧୮ରୁ ପୁରୀ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ସେ ଦଣ୍ଡ ପ୍ରଣାମ କରି ରାଜସ୍ଥାନରୁ ଆସି ବୁଧବାର ପୁରୀରେ ପହଞ୍ଚିଛନ୍ତି। ପୂର୍ବରୁ ରାଜଗିରି ମହାରାଜ ଗଙ୍ଗୋତ୍ରୀରୁ ରାମେଶ୍ୱରମ୍ ପର୍ଯ୍ୟନ୍ତ ଦଣ୍ଡ ପ୍ରଣାମ କରି ଯାତ୍ରା ସମାପନ କରିଥିବା ବେଳେ ବର୍ତ୍ତମାନ ଦଣ୍ଡ ପ୍ରଣାମ କରି ପୁରୀରେ ପହଞ୍ଚିଛନ୍ତି। ସେ ଚାରିଧାମ ଯିବାକୁ ଲକ୍ଷ୍ୟ ରଖିଛନ୍ତି। ମହାପ୍ରଭୁଙ୍କ ଦର୍ଶନ କରି ମହାରାଜ ଭାବବିହ୍ୱଳ ହୋଇପଡ଼ିଛନ୍ତି। ମହାରାଜ କହିଛନ୍ତି, ମହାପ୍ରଭୁଙ୍କ ଦର୍ଶନ କରି ପରମ ଆନନ୍ଦ ଅନୁଭବ ହେଉଛି, ଯାହାକୁ କହିହେବ ନାହିଁ। ପୁରୀରେ ଦୁଇ ତିନି ଦିନ ରହି ଦ୍ୱାରିକା ଏବଂ ବଦ୍ରିନାଥ ଯିବେ ବୋଲି ସେ କହିଛନ୍ତି। ସନାତନ ଧର୍ମର ପ୍ରସାର, ସୁରକ୍ଷା ନେଇ ସେ ଚାରିଧାମ ଯାତ୍ରା କରୁଛନ୍ତି। ଆଜିର ଯୁବପିଢ଼ି ସନାତନ ଧର୍ମକୁ ପାଳନ କରନ୍ତୁ, ଅନୁଶୀଳନ କରନ୍ତୁ। ପାଶ୍ଚାତ୍ୟ ସଭ୍ୟତା ପଛରେ ଗୋଡ଼ାନ୍ତୁ ନାହିଁ ବୋଲି ମହାରାଜ କହିଛନ୍ତି।

### ମହିଳାଙ୍କୁ ଆତ୍ମନିର୍ଭରଶୀଳ ପାଇଁ ପ୍ରଶିକ୍ଷଣ

ପୁରୀ,୧୦।୧୨(ଅଜିତ୍ କୁମାର ମହାନ୍ତି)

ପୁରୀ ହାତୀଆଖଡା ମଠ ପରିସରରେ ୨୫ ଦିନ ଧରି ମହିଳାଙ୍କ ଆତ୍ମନିର୍ଭରଶୀଳ ପ୍ରଶିକ୍ଷଣ ଜାରି ରହିଛି। ମା'ରାମଚଣ୍ଡୀ ଫାଉଣ୍ଡେଶନର ପ୍ରଶିକ୍ଷଣ ଅବସରରେ ପୂର୍ବତନ ନଗରପାଳ ଗୌରହରି ପ୍ରଧାନ ଯୋଗଦେଇ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସଙ୍ଗଶ୍ରୀ ଫାଉଣ୍ଡେଶନ ଅଧ୍ୟକ୍ଷା ଅରୁଣିମା ନନ୍ଦ କହିଲେ, ମହିଳା ସଶକ୍ତୀକରଣ ପାଇଁ ଏଠାରେ ଆମେ ବିଭିନ୍ନ ଜିନିଷ ହାତରେ ତିଆରି କରୁଛୁ ଏବଂ ବଜାରରେ ସେଗୁଡ଼ିକୁ ବିକ୍ରି କରି ଅର୍ଥ ଉପାର୍ଜନ ସହ ସ୍ୱାବଲମ୍ବୀ ହୋଇପାରୁଛୁ। ସାମାଜିକ କର୍ମୀ ଲଲାଟେନ୍ଦୁ ମିଶ୍ର କହିଥିଲେ, ଏଭଳି କାର୍ଯ୍ୟକ୍ରମକୁ ସରକାର ଅଗ୍ରାଧିକାର ଦେଲେ ମହିଳାମାନେ ଅଧିକ ଉପକୃତ ହୋଇପାରିବେ।

# ଧର୍ମପଦ ପ୍ରେସ କ୍ଲବ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

କୋଣାର୍କ,୧୦।୧୨(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ବସଷ୍ଟାଣ୍ଡ ନିକଟରେ ଧର୍ମପଦ ପ୍ରେସ କ୍ଲବ ପକ୍ଷରୁ ସଡ଼କ ସୁରକ୍ଷା ଏବଂ ଜଙ୍ଗଲ ସୁରକ୍ଷା ବାର୍ତ୍ତା ନେଇ ଏକ ସଚେତନତା କର୍ମଶାଳା ବୁଧବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଛି। ଏହି କର୍ମଶାଳାରେ ଅତିଥି ଭାବେ ପୁରୀ ଜିଲ୍ଲା ପରିବହନ ବିଭାଗ ମୋଟର ଯାନ ନିରୀକ୍ଷକ ଅମିତ୍ କୁମାର ରାଣା, କୋଣାର୍କ ଏନ୍‌ଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, ରେଞ୍ଜ୍ ଅଧିକାରୀ ସୁଦର୍ଶନ ଦେହୁରୀ, ଓଡ଼ିଶା କିନ୍ନର ସଂଘ ସଭାନେତ୍ରୀ ସାମାଜିକ କର୍ମୀ ସୁଇଟି ସାହୁ ମାଆ, ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ଖଟୋଇ, ସତ୍ୟ ଖବର ସମ୍ପାଦକ ଅକ୍ଷୟ କୁମାର ନାୟକ, ଧର୍ମପଦ ପ୍ରେସ କ୍ଲବ୍ ଉପଦେଷ୍ଟା ମୋହନ ଚରଣ ପ୍ରଧାନ, ବରିଷ୍ଠ ଖବରଦାତା ମହେଶ୍ୱର ସାମଲ, ପ୍ରଧାନଶିକ୍ଷକ ନିହାର ରଞ୍ଜନ ଲେଙ୍କା, କୋଣାର୍କ ଥାନା ସବଇନ୍ସପେକ୍ଟର କେଦାର ଦୋରା, କିନ୍ନର ନେତ୍ରୀ ଦିପ୍ସା ବାରିକ, ଅଟୋ ସଂଘ ସଭାପତି ଶ୍ରୀକାନ୍ତ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି କର୍ମଶାଳାରେ ଯୋଗଦେଇଥିବା ଶତାଧିକ ଛାତ୍ରୀଛାତ୍ର ଓ ସାଧାରଣ ଲୋକଙ୍କୁ ଅତିଥିମାନେ ସଚେତନଧର୍ମୀ ବାର୍ତ୍ତା ବଣ୍ଟନ କରିଥିଲେ। ବିଶେଷ କରି ସଡ଼କ ସୁରକ୍ଷାରେ କିପରି ସଡ଼କ ଓ ପରିବହନ ବିଭାଗ ନିୟମ ମାନି ଚଳିବା, ହେଲ୍‌ମେଟ ବ୍ୟବହାର କରିବା, ୧୮ ବର୍ଷରୁ କମ୍ ବୟସ୍କ ଗାଡ଼ିଚାଳନା ନ କରିବା, ମଦ୍ୟପାନ କରି ଗାଡ଼ି ଚାଳନା ନ କରିବା ସହ ଅନ୍ୟାନ୍ୟ ନିୟମ ଉପରେ କର୍ମଶାଳାରେ ଆଲୋକପାତ କରାଯାଇଥିଲା। ବିଶେଷକରି ଗଛ ନ କାଟିବା, ସମସ୍ତେ ଗୋଟେ ଗୋଟେ ବୃକ୍ଷ ରୋପଣ କରିବା ସହ ଯତ୍ନ ନେବା ଓ ବନ୍ୟ ଜନ୍ତୁଙ୍କ ପ୍ରତି ଦୟା ଭାବ ଦେଖାଇବା ନେଇ ସଚେତନତା ସୃଷ୍ଟି କରାଯାଇଥିଲା। ଧର୍ମପଦ ପ୍ରେସ କ୍ଲବ ସଭାପତି ପ୍ରତାପ କୁମାର କାଣ୍ଡି ଅତିଥିଙ୍କ ପରିଚୟ ପ୍ରଦାନ ସହ ସମସ୍ତଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ସାହି, ଲେନ୍ ଓ ବାଇଲେନ୍‌ର ସମୀକ୍ଷା କଲେ ଏସ୍‌ପି

ପୁରୀ,୧୦।୧୨(ଅଜିତ୍ କୁମାର ମହାନ୍ତି)

ଏସ୍‌ପି ପ୍ରତୀକ ସିଂହ ପୁରୀ ସହରର ବିଭିନ୍ନ ସାହି, ଲେନ୍ ଏବଂ ବାଇ-ଲେନ୍‌ଗୁଡ଼ିକ ବୁଲିବା ସହ ସମୀକ୍ଷା କରିଛନ୍ତି। ଡିସେମ୍ବର ଓ ଜାନୁଆରୀରେ ପୁରୀକୁ ଦେଶର କୋଣଅନୁକୋଣରୁ ପର୍ଯ୍ୟଟକ ଓ ଭକ୍ତଙ୍କ ଭିଡ଼ ଜମିବ। ତେଣୁ ଭକ୍ତଙ୍କ ସଂଖ୍ୟା ବ୍ୟାପକ ଭାବେ ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ଶାନ୍ତିଶୃଙ୍ଖଳା ବ୍ୟବସ୍ଥା ଉଦ୍ଦେଶ୍ୟରେ ଗଳି ଓ ଲେନ୍‌ଗୁଡ଼ିକର ମାଇକ୍ରୋ ଲେବଲ୍ ଇନ୍ସପେକ୍ସନ୍ କରାଯାଇଛି। ଏସ୍‌ପି ସିଂହ ଗାଣ୍ଟିଆଚଉରା ଛକ, ବାରବାଟୀ ଜାଗା, ମଣିକର୍ଣ୍ଣିକା ସାହି, ଧାନକୁଟି ସାହି, କଦମଗଡ଼ ଛକ, ଭୋଗଜାଗା, ଜହ୍ନମୁଣ୍ଡିଆ ଛକ, ଜେନେରୀ ଗଛ, ଲବଣିଖିଆ ଛକ, ମରୀଚିକୋର୍ଟ ଛକ ସହ ବିଭିନ୍ନ ସ୍ଥାନରେ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ସମସ୍ତ ଜାଗାରେ ହଜାର ହଜାର ଭକ୍ତ ଓ ପର୍ଯ୍ୟଟକ ପ୍ରତିଦିନ ଯାତାୟାତ କରନ୍ତି। ଏସ୍‌ପି ନିଜେ ଲେନ୍, ବାଇଲେନ୍‌ଗୁଡ଼ିକର ଚଉଡ଼ା, ରାସ୍ତାର ଅବସ୍ଥା, ଅବରୋଧ, ଅସୁରକ୍ଷିତ ସ୍ଥାନ, ଅନାବଶ୍ୟକ ପାର୍କିଂ ବିଷୟରେ ନିଜେ ନିଜେ ନିରୀକ୍ଷଣ କରିଥିଲେ।

ଏସ୍‌ପି ପ୍ରତୀକ ସିଂଙ୍କ କହିବାନୁଯାୟୀ, ପୁରୀ ହେଉଛି ଜଗତର ଆସ୍ଥାର କେନ୍ଦ୍ର। ପର୍ଯ୍ୟଟନ ଋତୁରେ ପୁରୀକୁ ଲକ୍ଷାଧିକ ଭକ୍ତ ଓ ପର୍ଯ୍ୟଟକଙ୍କ ଆଗମନ ହେବ। ସେମାନଙ୍କ ସୁମଧୁର ଅନୁଭବ, ସୁରକ୍ଷା ପୁରୀ ପୋଲିସର ପ୍ରଥମ ଦାୟିତ୍ୱ। ସାହି, ଲେନ୍ ଓ ବାଇଲେନ୍ ଭିତରେ ସନ୍ଦିଗ୍ଧ କାର୍ଯ୍ୟକଳାପ ଦେଖିଲେ ପୋଲିସ୍‌କୁ ସୂଚନା ଦେବାକୁ ଆହ୍ୱାନ ଦେଇଛନ୍ତି। ମହିଳାମାନେ ଯେକୌଣସି ସମସ୍ୟାର ସମ୍ମୁଖିନ ହେଲେ ୧୧୨ କିମ୍ବା ନିକଟସ୍ଥ ଥାନାକୁ ଖବର ଦେଇପାରିବେ। ପର୍ଯ୍ୟଟକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପୁରୀ ପୋଲିସ ପର୍ଯ୍ୟାୟକ୍ରମେ ମାଇକ୍ରୋ ଲେବଲ୍ ସମୀକ୍ଷା, ସୁରକ୍ଷା ବ୍ୟବସ୍ଥା, ରୁଟ୍ ପରିଚାଳନା, ପଦଚାରୀ ପାଟ୍ରୋଲିଂ ଜୋର୍‌ଦାର କରାଯାଉଛି ବୋଲି ସେ କହିଛନ୍ତି।

# ୫୯୫ ଗାଡ଼ିକୁ ଜରିମାନା, ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

ପୁରୀ,୧୦।୧୨(ଅଜିତ୍ କୁମାର ମହାନ୍ତି)

ପୁରୀ ପୋଲିସ ଦ୍ୱାରା ମଦ୍ୟପାନ କରି ଗାଡ଼ିଚାଳନା ବିରୋଧରେ ଅଭିଯାନ ଚାଲୁଛି। ଜନସାଧାରଣଙ୍କ ଜୀବନ ଓ ସୁରକ୍ଷାକୁ ସର୍ବପ୍ରଥମ ଗୁରୁତ୍ୱ ଦେଇ ପୁରୀ ପୋଲିସ ମଦ୍ୟପାନରେ ଲିପ୍ତଚାଳକଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଚଳିତବର୍ଷ ମଧ୍ୟରେ ସର୍ବମୋଟ ୫୯୫ ଗାଡ଼ିକୁ ଜରିମାନା ଏବଂ ଚାଳକଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ମଦ୍ୟପାନ କରି ଯାନବାହନ ଚାଳନାକୁ ରୋକିବା ପାଇଁ ସିଟି ସବ୍-ଡିଭିଜନରେ ଗୁରୁତ୍ୱପୂର୍ଣ୍ଣ ଯୋଜନା ଅନୁସାରେ ନିୟମିତ ଚେକିଂ ଚାଲିଥିଲା, ଯଦ୍ଦ୍ୱାରା ବିଭିନ୍ନ ଥାନାରେ ମୋଟ ୩୨୭ ଗାଡ଼ିକୁ ଜରିମାନା କରାଯାଇଛି। ସେମାନଙ୍କ ମଧ୍ୟରେ ସିଂହଦ୍ୱାର ଥାନାରେ ୨, ଟାଉନ୍ ଥାନାରେ ୧୦, ସମୁଦ୍ରକୂଳ ଥାନାରେ ୩୩, ବାସେଲୀସାହି ଥାନାରେ ୧୯, ବଳିଆପଣ୍ଡା ଥାନାରେ ୩୨, ତାଳବଣିଆ ଥାନାରେ ୩୮, କୁମ୍ଭାରପଡ଼ା ଥାନାରେ ୩୮, ଟ୍ରାଫିକ୍ ଥାନାରେ ୧୫୫ ମାମଲା ରୁଜୁ ହୋଇଛି।

ସେହିଭଳି ସଦର ଅଞ୍ଚଳରେ ମଦ୍ୟପାନ କରି ଗାଡ଼ିଚାଳନା ବିରୋଧରେ ଉଦ୍ୟମଶୀଳ ଅଭିଯାନ ଚାଲିଥିଲା। ଯେଉଁଠାରେ ୧୩୧ ଗାଡ଼ିକୁ ଜରିମାନା କରାଯାଇଛି। ଅରଖକୁଦା ସାମୁଦ୍ରିକ ଥାନାରେ ୧, କୃଷ୍ଣପ୍ରସାଦ ଥାନାରେ ୧୪, ସଦର ଥାନାରେ ୩୪, ପେଣ୍ଟକଟା ସାମୁଦ୍ରିକ ଥାନାରେ ୧୧, ବ୍ରହ୍ମଗିରି ଥାନାରେ ୭୧ ମାମଲା ରୁଜୁ ହୋଇଛି। ନିମାପଡ଼ା ସବ୍‌ଡିଭିଜନରେ ୧୧୧ ଗାଡ଼ିକୁ ଜରିମାନା କରାଯାଇଛି। ଚାରିଛକ ଥାନାରେ ୨୯, କାକଟପୁର ଥାନାରେ ୧୧, ଅସ୍ତରଙ୍ଗ ଥାନାରେ ୭, କୋଣାର୍କ ଥାନାରେ ୧୩, ରାମଚଣ୍ଡୀ ଥାନାରେ ୭, ଗୋପ ଥାନାରେ ୨୨, ନିମାପଡ଼ା ଥାନାରେ ୮, ଚନ୍ଦ୍ରଭାଗା ସାମୁଦ୍ରିକ ଥାନାରେ ୧୪ଟି ମାମଲା ହୋଇଛି। ପିପିଲି ସବ୍‌ଡିଭିଜନରେ ମୋଟ ୨୬ ଗାଡ଼ି ଉପରେ ଜରିମାନା କରାଯାଇଛି। ପିପିଲି ଥାନା ୭, ସତ୍ୟବାଦୀ ଥାନା ୧୪, ଡେଲାଙ୍ଗ ଥାନା ୪, ବଳଙ୍ଗା ଥାନାରେ ଗୋଟିଏ ମାମଲା ରୁଜୁ କରାଯାଇଛି। ଜିଲାର ୪ ସବ୍‌ଡିଭିଜନ ମିଶି ସର୍ବମୋଟ ୫୯୫ ଗାଡ଼ି ସହ ଓ ୫୯୫ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରାଯାଇଛି। ଏନେଇ ଏସ୍‌ପି ପ୍ରତୀକ ସିଂହ କହିଛନ୍ତି, ମଦ୍ୟପାନ କରି ଯାନବାହନ ଚାଳନା ହେଉଛି ଏକ ଗୁରୁତର ଅପରାଧ ଏବଂ ଏଥିରୁ ଅନ୍ୟମାନଙ୍କ ଜୀବନ ବିପଦଗ୍ରସ୍ତ ହୁଏ। ପୁରୀ ପୋଲିସ ଏପରି ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବା ସହ ଏହି ଅଭିଯାନ ଆଗାମୀ ଦିନରେ ଜୋର୍‌ଦାର କରାଯିବ ବୋଲି ଏସ୍‌ପି କହିଛନ୍ତି।

# ସଚେତନ ରହିଲେ ସାଇବର ଠକେଇରୁ ବର୍ତ୍ତିପାରିବା

ପୁରୀ,୧୦।୧୨(ଅଜିତ୍ କୁମାର ମହାନ୍ତି)




କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀଙ୍କ ସମେତ ଅନ୍ୟମାନେ ।

ସାଇବର ଅପରାଧୀମାନେ ସେମାନଙ୍କ ଜାଲ ବିଛାଇ ବସିଆ'ନ୍ତି। ଯେଉଁ ଲୋକ ଲୋଭାସକ୍ତ ହୋଇ ତାହାକୁ ଗ୍ରହଣ କରେ, ସେ ଅନ୍‌ଲାଇନ ଲୁଟ୍‌ର ଶିକାର ହୋଇଥାଏ। ଏହାକୁ କେବଳ ସତର୍କତା ଓ ସଚେତନତା ଦ୍ୱାରା ପ୍ରତିହତ କରାଯାଇପାରିବ ବୋଲି ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କହିଛନ୍ତି। ଜିଲା ସଂସ୍କୃତି ଭବନଠାରେ ଜିଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ପୂର୍ବାହ୍ନରେ ବେଟୀ ବଚାଓ ବେଟୀ ପଢ଼ାଓ ଅଧୀନରେ ସାଇବର ସତର୍କତା ସମ୍ପର୍କିତ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସନ୍ତୋଷ ସେଠୀ ଆଜିର ସମୟରେ ଛୋଟ ପିଲାଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ସ୍ମାର୍ଟ ଫୋନ୍ ବ୍ୟବହାର କରୁଛନ୍ତି। ଇନ୍‌ଷ୍ଟାଗ୍ରାମ, ହ୍ୱାଟ୍‌ସଆପ୍, ଫେସ୍‌ବୁକ ଇତ୍ୟାଦି ବିବିଧ ସୋସିଆଲ ମିଡିଆରେ ସକ୍ରିୟ ରହୁଛନ୍ତି। ଅପରାଧୀମାନେ ମଧ ସକ୍ରିୟ ହୋଇ ପ୍ରତି କ୍ଷେତ୍ରରେ ଠକେଇ ପାଇଁ ଉଦ୍ୟମ କରୁଛନ୍ତି। ଆମେ ଲୋଭ ଛାଡ଼ି, ସଠିକତା ଅନୁଭବ କରି ଯଦି ସତର୍କ ହେବା, ତେବେ ସାଇବର ଠକାମିରୁ ବର୍ତ୍ତିପାରିବା ବୋଲି ସେ କହିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ପୋଲିସ ସାଇବର ସେଲ୍‌ର ଆଇଆଇସି ଯୋଗମାୟା ସାହୁ, ଜିଲା ଆଇନ ସେବା ପ୍ରାଧିକରଣର ଅଧିବକ୍ତା ଶୁଭ୍ରାନ୍ତ ମିଶ୍ର, ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ ପ୍ରମୁଖ ଯୋଗ ଦେଇଥିଲେ। ଜିଲା ସାମାଜିକ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଏଥିରେ ଅଧ୍ୟକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ ଓ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। କର୍ମଶାଳାରେ ଉପସ୍ଥିତ ଦର୍ଶକମାନେ ନିଜ ଅଭିଜ୍ଞତାରୁ କିପରି ଲୋଭନୀୟ ଅଫର୍ ଆସିଥିଲା ଓ ସତର୍କତା ଯୋଗୁ ସେଥିରୁ ବର୍ତ୍ତି ଯାଇଥିଲେ ସେ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମକୁ ପ୍ରୋଗ୍ରାମ ଅଫିସର ଚନ୍ଦ୍ରପ୍ରଭା ଦେଇ ସଞ୍ଚାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁପରଭାଇଜର୍ ବାଲ୍ୟବତୀ ମହାନ୍ତି, ସିଡିପିଓ, ସୁପରଭାଇଜର କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ସଂକ୍ଷେପରେ

## ଗୋଟିଏ ସହକାରୀ ଯନ୍ତ୍ରୀ ପଦବୀ: ୨ଜଣ ଦାବିଦାର

କଟକ ସଦର,୧୦।୧୨(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକରେ ଥାଇ ନିଲମ୍ବିତ ସହକାରୀ ଯନ୍ତ୍ରୀ ବିକାଶ ଭୂୟାଁଙ୍କ ଉପରୁ ରାଜ୍ୟ ସରକାର ନିଲମ୍ବନ ଆଦେଶ ପ୍ରତ୍ୟାହାର କରିନେଇଛନ୍ତି। ତାଙ୍କର ପଦୋନ୍ନତି ପରେ ବଦଳି ହୋଇଯାଇଥିବାରୁ ବ୍ଲକରେ ଗୋଟିଏ ମଞ୍ଜୁରୀ ସହକାରୀ ଯନ୍ତ୍ରୀ ପଦବୀ ଖାଲି ହୋଇଛି। ବର୍ତ୍ତମାନ ୨ଜଣ ଯନ୍ତ୍ରୀ ଡେପୁଟେଶନରେ ଅଛନ୍ତି। ସେମାନେ ହେଲେ ସମାପିକା ନାୟକ ଓ ସସ୍ମିତା ଦାସ। ତେଣୁ ଜଣଙ୍କୁ ଏହି ବ୍ଲକରେ ସ୍ଥାୟୀ କରାଯିବ। ଉଭୟ ଗୋଟିଏ ପଦବୀ ପାଇଁ ଦାବିଦାର ଅଟନ୍ତି। ଏହି କାର୍ଯ୍ୟ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ନାୟକଙ୍କ ଉପରେ ନ୍ୟସ୍ତ ରହିଛି। କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କଠାରୁ ସବୁଜ ସଙ୍କେତ ମିଳିବା ପରେ ଫାଇଲ ଜିଲାପାଳଙ୍କ ପାଖକୁ ଯିବ। ସୂଚନାଯୋଗ୍ୟ, ଉଭୟ କନିଷ୍ଠ ଯନ୍ତ୍ରୀରୁ ସହକାରୀ ଯନ୍ତ୍ରୀ ପଦବୀକୁ ପଦୋନ୍ନତି ପାଇ କଟକ ଜିଲାରେ ଅବସ୍ଥାପିତ ହୋଇଛନ୍ତି।

## ବିଏଜେଏସ୍ଏସ୍ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ବିୟୋଗରେ ଶୋକ

ଚୌଦ୍ୱାର,୧୦।୧୨(ଆଶୁତୋଷ ଦାସ)

ସର୍ବଭାରତୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭାରତୀୟ ଆଦିମଜାତି ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ନୟନଚାନ୍ଦ ହେମ୍ବ୍ରମଙ୍କ ରବିବାର ଭୁବନେଶ୍ୱରରେ ପରଲୋକ ହୋଇଯାଇଛି। ହେମ୍ବ୍ରମ୍ଙ୍କ ବିୟୋଗରେ ହିନ୍ଦ୍ ସେବକ ସଂଘ ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ ଶୋକବ୍ୟକ୍ତ କରିଛନ୍ତି। ଶୋକ ବାର୍ତ୍ତାରେ ସେ ପ୍ରକାଶ କରିଛନ୍ତି ଯେ, ହିନ୍ଦ୍ ସେବକ ସଂଘର ତତ୍କାଳୀନ ବରିଷ୍ଠ ସଦସ୍ୟ ଠକ୍କର ବାପା, ବାବୁ ରାଜେନ୍ଦ୍ର ପ୍ରସାଦ ଏବଂ ଅନ୍ୟ କେତେକ ମହାନ୍ ରାଷ୍ଟ୍ରବାଦୀ ବ୍ୟକ୍ତିତ୍ୱଙ୍କ ଦ୍ୱାରା ଦେଶର ଆଦିମଜାତି ସମ୍ପ୍ରଦାୟର କଲ୍ୟାଣ ପାଇଁ ପ୍ରତିଷ୍ଠିତ ଏହି ସଙ୍ଗଠନ ଦେଶର ଆଦିବାସୀଙ୍କ କଲ୍ୟାଣ ତଥା ବିକାଶ ଦିଗରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାର ଆଦିବାସୀ ସମ୍ପ୍ରଦାୟର ସ୍ୱର୍ଗତ ହେମ୍ବ୍ରମ ଯୁବାବସ୍ଥାରୁ ଆଦିବାସୀ କଲ୍ୟାଣ ପାଇଁ କାର୍ଯ୍ୟ କରିବା ସହିତ ବିଏଜେଏସ୍ଏସ୍ ଭଳି ସର୍ବଭାରତୀୟ ସଙ୍ଗଠନର ନେତୃତ୍ୱ ନେବାର ଗୌରବ ଅର୍ଜନ କରିଥିଲେ। ତାଙ୍କ ସହିତ ବ୍ୟକ୍ତିଗତ ସମ୍ପର୍କକୁ ମନେ ପକାଇ ହିନ୍ଦ୍ ସେବକ ସଂଘର ବିଭିନ୍ନ ସେବାକାର୍ଯ୍ୟରେ ତାଙ୍କର ଯୋଗଦାନ ଓ ସହଯୋଗ ପାଇଁ ସେ ସମସ୍ତଙ୍କ ଅତି ପ୍ରିୟପାତ୍ର ହୋଇ ପାରିଥିଲେ ବୋଲି ସାହୁ ପ୍ରକାଶ କରି ତାଙ୍କର ନିଃସ୍ୱାର୍ଥ ସେବା ପାଇଁ ସେ ଚିର ସ୍ମରଣୀୟ ହୋଇ ରହିବେ ବୋଲି କହିଛନ୍ତି। ହିନ୍ଦ୍ ସେବକ ସଂଘ ପରିବାର ପକ୍ଷରୁ ତାଙ୍କ ଅମର ଆତ୍ମା ପ୍ରତି ସାହୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

# କମ୍ପାନୀ କ୍ଷତିପୂରଣ ଦେଉନାହିଁ, ଥାନାରେ ମାମଲା

କଟକ,୧୦।୧୨(କାର୍ତ୍ତିକ ସାହୁ)

**ଖାନନଗର ସେତୁ ନିର୍ମାଣରେ କ୍ରେନ୍ ଭାଙ୍ଗି ୩ ଜଣଙ୍କ ମୃତ୍ୟୁ ଘଟଣା**

ଖାନନଗର ନିକଟ କାଠଯୋଡ଼ିରେ ଗତ ମେ ୩ରେ ସେତୁ ନିର୍ମାଣ ବେଳେ କ୍ରେନ୍ ଭାଙ୍ଗି ୩ଜଣଙ୍କ ମୃତ୍ୟୁ ଘଟଣାରେ ମୃତ ଇଞ୍ଜିନିୟରଙ୍କ ପରିବାରକୁ କମ୍ପାନୀ କର୍ତ୍ତୃପକ୍ଷ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେଉନାହାନ୍ତି। କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଫୋନ କରିବାରୁ ସେମାନେ ଦୁର୍ବ୍ୟବହାର କରୁଛନ୍ତି। ଏଭଳି କେତେକ ସଙ୍ଗିନ ଅଭିଯୋଗ ଆଣି ମୃତକଙ୍କ ପରିବାର ଲୋକେ ବାଦାମବାଡ଼ି ଥାନାରେ ବୁଧବାର ଏତଲା ଦାଏର କରିଛନ୍ତି। ଅଭିଯୋଗ ଆଧାରରେ କମ୍ପାନୀର ଏଚ୍ଆର୍ଙ୍କ ବିରୋଧରେ ବିଏନ୍ଏସ୍ର ଧାରା ୨୯୬ରେ ଏକ ମାମଲା (ନଂ. ୪୮୨/୨୦୨୫) ରୁଜୁ ହୋଇଛି।

ସୂଚନାନୁସାରେ, କାଠଯୋଡ଼ି ରିଂ ବନ୍ଧର ସମ୍ପ୍ରସାରଣ ପାଇଁ ନଈ ଭିତରେ ସେତୁ ନିର୍ମାଣ ସମୟରେ ଖାନନଗର ନିକଟରେ କ୍ରେନ ଭାଙ୍ଗି ପଡ଼ିବାରୁ ୩ଜଣଙ୍କର ମୃତ୍ୟୁ ଘଟିଥିଲା। ମୃତକମାନେ ହେଲେ ସୁନ୍ଦରଗଡ଼ ସେକ୍ଟର୍ ୧୬ର ଶିବ ଶଙ୍କର ପଟ୍ଟନାୟକ (୨୮), ପଶ୍ଚିମବଙ୍ଗ ପୁରୁଲିଆର ସୁବାସ ଭକ୍ତ (୪୫), ବାଲେଶ୍ୱର ଜିଲା ସୋରର ବଳଙ୍ଗା ବାସିନ୍ଦା ସୌମ୍ୟରଞ୍ଜନ ମଲ୍ଲିକ (୨୮)। ସୁବାସ ସୁପରଭାଇଜର୍ ଓ ଅନ୍ୟ ଦୁଇ ଜଣ ଇଞ୍ଜିନିୟର୍ ଭାବେ କାର୍ଯ୍ୟ କରୁଥିଲେ। ଏହି ଘଟଣାରେ ଅରୁଣ ବାରିକ ଓ ବିକଳ ଜେନା ମଧ ଗୁରୁତର ଆହତ ହୋଇଥିଲେ। କଟକ କମିଶନରେଟ ପୋଲିସ ନିଜ ଆଡ଼ୁ ତଦନ୍ତ ଆରମ୍ଭ କରିଥିଲା। ବାଦାମବାଡ଼ି ଥାନାରେ ସମ୍ପୃକ୍ତ ଠିକା ସଂସ୍ଥା ବିରୋଧରେ ଦଫା ୧୦୬(୧)ରେ ପୋଲିସ ମାମଲା (ନଂ. ୧୬୪/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ ହୋଇଥିଲା। ଅଘଟଣ ପରେ ସୌମ୍ୟରଞ୍ଜନଙ୍କ ପରିବାରକୁ କମ୍ପାନୀ ପକ୍ଷରୁ ଶୁଦ୍ଧିକ୍ରିୟା ପାଇଁ ଏକ ଲକ୍ଷ ଟଙ୍କା ଦିଆଯାଇଥିଲା। ଆହୁରି ୧୦ ଲକ୍ଷ ଟଙ୍କା ଦେବାକୁ କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ଏହି ଟଙ୍କା ଏଯାଏ ଦିଆଯାଇ ନ ଥିବା ମୃତକଙ୍କ ମା' ରମାମଣୀ ମଲ୍ଲିକ ବାଦାମବାଡ଼ି ଥାନାରେ ଅଭିଯୋଗ କରିଛନ୍ତି। କମ୍ପାନୀ ପକ୍ଷରୁ ତାଙ୍କୁ ୧୦ ଲକ୍ଷ ଟଙ୍କା ଦିଆଯାଇଥିବା ନେଇ ଲେଖିକି ଦେବାକୁ ଚାପ ପ୍ରୟୋଗ କରାଯାଉଛି। ଟଙ୍କା ଦିଆଯାଇ ନ ଥିବା ବେଳେ ଲେଖିକି କେମିତି ଦେବେ ବୋଲି ପରିବାର ଲୋକେ ପ୍ରଶ୍ନ କରିଥିଲେ। ଏମିତି ଲେଖିକି ନ ଦେଲେ ବୀମା ରାଶି କ୍ଲେମ ହେବ ନାହିଁ କମ୍ପାନୀ ପକ୍ଷରୁ ଧମକ ଦିଆଯାଉଛି। ମାତ୍ର ୩୫ ହଜାର ଟଙ୍କା ଦରମାରେ ଚାକିରି କରିଥିବା ସୌମ୍ୟରଞ୍ଜନ ବ୍ୟକ୍ତିଗତ କାମ ପାଇଁ ୩୫ ଲକ୍ଷ ଟଙ୍କା ଋଣ କରିଥିଲେ। ବର୍ତ୍ତମାନ ସୁଦ୍ଧା ଏହି ଋଣ ଶୁଝା ଯାଇନାହିଁ। ସେ ଯେଉଁଠାରେ କାମ କରୁଥିଲେ ଉକ୍ତ କମ୍ପାନୀ ଟଙ୍କା ଦେବାକୁ ନିର୍ଯାତନା ଦେଉଥିବା ନେଇ ସୌମ୍ୟରଞ୍ଜନଙ୍କ ମା' ରମାମଣୀ ଥାନାରେ ଅଭିଯୋଗ କରିଛନ୍ତି। ବାଦାମବାଡ଼ି ଥାନା ଆଇଆଇସି ଅଜୟ ରାଉଳ କହିଛନ୍ତି ଯେ, ପି.ସି. ଚୈତନ୍ୟ ପ୍ରୋଜେକ୍ଟ କନସଲଟାନ୍ସିରେ ସୌମ୍ୟରଞ୍ଜନ କାମ କରୁଥିଲେ। ଏହି କମ୍ପାନୀର ଏଚଆରଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବା ବେଳେ ଘଟଣାର ତଦନ୍ତ ଚାଲିଛି।



ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଖବର କାଗଜ ବିକ୍ରେତା ଓ ବିତରକ ହିଂମାଂଶୁ ମହାପାତ୍ର ଓ ବାଦଲ ସାମଲଙ୍କୁ ଆର୍ଥିକ ଅନୁଦାନ ପ୍ରଦାନ କରାଯାଉଛି। (ଫଟୋ: ରାଜକିଶୋର ମହାନ୍ତି)

# ସୁରକ୍ଷା ବଳରେ ନିଯୁକ୍ତି ପାଇଁ ମାଗଣା ରହିବା, ଖାଇବା ସହ ତାଲିମ

କଟକ,୧୦।୧୨(କାର୍ତ୍ତିକ ସାହୁ)

କଟକ ଜିଲା ପ୍ରଶାସନ ଏବଂ ଓଡ଼ିଶା ଯୁବ ପ୍ରଶିକ୍ଷଣ ଟ୍ରଷ୍ଟ ପକ୍ଷରୁ ଏକ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ସମସ୍ତ ସୁରକ୍ଷା ବଳରେ ନିଯୁକ୍ତି ଲାଗି ମାଗଣାରେ, ରହିବା, ଖାଇବା, ଶିକ୍ଷାଦାନ ଓ ଶାରୀରିକ ତାଲିମ ବ୍ୟବସ୍ଥା କରାଯାଇଛି। କଟକ ଜିଲାର ସମସ୍ତ ଯୋଗ୍ୟ ଯୁବକମାନେ ଏହାର ସୁଯୋଗ ନେବାକୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ ଯେ, ସ୍ଥଳସେନା, ନୌସେନା, ଏୟାରଫୋର୍ସ, କୋଷ୍ଟଗାର୍ଡ, ଅର୍ଦ୍ଧସାମରିକ ବାହିନୀ, ବି.ଏସ.ଏଫ, ଆସାମ ରାଇଫଲ, ଆଇ.ଟି.ବି.ପି., ଏସ.ଡି.ଆର୍.ଏଫ., ସି.ଆର୍.ପି.ଏଫ., ଓଡ଼ିଶା ପୋଲିସ ବାହିନୀ, ଅଗ୍ନିଶମ ବାହିନୀ, ବନ ବିଭାଗ ଏବଂ ଅଗ୍ନିବୀର ଆଦି ନିଯୁକ୍ତି ପାଇବା ପାଇଁ ଦକ୍ଷ ଆର୍ମି ଅଫିସରମାନଙ୍କ ତତ୍ତ୍ୱାବଧାନରେ ଓ ଅଭିଜ୍ଞ ଶିକ୍ଷକ, ଟ୍ରେନର୍ମାନଙ୍କ ମାଧ୍ୟମରେ ତାଲିମ ଦିଆଯିବ। ଏଥିପାଇଁ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୨ ଓ ଯୁକ୍ତ ୩, ଉଚ୍ଚତା ସର୍ବନିମ୍ନ ୧୬୮ ସେ.ମି. ଓ ବୟସ ୨୪ ବର୍ଷରୁ ଅଧିକ ହୋଇନଥିବା ଆବଶ୍ୟକ। କଟକ ଜିଲାର ଯୁକ୍ତ ୨ ଓ ଯୁକ୍ତ ୩ ପାସ କରିଥିବା ଅନୁସୂଚିତ ଜାତି, ଜନଜାତି ଓ ସାଧାରଣ ବର୍ଗର ୫୦ଜଣ ଯୁବକଙ୍କୁ ଏହି ସୁବିଧା ମିଳିବ। ଲିଖିତ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ପ୍ରାର୍ଥୀମାନଙ୍କୁ ପ୍ରଥମେ ସୁଯୋଗ ଦିଆଯିବ। ଦରଖାସ୍ତ କରିବାର ଶେଷ ତାରିଖ ତା ୧୯–୧୨–୨୦୨୫ ରିଖ ଶୁକ୍ରବାର ଓ ଲିଖିତ ପରୀକ୍ଷା ତା ୨୧–୧୨–୨୦୨୫ ରିଖ ରବିବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହେବ। ଆଗ୍ରହୀ ପ୍ରାର୍ଥୀମାନେ ଯୁବ ପ୍ରଶିକ୍ଷଣ ଟ୍ରଷ୍ଟ ବା ଏକାଡେମୀର Web–site ରୁ ବା ଟେଲିଫୋନ/ ହ୍ୱାଟସଆପ ମାଧ୍ୟମରେ କିମ୍ବା ତ୍ରିଶୁଳିଆର ନରଣପୁର ଠାରେ ଥିବା ଓଡ଼ିଶା ଯୁବ ପ୍ରଶିକ୍ଷଣ ଏକାଡେମୀରୁ ଫର୍ମ ସଂଗ୍ରହ କରି ଦରଖାସ୍ତ କରିପାରିବେ ବୋଲି ସୂଚନା ଦିଆଯାଇଛି।

# ୨୬ରୁ ୨୮ ପର୍ଯ୍ୟନ୍ତ ଚାଲିବ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ

**ସରସ୍ୱତୀ କଳା ପରିଷଦର ବାର୍ଷିକ ଉତ୍ସବ ନେଇ ପ୍ରସ୍ତୁତି ବୈଠକ**

କଟକ ସଦର,୧୦।୧୨(ସୁଶାନ୍ତ କୁମାର ଜେନା)

ଅଗ୍ରଣୀ ସାଂସ୍କୃତିକ ସଙ୍ଗଠନ ସରସ୍ୱତୀ କଳା ପରିଷଦ କନ୍ଦରପୁରର ୨୨ତମ ବାର୍ଷିକ ଉତ୍ସବ ନେଇ ପ୍ରସ୍ତୁତି ବୈଠକ ବୁଧବାର କଇଜଙ୍ଗାସ୍ଥିତ ମହାବୀର ପୀଠରେ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ପ୍ରତିଭା ଶତପଥୀଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଉପ ସଭାପତି ପ୍ରାଧ୍ୟାପକ ପ୍ରଫୁଲ୍ଲ ଦାସ ମଞ୍ଚ ପରିଚାଳନା କରିଥିଲେ। ଏହି ଉତ୍ସବ ଡିସେମ୍ବର ୨୬ ଠାରୁ ୨୮ ପର୍ଯ୍ୟନ୍ତ ୩ଦିନ ଧରି କନ୍ଦରପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେବା ସହ ପ୍ରତିଭା ସମ୍ମାନ ସମାରୋହ, ସାହିତ୍ୟ ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ, ବିଦ୍ୟାଳୟ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା, ସେବାକାର୍ଯ୍ୟ, ପତ୍ରପତ୍ରିକା ଉନ୍ମୋଚନ ଆଦି ବହୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଦୈତାରୀ ପ୍ରଧାନ, ଅଧ୍ୟାପକ ବସୁଦେବ ସ୍ୱାଇଁ, ସୌଭାଗ୍ୟ ବାରିକ, ବୀରବର ରାଉତ, ଭଗବାନ ପୃଷ୍ଟି, ଅଜୟ ଭୂୟାଁ, ରଶ୍ମିରଞ୍ଜନ ରାଉଳ, ଚକ୍ରଧର ମହାଳୀ, ରାଜା ମହାନ୍ତି, ଚୈତନ୍ୟ ନାୟକ, ପିଣ୍ଟୁ ନାୟକ, ରାଜେନ୍ଦ୍ର ରଣା, କୋଷାଧ୍ୟକ୍ଷ ଇଂ.ସେବକ ଶ୍ରୀକାନ୍ତ, ଅଭିଭାବକ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍ଯାପନୀ ସନ୍ଧ୍ୟାରେ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଗୁରୁ ଅଶୋକ କୁମାର ପଟ୍ଟନାୟକଙ୍କ ନିର୍ଦ୍ଦେଶନାରେ ପରିଷଦର କାର୍ଯ୍ୟକର୍ତ୍ତା ଓ ସରସ୍ୱତୀ ସଙ୍ଗୀତ ବିଦ୍ୟାଳୟର ବିଦ୍ୟାର୍ଥୀଙ୍କ ଦ୍ୱାରା ସାମାଜିକ ନାଟକ 'ମୁଖା ପିନ୍ଧା ମଣିଷ' ମଞ୍ଚସ୍ଥ କରାଯିବ। ସହ ସମ୍ପାଦକ ପ୍ରଭାତ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଉପ ସଭାପତି ପ୍ରାଧ୍ୟାପକ ପ୍ରଫୁଲ୍ଲ ଦାସ ମଞ୍ଚ ପରିଚାଳନା କରିଥିଲେ।

# ଶ୍ମଶାନ ରାସ୍ତାର ଆଲୋକୀକରଣ କାର୍ଯ୍ୟ ଆରମ୍ଭ



ଆଲୋକୀକରଣ କାର୍ଯ୍ୟର ଶୁଭାରମ୍ଭ କରାଯାଉଛି।

ଚୌଦ୍ୱାର,୧୦।୧୨(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ଅଧୀନ ୧୭ନଂ. ୱାର୍ଡ ନୂଆସାହି ଶ୍ମଶାନ ରାସ୍ତାରେ ଆଲୋକୀକରଣ କାର୍ଯ୍ୟ ବୁଧବାର ଆରମ୍ଭ ହୋଇଛି। ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇ ପ୍ରଥମ ପର୍ଯ୍ୟାୟରେ ନୂତନ ଭାବେ ଲାଗିଥିବା ୫ଟି ଲାଇଟ ଖୁଣ୍ଟର ଉଦ୍ଘାଟନ କରିଥିଲେ। ୱାର୍ଡରେ ଆବଶ୍ୟକତା ଥିବା ଅନ୍ୟ ସ୍ଥାନରେ ଲାଇଟର ବ୍ୟବସ୍ଥା କରାଯିବ ବୋଲି ନିର୍ବାହୀ ଅଧିକାରୀ ପ୍ରକାଶ କରିଥିଲେ। ପୌରପାଳିକା ବିଦ୍ୟୁତ୍ ବିଭାଗ ଦାୟିତ୍ୱରେ ଥିବା କର୍ମଚାରୀ ବିମଳ କୁମାର ମହାନ୍ତି, ୱାର୍ଡ ଅଫିସର ରଶ୍ମୀ ରଞ୍ଜନ ଦାସ, ସୌରଭ କୁମାର ପାଣ୍ଡେ, ୱାର୍ଡ ସଭାପତି ଭାସ୍କର ଚନ୍ଦ୍ର ପ୍ରଧାନ, ଦୀପ୍ତି ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଚୌଦ୍ୱାର ପୌରପାଳିକା ଅଧୀନ ୧୭ନଂ. ୱାର୍ଡ ନୂଆସାହି ଶ୍ମଶାନ ରାସ୍ତାରେ ଆଲୋକ ବ୍ୟବସ୍ଥା ନ ଥିବାରୁ ଲୋକେ ହଇରାଣ ହୋଇଆସୁଥିଲେ।

# ଟାଟା ଏସିଇ ଚେସିସ୍ ତଳୁ ଗଞ୍ଜେଇ ଜବତ, ୨ ଗିରଫ

ଖୁଣ୍ଟୁଣୀ,୧୦।୧୨(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ନିକଟ ନୂଆ ଟୋଲ୍ଗେଟ୍ ନିକଟରୁ ପୋଲିସ ଟାଟା ଏସିଇ ଗାଡ଼ି ଚେସିସ୍ ତଳେ ରଖାଯାଇଥିବା ୧୮ କେଜି ଗଞ୍ଜେଇ, ଗାଡ଼ି ସହ ୨ ଜଣଙ୍କୁ ଗିରଫ କରିଛି। ଗିରଫ ୨ଜଣ ହେଲେ କଟକ ଜିଲା ମାହାଙ୍ଗା ଥାନା ଅଞ୍ଚଳ ଆନନ୍ଦ ବଜାରର ସୁକସନ୍ତା ମହାରଣା ଓ ସିରିପୁରର ସୁରେନ୍ଦ୍ର ରାଉତ। ୨ଜଣଙ୍କୁ ପୋଲିସ ଗିରଫ କରି ଖୋଳତାଡ଼ ଆରମ୍ଭ କରିଥିବା ଥାନା ଅଧିକାରୀ ରଞ୍ଜନ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଖବର ଅନୁସାରେ, ଏକ ଟାଟା ଏସିଇ ଗାଡ଼ିରେ ରେଢାଖୋଲ ପଟରୁ ସମ୍ପୃକ୍ତ ୨ଜଣ ଗଞ୍ଜେଇ ନେଇ ଆସୁଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଥାନା ଅଧିକାରୀ ପ୍ରଧାନ ଏହି ଗାଡ଼ିକୁ ଅଟକାଇବାକୁ ଖୁଣ୍ଟୁଣୀ ଥାନା ଏସ୍ଆଇ ପ୍ରିୟଦର୍ଶନ ସେଠୀ, ସସ୍ମିତା ପରିଡ଼ା, ଶକୁନ୍ତଳା ଦାସ, ଏଏସ୍ଆଇ ଶେଷଦେବ ରାଜ ଓ ଜାତୀୟ ରାଜପଥ ପାଟ୍ରୋଲିଂ ଏଏସ୍ଆଇଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୋଲିସ ଖୁଣ୍ଟୁଣୀ ନୂଆ ଟୋଲ୍ଗେଟ୍ ପାଖରେ ଜଗି ରହିଥିଲା।



ଗିରଫ ୨ ଅଭିଯୁକ୍ତ ଓ ଜବତ ଗଞ୍ଜେଇ।

ଏହି ଟାଟା ଏସିଇ ଦ୍ରୁତବେଗରେ ଆସି ଟୋଲ୍ ଗେଟ୍ କାମ ଚାଲିଥିବାରୁ ଏବଂ ଏକପାଖିଆ ରାସ୍ତା ଥିବା ଓ ଗାଡି ଜାମ୍ ଥିବା ଦେଖି ଚାଳକ ରାସ୍ତା ଉପରେ ଗାଡ଼ି ରଖି ଫେରାର ହୋଇଯିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ଉଭୟଙ୍କୁ କାବୁକରି ନେଇଥିଲା। ଏମାନଙ୍କୁ ପଚରାଉଚରା କରିବା ପରେ ଗାଡ଼ି ଡାଲା ତଳେ ଏମାନେ ଏକ ଚାମ୍ବରକରି ଏଥିରେ ରୀତିମତ ଗଞ୍ଜେଇ କାରବାର କରୁଥିବା ପ୍ରକାଶ କରିଛନ୍ତି। ଏମାନେ ଏହି ଗଞ୍ଜେଇ ନେଇ ଛତିଆ ଓ ମାହାଙ୍ଗା ଅଞ୍ଚଳରେ ଦେଉଥିଲେ। ଅଧିକ ପଚରାଉଚରା ଚାଲିଥିବାରୁ ଆଉ କିଏ କିଏ ଏଥିରେ ସମ୍ପୃକ୍ତ ଅଛନ୍ତି, ତାହାର ପର୍ଦ୍ଦାଫାଶ ହେବ ବୋଲି ଆଇଆଇସି କହିଛନ୍ତି।

# ସରକାରୀ ଉଚ୍ଚ ବିଦ୍ୟାଳୟକୁ ଜମି ଦେବା ପାଇଁ ଜିଲାପାଳଙ୍କୁ ସୁପାରିସ

କଟକ ସଦର,୧୦।୧୨(ସୁଶାନ୍ତ କୁମାର ଜେନା)

**କଟକ ସଦର ବ୍ଲକ୍**

କଟକ ସଦର ଓ କିଶନ୍ନଗର ତହସିଲ ପକ୍ଷରୁ ନିଜସ୍ୱ ଭୂମି ନ ଥିବା ଏକ ବିଦ୍ୟାଳୟକୁ ଜମି ଦେବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଅଧିକାଂଶ ସ୍ଥାନରେ ଉଚ୍ଚ ବିଦ୍ୟାଳୟଗୁଡ଼ିକ ଗୋଚର ଓ ମଠ ସମ୍ପତ୍ତି ଉପରେ ରହିଛି। ତେଣୁ ଏହି ଜମିକୁ ସମ୍ପୃକ୍ତ ବିଦ୍ୟାଳୟ ନାମରେ କରିବା ସମ୍ଭବପର ହେଉନାହିଁ। ସେଥିପାଇଁ ଜମିର କିସମ ପରିବର୍ତ୍ତନ ପରେ ଯାହାକିଛି କରାଯାଇପାରିବ। ସେହିସବୁ ବିଦ୍ୟାଳୟଗୁଡ଼ିକ ହେଲା ଧରିଣା ଉଚ୍ଚ ବିଦ୍ୟାଳୟ, ଗରାସୁଣୀ ବିଦ୍ୟାମନ୍ଦିର, ପ୍ରହରାଜପୁର ଉଚ୍ଚ ବିଦ୍ୟାଳୟ, ଆୟଡ଼ପୁର ଉଚ୍ଚ ବିଦ୍ୟାଳୟ। ବାରଦା ଓ ନାହାକାଣୀ ବ୍ଲକଗ୍ରାଣ୍ଟ ବିଦ୍ୟାଳୟ କେଉଁ କିସମ ଜମି ଉପରେ ଅବସ୍ଥିତ, ତା'ର ସୂଚନା କଟକ ସଦର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୩୫୯୧/୧।୮।୨୦୨୫ରେ ଜଣାଇନାହାନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଓଡ଼ିଶା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିୟମ ଅନୁଯାୟୀ କୌଣସି ପଞ୍ଚାୟତରେ ନୂଆ ଉଚ୍ଚ ବିଦ୍ୟାଳୟ ଖୋଲିବା ପୂର୍ବରୁ ଗ୍ରାମାଞ୍ଚଳରେ ୨ ଏକର ଘରବାଡ଼ି କିସମ ଜମି ସରକାରଙ୍କୁ ଦେବାକୁ ପଡ଼ିବ। ମାତ୍ର ବିଦ୍ୟାଳୟଗୁଡ଼ିକୁ ସରକାରୀ ଅନୁଦାନ ମଞ୍ଜୁର ପାଇବା ସମୟରେ ଦାଖଲ କରାଯାଇଥିବା କବଲା ଜାଲ୍ ଥିବାରୁ ତାହା ତହସିଲ କିମ୍ବା ଚକବନ୍ଦୀ ସମୟରେ ଦାଖଲଖାରଜ ହୋଇପାରିଲା ନାହିଁ। ସେଥିପାଇଁ ଜମିପଟ୍ଟା ମିଳିପାରିନାହିଁ। ଏ ନେଇ ଜିଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକଙ୍କୁ ପଚାରିବାରୁ ପୁରୁଣା କଥା ସମ୍ପର୍କରେ ଜାଣିନାହାନ୍ତି ବୋଲି ସେ କହିଥିଲେ।

# କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ସ୍ମୃତି ସନ୍ଧ୍ୟା




କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ସ୍ମୃତି ସନ୍ଧ୍ୟାରେ ଉପସ୍ଥିତ ଅତିଥି।

କଟକ,୧୦।୧୨(କାର୍ତ୍ତିକ ସାହୁ)

ଆଧୁନିକ ଓଡ଼ିଆ ସାହିତ୍ୟ ଜଗତର କାଳଜୟୀ ସାଧକ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ସ୍ମୃତି ସନ୍ଧ୍ୟା କଟକ ଲେଖକ ସହଯୋଗ ସମିତି ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ଖାନନଗରସ୍ଥିତ କାଳୀ ଭବନଠାରେ ବୁଧବାର ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଡା. ରବି ରଞ୍ଜନ ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଅଧ୍ୟାପିକା ତ୍ରିବେଣୀ ଭୋଳ, ମୁଖ୍ୟବକ୍ତା ପ୍ରଫେସର ନିମାଇଁ ଚରଣ ପରିଜା, ସମ୍ମାନିତ ଅତିଥି ଅଧ୍ୟାପିକା ପ୍ରତିମା ଶତପଥୀ ଓଡ଼ିଆ ବାଣୀଭଣ୍ଡାରକୁ କାନ୍ତକବିଙ୍କ ଦାନ ଅତୁଳନୀୟ ବୋଲି ପ୍ରକାଶ କରିଥିଲେ। ଉପସଭାପତି ଅରୁଣା ସାମନ୍ତରାୟ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସଙ୍ଗଠନ ସମ୍ପାଦକ ନରସିଂହ ମହାପାତ୍ର ଅତିଥି ପରିଚୟ ଓ ଅଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ଧନ୍ୟବାଦ ଦେଇଥିଲେ। ପ୍ରଥମ ଅଧିବେଶନରେ ଅନୁଷ୍ଠିତ କବି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଡ. ପ୍ରଭାସ ଆଚାର୍ଯ୍ୟ ଯୋଗଦେଇଥିଲେ।

# ବନ୍ଧ୍ୟାକରଣ, ସତର୍କତା ଉପରେ ଗୁରୁତ୍ୱ

କଟକ,୧୦।୧୨(କାର୍ତ୍ତିକ ସାହୁ)

'ଡ୍ରିମ୍ସ ସ୍କୁଲ ଅଫ ନର୍ସିଂ' ପକ୍ଷରୁ ବୁଲା କୁକୁର ଓ ଅନ୍ୟ ପଶୁ କାମୁଡ଼ାଜନିତ ପ୍ରାଥମିକ ଚିକିତ୍ସା ସମ୍ବନ୍ଧୀୟ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ପଦ୍ମିନୀ ଅଡିଟୋରିୟମ୍ରେ ଆୟୋଜିତ କର୍ମଶାଳାକୁ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସି ମାଧ୍ୟମରେ ଉଦ୍ଘାଟନ କରି କର୍ମଶାଳାର ଉପାଦେୟତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଭକ୍ତ ଚରଣ ପ୍ରଧାନ ବୁଲା କୁକୁରଙ୍କ ବଂଶ ବୃଦ୍ଧିକୁ ରୋକିବା ନିମନ୍ତେ ବନ୍ଧ୍ୟାକରଣ ଓ ସତର୍କତା ଉପରେ ଗୁରୁତ୍ୱ ଦେଇ ସରକାରୀସ୍ତରରେ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ବିଶେଷଜ୍ଞ ବକ୍ତା ଡ୍ରିମ୍ସ ମେଡିକାଲ କଲେଜ ହସ୍ପିଟାଲ କମ୍ୟୁନିଟି ମେଡିସିନ୍ ବିଭାଗର ମୁଖ୍ୟ ପ୍ରଫେସର ଡା. ଅରବିନ୍ଦ ସାମନ୍ତରାୟ ବୁଲା କୁକୁର ଓ ଅନ୍ୟ ପଶୁ ଆକ୍ରମଣଠାରୁ ଦୂରେଇ ରହିବ ଓ ଯଥା ସମୟରେ ଚିକିତ୍ସିତ ନ ହେଲେ ଆକ୍ରାନ୍ତ ବ୍ୟକ୍ତି ମୃତ୍ୟୁ ମୁଖରେ ପଡ଼ିବା ଆଦି ଉପରେ ଆଲୋକପାତ କରିଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଡେପୁଟି ରେଜିଷ୍ଟ୍ରାର ଶିଶିର କୁମାର ସାହୁ, ଉପଦେଷ୍ଟା ପ୍ରଫେସର ସୁଶାନ୍ତ କୁମାର ଦାସ, ନିର୍ଦ୍ଦେଶକ (ଛାତ୍ର ସମ୍ପର୍କ) ଲୋକନାଥ ବେହେରା, ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ସଂଯୋଜକ ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ, ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ସଚେତନତା ପୋଷ୍ଟର ଅତିଥିମାନେ ଉନ୍ମୋଚନ କରିଥିଲେ। ସହକାରୀ ଡିନ୍ ଏନ୍ ପ୍ରେମଲତା ଦେବୀ ଧନ୍ୟବାଦ ଦେଇଥିଲେ।




ଅତିଥିମାନେ ସଚେତନତା ପୋଷ୍ଟରକୁ ଉନ୍ମୋଚନ କରୁଛନ୍ତି।

**ଡ୍ରିମ୍ସ ନର୍ସିଂ ସ୍କୁଲ ପକ୍ଷରୁ କୁକୁର କାମୁଡ଼ାଜନିତ ପ୍ରାଥମିକ ଚିକିତ୍ସା କର୍ମଶାଳା**

# ‘ନିଜ ସହ ଘଟିଥିବା ହିଂସା ଭୁଲି ନୂଆ ଜୀବନ ଜିଅ’

## ସାହସ ଉତ୍ସବ: ଆମ ସ୍ୱର, ଆମ ଶକ୍ତି କର୍ମଶାଳା ଉଦ୍‌ଯାପିତ

ଭୁବନେଶ୍ୱର,୧୦।୧୨(ସୌମ୍ୟରଞ୍ଜନ ରାଉତ)



କର୍ମଶାଳାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଅନ୍ୟ ଅତିଥି ‘ସର୍ଭାଇଭର ଷ୍ଟୋରି’ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ମିଳିତ ଜାତିସଂଘ ଜନସଂଖ୍ୟା ପାଣ୍ଠି (ୟୁଏନ୍‌ଏଫ୍‌ପିଏ)ର ମିଳିତ ସହଯୋଗରେ ଆୟୋଜିତ ୧୬ଦିନିଆ ରାଜ୍ୟସ୍ତରୀୟ ଲିଙ୍ଗଭିତ୍ତିକ ହିଂସା ବିରୋଧରେ କାର୍ଯ୍ୟକଳାପ ସଂକ୍ରାନ୍ତ କର୍ମଶାଳା ବୁଧବାର ଏକ ଘରୋଇ ହୋଟେଲରେ ଉଦ୍‌ଯାପିତ ହୋଇଯାଇଛି। ‘ସାହସ ଉତ୍ସବ: ଆମ ସ୍ୱର ଆମ ଶକ୍ତି’ ଶୀର୍ଷକ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ଲୋକଙ୍କ ସମ୍ମାନ, ସୁରକ୍ଷା ଏବଂ ପୁନର୍ବାସ ସମେତ ସରକାରଙ୍କ ରାଜନୈତିକ ଓ ପ୍ରଶାସନିକ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଥିଲେ, ମହିଳାମାନଙ୍କ ଜୀବନରେ ବହୁତ ପରିବର୍ତ୍ତନ ଆସିଛି। ରାଜ୍ୟ ସରକାରଙ୍କ ବହୁ ପଦକ୍ଷେପ ମାଧ୍ୟମରେ ମହିଳାଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ସମ୍ଭବ ହୋଇପାରିଛି। ନିଜ ସହ ଘଟିଥିବା ହିଂସାକୁ ଭୁଲି ଆଉ ଥରେ ଜୀବନକୁ ନୂଆ ଭାବେ ବଞ୍ଚିବାକୁ ସେ ଆହ୍ୱାନ ଦେଇଥିଲେ। ଆପଣମାନଙ୍କ ନୂଆ ଜୀବନ ସମାଜକୁ ନୂଆ ପଥ ଦେଖାଇବ। ଆପଣମାନଙ୍କ ଜୀବନ ସମାଜ ପାଇଁ ଆଦର୍ଶ ବୋଲି କହି ସେ ଶକ୍ତି ସଦନର ସଦସ୍ୟାମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଭାଗର ପ୍ରମୁଖ ସଚିବ ଶୁଭା ଶର୍ମା ଯୋଗଦେଇ ଶକ୍ତିସଦନକୁ ସୁରକ୍ଷା, ଆରୋଗ୍ୟ ଏବଂ ଆର୍ଥିକ ପୁନଃ ନିର୍ମାଣର ସ୍ଥାନ ଭାବେ ସୁନିଶ୍ଚିତ କରିବାରେ ବିଭାଗର ପ୍ରତିବଦ୍ଧତା ଉପରେ ମତପ୍ରକାଶ କରିଥିଲେ। ପରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଶକ୍ତି ସଦନ ବାସିନ୍ଦାଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଆୟ-ଉତ୍ପାଦନକାରୀ କାର୍ଯ୍ୟକଳାପ ଏବଂ କଳାତ୍ମକ କାର୍ଯ୍ୟଗୁଡ଼ିକର ପ୍ରଦର୍ଶନୀକୁ ବୁଲି ଦେଖିଥିଲେ। ଏଥିସହ ପରିବର୍ତ୍ତନ ଓ ନିରନ୍ତରତାର ବର୍ଣ୍ଣନା ସମ୍ବଳିତ ‘ସର୍ଭାଇଭର ଷ୍ଟୋରି ପୁସ୍ତିକା’ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ୟୁଏନ୍‌ଏଫ୍‌ପି ପ୍ରକଳ୍ପ ଅଧିକାରୀ ନୁର ମଲିକଙ୍କ ସମେତ ଓଡ଼ିଶା ଶକ୍ତି ସଦନର ବାସିନ୍ଦା, ୩୦ ଜିଲା ଆଶ୍ରୟସ୍ଥଳର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ସେମାନେ କଳା, ପ୍ରଦର୍ଶନ, ହସ୍ତଶିଳ୍ପ, ପଡ୍‌କାଷ୍ଟ ଏବଂ ଅଭିବ୍ୟକ୍ତି ମାଧ୍ୟମରେ ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ।


ଠିକା ଶିକ୍ଷକଙ୍କ ସ୍ଥାୟୀ ନିଯୁକ୍ତି ଏବଂ ଅନ୍ୟାନ୍ୟ ଦାବିରେ ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ବୁଧବାର ଲୋୟର ପିଏମ୍‌ଜିରେ ସମାବେଶ ଓ ବିକ୍ଷୋଭ ପ୍ରଦର୍ଶନ। (ଫଟୋ- ମନୋରଞ୍ଜନ ମିଶ୍ର)

# ‘ବିମାନ ଚଳାଚଳ ସ୍ୱାଭାବିକ ହେଉଛି’

ଭୁବନେଶ୍ୱର,୧୦।୧୨
(ଅନୁରାଧା ମହାରଣା)

**ଖୋଲିଲା ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍, ହେଲ୍‌ପଲାଇନ୍ ନମ୍ବର ଜାରି**

ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଇଣ୍ଡିଗୋ ବିମାନ ଚଳାଚଳ ନେଇ ଦେଖାଦେଇଥିବା ସମସ୍ୟାରେ ସୁଧାର ଆସୁଥିବା ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ବୁଧବାର ସୂଚନା ଦେଇଛନ୍ତି। ନିର୍ଦ୍ଦେଶକ ପ୍ରଧାନ କହିଛନ୍ତି, ସ୍ଥିତି ଆଉ ଆଗଭଳି ନାହିଁ। ସୁଧୁରିବା ଆରମ୍ଭ ହେଲାଣି। ଆଗକୁ ଖୁବ୍‌ଶୀଘ୍ର ସବୁ ସ୍ୱାଭାବିକ ହେବ। ଯାତ୍ରୀମାନଙ୍କୁ ଏୟାରଲାଇନ୍ସ ଏବଂ ବିମାନବନ୍ଦର ପକ୍ଷରୁ ଆଶ୍ୱାସନା ଦିଆଯିବା ସହ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ସୋସିଆଲ ମିଡିଆ ମାଧ୍ୟମରେ ବାତିଲ ଫ୍ଲାଇଟ ବିଷୟରେ ସୂଚନା ଦିଆଯାଉଛି। ନିଜ ଫ୍ଲାଇଟ୍ ବିଷୟରେ ମେସେଜ ପାଇପାରି ନ ଥିବା ଯାତ୍ରୀ ଘରୁ ବାହାରିବା ପୂର୍ବରୁ ଥରେ ଚେକ୍ କରି ବାହାରନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି। ସେ ଆହୁରି କହିଛନ୍ତି, ଫ୍ଲାଇଟ୍ ବାତିଲ ହେବାକୁ ଥିଲେ ତାହା ଯାତ୍ରୀମାନଙ୍କୁ ଯଥେଷ୍ଟ ସମୟ ପୂର୍ବରୁ ଜଣାଇ ଦିଆଯାଉଛି। ସିଆଇଏସ୍‌ଏଫ୍, ଇଣ୍ଡିଗୋ ଏୟାରଲାଇନ୍ସ ଏବଂ ଭୁବନେଶ୍ୱର ବିମାନବନ୍ଦର କର୍ତ୍ତୃପକ୍ଷ ଏନେଇ ମିଳିତ ଭାବେ କାର୍ଯ୍ୟ କରୁଥିବାବେଳେ ଜରୁରିକାଳୀନ ପରିସ୍ଥିତି ପାଇଁ ହେଲ୍‌ପ ଲାଇନ୍ ନମ୍ବର ୮୨୮୦୭୪୯୨୩୯ ଜାରି କରାଯାଇଛି। ଅନ୍ୟପଟେ ଉଡ଼ାଣ ତଦାରଖ କରିବା ପାଇଁ ଏକ ଓଭରସାଇଟ୍ ଟିମ୍ ଦିଲ୍ଲୀ ଗୁରୁଗ୍ରାମ୍‌ସ୍ଥିତ ଅଫିସରେ ରହି କାର୍ଯ୍ୟ କରିବ। ସେଠାରେ ୨ଜଣ ଅଧିକାରୀ ସ୍ଥାୟୀ ଭାବେ ରହିବେ। ଟିମ୍‌ରେ ୮ଜଣ ବରିଷ୍ଠ ଅପରେସନ୍ସ ଅଧିକାରୀ ରହିବେ ବୋଲି ସୂଚନା ଦିଆଯାଇଛି।

# ଦୃଷ୍ଟିବାଧିତ କ୍ରୀଡ଼ାବିତ୍‌ଙ୍କୁ ସମ୍ମାନିତ କଲେ ଏମ୍‌ଜିଏମ୍ ଗ୍ରୁପ୍ ସିଏମ୍‌ଡି

ଭୁବନେଶ୍ୱର,୧୦।୧୨(ଅନୁରାଧା ମହାରଣା)

ଏମ୍‌ଜିଏମ୍ ଗ୍ରୁପ୍ ଓଡ଼ିଶାର ଚେୟାରମ୍ୟାନ୍ ଓ ମ୍ୟାନେଜିଂ ଡାଇରେକ୍ଟର୍ ପଙ୍କଜ ଲୋଚନ ମହାନ୍ତି ଦୃଷ୍ଟିବାଧିତ ମହିଳା ବିଶ୍ୱକପ୍ ବିଜେତା ୪ ଜଣ ଖେଳାଳି ଫୁଲ ସୋରେନ୍, ବାସନ୍ତୀ ହାଁସଦା, ଯମୁନାରାଣୀ ଟୁଡୁ ଏବଂ ପାର୍ବତୀ ମାରାଣ୍ଡିଙ୍କୁ ସମ୍ମାନିତ କରିଛନ୍ତି। କଲମ୍ବୋରେ ଅନୁଷ୍ଠିତ ଫାଇନାଲରେ ନେପାଳକୁ ପରାସ୍ତକରି ଭାରତୀୟ ଦଳ ପ୍ରଥମ ମହିଳା ଟି-୨୦ ବ୍ଲାଇଣ୍ଡ ବିଶ୍ୱକପ୍ କ୍ରିକେଟ୍ ବିଜୟୀ ହୋଇଛି। ଭୁବନେଶ୍ୱରସ୍ଥିତ ଏମ୍‌ଜିଏମ୍ ଗ୍ରୁପ୍ କର୍ପୋରେଟ ଅଫିସରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କ୍ରୀଡ଼ାବିତମାନଙ୍କୁ ଏମ୍‌ଜିଏମ୍ ଗ୍ରୁପ୍ ପକ୍ଷରୁ ୨୫,୦୦୦ ଟଙ୍କା ଲେଖାଏ ସମ୍ମାନ ରାଶି ପ୍ରଦାନ କରାଯାଇଛି। ସିଏମ୍‌ଡି ମହାନ୍ତି ସେମାନଙ୍କର ଅସାଧାରଣ ସଫଳତା ପାଇଁ ଅଭିନନ୍ଦନ ଜଣାଇଥିଲେ ଏବଂ ବିଶ୍ୱମଞ୍ଚରେ ସେମାନଙ୍କ ଧୈର୍ଯ୍ୟ, ଅନୁଶାସନ ଓ ପ୍ରେରଣାଦାୟୀ ପ୍ରଦର୍ଶନ ପାଇଁ ପ୍ରଶଂସା କରିଥିଲେ। ଏହି ସଫଳତା କେବଳ ଓଡ଼ିଶାକୁ ନୁହେଁ, ପୂରା ଦେଶକୁ ଅପାର ଗର୍ବର ଅନୁଭୂତି ପ୍ରଦାନ କରିଛି ବୋଲି ସେ କହିଥିଲେ।


ଏମ୍‌ଜିଏମ୍ ଗ୍ରୁପ୍‌ର ଚେୟାରମ୍ୟାନ୍ ଓ ମ୍ୟାନେଜିଂ ଡାଇରେକ୍ଟର୍ ପଙ୍କଜ ଲୋଚନ ମହାନ୍ତି ୪ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# କାର୍ଯ୍ୟପ୍ରଣାଳୀରେ ସ୍ୱଚ୍ଛତା ବୃଦ୍ଧି ପାଇଁ ସମବାୟ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୦।୧୨(ସୌମ୍ୟରଞ୍ଜନ ରାଉତ)

**୧ କୋଟିରୁ ଅଧିକ ନେଟ୍ ଲାଭ କରୁଥିବା ସମବାୟ ସମିତିକୁ ଲାଭାଂଶ ଦିଅ**

ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କ ନିର୍ଦ୍ଦେଶକ୍ରମେ ସମବାୟ ବିଭାଗ ରାଜ୍ୟର ସମସ୍ତ କୃଷିଋଣ ସମବାୟ ସମିତିର କାର୍ଯ୍ୟପ୍ରଣାଳୀରେ ସ୍ୱଚ୍ଛତା ବଢ଼ାଇବା ସହ ସଦସ୍ୟ ସହଭାଗିତା ସୁଦୃଢ଼ କରିବା ପାଇଁ ରାଜ୍ୟ ସମବାୟ ନିବନ୍ଧକଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଜାରି କରିବାକୁ କହିଛନ୍ତି। ଏଥିସହ ରାଜ୍ୟ ସମବାୟ ନିବନ୍ଧକ ସମସ୍ତ ସମବାୟ ସମିତିକୁ ନିର୍ଦ୍ଦେଶ ଜାରି କରିଛନ୍ତି। ନିର୍ଦ୍ଦେଶ ମୁତାବକ ପରିଚାଳନା ପରିଷଦର ସମସ୍ତ ସଦସ୍ୟଙ୍କ ନାମ ସମିତି କାର୍ଯ୍ୟାଳୟ ପ୍ରାଙ୍ଗଣରେ ସ୍ପଷ୍ଟ ଏବଂ ସୁଦୃଶ୍ୟମାନ ସ୍ଥାନରେ ପ୍ରଦର୍ଶନ କରାଯିବ। ସେହିପରି ଚଳିତ ଆର୍ଥିକବର୍ଷ ପାଇଁ ବାର୍ଷିକ ସାଧାରଣ ସଭା ୨୦୨୬ ମାର୍ଚ୍ଚ ୩୧ ପୂର୍ବରୁ ବ୍ୟାପକ ପ୍ରଚାର-ପ୍ରସାର ସହ ପର୍ଯ୍ୟାପ୍ତ ସଦସ୍ୟ ଅଂଶଗ୍ରହଣ ସୁନିଶ୍ଚିତ କରି ଆୟୋଜନ କରିବେ। ଆଇନଗତ ବ୍ୟବସ୍ଥା ଅନୁଯାୟୀ ପ୍ରତିବର୍ଷ ଅନ୍ୟୂନ ୨୦୦ ସଦସ୍ୟଙ୍କ ଅଂଶଗ୍ରହଣ ସହିତ ନିୟମିତ ବାର୍ଷିକ ସାଧାରଣ ସଭା ଆୟୋଜନ କରିବାକୁ ସମବାୟ ସମିତିଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ୧ କୋଟି ଟଙ୍କାରୁ ଅଧିକ ନେଟ୍ ଲାଭ କରୁଥିବା ସମବାୟ ସମିତିର ସଦସ୍ୟମାନଙ୍କୁ ଲାଭାଂଶ ବଣ୍ଟନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ନିର୍ଦ୍ଦେଶ ଅନୁପାଳନକୁ ନିରୀକ୍ଷଣ ଏବଂ ସୁନିଶ୍ଚିତ କରିବା ପାଇଁ ସମବାୟ ନିବନ୍ଧକ ସମସ୍ତ କ୍ଷେତ୍ରସ୍ତରୀୟ ଅଧିକାରୀଙ୍କୁ ଦାୟିତ୍ୱ ଦେଇଛନ୍ତି ବୋଲି ମନ୍ତ୍ରୀ ଏକ ପ୍ରେସ୍ ବାର୍ତ୍ତାରେ ସୂଚନା ଦେଇଛନ୍ତି।

## ୧୨ରେ ୪୮୮ବର୍ଗ କଲେଜ ସମନ୍ୱୟ ସମିତିର ଆନ୍ଦୋଳନ

ଭୁବନେଶ୍ୱର,୧୦।୧୨(ସୁଚିସ୍ମିତା ସାହୁ)

ପୁରୁଣା ପେନ୍‌ସନ, ପ୍ରମୋଶନ ଏବଂ ଚାକିରି ସର୍ତ୍ତାବଳୀ ଆଦି ଦାବି ପୂରଣ ପାଇଁ ୪୮୮ବର୍ଗ ଅନୁଦାନପ୍ରାପ୍ତ କଲେଜ ଅଧ୍ୟାପକ-କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ସରକାରଙ୍କୁ ନିବେଦନ କରାଯାଇଛି। ବୁଧବାର ସମନ୍ୱୟ ସମିତିର ଆଭାସୀ ବୈଠକରେ ୨ଶହରୁ ଊର୍ଦ୍ଧ୍ୱ ଅଧ୍ୟାପକ କର୍ମଚାରୀ ମିଳିତ ହୋଇ ଆସନ୍ତା ୧୨ ତାରିଖରେ ଲୋୟର ପିଏମ୍‌ଜିରେ ଏକ ବିଶାଳ ସମାବେଶ କରିବାକୁ ନିଷ୍ପତ୍ତି ନେଇଥିବା ସଂଘର ସଭାପତି ଡ. ପ୍ରଶାନ୍ତ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଦାବି ପୂରଣ ସମ୍ପର୍କରେ ପଦକ୍ଷେପ ନିଆଯିବାକୁ ପୂର୍ବରୁ ସରକାର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଚଳିତ ବିଧାନସଭାରେ ସରକାର ଏକ କମିଟି ଗଠନ କରି ଆଗାମୀ ୬ମାସ ମଧ୍ୟରେ ଦାବି ପୂରଣ ପାଇଁ ଯେଉଁ ବିବୃତି ରଖିଛନ୍ତି, ତାହା ଅଧ୍ୟାପକ - କର୍ମଚାରୀଙ୍କ ଭବିଷ୍ୟତକୁ ଅନିଶ୍ଚିତ କରାଇଦେଇଛି। ତେଣୁ ଆନ୍ଦୋଳନ ପାଇଁ ସଂଘ ନିଷ୍ପତ୍ତି ନେଇଛି।

# ଦାବି ପୂରଣ ପାଇଁ ରାସ୍ତାରେ ଶିକ୍ଷକ, କର୍ମଚାରୀ

ଭୁବନେଶ୍ୱର,୧୦।୧୨(ସୁଚିସ୍ମିତା ସାହୁ)

ବିଭିନ୍ନ ଦାବି ନେଇ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ବୁଧବାର ରାଜଧାନୀରେ ଆନ୍ଦୋଳନ କରାଯାଇଛି। ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀମାନେ ଲୋୟର ପିଏମ୍‌ଜିରେ ବିଶାଳ ସମାବେଶ, ଶୋଭାଯାତ୍ରା କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସମନ୍ୱୟ ସମିତି ଆବାହକ ରଞ୍ଜନ କୁମାର ଦାଶ କହିଛନ୍ତି, ଅନୁଦାନଯୋଗ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନୁଦାନ ଦେବା, ୨୦୦୪ ମସିହାରୁ ଅବସର ନେଇଥିବା ଶିକ୍ଷକ କର୍ମଚାରୀଙ୍କୁ ପେନ୍‌ସନ୍ ଓ ଅବସରକାଳୀନ ସୁବିଧା, ପୁରୁଣା ପେନ୍‌ସନ୍ ବ୍ୟବସ୍ଥା ଲାଗୁ, ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ମାନି ସମସ୍ତ ଶିକ୍ଷକ ଓ କର୍ମଚାରୀଙ୍କୁ ନ୍ୟାୟ ପ୍ରଦାନ, ସମସ୍ତ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସରକାରୀକରଣ ଆଦି ଦାବି ରହିଛି। ରାଜ୍ୟ ସରକାର ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ କେବଳ ପ୍ରତିଶ୍ରୁତି ଛଡ଼ା ଆଉ କିଛି ଦେଇନାହାନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଶୀତ କାକରରେ ଅହୋରାତ୍ର ଧାରଣା ଜାରି ରହିବ ବୋଲି ସେ ପ୍ରକାଶ କରିଛନ୍ତି। ଧାରଣାସ୍ଥଳରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା), ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ (ଓଲଷ୍ଟା), ନିଖିଳ ଉତ୍କଳ ସଂସ୍କୃତ ମହାସଂଘ, ନିଖିଳ ଉତ୍କଳ ମଦ୍ରାସା ଶିକ୍ଷକ ସଂଘ, ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘ, ୬୬୨ ଓ ୪୮୮ ବର୍ଗ କଲେଜ କର୍ମଚାରୀ ସଂଘ, ଅଣଅନୁଦାନପ୍ରାପ୍ତ ଶିକ୍ଷକ ସଂଘ, ନୂତନ ଅନୁଦାନପ୍ରାପ୍ତ ଶିକ୍ଷକ ସଂଘ, ଅବସରପ୍ରାପ୍ତ ଶିକ୍ଷକ ସଂଘ ପ୍ରଭୃତି ସଙ୍ଗଠନର ମିଳିତ ନେତୃତ୍ୱ ସରକାରଙ୍କ ପାଖରେ ଦୃଢ଼ ଦାବି ଉପସ୍ଥାପନ କରିଥିଲେ। ସରକାର ତୁରନ୍ତ ସମନ୍ୱୟ ସମିତିର ନେତୃତ୍ୱମାନଙ୍କ ସହ ଆଲୋଚନା କରି ପଦକ୍ଷେପ ନେବାକୁ ସଭାପତି ସୁକାନ୍ତ କୁମାର ବେହେରା, ଅକ୍ଷୟ କୁମାର ମିଶ୍ର, ବିକ୍ରମ କୁମାର ଦାସ ଏବଂ ପ୍ରମୋଦ କୁମାର ହୋତା ପ୍ରମୁଖ ଦୃଢ଼ ଦାବି କରିଛନ୍ତି।



ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ନୂତନ ପେନ୍‌ସନ୍ ବାତିଲ କରି ପୁରୁଣା ପେନ୍‌ସନ୍ ଲାଗୁ ଏବଂ ଅନ୍ୟାନ୍ୟ ଦାବିରେ ବୁଧବାର ଲୋୟର ପିଏମ୍‌ଜିରେ ବିକ୍ଷୋଭ ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଗଣେଶ


@ ବିମଲ


@ ପ୍ରଶାନ୍ତ


@ ସୁବଳୟ


@ ନାନୁ


@ ରାକେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୨ଦିନିଆ ରିମାଣ୍ଡରେ ନୀତିଶ କୁମାର

ଭୁବନେଶ୍ୱର,୧୦।୧୨(ସତ୍ୟଜିତ ରାଉତ)

**ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା**

**ଆଜିଠୁ ରିମାଣ୍ଡରେ ଯିବେ ମୁନାଙ୍କ ସମେତ ୪ ଅଭିଯୁକ୍ତ**

ବହୁଚର୍ଚ୍ଚିତ ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାରେ ସିବିଆଇ ଅଧିକ ଖୋଳତାଡ଼ ଚଳାଇଛି। ଏହି ଘଟଣାରେ ଜଣଙ୍କ ପରେ ଜଣେ ଅଭିଯୁକ୍ତଙ୍କୁ ସିବିଆଇ ଗିରଫ କରି ତଥ୍ୟ ଯୋଗାଡ଼ କରିବାରେ ଲାଗିଛି। ବିହାରରୁ ଗିରଫ ହୋଇଥିବା ଅଭିଯୁକ୍ତ ନୀତିଶ କୁମାର ବୋଲି ଜଣାପଡ଼ିଛି। ନୀତିଶଙ୍କୁ ସିବିଆଇ ଟିମ୍ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣି ବୁଧବାର ଭୁବନେଶ୍ୱରସ୍ଥିତ ସିବିଆଇ ସ୍ୱତନ୍ତ୍ର କୋର୍ଟରେ ହାଜର କରିଥିଲା। ତାଙ୍କୁ ୪ ଦିନିଆ ରିମାଣ୍ଡରେ ନେବାକୁ ସିବିଆଇ ପକ୍ଷରୁ ଆବେଦନ କରାଯାଇଥିଲା। ତେବେ କୋର୍ଟ ୨ ଦିନ ରିମାଣ୍ଡ ଅନୁମତି ଦେଇଛନ୍ତି। ଏହାପରେ ନୀତିଶଙ୍କୁ ସିବିଆଇ ଟିମ୍ ହେପାଜତରେ ନେଇ ମାରାଥନ୍ ଜେରା ଚଳାଇଛି।

ଅନ୍ୟପକ୍ଷରେ ପୂର୍ବରୁ କ୍ରାଇମ୍‌ବ୍ରାଞ୍ଚ ଦ୍ୱାରା ଗିରଫ ହୋଇ ଜେଲରେ ଥିବା ମାଷ୍ଟରମାଇଣ୍ଡ ମୁନା ମହାନ୍ତି, ଶ୍ରୀକାନ୍ତ ମହାରଣା, ଟି. ଅଭିମନ୍ୟୁ ଦୋରା ଓ ପ୍ରିୟଦର୍ଶିନୀ ସାମଲ ମଧ୍ୟ ଗୁରୁବାରଠାରୁ ଦୁଇ ଦିନ ସିବିଆଇ ରିମାଣ୍ଡରେ ଯିବେ। ଏହି ୪ ଅଭିଯୁକ୍ତଙ୍କୁ ୫ ଦିନିଆ ରିମାଣ୍ଡରେ ନେବାକୁ ସିବିଆଇ ପକ୍ଷରୁ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ଆବେଦନ କରାଯାଇଥିଲା। କୋର୍ଟ ଦୁଇ ଦିନ ରିମାଣ୍ଡରେ ନେବାକୁ ଅନୁମତି ଦେଇଥିଲେ। ଅଭିଯୁକ୍ତମାନଙ୍କୁ ମୁହାଁମୁହିଁ ଜେରା କରି ଏହି ମାମଲାରେ ଲୁଚିରହିଥିବା ଅନେକ ଗୁପ୍ତ ତଥ୍ୟକୁ ସିବିଆଇ ପଦାକୁ ଆଣିବ ବୋଲି ଯୋଜନା କରିଛି।

ସୂଚନାଯୋଗ୍ୟ, ପୋଲିସ ଏସ୍‌ଆଇ ପରୀକ୍ଷା ପରିଚାଳନା ଲାଗି ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଆଇଟିଆଇକୁ ଟେଣ୍ଡର ମିଳିଥିଲା। ପରେ ଏହି ସଂସ୍ଥା ସିଲିକନ୍ ଟେକ୍ ଲାବ୍‌କୁ ଦାୟିତ୍ୱ ନ୍ୟସ୍ତ କରିଥିଲା। ସିଲିକନ୍ ଏହାକୁ ପଞ୍ଚସଫ୍ଟକୁ ସବ୍‌ଟେଣ୍ଡର ଦେଇଥିଲା। ସେଣ୍ଟର ତଦାରଖଠାରୁ ଆରମ୍ଭ କରି ପରୀକ୍ଷା ପରିଚାଳନା ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ପଞ୍ଚସଫ୍ଟକୁ ମିଳିଥିଲା। ସଂସ୍ଥାର ନିର୍ଦ୍ଦେଶକ ଶଙ୍କର ପୃଷ୍ଟି ସହଯୋଗୀଙ୍କ ସହ ଜାଲିଆତି କରିଥିଲେ। ଗତ ଅକ୍ଟୋବର ୨୯ରେ ଖଣ୍ଡଗିରିରୁ ୧୧୪ ଆଶାୟୀଙ୍କୁ ବସ୍ ଯୋଗେ ବିଜୟନଗରମ୍ ନିଆଯାଇଥିଲା। ୩୦ ତାରିଖରେ ବ୍ରହ୍ମପୁର ପୋଲିସ ଏହି ବସ୍‌ଟିକୁ ଜବତ କରିବା ସହ ୧୧୪ ଆଶାୟୀ ଓ ୩ ଦଲାଲଙ୍କୁ ଗିରଫ କରିଥିଲା। ଏପର୍ଯ୍ୟନ୍ତ ଏହି ମାମଲାରେ ଗିରଫଦାରି ସଂଖ୍ୟା ୧୨୮ରେ ପହଞ୍ଚିଥିବା ବେଳେ ସିବିଆଇ ଅଧିକ ଖୋଳତାଡ ଜାରି ରଖିଛି।

# ଭାରତରେ ପ୍ରଥମଥର ସ୍ଥାପନ ହେବ ମାଣ୍ଡିଆ ପ୍ରକ୍ରିୟାକରଣ କାରଖାନା

■ ଖର୍ଚ୍ଚ ହେବ ୯୧,୨୨,୯୧,୨୮୭ ଟଙ୍କା
■ କମ୍ ଜିଆଇଯୁକ୍ତ ଚାଉଳ ପ୍ରକ୍ରିୟାକରଣ ଲକ୍ଷ୍ୟ

ଭୁବନେଶ୍ୱର,୧୦।୧୨(ସୁନିତ୍ ମିଶ୍ର): ବରଗଡ଼ରେ ହେବାକୁ ଥିବା ସ୍ୱତନ୍ତ୍ର କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସ (ଜିଆଇ)ଯୁକ୍ତ ଚାଉଳ ଓ ମାଣ୍ଡିଆ ପ୍ରକ୍ରିୟାକରଣ କାରଖାନା ବିକାଶ ସମ୍ପର୍କରେ ଏକ ବୈଠକ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ବୁଧବାର ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରକଳ୍ପଟି ଅତି ନିମ୍ନ ଜିଆଇ ଲେଭଲ ସହ ଆଇସିଏଆର ଦ୍ୱାରା ବିକଶିତ ଚାଉଳ ଉପରେ ଧ୍ୟାନ ଦେଉଛି। ଭାରତରେ ପ୍ରଥମ ଥର ଏପରି ମାଣ୍ଡିଆ ପ୍ରକ୍ରିୟାକରଣ କାରଖାନା ସ୍ଥାପନ ହେବାକୁ ଯାଉଛି। ଏଥିପାଇଁ ୯୧,୨୨,୯୧,୨୮୭ ଟଙ୍କା ଖର୍ଚ୍ଚ ଆକଳନ କରାଯାଇଛି। ୧୦ରୁ ୧୨% ପ୍ରୋଟିନ୍ ଥିବା ନିମ୍ନ ଜିଆଇଯୁକ୍ତ ଚାଉଳ ଏଥିରେ ପ୍ରକ୍ରିୟାକରଣ କରାଯିବ। ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ନିମ୍ନ ଜିଆଇଯୁକ୍ତ ଚାଉଳର ବୃହତ୍ ଆକାରରେ ଉତ୍ପାଦନ ଓ ପ୍ରକ୍ରିୟାକରଣ ମଧୁମେହ ରୋଗୀ ଏବଂ ଅନ୍ୟମାନଙ୍କ ପାଇଁ ଲାଭଦାୟକ ହେବ। ସେହିପରି ଅଧିକ ପରିମାଣରେ ମାଣ୍ଡିଆ ଉତ୍ପାଦନ ଉଭୟ ସ୍ୱାସ୍ଥ୍ୟ ଏବଂ ଅର୍ଥନୀତି ପାଇଁ ଲାଭଦାୟକ। କାରଣ ଏହାର ଚାହିଦା ବୃଦ୍ଧି ପାଉଛି। କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ କହିଛନ୍ତି, ଏହି ପଦକ୍ଷେପର ଲକ୍ଷ୍ୟ ଅଧିକ ଲକ୍ଷପତି ଦିଦି(ଲାଖପତି ଦିଦି)ଙ୍କୁ ସୃଷ୍ଟି କରିବା। କାରଣ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଏହା ସହ ସିଧାସଳଖ ଜଡ଼ିତ ହେବେ। ଦେଶବ୍ୟାପୀ ପୁଷ୍ଟିକର ତଥା କମ୍ ଜିଆଇ ପରିମାଣର ଚାଉଳ କିସମକୁ ପ୍ରୋତ୍ସାହିତ କରିବା। ସ୍ୱତନ୍ତ୍ର ଚାଉଳ ଏବଂ ମାଣ୍ଡିଆ ପ୍ରକ୍ରିୟାକରଣ କାରଖାନାର ପ୍ରମୁଖ ଦିଗଗୁଡ଼ିକ ମଧ୍ୟରେ କମ୍ ଜିଆଇଯୁକ୍ତ କିସମର ବିଶୋଧନ, ଏକତ୍ରୀକରଣ ସହ ଜଡ଼ିତ ମାର୍କେଟିଂ ରଣନୀତି, କ୍ଲଷ୍ଟର ଉତ୍ପାଦନ ଏବଂ ପ୍ରୋଫାଇଲିଂ ଅନ୍ତର୍ଭୁକ୍ତ।

# କେନ୍ଦ୍ରର ଫୋନ୍ ଲୋକେସନ ସର୍ଭିଲାନ୍ସ ଯୋଜନା
# ନିନ୍ଦା କଲା ଆମ୍ନେଷ୍ଟି ଇଣ୍ଟରନ୍ୟାଶନାଲ

ବେଙ୍ଗାଲୁରୁ,୧୦।୧୨(ଏଜେନ୍ସି): ସାଟେଲାଇଟ୍ ଲୋକେସନ ଟ୍ରାକିଂ ବ୍ୟବସ୍ଥାକୁ ସ୍ମାର୍ଟଫୋନ୍ କମ୍ପାନୀଗୁଡ଼ିକ ପାଇଁ ବାଧ୍ୟତାମୂଳକ କରିବାକୁ ଟେଲିକମ୍ ଶିଳ୍ପର ଏକ ପ୍ରସ୍ତାବ ଉପରେ କେନ୍ଦ୍ର ସରକାର ବିଚାର କରୁଛନ୍ତି। ମୋବାଇଲ ଫୋନ୍ ଜରିଆରେ ଲୋକଙ୍କ ଉପରେ ନଜର ରଖିବା ପାଇଁ ଏହି ଲୋକେସନ ଟ୍ରାକିଂ ବ୍ୟବସ୍ଥା ସବୁବେଳେ କାର୍ଯ୍ୟକ୍ଷମ ରହିବ। ତେବେ ପ୍ରିଭେସିକୁ ନେଇ ଆପଲ, ଗୁଗଲ ଏବଂ ସାମ୍ସଙ୍ଗ କମ୍ପାନୀ ଉକ୍ତ ପ୍ରସ୍ତାବକୁ ବିରୋଧ କରିଥିବାବେଳେ କେନ୍ଦ୍ରର ଯୋଜନାକୁ ବୁଧବାର ଆମ୍ନେଷ୍ଟି ଇଣ୍ଟରନ୍ୟାଶନାଲ ପକ୍ଷରୁ ନିନ୍ଦା କରାଯାଇଛି। ଆମ୍ନେଷ୍ଟି ଇଣ୍ଟରନ୍ୟାଶନାଲ ଋଏଟର୍ସକୁ ଦେଇଥିବା ଏକ ବିବୃତିରେ କହିଛି, ଲୋକେସନ୍ ଟେଟାକୁ ଭିତ୍ତିକରି ଅନେକ ତଥ୍ୟ ହାସଲ କରାଯାଇପାରିବ। ଏହାଦ୍ୱାରା ଲୋକଙ୍କ ବ୍ୟକ୍ତିଗତ ଓ ବୃତ୍ତିଗତ ସମ୍ପର୍କ ବିଷୟରେ ସରକାର ଜାଣିପାରିବେ। କିଏ କେଉଁ ଖବରଦାତା କିମ୍ବା ମାନବାଧିକାର ସଙ୍ଗଠନକୁ ଭେଟିଲେ ତାହା ମଧ୍ୟ ସରକାର ଏଥିରୁ ଜାଣିପାରିବେ। ବର୍ତ୍ତମାନ ସର୍ଭିଲାନ୍ସ ଏକ ବୈଶ୍ୱିକ ବିପଦ ରୂପେ ଉଭା ହୋଇଥିବାବେଳେ କେନ୍ଦ୍ରର ଏହି ମସୁଧା ଅତ୍ୟନ୍ତ ଚିନ୍ତାଜନକ। ସରକାରମାନେ ରାଷ୍ଟ୍ରର ସୁରକ୍ଷା ଦିଗରେ କାର୍ଯ୍ୟ କରିବା ଉଚିତ; ଲୋକଙ୍କୁ ସେମାନଙ୍କ ସମ୍ବେଦନଶୀଳ ତଥ୍ୟ ପ୍ରଘଟ କରିବାକୁ ବାଧ କରାଯିବା ଅନୁଚିତ। ସୂଚନାଯୋଗ୍ୟ, ଭାରତରେ ବିକ୍ରି ପୂର୍ବରୁ ସମସ୍ତ ନୂଆ ମୋବାଇଲ୍ ଫୋନ୍‌ରେ ସଞ୍ଚାର ସାଥୀ ଆପ୍ ୯୦ ଦିନ ମଧ୍ୟରେ ଇନ୍‌ଷ୍ଟଲ କରିବା ପାଇଁ କେନ୍ଦ୍ର ସରକାର ସ୍ମାର୍ଟଫୋନ୍ ନିର୍ମାତା କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେବାକୁ ନେଇ ନିକଟରେ ବିବାଦ ଜୋର୍ ଧରିଥିଲା। ପ୍ରିଭେସିକୁ ନେଇ ବିରୋଧୀ ଦଳଗୁଡ଼ିକ ଚିନ୍ତା ପ୍ରକଟ କରିବା ସହ ସରକାରଙ୍କ ଏଭଳି ନିଷ୍ପତ୍ତି ଉପରେ ଆପତ୍ତି ଉଠାଇଥିଲେ। ଆପଲ ମଧ୍ୟ ଏଭଳି ପଦକ୍ଷେପକୁ ବିରୋଧ କରିବା ସହ ପ୍ରିଭେସି ପ୍ରସଙ୍ଗ ଉଠାଇ ଏହାକୁ ଅନୁପାଳନ କରିବ ନାହିଁ ବୋଲି କହିଥିଲା। ଶେଷରେ ସରକାର ଉକ୍ତ ନିର୍ଦ୍ଦେଶନାମାକୁ ରଦ୍ଦ କରିବାକୁ ବାଧ୍ୟ ହୋଇଥିଲେ।

# ମହୁମାଛି ଆକ୍ରମଣରେ ବୃଦ୍ଧ ମୃତ

ଆନନ୍ଦପୁର,୧୦।୧୨(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ବାଉଁଶଗଡ଼ ପଞ୍ଚାୟତ କେଉଟପଲ୍ଲୀ ସାହିରେ ମହୁମାଛି ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ଗୌରାଙ୍ଗ ଚରଣ ନାୟକ (୬୨)। ସେ ମଙ୍ଗଳବାର ଜଙ୍ଗଲକୁ ଖଟା ହାଣିବାକୁ ଯାଇଥିଲେ। ସେଠାରେ ମହୁମାଛି ଆକ୍ରମଣ କରିବାରୁ ବୃଦ୍ଧ ଜଣଙ୍କ ଚିତ୍କାର କରିଥିଲେ। ପାଟି ଶୁଣି ପାଖରେ ଥିବା ଲୋକ ଯାଇ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରାଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେଠାରେ ଡାକ୍ତର ତାଙ୍କୁ କଟକ ସ୍ଥାନାନ୍ତର କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ତାଙ୍କର ମୃତ୍ୟୁ ଘଟିଛି।

---

## OFFICE OF THE PANCHAYAT SAMITI, RANGEILUNDA
Ph.: 0680-2119380(O), Fax No.: 0680-2119380(F)
Email ID: ori-rengaliguda@nic.in

L. No. 7152 VIII-87/25 — Dtd.: 10.12.25

**Corrigendum of e-tender Call Notice No. 2/2025-26 published vide Letter No. 6715, Dtd.26.11.2025**

No. i-420: e-Tender Call Notice No. 2/2025-26 of Panchayat Samiti, Rangeilunda vide Letter No. 6715, Dtd.26.11.2025 due to some technical error, the date line of e-tender has been modified for the online bidding last date of e-Tender paper submission to the read as 01.01.2026 at 17.00 P.M. instead of 22.12.2025 and the opening of tender paper is 03.01.2026 at 11.00 A.M. instead of 24.12.2025 at 3.00 P.M.

Sd./- Block Developement Officer, Rangeilunda
OIPR-19424/11/0010/2526

---

## GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION, JAJPUR
No.O-1730

**e-PROCUREMENT NOTICE NO.Tender Online 13 JJPT of 2025-26**

1. Name of the Work : Building Works
2. Total No. of Work : 02 Nos. Building Works
3. Estimated Cost (Approx.) : Rs.84.00 Lakhs
4. Period of Completion : 270 Days
5. Class of Contractors : "B" Class

**Other details as follows:**
a) Procurement Officer : Superintending Engineer, Rural Works Division, Jajpur
b) Availability of tender online & submission of bid : 12.12.2025 at 10.00 AM to 22.12.2025 upto 5.00 PM
c) Last date & time of seeking of tender clarification : 20.12.2025 upto 5.00 PM
d) Opening of Technical Bid : 23.12.2025 at 11.30 A.M.

Further details can be seen from the Govt. website www.tendersodisha.gov.in

**Note: If situation arises the transparent lottery will be held on 30.12.2025, At 11.30 AM.**

Sd./- Superintending Engineer, Rural Works Division, Jajpur
OIPR-25047/11/0057/2526

---

## OFFICE OF THE SUPERINTENDENT
## DHARANIDHAR MEDICAL COLLEGE & HOSPITAL, KEONHAR - 758001
Email: supdtgmckeonjhar@gmail.com

Order No. 5304/DDMCH, Keonjhar — Date: 9.12.2025

**CORRIGENDUM TO THE TENDER NOTICE**

No. E-584: Some corrigendum have been made to tender call notice No. 4909 dated 13.11.2025 of the office of the undersigned. The serial No. 08 rules/guidelines for last date of submission of tender for stationary items of 08.12.2025 is hereby changed and the time extended upto 30.12.2025 at 5.00 P.M. The tender will be opened on 31.12.2025 at 12.00 Noon. Other terms condition of the tender call notice are remain unaltered. The details are available in the website **www.gmchkeonjhar.odisha.gov.in** and **kendujhar.nic.in**.

Sd./- Superintendent, Dharanidhar Medical College & Hospital, Keonjhar
OIPR-10205/11/0020/2526

---

No.C-1727 — M - 06645-356292, Fax - 06645-250236, Email : municipalitybelpahar@gmail.com

## OFFICE OF THE MUNICIPAL COUNCIL, BELPAHAR
**"e" PROCUREMENT NOTICE**
BID REFERENCE NO. EO/BPHM/MS/01/25-26
BID IDENTIFICATION NO. 2025_ORULB_122817
Tender Call Notice **No. 3258 Dt.08.12.2025**

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www.tendersorissa.gov.in

| | | |
|---|---|---|
| Name of the Work | : | Providing Manpower Services to Belpahar Municipality for Operation and Maintenance of Smart Park during 2025-26 |
| No of Works | : | 01 No. |
| Value of work | : | Rs.12,91,506.00 |
| Period of Completion | : | 12 Calendar Months |
| Date & Time of availability of the bid documents in the portal | : | From dt.09.12.2025 at 10.00 A.M. to dt.18.12.2025 up to 5.00 P.M. |
| Bids received online shall be opened on | : | 11.00 A.M. onwards on dt.19.12.2025 |
| Name & address of the officer inviting EOI | : | Executive Officer, Belpahar Municipality |

Further the details can be seen from the procurement portal : www.tendersorissa.gov.in. If any addendum/corrigendum/cancellation of tender shall be published in the above website only.

Sd./- Executive Officer, Belpahar Municipality
OIPR-13050/11/0024/2526

---

## OFFICE OF THE ROURKELA MUNICIPAL CORPORATION
UDIT NAGAR, ROURKELA, ODISHA - 769012
E-mail id : rourkelamunicipality@gmail.com

No. 14126 — Date : 06.12.2025

**AUCTION SALE NOTICE FOR PARKING LOTS IN TRAFFIC GATE PARKING AREA & SENSORY PARK UNDER ROURKELA MUNICIPAL CORPORATION**

No.C-1721 : Sealed quotations are hereby invited from the intending Authorized Firms / Agencies for Auction of parking space near traffic Gate, Rourkela. The agencies must have valid GST registration certificate and PAN Card. The agency should quote the rate as per the below mentioned format in the letterhead and submit the sealed Tender super scribed on cover as **"Auction Sale Notice for Parking Lots in Traffic gate parking Area & Sensory Park under Rourkela Municipal Corporation"** and reach to the undersigned on or before 22.12.2025 up to 01.00 PM through Regd. Post/ Speed Post/ Courier/ or by hand. The Tender will be opened on the same day at 04.30 PM in presence of the Bidders or their authorized representatives who wish to attend. Authority will not be responsible for any delay in receipt of Tender and the same will not be accepted. The undersigned reserves the right to reject / cancel any or all the Quotations at any time without assigning any reason thereof. The Tender Paper may be downloaded from RMC website: rmc.nic.in.

Sd./- Commissioner, Rourkela Municipal Corporation
OIPR-13131/11/0183/2526

---

## GOVERNMENT OF ODISHA
## Office of the Superintending Engineer Bhanjanagar (R&B) Division, Bhanjanagar
(Phone/Fax : (06821) 241133 / E-mail : eernbbngr@yahoo.in)
Ltr. No. //881//Dtd.05.12.2025

No.B-812 — **INVITATIONS FOR BIDS (IFB)**
E-Procurement Bid Identification No. S.E - BNJ-R&B-19/2025-26

1. Name of work : Building Works
2. No. of works : 2 Nos. Building Work
3. No. of Covers : Double Cover
4. Estimated cost : Rs.61.98 to 66.66 lakhs
5. Period of Completion : Six Calendar Months
6. Date of time of availability of bid document in the portal : From 12.00 Noon of dated 12.12.2025 to 5.00 P.M. of dated 22.12.2025
7. Last date/time for receipt of bids in the portal : Up to 5.00 P.M. of dated 22.12.2025
8. Date of opening of bid documents : At 11.00 A.M. of dated 23.12.2025
9. Class of contractor : "B" Class Contractor
10. Name and address of Officer inviting bid : Superintending Engineer, Bhanjanagar (R&B) Division, Bhanjanagar

Further details can be seen from the e-Procurement portal www.tendersodisha.gov.in. The Addendum/Corrigendum if any will be hosted in the website only.

Sd./- Superintending Engineer, Bhanjanagar (R&B) Division
OIPR-34015/11/0034/2526

---

## ROURKELA SMART CITY LIMITED, Rourkela
2nd & 3rd Floor, ICCC Building, Rourakela One, Panposh-769004, Email: rourkelascl@gmail.com

BID ID : RSCL/1774/2025 — DATE : 09.12.2025

**NOTICE INVITING TENDER NATIONAL COMPETITIVE BIDDING**

No.C-1758 : The Chief Executive Officer, RSCL, invites bids from eligible contractors for the following project:

| Sl. No | Name of the Projects | Estimated Cost of the Project Rs. |
|---|---|---|
| 1 | Development of Surface Parking in front of Nexa Showroom on percentage basis | 56.73 Lakhs. |

The Tender Fees of Rs.11,800/-to be deposited with the bid which is Non-refundable. The complete BID documents can be viewed/downloaded from official portal of Rourkela Municipal Corporation (https://www.rmc.nic.in from 12.12.2025 to 29.12.2025(upto 13:00 Hrs. IST). Pre- Bid Meeting will be held on 19.12.2025 at 12.30 P.M. in the Conference Hall of RSCL. For queries, intending bidder may contact Er.Amarjeet Behera, RSCL Vide Phone No.84559144951, Email Id:rourkelascl@gmail.com.

Sd./- Chief Executive Officer, Rourkela Smart City Limited
OIPR-13080/11/0047/2526

---

## ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ,ରାଉରକେଲା (କେ.ପ.) ବନଖଣ୍ଡ
## OFFICE OF THE DIVISIONAL FOREST OFFICER, ROURKELA (KL) DIVISION
(Phone No.0661-2950169// E-mail: dfokl1973@gmail.com)
Order No.217/ Date. 09.12.2025

No.MM-362: **INVITATION FOR BIDS (IFB)**
E-Procurement Bid Identification No.03 RKL-KL-F.E.&C.C/2025-26, Dtd.09.12.2025

| | | | |
|---|---|---|---|
| 1. | Name of work | :- | Construction of Range Office-cum-Residence at Bonai (KL) Range under Rourkela K.L. Division, District-Sundargarh |
| 2. | No. of Works | :- | 01 Nos. |
| 3. | No. of Covers | :- | Double Cover |
| 4. | **Estimated Cost (Excluding GST)** | :- | **Rs.54,51,350.00** |
| 5. | Period of Completion | :- | 03 Calendar Months |
| 6. | Date & Time of availability of bid documents in portal | :- | From **10.00 A.M.** of Date **12.12.2025** to **05.00 P.M.** of Date **26.12.2025** |
| 7. | Last date/time for receipt of bids in the portal | :- | Upto **5.00 P.M.** of Date **26.12.2025** |
| 8. | Date of Opening of bid documents | :- | At **11.30 A.M.** of Date **29.12.2025** |
| 9. | Class of Contractor | :- | 'B' Class Contractor |
| 10. | Name and address of Officer Inviting Bid | :- | Divisional Forest Officer, Rourkela K.L. Division, Panposh |

Further, details can be seen from the e-Procurement portal **www.tenderodisha.gov.in.** The Addendum/ Corrigendum if any will be hosted in the website only

Sd./- Divisional Forest Officer, Rourkela K.L. Division
OIPR-08072/11/0005/2526

---

## GOVERNMENT OF ODISHA
## AGRICULTURE DEPARTMENT
## OFFICE OF THE EXECUTIVE ENGINEER (AGRIL.), DHENKANAL DIVISION, DHENKANAL

No. 1215 — Date; 08.12.2025

**INVITATION FOR BIDS (IFB)**
**e-Procurement Notice**

**Bid Identification Number/Tender Call Notice No. E E (A) D/D-04 of 2025-26**

No. L-129: The Executive Engineer (Agril.), Dhenkanal Division, Dhenkanal who has been authorized as the procuring officer for the projects of Dhenkanal Division, Dhenkanal is directed to invite percentage rate bid on behalf of the Governor of Odisha for the Civil construction works under Dhenkanal Division. The costs of the project approximaterly from 5.00 lakhs to 7.00 lakh. Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documetns can be downloaded from **www.tendersorissa.gov.in** from 12.12.2025 at 10.00 hours to 18.12.2025 at 05.00 P.M. The bid will be opened on 19.12.2025 at 03.30 P.M. in the O/o. Executive Engineer (Agril.), Dhenkanal Division, Dhenkanal. All other details regarding term and conditions, corrigendum from time to time if any, DTCN etc. can be seen and downloaded from **www.tendersorissa.gov.in**.
Email ID: **eeagri.dhenkanal@gmail.com**

Sd./- Executive Engineer (Agril.), Dhenkanal Division, Dhenkanal
OIPR-01446/11/0012/2526

---

## Government of Odisha "e" procurement Notice
**Bid Identification No. TENDER ONLINE SBPR-16 OF 2025-26**
e-mail ID : rw_sambalpur@yahoo.co.in, Phone No. 0663-2401850

No.O-1740 — No.5737 dated. 08.12.2025

1. Name of the work : Road Works as per DTCN available in the website www.tendersodisha.gov.in
2. Total No. of Work : 01 (One) No.
3. Estimated Cost : Varies from Rs.6.72 lakhs
4. Period of Completion : 01 (One) Calendar months
5. Period and time of availability of bid document in the portal for bidding : 12.12.2025 at 11.00 A.M. to 19.12.2025 up to 5.00 P.M.
6. Date and time of opening of Tender : 20.12.2025 at 11.00 A.M.
7. Name and address of the officer inviting bid : S.E.R.W. Divn. Sambalpur

(1) Other details can be seen from detailed notice inviting tenders, available in website www.tendersodisha.gov.in
(2) Corrigendum if any shall only be published in the website : www.tenderodisha.gov.in

Sd./- Superintending Engineer, Rural Works Division, Sambalpur
OIPR-25076/11/0042/2526

---

## ବିଜ୍ଞାପିତ ଅଞ୍ଚଳ ପରିଷଦ, ପଦ୍ମପୁର
## OFFICE OF THE NOTIFIED AREA COUNCIL, PADAMPUR
Dist.: Bargarh (Odisha), PIN - 768036

Notice No. 3449 — Date: 09.12.2025

**QUOTATION CALL NOTICE**

No. C-1751: The sealed quotations are invited from interested and eligible contractors/suppliers for the work under NAC, Padampur for Construction of Iron Vending Zone, Demolition of Existing Vending Zone and Re-installation of Old Vending Zone within the NAC Jurisdiction.

**Terms & Conditions:**
1. The quotationer must submit copies of contract licence, GST Registration, PAN.
2. The quoted rate should be inclusive of all taxes, labour, materials and transportation, fabrication, demolition and re-installation charges.
3. Work shall be executed as per the specifications and as directed by the Engineers of NAC, Padampur.
4. Safe demolition and disposal of debris shall be the responsibility of the contractor.
5. Sealed quotations must reach the office of the undersigned on or before 19.12.2025 through Registered/Speed Post.
6. NAC, Padampur reserves the right to accept or reject any or all quotations without assigning any reason thereof.

| Sl. No. | Item | Rate (Exluding) GST | Rate |
|---|---|---|---|
| 1 | New Vending Zone | Square Feet | |
| 2 | Desmentaling Old Vending Zone | Square Feet | |
| 3 | Re-installation Old Vending Zone | Square Feet | |

For details you may visit **WWW.NACPADAMPUR.IN**.

OIPR-13118/11/0049/2526 — Sd./- Executive Officer, NAC, Padampur

---

No.CAD-2645
idco — Your power to grow — ISO 9001 & 14001 Corporation | ODISHA NEW OPPORTUNITIES

## ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)
IDCO, IDCO Towers, Janpath, Bhubaneswar-751022, Odisha, INDIA
+91-0674-2542448, 2540820 (PABX), e-mail: cgmmsme@idco.in, Web:www.idco.in

No:IDCO/MSME/A-9819/01/2023-25/35015 — Date:06.12.2025

**ADVERTISEMENT**
**INDUSTRIAL PLOTS WITH BASIC INFRASTRUCTURE AVAILABLE FOR ALLOTMENT TO MSME UNITS**

| Sl. No. | Name of the Indl. Estates/ MSME Parks and districts | Allotable land (in acres) |
|---|---|---|
| 1 | RUIN, Sundergarh | Ac. 43.18 |
| 2 | Panchapada, Jharsuguda | Ac.36.13 |
| 3 | Kurlupada (Kesinga), Kalahandi | Ac.31.70 |

Prospective MSME entrepreneurs with Udyam registration certificate/EIN may apply online in "GO-SWIFT" portal in consultation with District Industries Centre concerned. Land details alongwith layout map of the above Indl. Estates/MSME Parks are available in the respective Division offices of IDCO as well as Head Office, IDCO at Bhubaneswar.

**For details contact:**

| Sl. No. | Contact Person | E-mail address | Telephone/ Mobile No. |
|---|---|---|---|
| 1 | Divisional Head, IDCO, Rourkela Division | dhrourkela@idco.in | 0661-2400320 7978456201 |
| 2 | Divisional Head, IDCO, Sambalpur Division | dhsambalpur@idco.in | 0663-2405111 7205802452 |
| 3 | Divisional Head, IDCO, Bolangir Division | dhbolangir@idco.in | 06652-232405 9439191221 |

For availability of land please visit: Web: **www.gis.investodisha.gov.in**

OIPR-14003/11/0259/2526 — Sd./- Chief General Manager (MSME)

---

## ବ୍ୟାସନଗର ପୌରପାଳିକା, ବ୍ୟାସନଗର
## OFFICE OF THE VYASANAGAR MUNICIPALITY VYASANAGAR, JAJPUR
Email_Id : vyasanagarmunicipality@gmail.com
Letter No.3880//Date : 09.12.2025

**Quotation call notice**

**No.C-1746** : The EO,Vyasanagar Municipality, Jajpur Road invites Sealed quotation from the interested registered firm/agency for Annual repair & maintenance of Battery-Operated Vehicle. The individual agency may submit the price of spare parts as including service charges, detail in Annexure-A. This will be received by the undersigned up to 12.00 P.M. on dt.22/12/2025 and will be opened at 4.00 P.M. at office conference hall on the same day. The EMD of Rs.5000 and the cost of bid document Rs.500/-(non refundable) in shape of Bank Draft of any Scheduled Bank drawn at Jajpur Road branch favoring the Executive Officer, Vyasanagar Municipality. If the last date of receipt and date of opening of quotation happens to be holiday, the next working day will be treated as last date of receipt and date of opening at the same time in presence of the quotation or their authorized agents. The authority reserves the right to cancel all quotation without assigning any reason thereof.

**Terms and Condition : -**
1. The contract would normally be for a period of one year, extendable by another one year at a time based upon mutual agreement or satisfactory manner.
2. The contractor will supply the original parts as per the approved rates of AMC submitted by the agency.
3. No advance payment will be made the approved contract or shall submit his bill (in duplicate) on completion of repairs.
4. Copies of valid GST registration Certificate and PAN card should also accompany the technical Bid.
5. The Municipality shall not be responsible for any financial loss.

Sd./- Executive Officer, Vyasanagar Municipality
OIPR-13092/11/0014/2526

---

## ଓଡ଼ିଶା ସରକାର
## ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜନସ୍ୱାସ୍ଥ୍ୟ ଖଣ୍ଡ, ବାଲେଶ୍ୱର
## OFFICE OF THE EXECUTIVE ENGINEER, PUBLIC HEALTH DIVISION, BALASORE
AT-SAMALPUR, P.O-BALIA, DIST-BALASORE, PIN-756056
(e-mail: eephbls@gmail.com, Phone-9438660004)
No.6635/DATE 04.12.2025

**2nd CORRIGENDUM**
**TENDER FOR THE WORK**

**No.C-1762:"Supply, Installation, Testing & Commissioning of DG Sets (CPCB IV+GEN Set with AMF Pannel) with Movable Trolley including shed for Soro Town".**

In continuation to this office Bid-Identification No.SEPHBLS-28 of 2025-26 dt 12.11.2025. The following amendments have been made to **Critical Dates.**

| | Item/ Clause | Description | Existing Critical Dates | 1st time corrigendum of critical dates | 2nd corrigendum of Revised/Amended Critical Dates |
|---|---|---|---|---|---|
| 1 | Critical Dates in NIT, Section-1 of DTCN | Last date and time of seeking clarification | 17.00 Hr. of dt.28.11.2025 | 17.00 Hr. of dt.05.12.2025 | 17.00 Hr. of dt.10.12.2025 |
| | | Last date & time of bidding on-line | 17.00 Hr. of dt.03.12.2025 | 17.00 Hr. of dt.10.12.2025 | 17.00 Hr. of dt.15.12.2025 |
| | | Date & Time of opening Bid | 12.00 Hr. of dt.04.12.2025 | 12.00 Hr. of dt.11.12.2025 | 12.00 Hr. of dt.16.12.2025 |

**All other terms and conditions un-altered.**

Sd./- Superintending Engineer, P.H. Division, Balasore
OIPR-13053/11/0043/2526

---

## WATER AND LAND MANAGEMENT INSTITUTE
(A Premier Training Institute of DOWR, Govt. of Odisha) Pratapnagari, Telengapentha, Cuttack, Odisha, Pin - 754001
Website: walmi.odisha.gov.in, E-mail: walmi@odisha.gov.in

**QUOTATION CALL NOTICE NO. 06/ 2025-26**

**No.A-1100** : Sealed Tenders are invited from the qualified agencies/ firms relating to printing of (a) Pani Panchayat Samachar and (b) Safal Katha under Information, Education and Communication (IEC) plan of Department of Water Resources, Government of Odisha. The details of tender will be available at the website walmi.odisha.gov.in. from 12.12.2025 1.00 P.M to 22.12.2025 5.00 P.M. The bidders are to download the tender documents and bid formats from the website and send the filled in formats along with all relevant documents as per the tender enquiry for applying the assignment as mentioned above. The cost of tender document is to be remitted in the form of Bank Draft/ Demand Draft payable to the Deputy Director, WALMI at Bhubaneswar or Cuttack. The firms/ agencies are to send their bids to Deputy Director, WALMI with EMD and Tender fee on or before 22.12.2025 by 5.00 P.M which is the last date of receipt of application. The rate quoted should be inclusive of all costs of materials, labour, taxes, transportation, loading & unloading, bundling to appropriate size & stacking in designated place in WALMI. The time and date of opening of the Technical Proposal is 23.12.2025 at 3.30 P.M in the Office chamber of Deputy Director, WALMI in the presence of the quotationer or their authorized representatives. The application received after the due date and time due to any reason shall not be entertained. The authority reserves the right to modify/ cancel the quotation without assigning any reason thereof. Contact No-8658644865

OIPR-32228/11/0003/2526 — Sd./- Deputy Director, WALMI

---

No.O-1656

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR
Phone-0674-2540742, Email : se_ccrw@yahoo.co.in
No.5360/Date.29.11.2025

**"e" Procurement Notice for Road Works**
**T.C.N No. Tender-Online-C.C-43 of 2025**

| | | | |
|---|---|---|---|
| 1. | Name of the Work | : | Road works under MMSY-Disaster Resilient Road (DRR) |
| 2. | Total No. of Packages | : | 6 Nos. of Road Works under MMSY-Disaster Resilient Road (DRR) for the year 2025-26 |
| 3. | Estimated Cost of the Package | : | Varies from Rs.416.67 lakhs to Rs.708.33 lakhs |
| 4. | Class of Contractor | : | |
| | a) Estimated cost more than Rs.20.00 lakhs up to Rs.3.00 Crores | : | B Class (of Odisha PWD) or relevant class of other licensing authorities |
| | b) Estimated cost more than Rs.1.00 Crores up to Rs.20.00 Crores | : | A Class (of Odisha PWD) or relevant class of other licensing authorities |
| | c) Estimated cost more than Rs.6.00 Crores up to Rs.50.00 Crores | : | Special Class (of Odisha PWD) or relevant class of other licensing authorities |
| 5. | Period of completion | : | As mentioned in Column-8 of Annexure |
| 6. | Offered rates by bidder | : | The offered rate by the contractor shall be excluding GST |
| 7. | Other details | : | |
| | i) Officer inviting tender | : | Chief Construction Engineer, Central Rural Works Circle, Bhubaneswar |
| | ii) Availability of Tender | : | Dt.12.12.2025 from 11.00 hours to Dt.29.12.2025 up to 5.00 P.M. |
| | iii) Date of opening of Technical Bid | : | Dt.30.12.2025 at 11.00 A.M. |
| | iv) Date of opening of Financial Bid | : | To be intimated later on |

Further details can be seen from the website www.tendersodisha.gov.in

Sd./- Chief Construction Engineer, Central Rural Works Circle, Bhubaneswar
OIPR-25082/11/0038/2526

---

OHPC — ISO 9001-14001 18001 Certified

## OFFICE OF THE SR.GENERAL MANAGER (ELECTRICAL) UPPER INDRAVATI HYDRO ELECTRIC PROJECT, MUKHIGUDA
DIST: KALAHANDI- 766026, ODISHA, E-mail:sgmel_uihep@ohpcltd.com/sgmeluihep@gmail.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022
Tel:91-0674-2542983, 2542802, 2545526, 2542826, Fax:2542102, E-Mail:ohpc.co@gmail.com/md@ohpcltd.com
WEB: www.ohpcltd.com, CIN: U40101OR1995SGC003963

**NOTICE INVITING TENDER No.UIHEP-38/2025-26, DATED 08.12.2025**

**No.CAD-2638:** Sealed tenders are invited in two parts i.e. (i) Techno Commercial bid (ii) Price bid in separate sealed envelopes from the registered travel agencies/vehicle owners/service providers for providing services as mentioned below.

| Description of Materials/ Services | Cost of tender paper (Non-refundable) in Rs. | EMD in shape of DD/ Banker's Cheque only (Refundable) in Rs. | Period of Sale/ download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Hiring of a light vehicle (Mahindra Bolero) for patrolling of the local Police Officer, Outpost of Mukhiguda for 04 Years | 7,080/- (inclusive of GST) | 01% of quoted price | From 12.12.2025 to 23.12.2025 upto 13.00 Hrs. | 23.12.2025 (upto 13.30 Hrs.) | 23.12.2025 at 16.30 Hrs |

For details of the tender documents, terms and conditions please visit our website www.ohpcltd.com

OIPR-04008/11/0050/2526 — Sd./- C&P Head, UIHEP, Mukhiguda

---

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SUNDARGARH
Near Bana Durga Temple, Sankara, Sundargarh, Dist. : Sundargarh, PIN-770020, Email - serw_sundargarh@yahoo.com
Office Order No.3947//Date. 09.12.2025

**1st Corrigendum**

**No.O-1756** : The date of availability of tender online/date of seeking clarification/date of opening of tender for all the works invited under NIT Letter No : 3754 dtd 28.11.2025 vide Bid Identification No. : Online - RWCCESNG-24 of 2025-26 are hereby modified as follows :

| Procurement Officer | Bid Identification No. | Availability of Tender on-line for bidding | Availability of Tender On-line for bidding upto | Last Date & Time of Seeking Tender Clarification | Technical Bid Opening | Financial Bid Opening |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 24 of 2025-26 | 23.12.2025 11:00 A.M. | 12.01.2026 5:00 P.M. | 09.01.2026 5:00 P.M. | 13.01.2026 11:00 A.M. | Will be intimated separately |

All other terms and Conditions are remained Unchanged.

Sd./- Chief Construction Engineer, Rural Works Circle, Sundargarh
OIPR-25133/11/0089/2526

---

No.i-417

## GOVERNMENT OF ODISHA
## PANCHAYAT RAJ AND DRINKING WATER DEPARTMENT
## PANCHAYAT SAMITI, BARPALI
**e-Procurement Notice No.BDO/01/2025-26**
e-mail address: ori-barpali@nic.in

1. Type/Nature of Work: Civil Work/ Building Works. 2. Total No. of Works: 02 (Two) Nos., 3. Approx. value of works: Rs.12.03 Lakhs and 12.32 Lakhs. 4. Period of Completion: 06 (Six) Calendar Months. 5. Classification of bidders: 'D' & 'C' Class Contractor only.

**Other details as follows:**

| Procurement Officer | e-Procurement Notice No. | Availability & Submission of bids in online: From | Availability & Submission of bids in online: To | Date & time of opening of tender |
|---|---|---|---|---|
| 1 | 2 | 3 | 4 | 5 |
| Block Development Officer, Barpali, Dist: Bargarh, Odisha | BDO/01/2025-26 | 11.12.2025 from 10.00 AM | 23.12.2025 upto 5.00 PM | 24.12.2025 at 11.00 AM |

N.B.: Further details can be seen from the e-procurement portal https://www.tendersodisha.gov.in. Any addendum/ Corrigendum/Cancellation to the above notice will be published in the Govt. website www.tendersodisha.gov.in.

OIPR-19334/11/0001/2526 — Sd./- Block Development Officer, Barpali, Dist-Bargarh, Odisha

---

## ODISHA HYDRO POWER CORPORATION LIMITED
## OFFICE OF THE SENIOR GENERAL MANAGER (ELECTRICAL),BHEP
At/POST: BALIMELA, DIST: MALKANGIRI (ODISHA) PIN: 764 051
Phones: 06861-232581(O)/ 232641 (R) Fax:06861-232541, E mail: unit.head_balimela@yahoo.com/bhep.balimela@gmail.com

**TENDER CALL NOTICE**
**NOTICE INVITING TENDER No.BHEP/48/2025-26, Dated 08.12.2025**

**No.CAD-2634:** The Sealed tenders are invited in **Single part bid basis (i.e. Techno-commercial bid) & in percentage wise** basis from the Electrical Contractors/ Firms/Agencies having experience in the execution of any electrical works under State/ Central Govt./PSU of Govt. of India/PSU of Govt. of Odisha & having **valid Electrical Contractor License** & fulfilling the eligibility criteria as per the tender specification for the work as mentioned below.

| Sl. No. | Name of the Work | E.M.D. (Refunded) | Cost of bid documents in Rs. |
|---|---|---|---|
| 1 | Dismantling of unused conductors and uprooted of joist poles from colony area of BHEP, Balimela | 1% of the Quoted Value exclusive of GST | Rs.4,000.00+ (GST @ 18%) Rs.720.00= Rs.4,720.00 |

Availability of bid document : From 10.00 Hrs. of 11.12.2025 to 12.00 Hrs. of 22.12.2025
Last date & time of submission of bid: Upto 12.00 Hrs. of 22.12.2025
The date & time of opening of the bid: 12.30 Hrs onwards of 22.12.2025
For details of the tender documents, terms & conditions, please visit our website www.ohpcltd.com

OIPR-04019/11/0125/2526 — Sd./- C & P Head, BHEP, Balimela

**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................
ବୟସ: ....................................
ଜନ୍ମ ତାରିଖ: ....................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଅପରାହ୍ନରେ ବିଦାୟ ନେଲେ ଭାରତ, ଦକ୍ଷିଣ ଆଫ୍ରିକା ଖେଳାଳି





ଭୁବନେଶ୍ୱର ବିମାନବନ୍ଦରରେ ବୁଧବାର ଭାରତୀୟ ଦଳର ସଦସ୍ୟ ତିଳକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା ଓ ସୂର୍ଯ୍ୟକୁମାର ଯାଦବ। (ଫଟୋ: ବିକାଶ ନାୟକ)

**ଭୁବନେଶ୍ୱର, ୧୦।୧୨(ତପନ ସ୍ୱାଇଁ)**
କଟକର ବାରବାଟୀ ଷ୍ଟାଡିୟମରେ ମଙ୍ଗଳବାର ଚଳିତ ସିରିଜ୍‌ର ପ୍ରଥମ ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାପରେ ଭାରତ ଓ ଦକ୍ଷିଣ ଆଫ୍ରିକା ଖେଳାଳିମାନେ ବୁଧବାର ଭୁବନେଶ୍ୱର ଛାଡ଼ିଛନ୍ତି। ଅପରାହ୍ନ ୧ଟା ୨୦ରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ହୋଟେଲ ମେ' ଫେୟାରରୁ ବସ୍ ଯୋଗେ ଦୁଇଟିଯାକ ଦଳ ଭୁବନେଶ୍ୱର ବିମାନବନ୍ଦରକୁ ଯାଇଥିଲେ। ଖେଳାଳିଙ୍କୁ ବିମାନବନ୍ଦରରୁ ହୋଟେଲ ଆଣିବାକୁ ଯେପରି ସୁରକ୍ଷା ବ୍ୟବସ୍ଥା ହୋଇଥିଲା ଗଲାବେଳେ ମଧ୍ୟ ତାହାର ପୁନରାବୃତ୍ତି କରାଯାଇଥିଲା। ଖେଳାଳିମାନେ ପ୍ରତ୍ୟାବର୍ତ୍ତନ କଲାବେଳେ ହୋଟେଲ ନିକଟରେ ଅନେକ କ୍ରିକେଟ୍‌ପ୍ରେମୀ ଉପସ୍ଥିତ ଥିଲେ। ଏକ ସ୍ୱତନ୍ତ୍ର ବିମାନରେ ଉଭୟ ଦଳ ନ୍ୟୁ ଚଣ୍ଡିଗଡ଼ ଯାତ୍ରା କରିଛି। ମୁଲାନ୍‌ପୁରରେ ଗୁରୁବାର ଦ୍ୱିତୀୟ ଟି୨୦ ମ୍ୟାଚ୍ ଅନୁଷ୍ଠିତ ହେବ। କଟକରେ ୧୦୧ ରନ୍‌ରେ ବୃହତ୍ ବିଜୟ ହାସଲ କରିଥିବାରୁ ମଧୁର ସ୍ମୃତି ନେଇ ଭାରତୀୟ ଦଳ ଭୁବନେଶ୍ୱର ଛାଡ଼ିଛି।

# ଭାରତରେ ହେବ ରାଜ୍ୟଗୋଷ୍ଠୀ ଖୋ ଖୋ

**ନୂଆଦିଲ୍ଲୀ, ୧୦।୧୨(ପି.ଟି.)**
ରାଜ୍ୟଗୋଷ୍ଠୀ ଖୋ ଖୋ ଚାମ୍ପିୟନଶିପ୍‌ର ପ୍ରଥମ ସଂସ୍କରଣ ଆସନ୍ତା ମାର୍ଚ୍ଚ ୯ରୁ ୧୪ ପର୍ଯ୍ୟନ୍ତ ଭାରତରେ ଅନୁଷ୍ଠିତ ହେବ। ଏଥିପାଇଁ ଭେନ୍ୟୁ ଚୂଡ଼ାନ୍ତ କରାଯାଇନାହିଁ। ଖୋ ଖୋ ମହାସଂଘ ତରଫରୁ ଏନେଇ ବିଭିନ୍ନ ରାଜ୍ୟ ସହ କଥାବାର୍ତ୍ତା ଚାଲିଛି। ଭାରତରେ ହେବାକୁଥିବା ଏହି ଇଭେଣ୍ଟ ରାଜ୍ୟଗାଷ୍ଠୀ କ୍ରୀଡ଼ା ଦ୍ୱାରା ଅନୁମୋଦନ ଲାଭ କରିଛି। ଏଥିରେ ୧୬ ପୁରୁଷ ଏବଂ ସମାନ ସଂଖ୍ୟକ ମହିଳା ଦଳ ଭାଗନେବେ। ଚଳିତବର୍ଷ ଜାନୁଆରୀରେ ଦିଲ୍ଲୀରେ ପ୍ରଥମ ଖୋ ଖୋ ବିଶ୍ୱକପ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୩ଟି ଦେଶ ଭାଗ ନେଇଥିଲେ। ନିକଟରେ ଅହମଦାବାଦ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଆୟୋଜକ ସହର ବୋଲି ବିଧିବଦ୍ଧ ଘୋଷଣା ହେବାପରେ ଭାରତରେ ପ୍ରଥମ ରାଜ୍ୟଗୋଷ୍ଠୀ ଖୋ ଖୋ ଇଭେଣ୍ଟ ଆୟୋଜନ ହେବାକୁ ଯାଉଛି। ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆର ସାଧାରଣ ସମ୍ପାଦକ ଉପକାର ସିଂ ଭିର୍କ କହିଛନ୍ତି, ଏହି ଇଭେଣ୍ଟର ଆୟୋଜନ ଦ୍ୱାରା ଦୋହା ଏସିଆନ୍ ଗେମ୍ସ(୨୦୩୦), ରାଜ୍ୟଗୋଷ୍ଠୀ କ୍ରୀଡ଼ା(୨୦୩୦) ଏବଂ ବ୍ରିସ୍‌ବେନ ଅଲିମ୍ପିକ୍ସରେ ଏହି ଖେଳକୁ ସାମିଲ କରାଯିବାରେ ଏହା ଏକ ବଡ଼ ପଦକ୍ଷେପ।

# ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍ ପାଇଁ ଖେଳାଳି ନିଲାମ



ଚେସ୍ ପ୍ରିମିୟର ଲିଗ୍ ସମ୍ପର୍କରେ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

**ଭୁବନେଶ୍ୱର, ୧୦।୧୨(ତପନ ସ୍ୱାଇଁ)**
ଓଡ଼ିଶା ଚେସ୍ ଇତିହାସରେ ପ୍ରଥମଥର ପାଇଁ ଆଇପିଏଲ ଢାଞ୍ଚାରେ ଜିଲା ପ୍ରିମିୟର ଲିଗ୍ ପାଇଁ ଖେଳାଳି ନିଲାମ କାର୍ଯ୍ୟକ୍ରମ ବୁଧବାର ୟୁନିଟ୍-୯ସ୍ଥିତ ରୋଟାରୀ ଭବନଠାରେ ଅନୁଷ୍ଠିତ ହୋଇଛି। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ(ଏଓସିଏ) ଏବଂ ରୋଟାରୀ କ୍ଲବ ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜୀବ ସାହୁ ଯୋଗ ଦେଇଥିଲେ। ରୋଟାରୀ କ୍ଲବ ସଭାପତି ସଞ୍ଜୟ ଚୌଧୁରୀଙ୍କ ପୌରୋହିତ୍ୟ ଏବଂ ସମ୍ପାଦକ ବିଶ୍ୱଜିତ୍ ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ସମାରୋହରେ ସମ୍ମାନିତ ଅତିଥି ଭାବେ ପ୍ରିମିୟର ଲିଗ୍ ଚେୟାରମ୍ୟାନ୍ ତଥା ଓଡ଼ିଶା ଅଭିଭାବକ

**୧୯ ଓ ୨୦ରେ ହେବ ପ୍ରତିଯୋଗିତା**

ମହାସଂଘ ସଭାପତି ବାସୁଦେବ ଭଞ୍ଜ, ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ, ଜିଏସ୍‌ଟି ସହକାରୀ କମିଶନର ପ୍ରୀତିରଞ୍ଜନ ନାଥ, ପୂର୍ବତନ ରୋଟାରୀ ସଭାପତି ଏସ୍.ଏସ୍. ହରିଚନ୍ଦନ ପ୍ରମୁଖ ଯୋଗଦେଇ ଏପରି ପ୍ରୟାସକୁ ପ୍ରଶଂସା କରିଥିଲେ। ଚଳିତ ମାସ ୧୯ ଏବଂ ୨୦ ତାରିଖରେ ହେବାକୁ ଥିବା ଜିଲା ପ୍ରିମିୟର ଲିଗ୍ ପାଇଁ ଖେଳାଳି ନିଲାମ ପ୍ରକ୍ରିୟାରେ ଓଡ଼ିଶାର ୧୧୮ ଜଣ ପ୍ରତିଷ୍ଠିତ ଖେଳାଳି ନାମ ପଞ୍ଜୀକରଣ କରିଥିଲେ। ଓଡ଼ିଶାର ନୟାଗଡ଼, ମୟୂରଭଞ୍ଜ, ବାଲେଶ୍ୱର, ସୁନ୍ଦରଗଡ଼, ପୁରୀ, ଗଞ୍ଜାମ, ସୋନପୁର, ବରଗଡ଼, ବୌଦ୍ଧ, ସମ୍ବଲପୁର, ଝାରସୁଗୁଡ଼ା ଏବଂ ଢେଙ୍କାନାଳ ଆଦି ୧୨ ଜିଲାରୁ ଖେଳାଳି ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ଜିଲା ଦଳ ୫ ଜଣ ଲେଖାଏ ଖେଳାଳିଙ୍କୁ ନିଲାମ ପ୍ରକ୍ରିୟାରେ କ୍ରୟ କରିଥିଲେ। ଏହି ନିଲାମ ପ୍ରକ୍ରିୟାକୁ କ୍ରୀଡ଼ାବିତ୍ ଭୁବନ ବେହେରା ପରିଚାଳନା କରିଥିବା ବେଳେ ଏଓସିଏ ସଦସ୍ୟ ଅଭିଷେକ ଆଚାର୍ଯ୍ୟ, ରିତେଶ ରଥ, ମାନସ ପାଣି, ଧନଞ୍ଜୟ ସାବତ, ତାପସ କୁମାର ମହାନ୍ତି, ସୁରେଶ କୁମାର ସାହୁ, ବିରଞ୍ଚି ନାରାୟଣ ସାହୁ, କେ.କେ. ଶର୍ମା, ଅକ୍ଷୟ କୁମାର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

# ଉରୁଗୁଏକୁ ହରାଇଲା ଭାରତ

**ସାଣ୍ଟିଆଗୋ, ୧୦।୧୨ (ପି.ଟି.)**
ଗୋଲ୍‌କିପର ନିଧିଙ୍କ ଚମତ୍କାର ଗୋଲ୍ ରକ୍ଷଣ ଯୋଗୁ ଏଠାରେ ଚାଲିଥିବା ଜୁନିୟର ମହିଳା ହକି ବିଶ୍ୱକପ୍‌ରେ ଭାରତ ୩-୧ ଶୁଟ୍‌ଆଉଟ୍‌ରେ ଉରୁଗୁଏକୁ ପରାସ୍ତ କରିଛି। ମ୍ୟାଚ୍‌ର ନିର୍ଦ୍ଧାରିତ ସମୟ ଖେଳ ୧-୧ରେ ଅମୀମାଂସିତ ରହିବା ପରେ ପେନାଲ୍‌ଟି ଶୁଟ୍‌ଆଉଟ୍ ପଦ୍ଧତିର ସହାୟତା ନିଆଯାଇଥିଲା। ଗୁରୁବାର ଖେଳାଯାଇଥିବା ୯/୧୨ କ୍ୱାଲିଫିକେଶନ ମ୍ୟାଚ୍‌ରେ ମନୀଷା ୧୯ତମ ମିନିଟ୍‌ରେ ଏକ ଗୋଲ୍ ସ୍କୋରକରି ଭାରତକୁ ପ୍ରଥମେ ୧-୦ରେ ଅଗ୍ରଣୀ କରାଇଥିଲେ। ୬୦ତମ ମିନିଟ୍‌ରେ ଜଷ୍ଟିନା ଆରେଗୁଇଙ୍କ ଗୋଲ୍‌ରେ ଉରୁଗୁଏ ମ୍ୟାଚ୍‌କୁ ଡ୍ର' ରଖିଥିଲା। ଶୁଟ୍ ଆଉଟ୍‌ରେ ଭାରତ ତରଫରୁ ପୂର୍ଣ୍ଣିମା ଯାଦବ, ଇଶିକା ଓ କନିକା ସି ୱାଟ୍ ଗୋଟିଏ ଲେଖାଏ ଗୋଲ୍ ଦେବାରେ ସଫଳ ହୋଇଥିବା ବେଳେ ଗୋଲ୍‌କିପର ନିଧି ଉରୁଗୁଏର ୩ଟି ଗୋଲ୍‌କୁ ଅଟକାଇ ଦେଇଥିଲେ। ଭାରତ ୯/୧୦ମ ସ୍ଥାନ ପାଇଁ ଏହାର ପରବର୍ତ୍ତୀ ମ୍ୟାଚ୍ ଗୁରୁବାର ସ୍ୱେନ୍ ବିପକ୍ଷରେ ଖେଳିବ।

**ଜୁନିୟର ମହିଳା ହକି ବିଶ୍ୱକପ୍**

**Classified Everyday**
0674-2580101, 9692975378

Healthcare

All types of physiotherapy with massage, Contact number 9556924059/ 7656969134. D-2766

**AFFIDAVIT**

I, Koushika Dansana, S/o.- Jagu Dansana, R/o.- Grindola, P.S.- Lakhanpur, Dist.- Jharsuguda, Odisha, 768217 declared by this affidavit vide No.- 6, Dtd. 23.09.25 that from today and onwards I shall be known as Koushika Dansana for all purpose. D-2792

By virtue of an affidavit sworn before the Executive Magistrate, Loisingha, dated 10.12.2025, I, Saroj Kumar Rana, R/o. village/ P.O.- Jamutbahal, P.S.- Gaisilet, Dist.- Bargarh, Odisha declare that I have changed the name of my son from Palliraj Kumar Rana to Tesanth Kumar Rana. Henceforth, he shall be known as Tesanth Kumar Rana for all purposes.
Saroj Kumar Rana
D-2793

By virtue of an affidavit sworn before the Executive Magistrate, Balasore, dated 26.11.2025, I, Kamalakanta Mallick having Aadhaar No. xxxx xxxx 8225, At/P.O.- Sartha, Via- Haladipada, Dist.- Balasore, Odisha- 756027 declared that all of my qualification certificate and other documents my surname is Mallick which is correct. But one of my SB Account IDBI Bank unfortunately the surname is Mallik which is incorrect. I declared that my correct name is Kamalakanta Mallick for all purposes. D-2794

Bimala Karnani, W/o. Gourishankar Karnani, R/o. Baripada, Mayurbhanj, Odisha- 757001, henceforth is known as Bimla Karnani. D-2795

By virtue of an affidavit sworn before the Executive Magistrate, Bonth, Bhadrak, No.- 1800, Dtd.- 12.08.25, I, Pravati Samal, W/o.- Sushanta Kumar Behera, R/o. Village- Bagadia, P.O.- Ratina, P.S.- Khaira, Dist.- Balasore, PIN- 770016, Odisha declare that I have changed my name from Kabita Biswal to Pravati Samal. Henceforth, I shall be known as Pravati Samal for all purposes. D-2797

I, MAHESWAR DORA, S/o.-DASADORA, Village- PURUNA JANIGUDA, P.O.- BIJAPUR, P.S.- BORIGUMMA, Dist.- KORAPUT, ODISHA- 764056 solemnly declare that I have changed my minor son's name "BHAKTI DOARA" (OLD NAME) to "JAMU DORA" (NEW NAME) on dated 29.10.2025 before "NOTARY PUBLIC", Borigumma. Henceforth, "BHAKTI DOARA" (OLD NAME) shall be known as "JAMU DORA" (NEW NAME) for all future purposes. D-2796

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ**

**ୱ ପ୍ରଶାନ୍ତ କୁମାର ସେନାପତି**
ସତ୍ୟମାଳ ଭବନ, ଥୋରିଆ ସାହି, ମଙ୍ଗଳାବାଗ, କଟକ
ପ୍ଲଟ ନଂ. ଏନ ୬/୧୭୪, ଜୟଦେବ ବିହାର, ଭୁବନେଶ୍ୱର
ଆବିର୍ଭାବ : ୨୩/୦୪/୧୯୪୭
ତିରୋଧାନ : ୦୧/୧୨/୨୦୨୫
'ତେରା ବୈଭବ ଅମର ରହେ ମା,
ହମ୍ ଦିନ୍ ଚାର ରହେ ନା ରହେ।।
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ

**ତ୍ରୟୋଦଶ ଶ୍ରାଦ୍ଧବାର୍ଷିକୀ**

**ୱ ନୀଳିମା ଜେନା**
ଆବିର୍ଭାବ :୦୪.୦୨.୧୯୬୯
ତିରୋଧାନ : ୦୪.୦୧.୨୦୧୩
(ପୌଷମାସ କୃଷ୍ଣପକ୍ଷ ସପ୍ତମୀ)
ଯେତେ ବର୍ଷ ବିତୁଛି, ତୁମର ସ୍ନେହ ଓ ଅବଦାନ ସେତେ ବେଶୀ ମନେ ପଡୁଛି। ସାରା ଜୀବନ ଭୁଲି ପାରିବୁ ନାହିଁ।
ତୁମର ସ୍ୱାମୀ: ମାନଗୋବିନ୍ଦ ଓ ପୁଅ: ବାପଲୁ, ବୋହୂ: ମୋନା

## ରାଜ୍ୟ ଖବର

# ଜବାବ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ନୋଟିସ

**ରହିତାଦେଶ ଲଗାଇଲେ ହାଇକୋର୍ଟ**

**ଏସ୍‌ସି ଏସ୍‌ଟି ବିଦ୍ୟାଳୟ ଟିଜିଟି ପଦୋନ୍ନତି ମାମଲା**

**କଟକ,୧୦।୧୨(କାର୍ତ୍ତିକ ସାହୁ)**
ରାଜ୍ୟରେ ଥିବା ଏସ୍‌ସି ଏସ୍‌ଟି ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଟ୍ରେନ୍‌ଡ ଗ୍ରାଜୁଏଟ୍ ଟିଚର (ଟିଜିଟି)ଙ୍କ ପୋଷ୍ଟ ଗ୍ରାଜୁଏଟ୍ ପଦକୁ ପଦୋନ୍ନତି ଉପରେ ହାଇକୋର୍ଟ ରହିତାଦେଶ ପ୍ରଦାନ କରିଛନ୍ତି। ହାଇକୋର୍ଟ ବିଚାରପତି ଦୀକ୍ଷିତ କୃଷ୍ଣ ଶ୍ରୀପଦ ମାମଲାର ଶୁଣାଣି କରି ଜବାବ ଦାଖଲ ଲାଗି ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି।

ମାମଲାର ବିବରଣୀ ଅନୁସାରେ, କେନ୍ଦୁଝର ଜିଲା ବସନ୍ତପୁରସ୍ଥିତ ଏସ୍‌ସି ଏସ୍‌ଟି ବିଦ୍ୟାଳୟରେ ଶିକ୍ଷକ କୃଷ୍ଣାଞ୍ଜନ ଆଚାର୍ଯ୍ୟ ଟିଜିଟି ପଦକୁ ପଦୋନ୍ନତି ପାଇ କାର୍ଯ୍ୟରତ ଥିଲେ। ପରବର୍ତ୍ତୀ ସମୟରେ କେନ୍ଦୁଝର ଜିଲାପାଳଙ୍କ ଆଦେଶକ୍ରମେ ସେ ଜଗମୋହନପୁର ଆଶ୍ରମ ବିଦ୍ୟାଳୟକୁ ବଦଳି ହୋଇଥିଲେ। ସେ ଏବେ ଉକ୍ତ ଆଶ୍ରମ ବିଦ୍ୟାଳୟରେ କାର୍ଯ୍ୟରତ ଅଛନ୍ତି। ଓଡ଼ିଶା ସବ୍‌ଅର୍ଡିନେଟ୍ ଟ୍ରାଇବାଲ ୱେଲଫେୟାର ଏଜୁକେଶନ ରିକ୍ରୁଟ୍‌ମେଣ୍ଟ ଆଣ୍ଡ କଣ୍ଡିସନ ଅଫ୍ ସର୍ଭିସ ଆମେଣ୍ଡମେଣ୍ଟ ରୁଲ ୨୦୧୫ରେ ଆଶ୍ରମ ସ୍କୁଲ ପ୍ରଧାନଶିକ୍ଷକଙ୍କୁ ଟିଜିଟି ପଦର ମାନ୍ୟତା ଦିଆଯାଇଛି। ଏସ୍‌ସି ଏସ୍‌ଟି ବିଦ୍ୟାଳୟରେ ୩ ବର୍ଷର ଅଭିଜ୍ଞତା ଥିବା ଟିଜିଟି ପଦ ଶିକ୍ଷକଙ୍କୁ ପୋଷ୍ଟ ଗ୍ରାଜୁଏଟ୍ ଶିକ୍ଷକ ଭାବେ ପଦୋନ୍ନତି ଦିଆଯିବା ନିମନ୍ତେ ବିଭାଗୀୟ ନିର୍ଦ୍ଦେଶନାମାରେ ପ୍ରସ୍ତାବ ଜିଲା ମଙ୍ଗଳ ଅଧିକାରୀଙ୍କୁ ମଗାଯାଇଛି। ମାତ୍ର ଆବେଦନକାରୀଙ୍କ ଯୋଗ୍ୟତା ଥାଇ ଆଶ୍ରମ ବିଦ୍ୟାଳୟରେ କାର୍ଯ୍ୟରତ ଥିବାରୁ ଏହି ପଦୋନ୍ନତିରୁ ବଞ୍ଚିତ ହେଉଛନ୍ତି। ତେଣୁ ସରକାରୀ ଆଦେଶନାମାକୁ ଚ୍ୟାଲେଞ୍ଜ କରି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ବଂଶୀଧର ଶତପଥୀ ଓ ସତ୍ୟବ୍ରତ ଶତପଥୀ ମାମଲା ପରିଚାଳନା କରୁଛନ୍ତି।

# ଫୁଟ୍‌ବଲ ପଡ଼ିଆରେ ଟଳିପଡ଼ିଲେ ଛାତ୍ର

**ନୂଆପଡ଼ା,୧୦।୧୨(ମକାରୁ ବେମାଲ)**
ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡ଼ ଜବାହର ନବୋଦୟ ବିଦ୍ୟାଳୟରେ ବୁଧବାର ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ପଡିଆରେ ଫୁଟ୍‌ବଲ ଖେଳୁଥିବା ସମୟରେ ଜଣେ ଛାତ୍ର ଟଳିପଡ଼ି ଜୀବନ ହରାଇଛନ୍ତି। ମୃତକ ହେଲେ କୋମନା ବ୍ଲକ କୁରେଶ୍ୱର ପଞ୍ଚାୟତ ଘୋଟସର ଗାଁର ଦିନେଶ ଶବର (୧୬। ସୂଚନା ଅନୁସାରେ ବୁଧବାର ଅପରାହ୍ନ ୫ଟା ସମୟରେ ତରବୋଡ ଜବାହର ନବୋଦୟ ବିଦ୍ୟାଳୟର ଶିବାଲିକ ଓ ଆରାବଳି ହାଉସର ଛାତ୍ରଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ ଚାଲୁଥିବା ସମୟରେ ଦଶମ ଶ୍ରେଣୀ ଛାତ୍ର ଦିନେଶ ହଠାତ୍ ତଳେ ପଡି ଚେତାଶୂନ୍ୟ ହୋଇଯାଇଥିଲେ। ସେଠାରେ ଉପସ୍ଥିତ ଅନ୍ୟ ଛାତ୍ରମାନେ ତାଙ୍କୁ ଉଦ୍ଧାର କରି ପ୍ରଥମେ ତରବୋଡ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତରଖାନା ବନ୍ଦ ଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବର୍ତ୍ତମାନ ମୃତଦେହ ଶବ ଗୃହରେ ରଖାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଉପଜିଲାପାଳ ସୁର୍ମି ସୁରେନ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଛାତ୍ରଙ୍କ ପରିବାର ବ୍ରହ୍ମପୁରରେ ରହୁଥିବାରୁ ଗୁରୁବାର ସକାଳେ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ଜବାହର ନବୋଦୟ ବିଦ୍ୟାଳୟ ଖେଳ ଶିକ୍ଷକ ଉପେନ୍ଦ୍ର ସିଂ ଯାଦବ କହିଛନ୍ତି। ତେବେ ଛାତ୍ର ମୃତ୍ୟୁର ପ୍ରକୃତ କାରଣ ଜଣାପଡି ନ ଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଏହା ସ୍ପଷ୍ଟ ହେବ ବୋଲି ତଦନ୍ତକାରୀ ପୋଲିସ ଅଧିକାରୀ କହିଛନ୍ତି।



ମୃତ ଦିନେଶ

# ହାତୀ ଆକ୍ରମଣରେ ଯୁବକ ମୃତ

**ଚମ୍ପୁଆ,୧୦।୧୨(ମହେଶ୍ୱର ଦାସ)**
କେନ୍ଦୁଝର ଜିଲା ଚମ୍ପୁଆ ବନାଞ୍ଚଳ ଅଧୀନ ଉଖୁଣ୍ଡା ସେକ୍ସନର ଗିଧବାସ ଗ୍ରାମରେ ଦନ୍ତାହାତୀ ଆକ୍ରମଣରେ ବୁଧବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ଭାଗବତ ନାଏକ (୩୫)। ଭାଗବତ କୌଣସି କାର୍ଯ୍ୟରେ ଯାଇଥିବା ବେଳେ ଗିଧବାସଠାରେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ହାତୀଟି ଭାଗବତକୁ କଚାଡ଼ି ମାରିବା ସହ ଦୀର୍ଘ ସମୟ ସେଠାରେ ଜଗିରହିଥିଲା। ପରେ ସ୍ଥାନୀୟ ଲୋକ ଓ ବନ ବିଭାଗର ମିଳିତ ଉଦ୍ୟମରେ ହାତୀଟିକୁ ଘଉଡ଼ାଇ ଭାଗବତଙ୍କୁ ଉଦ୍ଧାରକରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବନାଞ୍ଚଳ ଅଧିକାରୀ ଅକ୍ଷୟ ଛତ୍ରିଆ କହିଛନ୍ତି, ହାତୀଗୁଡ଼ିକ ଗୋଠ ଖଣ୍ଡିଆ ହୋଇ ବୁଲୁଥିବାରୁ ଆକ୍ରମଣ କରୁଛନ୍ତି। ତୁରନ୍ତ ଭାଗବତ ପରିବାରକୁ ସରକାରଙ୍କ ନିୟମ ଅନୁସାରେ ସହାୟତା ପ୍ରଦାନ କରାଯିବ। ସୂଚନାଯୋଗ୍ୟ, ମଙ୍ଗଳବାର ଉଚବାଲି ଅଞ୍ଚଳର ସୌମେନ୍ଦ୍ର ମହାନ୍ତ (୧୮)ଙ୍କ ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥିଲେ।

# ଟିକେ ଖୁସି ଟିକେ ଦୁଃଖ

କୌଣସି ସୁଯୋଗ ହାତଛଡା ହେବା ପରେ ଯେ କେହି ବି ଅନୁତାପ କରିଥାଆନ୍ତି । ହେଲେ ସେତବେଳକୁ ସବୁକିଛି ଶେଷ ହୋଇଯାଇଥାଏ । ଆଉ ସେଥିରୁ ବା ପୂଜା ହେଗଡେ ବାଦ୍ ପଡିବେ କିପରି ? କଥା କ'ଣ ନିକଟରେ ସେ ଏକ ନୂଆ ପ୍ରୋଜେକ୍ଟ ହାତଛଡା କରିଛନ୍ତି । କେବଳ ସେତିକି ନୁହେଁ, ଯଦି ସେ ଏହି ଫିଲ୍ମରେ ଅଭିନୟ କରିବାକୁ ରାଜି ହୋଇଥାଆନ୍ତେ, ତେବେ ସେହି ବ୍ୟାନରରେ ଆଗକୁ ନିର୍ମାଣ ହେବାକୁ ଥିବା ଆଉ ଦୁଇଟି ଫିଲ୍ମରେ ସେ ମଧ୍ୟ ଆକ୍ଟିଂ କରିଥାଆନ୍ତେ । କିନ୍ତୁ ଏଭଳି ଚାନ୍ସକୁ ସେ ହାତଛଡା କରିଛନ୍ତି । ଏହା ପଛରେ ତ ନିଶ୍ଚୟ କାରଣ ଥିବ । ଏ ବିଷୟରେ ପୂଜା କହନ୍ତି, ''ନିକଟରେ ମୋତେ ଏକ ନୂଆ ଫିଲ୍ମରେ ଅଭିନୟ କରିବାକୁ ଅଫର ମିଳିଥିଲା । ତାହାର କାହାଣୀ ମଧ୍ୟ ଶୁଣିଥିଲି । ହେଲେ କ'ଣ ହେବ ? ମୁଁ ଏବେ ଏତେ ବ୍ୟସ୍ତ ଯେ ନୂଆ ଫିଲ୍ମରେ ଆକ୍ଟିଂ କରିବାକୁ ମୋ ପାଖରେ ଡେଟ୍ ନାହିଁ । କାରଣ ବର୍ତ୍ତମାନ ଗୋଟିଏ ସିନେମାର ଶୁଟିଂ ଚାଲିଛି । ତା'ପରେ ବ୍ୟାକ୍-ଟୁ-ବ୍ୟାକ୍ ଆଉ ଦୁଇଟି ଫିଲ୍ମର ଶୁଟିଂ ଆରମ୍ଭ ହେବ । ହେଲେ ଏଭଳି ଏକ ଅଫର ମୋ ହାତରୁ ଖସିଗଲା, ତେଣୁ ଦୁଃଖ ଲାଗୁଛି । ୨୦୧୨ରେ ତାଙ୍କର ବଡ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା ଆଉ ଡେବ୍ୟୁ ଫିଲ୍ମର ଟାଇଟଲ ଥିଲା 'ମୁଗାମୋଣ୍ଡି' (ତାମିଲ) ।


ପୂଜା

## ଛାଡ଼ିନି କବିତା ନିଶା


ଶ୍ରୁତି

ଶ୍ରୁତି ହାସନ କେବଳ ଜଣେ ଅଭିନେତ୍ରୀ ନୁହନ୍ତି, ସେ ମଧ୍ୟ ଭଲ ଗୀତ ଗାଆନ୍ତି । ତା'ସହ ତାଙ୍କର ଆଉ ଏକ ଗୁଣ ରହିଛି । ତାହା କ'ଣ ଜାଣନ୍ତି ? ସେ ମଧ୍ୟ କବିତା ଲେଖିବାକୁ ପସନ୍ଦ କରନ୍ତି । ଏହା ତାଙ୍କର ଏବେକାର ଅଭ୍ୟାସ ନୁହେଁ । ପିଲାଟି ଦିନରୁ ସେ କବିତା ଲେଖିବା ଆରମ୍ଭ କରିଥିଲେ । ହେଲେ କବିତା ରଚନା ପଛରେ କି କାରଣ ରହିଛି ସେ ବିଷୟରେ ଶ୍ରୁତି କହନ୍ତି, ''ଏକଦା ମୁଁ କ୍ଲାସରେ ଏକ ଛୋଟ କବିତା ଲେଖିଥିଲି । ତାହାକୁ ପଢ଼ି ମୋ ସାଙ୍ଗମାନେ ମୋତେ ଭାରି ପ୍ରଶଂସା କଲେ । ତା'ପରେ ଆମ ସ୍କୁଲ ସାର୍ ମଧ୍ୟ ମୋତେ କବିତା ଲେଖିବାକୁ ବେଶ୍ ଅନୁପ୍ରାଣିତ କରିଥିଲେ । ବାସ୍ ସେବେଠାରୁ କବିତା ଲେଖିବା ଜାରି ରଖିଛି । ତା'ପରେ ଅଭିନୟ ସହ ଜଡିତ ରହିଲେ ମଧ୍ୟ ସମୟ ମିଳିଲେ କବିତାଟିଏ ଲେଖିବାକୁ ପଛାଇ ନ ଥାଏ । ବିଶେଷଭାବରେ କୌଣସି ପ୍ରାକୃତିକ ଦୃଶ୍ୟରାଜି ଦେଖିଲେ ତାହାକୁ ମୁଁ କବିତାରେ ପରିବର୍ତ୍ତନ କରିବାକୁ ଚେଷ୍ଟା କରେ । ମୋର ଅଧିକାଂଶ କବିତା ପ୍ରକୃତି ଉପରେ ଆଧାରିତ ।'' ଶ୍ରୁତିଙ୍କର ଗାୟିକା ଜୀବନ କେତେବେଳେ ଆରମ୍ଭ ହୋଇଥିଲା ଜାଣନ୍ତି ? ସେତେବେଳେ ତାଙ୍କୁ ହୋଇଥାଏ ମାତ୍ର ୬ ବର୍ଷ । ତାଙ୍କର ପାପା କମଲ ହାସନ୍‌ଙ୍କ ଅଭିନୀତ ତାମିଲ ଫିଲ୍ମ 'ଥାଭିର ମାଗାନ୍'ରେ ସେ ପ୍ରଥମ ଥର ପାଇଁ ଗୀତ ଗାଇଥିଲେ । ତାଙ୍କୁ ତାମିଲ, ତେଲୁଗୁ ବ୍ୟତୀତ ହିନ୍ଦୀ, ଇଂଲିଶ, ଫ୍ରେଞ୍ଚ, ଇଟାଲିୟାନ, ଜର୍ମାନ ଏବଂ ଉର୍ଦ୍ଦୁ ଭାଷା ଭଲ ଭାବରେ ଜଣା । ସବୁଠାରୁ ଖାସ୍ କଥା ହେଲା, କମଲ୍‌ଙ୍କ ଅଭିନୀତ 'ହେ ରାମ୍'ରେ ସେ ଶିଶୁ କଳାକାର ଭାବରେ ଅଭିନୟ କରିଥିଲେ । ଅନ୍ୟପକ୍ଷରେ ୨୦୦୯ରେ ରିଲିଜ ହୋଇଥିବା 'ଲକ୍'ରେ ସେ ନାୟିକା ସାଜିଥିଲେ ।

## ପ୍ରଶଂସିକା ହେବ ଏମିତି

ସତରେ ପ୍ରଶଂସିକା ହେବ ଏମିତି । ଦେଖୁନାହାନ୍ତି ଏବେ କେମିତି କରୀନା କପୁରଙ୍କ ମୁହଁରେ ଜଣଙ୍କର ପ୍ରଶଂସା ଶୁଣିବାକୁ ମିଳୁଛି । ଆଉ ସିଏ କିଏ ଜାଣନ୍ତି ? ସଲମାନ୍ ଖାନ୍ । ହେଲେ ହଠାତ୍ ତାଙ୍କୁ ସେ ପ୍ରଶଂସା କରିବା ପଛରେ ନିଶ୍ଚୟ କିଛି କାରଣ ତ ଥିବ । କଥା କ'ଣ କି ନିକଟରେ କରୀନା ଓରଫ ବେବୋ ନିଜ ରିଲ୍ ଲାଇଫର ସ୍ମରଣୀୟ କଥାଗୁଡିକୁ ସାଙ୍ଗମାନଙ୍କ ସାମ୍ନାରେ ବଖାଣୁଥିଲେ । ଆଉ ସେହି ସସୟରେ ସେ ସଲମାନ୍‌ଙ୍କୁ ପ୍ରଶଂସାରେ ପୋତି ପକାଇଥିଲେ । ଏ ବିଷୟରେ କରୀନା କହନ୍ତି, ''ସଲମାନ୍‌ଙ୍କ ସହ ମୁଁ କେତୋଟି ସିନେମାରେ ଅଭିନୟ କରିଛି । 'ବଡିଗାର୍ଡ' ଏବଂ 'ବଜରଙ୍ଗୀ ଭାଇଜାନ'କୁ ଦର୍ଶକ ଯେତିକି ଭଲ ପାଇବା ଦେଇଛନ୍ତି ସେଥିଲାଗି ମୁଁ ସେମାନଙ୍କ ନିକଟରେ ଋଣୀ ରହିବି । ସେ ଜଣେ ଅଲରାଉଣ୍ଡର । ଯେଉଁ ଭୂମିକା ଦେଲେ ତାହାକୁ ଠିକ୍ ଭାବରେ ତୁଲାଇବାର ଦକ୍ଷତା ତାଙ୍କ ନିକଟରେ ଭରି ରହିଛି । ଏ ନେଇ ତାଙ୍କୁ ମୁଁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ ।'' ସଲମାନ-କରୀନା ଯୋଡିକୁ ୨୦୦୫ରେ ରିଲିଜ ହୋଇଥିବା 'କ୍ୟୁଁ କି'ର ନିର୍ଦ୍ଦେଶକ ଥିଲେ ପ୍ରିୟଦର୍ଶନ ଆଉ ଚିତ୍ରଟି ଆଶାନୁରୂପ ବିଜନେସ କରିଥିଲା । ଏହାପରେ 'ମେଁ ଔର ମିସେସ ଖାନ୍' ଫ୍ଲପ୍ ହୋଇଥିଲା । କିନ୍ତୁ ତା'ପରେ 'ବଡିଗାର୍ଡ' (୨୦୧୧) ବକ୍ସ ଅଫିସରେ ୨୫୨ କୋଟି ଆୟ କରିଥିଲା । ତା'ପରେ କବୀର ଖାନ୍‌ଙ୍କ ନିର୍ଦ୍ଦେଶିତ 'ବଜରଙ୍ଗୀ ଭାଇଜାନ୍' (୨୦୧୫) ରେକର୍ଡଭିତ୍ତିକ ୯୧୮କୋଟି ଇନକମ କରିବାରେ ସକ୍ଷମ ହୋଇଥିଲା । ବର୍ତ୍ତମାନ ସାଜିଦ ନାଦିୱାଦୱାଲାଙ୍କ 'କିକ୍ ୨'ରେ ସଲମାନ ଅଭିନୟ କରିବାକୁ ଯାଉଛନ୍ତି ।


କରୀନା-ସଲମାନ

## କୁଆଁରୀ ଲାଜ


ସୁଭୋଜିତ

ନୂଆ ମ୍ୟୁଜିକ ଭିଡିଓ 'କୁଆଁରୀ ଲାଜ' ଖୁବ୍ ଶୀଘ୍ର ରିଲିଜ ହେବାକୁ ଯାଉଛି । ସ୍ନେହଲତା ପ୍ରଡକ୍ସନ ବ୍ୟାନରରେ ଏହାକୁ ପ୍ରସ୍ତୁତ କରାଯାଇଛି । ଏହି ଭିଡିଓରେ ଅଭିନୟ କରିଛନ୍ତ ଜଣାଶୁଣା ଉପସ୍ଥାପକ ସୁଭୋଜିତ ପଣ୍ଡା ଏବଂ ନବାଗତା ଅଭିନେତ୍ରୀ ଆଞ୍ଚଲ । ଅର୍ଚ୍ଚିତା, ଶୁଭେଚ୍ଛା ଏବଂ ପ୍ରଶାନ୍ତଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ । ଏହି ମ୍ୟୁଜିକ ଭିଡିଓର ବିଷୟବସ୍ତୁ ମଧ୍ୟ ଭିନ୍ନ ଧରଣର । ଏକ ଗାଁ ପରିବେଶରେ ସହରରୁ ଆସିଥିବା ଜଣେ ଅଫିସ ଅଧିକାରୀ ଏବଂ ଗାଁର ଜଣେ ଚୁଲବୁଲି ଝିଅ ମଧ୍ୟରେ କିପରି ପ୍ରେମ ସମ୍ପର୍କ ଗଢ଼ିଉଠିଛି ଏବଂ ତାହାର ଫଳ କ'ଣ ହେଉଛି ତାହା ଏଥିରେ ଦେଖିବାକୁ ମିଳିବ । ଗୀତଟିକୁ ରଚନା କରିଛନ୍ତି ସୁବ୍ରତ ଜେନା କଣ୍ଠଦାନ କରିଛନ୍ତି ସ୍ୱୟଂ ପାଢ଼ୀ । ଆୟୁଷ୍ମାନ ଏବଂ ଯତିସୁନ୍ଦର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି । କେ. ଅଭି ଏହାର ସଙ୍ଗୀତ ଏବଂ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି । ସ୍ନେହଲତା ପଣ୍ଡା, ପ୍ରଫୁଲ୍ଲ ପଣ୍ଡା ଏବଂ ଶୁଭଶ୍ରୀ ପଣ୍ଡା ପ୍ରଯୋଜନା କରିଛନ୍ତି । ଏହି ଆଲବମଟି ସ୍ନେହଲତା ପ୍ରଡକ୍ସନସର ୟୁଟ୍ୟୁବ ଚ୍ୟାନେଲରେ ରିଲିଜ ହେବ ।

## ଭାଙ୍ଗି ପଡ଼ି ନ ଥିଲେ ହେମା

ହିନ୍ଦୀ ସିନେମା ଜଗତରେ ହେମା ମାଳିନୀ ହେଉଛନ୍ତି ଜଣେ ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ । କିନ୍ତୁ ଅଭିନୟ ଜୀବନର ପ୍ରାରମ୍ଭରେ ସେ ଏଭଳି ଏକ ଘଟଣାର ସାମନା କରିଥିଲେ ଯାହା ତାଙ୍କୁ ବେଶ୍ ବ୍ୟଥିତ କରିଥିଲା । ହେଲେ ଘଟଣାଟି କ'ଣ ଥିଲା ଜାଣବେନି ? ସେହି ସମୟରେ ଜଣେ ତାମିଲ ନିର୍ଦ୍ଦେଶକ ସି.ଭି ଶ୍ରୀଧର ତାଙ୍କର ସିନେମା ପାଇଁ ଜଣେ ନୂଆ ନାୟିକା ଖୋଜୁଥାଆନ୍ତି । ଏହାର ଅଡିଶନ ପାଇଁ ହେମା ଯାଇଥିଲେ । କିନ୍ତୁ ତାଙ୍କୁ ଶ୍ରୀଧର କହିଲେ ଯେ, 'ତୁମେ ଏତେ ପତଳା ଯେ ମୋ ଫିଲ୍ମରେ ଅଭିନୟ କରିବାକୁ ଫିଟ୍ ନୁହଁ ।' କିନ୍ତୁ ପରବର୍ତ୍ତୀ ସମୟରେ ହେମା ନିଜର ଅଭିନୟ ଦକ୍ଷତା ବଳରେ ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିବାରେ ସକ୍ଷମ ହୋଇଥିଲେ । ଆଉ ଏକ ଖାସ୍ କଥା ହେଲା ସେ କପୁର ଫ୍ୟାମିଲିର ପାଞ୍ଚ ଜଣ ପ୍ରମୁଖ ଅଭିନେତା-ରାଜ କପୁର, ସମ୍ମି କପୁର, ଶଶୀ କପୁର, ରଣଧୀର କପୁର ଏବଂ ଋଷି କପୁରଙ୍କ ସହ ଅଭିନୟ କରିଥିଲେ ।


ହେମା

## ମନ କଥା କହିବ ଲାଇନବାଲା


ସ୍ୱପ୍ନା

ବିଦ୍ୟୁତ୍ ବା ଲାଇନ୍ ଖରାପ ହେଲେ ଲାଇନବାଲା ଲୋଡା ପଡନ୍ତି । ହେଲେ ସେମାନଙ୍କ ଜୀବନ ପଛରେ ଅନେକ କାହାଣୀ ଲୁଚି ରହିଛି । ଏମାନଙ୍କ ଜୀବନର ଅକୁହା କାହାଣୀକୁ ନେଇ ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଲାଇନବାଲା' । ଏହାର ପ୍ରଯୋଜନା କରିଛନ୍ତି ସୁକାନ୍ତ କୁମାର ମହାନ୍ତି । ଖାସ୍ କଥା ହେଲା, ଏକ ସତ୍ୟ ଘଟଣାକୁ ଆଧାର କରି ଏହାକୁ ପ୍ରସ୍ତୁତ କରାଯାଇଛି । ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି 'ଯୋଗୀ' ଫେମ୍ ନିରଞ୍ଜନ ବେହେରା । ଫିଲ୍ମ ବିଷୟରେ ସେ କହନ୍ତି, ''ଏହି ସିନେମାଟି ଏକ ମୌଳିକ ତଥା ସତ ଘଟଣାକୁ ନେଇ ଆଧାରିତ । ଲାଇନବାଲା ଜୀବନରେ ଥିବା ଦୁଃଖକଷ୍ଟକୁ ଏହି ଫିଲ୍ମରେ ଦେଖିବାକୁ ମିଳିବ । କାହାଣୀକୁ ଶତପ୍ରତିଶତ ଜଷ୍ଟିସ ଦେବାକୁ ମୁଁ ପ୍ରୟାସ କରିଛି । କଳାକାରମାନେ ମଧ୍ୟ ନିଜ ଦାୟିତ୍ୱକୁ ଠିକ୍ ଭାବରେ ତୁଲାଇଛନ୍ତି । ସିନେମାଟି ଦର୍ଶକାଦୃତ ହେବ ବୋଲି ଆଶା ରଖିଛି ।'' ଏହି ଚିତ୍ରର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ସମ୍ବିତ ଆଚାର୍ଯ୍ୟ । ତାଙ୍କ ସହ ନାୟିକା ଭାବରେ ସ୍କ୍ରିନ୍ ଶେୟାର କରିଛନ୍ତି ସ୍ୱପ୍ନା । ଅଶ୍ରୁମୋଚନ ମହାନ୍ତି, ଦେବୁ ବ୍ରହ୍ମା, ସୁମନ, ବ୍ରଜ ସିଂ, କୁନାଲ, ବିଜୁ ବଡଜେନା, ପ୍ରତିଭା ପଣ୍ଡା, ମନୀଷା, ରାଜା ଏବଂ ନୀର ପ୍ରମୁଖ ଏଥିରେ ଅଭିନୟ କରିଛନ୍ତି ।


'ମଟରସାଇକେଲ' ଫିଲ୍ମରେ ଜ୍ୟୋତି

### ରିଲିଜ ଅପେକ୍ଷାରେ

## ମଟରସାଇକେଲ

ଆଜିକାଲିର ସମାଜରେ ଯୌତୁକ ଅନ୍ୟତମ ସମସ୍ୟା ଭାବରେ ଉଭା ହୋଇଛି କହିଲେ ଭୁଲ ହେବ ନାହିଁ । ତେଣୁ ଏ ନେଇ ଅଧିକ ସଚେତନତା ସୃଷ୍ଟି କରିବା ଲାଗି ଏକ ନୂଆ ଓଡ଼ିଆ ସିନେମାର ପ୍ରୟାସ କରାଯାଉଛି । ଉକ୍ତ ଚଳଚ୍ଚିତ୍ରର ଟାଇଟଲ ରହିଛି 'ମଟରସାଇକେଲ' । ଏହାର ନାୟକ ସାଜିଛନ୍ତି ଜ୍ୟୋତି ରଞ୍ଜନ ନାୟକ । ସେ ଏଥିରେ ଜଣେ ସିକ୍ୟୁରିଟି ଗାର୍ଡ ଭୂମିକାରେ ଅଭିନୟ କରିଛନ୍ତି । ଫିଲ୍ମ ବିଷୟରେ ସେ କହନ୍ତି, ''ଯୌତୁକ ଏଭଳି ଏକ ସମସ୍ୟା ଯାହା ବିଷୟରେ ଆମେ ସଚେତନ ରହିବା ନିହାତି ଦରକାର । ଆଶା ରଖିଛି ଫିଲ୍ମଟିକୁ ଦର୍ଶକ ଗ୍ରହଣ କରିବେ ।'' ଏହି ସିନେମା ଚଳିତ ମାସ ୧୯ ତାରିଖରେ ରିଲିଜ ହେବାକୁ ଯାଉଛି । ଫିଲ୍ମଟିର ପ୍ରଯୋଜନା କରିଛନ୍ତି ନବାଗତା ଝୁନିଲତା ବିଶ୍ୱାଳ । ବିଶ୍ୱାଳ ଫିଲ୍ମସ ବ୍ୟାନରରେ ଏହାକୁ ପ୍ରସ୍ତୁତ କରାଯାଇଛି । ଅଶ୍ୱିନୀ ତ୍ରିପାଠୀ ଏହାର ନିର୍ଦ୍ଦେଶନା ଦେଇଥିବା ବେଳେ ଲାଇନ୍ ପ୍ରଯୋଜକ ମଧ୍ୟ ଅଛନ୍ତି । ପ୍ରଣବ ପ୍ରସନ୍ନ ରଥ ସଂଳାପ ଲେଖିଛନ୍ତି । ପ୍ରେରଣ ପ୍ରତୀକ୍ଷା ଏହାର ଏକଜିକ୍ୟୁଟିଭ ପ୍ରଯୋଜକ ଏବଂ ଦେବେନ୍ଦ୍ର ବିଶ୍ୱାଳ ସହ ପ୍ରଯୋଜକ ଅଛନ୍ତି । ଗୀତଗୁଡିକ ସ୍ୱର ଦେଇଛନ୍ତି ସୋମେଶ ଶତପଥୀ । କୁନା ତ୍ରିପାଠୀ, ଅଭିଷେକ ପଣ୍ଡା, ପ୍ରୀତି, ପିନ୍ଟୁ, ପୃଥ୍ୱୀରାଜ, ଭକ୍ତି, ଟୁକୁନା ଏବଂ ଭାସ୍ୱତୀ ବସୁ ପ୍ରମୁଖ ଏଥିରେ ଅଭିନୟ କରିଛନ୍ତି ।

## ଯାହା ଚାହୁଁଥିଲେ ରଜତ

ବେଳେବେଳେ ମଣିଷର ଆଶା ଶୀଘ୍ର ପୂରଣ ହୋଇଯାଏ । ଆଉ ଏ କ୍ଷେତ୍ରରେ ସଫଳ ହେବା ପରେ ରଜତ ମିଶ୍ରଙ୍କ ଖୁସି କହିଲେ ନସରେ । କାରଣ ଏକ ଅନଟାଇଟଲଡ୍ ଫିଲ୍ମର ସ୍ୱର ସଂଯୋଜନା ଦାୟିତ୍ୱ ତାଙ୍କୁ ମିଳିଛି । ଏ ବିଷୟରେ ସେ କହନ୍ତି, ''ମୋର ପ୍ରତିଟି ଆଲବମ୍ ଗୀତର ସ୍ୱରରେ ଆମ ରାଜ୍ୟର ଚାଲିଚଳଣି, ପରମ୍ପରାର ଝଲକ୍ ଦେଖାଇଛି ଏବଂ ତାହାକୁ ଶ୍ରୋତା ଗ୍ରହଣ କରିଛନ୍ତି । ତା'ସହ ମୋ ସ୍ୱର ସଂଯୋଜିତ ଭଜନଗୁଡିକୁ କିପରି ଅଧିକ ଭକ୍ତିମୟ ହେବ ସେ ନେଇ ଚେଷ୍ଟା କରିଥାଏ । ମୋର ଗୋଟିଏ ଅଭ୍ୟାସ ରହିଛି । ମୁଁ ବିବିଧ ଭାରତୀର ଜଣେ ନିୟମିତ ଶ୍ରୋତା । ଗୀତଟିକୁ କିପରି ସ୍ୱର ଦେଲେ ତାହା ଲୋକଙ୍କର ମନକୁ ଛୁଇଁବ ତାହା ସଙ୍ଗୀତ ନିର୍ଦ୍ଦେଶକଙ୍କ ଉପରେ ନିର୍ଭର କରେ ।'' ରଜତଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ 'ଝିଅ ନୁହେଁ ତୁ ମୋ ମା', 'ଝିଅ ବିଦାବେଳ ହେଲା', 'ମା ମୋ ଦୁର୍ଗା ମା', 'ଆଜି ପରା ଶିଶୁ ଦିବସ', 'ଚାଲ ଧରମ ଡଙ୍ଗା ଭସେଇ ଦେବା' ଏବଂ 'ଶୁଭ ଦୀପାବଳି' ଗୀତ ଗୁଡିକରେ ଓଡ଼ିଆ ସଂସ୍କୃତି, ପରମ୍ପରାର ଛାପ ଦେଖିବାକୁ ମିଳିବା ସହ ଶ୍ରୋତା ଓ ଦର୍ଶକ ମହଲରେ ବେଶ ଆଦୃତ ହୋଇଛି । ଆଗକୁ ମଧ୍ୟ ତାଙ୍କର ବହୁ ସଂଖ୍ୟାରେ ଭଜନ ଓ ଆଧୁନିକ ଗୀତ ମୁକ୍ତିଲାଭ ଅପେକ୍ଷାରେ ଅଛି । କଟକ ଜିଲାର ନିଶ୍ଚିନ୍ତକୋଇଲି ବ୍ଲକର କଟିକଟା ପଞ୍ଚାୟତର ରାମରାଙ୍ଗ ଗ୍ରାମରେ ତାଙ୍କର ଜନ୍ମ । ହେଲେ ନିଜର କର୍ମଭୂମି ଭାବରେ ସେ କଟକ ସହରକୁ ବାଛିନେଇଛନ୍ତି । ସଙ୍ଗୀତ ନିର୍ଦ୍ଦେଶନାରେ ଅଧିକ ସୁନାମ ଅର୍ଜନ ପାଇଁ ସେ ଆଶା ରଖିଛନ୍ତି ।


ରଜତ

ଧରିତ୍ରୀ
DHARITRI
ଧରିତ୍ରୀ 52 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୧୧/୨୦୨୫ Bhubaneswar, Thursday, December 11/ 2025




# ଜର୍ମାନୀ ଚାମ୍ପିୟନ, ଭାରତକୁ ବ୍ରୋଞ୍ଜ୍



ଜୁନିୟର ପୁରୁଷ ହକି ବିଶ୍ୱକପ୍‌ରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳ ।

## ଏଫ୍‌ଆଇଏଚ୍ ଜୁନିୟର ପୁରୁଷ ହକି ବିଶ୍ୱକପ୍

ଚେନ୍ନାଇ, ୧୦।୧୨

ଏଫ୍‌ଆଇଏଚ୍ ଜୁନିୟର ପୁରୁଷ ହକି ବିଶ୍ୱକପ୍‌ରେ ଜର୍ମାନୀ ଚାମ୍ପିୟନ ହୋଇଥିବାବେଳେ ଭାରତ ବ୍ରୋଞ୍ଜ୍ ପଦକ ହାସଲ କରିଛି । ବୁଧବାର ଫାଇନାଲରେ ଜର୍ମାନୀ ଶୁଟ୍‌ଆଉଟ ୩-୨ ଗୋଲରେ ସ୍ପେନ୍‌କୁ ହରାଇ ଟାଇଟଲ ହାସଲ କରିଛି । ୩ୟ ସ୍ଥାନ ପାଇଁ ହୋଇଥିବା ଏକ ମୁକାବିଲାରେ ଭାରତ ୪୯ତମ ମିନିଟ୍ ପର୍ଯ୍ୟନ୍ତ ୦-୨ ଗୋଲରେ ପଛୁଆ ରହିବା ସତ୍ତ୍ୱେ ସଫଳ ପ୍ରତ୍ୟାବର୍ତ୍ତନ କରି ୪-୨ ଗୋଲ୍‌ରେ ଆର୍ଜେଣ୍ଟିନାକୁ ପରାସ୍ତ କରିଛି । ମ୍ୟାଚ୍‌ର ପ୍ରଥମ ୩ କ୍ୱାର୍ଟର ଖେଳରେ ଆର୍ଜେଣ୍ଟିନା ତୁଳନାତ୍ମକ ଭାବେ ଉନ୍ନତ ପ୍ରଦର୍ଶନ କରିଥିଲା । ଦଳ ତରଫରୁ ନିକୋଲାସ ରୋଡ୍ରିଗୁଏଜ୍(୩ୟ ମିନିଟ୍) ଓ ସାଣ୍ଟିଆଗୋ ଫର୍ନାଣ୍ଡିଜ୍ ଗୋଲସ୍କୋର କରି ସେମାନଙ୍କ ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ । ମାତ୍ର ଶେଷ କ୍ୱାର୍ଟରରେ ଭାରତ ଦୃଢ଼ ପ୍ରତ୍ୟାବର୍ତ୍ତନ ସହ ଲଗାତର ୪ଟି ଗୋଲ୍‌ସ୍କୋର କରି ମ୍ୟାଚ୍ ଜିତିନେଇଥିଲା । ଅଙ୍କିତ୍ ପାଲ୍(୪୯ତମ ମିନିଟ୍), ମନମିତ୍ ସିଂ(୫୨) ଓ ଅନ୍‌ମୋଲ ଏକ୍କା(୫୮) ପ୍ରମୁଖ ପେନାଲ୍‌ଟି କର୍ନରକୁ ଗୋଲରେ ରୂପାନ୍ତରିତ କରିଥିବା ବେଳେ ଶାରଦା ନନ୍ଦ ୫୭ତମ ମିନିଟ୍‌ରେ ସ୍ୱଟ୍‌ରୁ ତାଙ୍କ ଗୋଲ୍ ସ୍କୋର କରିଥିଲେ । ଭାରତ ପୂର୍ବରୁ ୨୦୧୬ ଲକ୍ଷ୍ନୌ ସଂସ୍କରଣରେ ଟାଇଟଲ ଜିତିଥିଲା । ମାତ୍ର ଗତ ଦୁଇଥର ପୋଡିୟମ ଫିନିଶ୍ କରିବାରେ ବିଫଳ ହୋଇଥିଲା । ଭୁବନେଶ୍ୱରରେ ୨୦୨୧ରେ ଦଳ ଚତୁର୍ଥ ହୋଇଥିବା ବେଳେ ଏହାର ଦୁଇବର୍ଷ ପରେ କୁଆଲାଲମ୍ପୁରଠାରେ ମଧ୍ୟ ୪ର୍ଥ ସ୍ଥାନରେ ରହିଥିଲା ।

### ହକି ଇଣ୍ଡିଆର ପୁରସ୍କାର ଘୋଷଣା

ଭାରତୀୟ ପୁରୁଷ ଜୁନିୟର ବିଶ୍ୱକପ ହକି ଦଳ ବ୍ରୋଞ୍ଜ ପଦକ ଜିତିବାପରେ ହକି ଇଣ୍ଡିଆ ପକ୍ଷରୁ ପୁରସ୍କାର ଘୋଷଣା କରାଯାଇଛି । ପ୍ରତି ଖେଳାଳିଙ୍କୁ ୫ ଲକ୍ଷ ଏବଂ ସପୋର୍ଟ୍ସ ଷ୍ଟାଫ୍‌ଙ୍କୁ ୨.୫ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯିବ ବୋଲି ହକି ଇଣ୍ଡିଆ ପ୍ରକାଶ କରିଛି ।

# ବିଜୟ ବଜାୟ ଲକ୍ଷ୍ୟରେ ଭାରତ

ମୁଲାନପୁର (ନ୍ୟୁ ଚଣ୍ଡିଗଡ଼), ୧୦।୧୨(ପି.ଟି.)

ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚଳିତ ସିରିଜ୍‌ର ଦ୍ୱିତୀୟ ଟି୨୦ କ୍ରିକେଟ ମ୍ୟାଚ୍ ଗୁରୁବାର ଏଠାରେ ଅନୁଷ୍ଠିତ ହେବ । କଟକ ବାରବାଟୀ ଷ୍ଟାଡିୟମରେ ୧୦୧ ରନ୍‌ରେ ବିଜୟ ସହ ଭାରତ ୫ ମ୍ୟାଚ୍‌ବିଶିଷ୍ଟ ସିରିଜ୍‌ରେ ୧-୦ରେ ଅଗ୍ରଣୀ ହାସଲ କରିସାରିଛି । ବେକଜନିତ ସମସ୍ୟାରୁ ମୁକୁଳିଥିବା ଶୁବମନ ଗିଲ୍ କଟକରେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ । ମାତ୍ର ଗୋଟିଏ ଦିନ ବ୍ୟବଧାନରେ ଦ୍ୱିତୀୟ ଟି୨୦ ହେବାକୁ ଯାଉଥିବାରୁ ତାଙ୍କ ଉପରେ ନଜର ରହିବ । ଅଧିନାୟକ ଭାବେ ଇଂଲଣ୍ଡରେ ନିଜର ଟେଷ୍ଟ ଡେବ୍ୟୁରେ ଗିଲ୍ ପ୍ରଭାବୀ ପ୍ରଦର୍ଶନ କରିଥିଲେ । ତେଣୁ ସଞ୍ଜୁ ସାମ୍‌ସନ ଏବଂ ତାଙ୍କ ପଞ୍ଜାବ ଟିମ୍‌ମେଟ୍ ଅଭିଷେକ ଶର୍ମାଙ୍କ ପରି ଟପ୍ ଅର୍ଡର ଖେଳାଳି ଥିଲେ ମଧ୍ୟ ଟି୨୦ ଓପନର ଭାବେ ଗିଲ୍‌ଙ୍କ ଉପରେ ଟିମ୍ ମ୍ୟାନେଜମେଣ୍ଟ ଆସ୍ଥା ସ୍ଥାପନ କରିଛି । ଫଳରେ କେରଳ ବ୍ୟାଟର ସାମ୍‌ସନ ପ୍ଲେଇଂ ଇଲେଭେନରେ ସ୍ଥାନ ପାଇବାକୁ ସଂଘର୍ଷ କରୁଛନ୍ତି ।

### ଦ୍ୱିତୀୟ ଟି୨୦ ଆଜି

ମ୍ୟାଚ୍ ଆରମ୍ଭ: ସନ୍ଧ୍ୟା ୭ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ହଟ୍ ଷ୍ଟାର

ଗତବର୍ଷ ଟି୨୦ ବିଶ୍ୱକପ୍ ପର୍ଯ୍ୟନ୍ତ ବିରାଟ କୋହଲି ଯେଉଁ ଭୂମିକା ତୁଲାଇ ଆସୁଥିଲେ ଗିଲ୍ ତାଙ୍କୁ ଅନୁକରଣ କରୁଥିବା ଅନୁମାନ ହେଉଛି । ମାତ୍ର ଏବେ ଭାରତର ବ୍ୟାଟିଂ ଲାଇନ୍‌ଅପ୍ ୮ ନମ୍ବର ପର୍ଯ୍ୟନ୍ତ ଗଭୀରତା ଥିବାରୁ ଏବଂ ଦଳ ନିର୍ଭୀକ କ୍ରିକେଟ୍ ଖେଳୁଥିବାରୁ ଆଙ୍କରର ଭୂମିକା କମିଯାଇଛି । ଗିଲ୍‌ଙ୍କ ଭଳି ଗତ ୧୨ ମାସରେ ପ୍ରଦର୍ଶନରେ ସ୍ଥିରତା ରକ୍ଷା କରିପାରି ନ ଥିବା ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ଉପରେ ମଧ୍ୟ ନଜର ରହିବ । ଆଉ କିଛିମାସ ପରେ ସୂର୍ଯ୍ୟକୁମାର ବିଶ୍ୱକପ୍‌ରେ ଭାରତର ନେତୃତ୍ୱ ନେବା ସମ୍ଭାବନା ଅଛି । ଭାରତ ଟାଇଟଲ ବଜାୟ ଲକ୍ଷ୍ୟରେ ଥିବାରୁ ନିଜେ ଅଧିନାୟକ ଭଲ ଫର୍ମକୁ ଫେରିବା ଜରୁରୀ । ନ୍ୟୁ ଚଣ୍ଡିଗଡ଼ର ଥଣ୍ଡା ପରିବେଶରେ ଭାରତ ଏହାର ବିଜୟୀ କମ୍ବିନେଶନ ବଜାୟ ରଖିବ ନିଶ୍ଚିତ । ଆହତ ସମସ୍ୟାରୁ ମୁକୁଳିବା ପରେ ହାର୍ଦ୍ଦିକ ପାଣ୍ଡ୍ୟା ଅଲ୍‌ରାଉଣ୍ଡ ପ୍ରଦର୍ଶନ କରି ଭାରତକୁ କଟକରେ ମ୍ୟାଚ୍ ଜିତାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ସେ ୨୮ ବଲ୍‌ରୁ ୫୯ ରନ୍ କରିବା ସହ ଭଲ ବୋଲିଂ ମଧ୍ୟ କରିଥିଲେ । ଟିମ୍ ମ୍ୟାନେଜ୍‌ମେଣ୍ଟ ୮ ନମ୍ବର ପର୍ଯ୍ୟନ୍ତ ବ୍ୟାଟିଂ ଅର୍ଡର ରଖିବାକୁ ଚାହୁଁଥିବାରୁ ଅର୍ଶଦୀପ ସିଂ ଏବଂ କୁଲଦୀପ ଯାଦବଙ୍କ ମଧ୍ୟରୁ ଜଣେ ପ୍ଲେଇଂ ଇଲେଭେନରେ ରହିବା ସମ୍ଭବ ହେବ । ଗତ ମଙ୍ଗଳବାର ଦଳ ଚୟନରୁ ଏହା ସ୍ପଷ୍ଟ ହୋଇଛି ।

ଅନ୍ୟପକ୍ଷରେ ୧୭୬ ରନ୍ ବିଜୟ ଲକ୍ଷ୍ୟରେ ଥାଇ ମାତ୍ର ୭୪ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିବା ଦକ୍ଷିଣ ଆଫ୍ରିକା ଏହାର ବ୍ୟାଟିଂରେ ସୁଧାର ଆଣିବା ଲକ୍ଷ୍ୟରେ ରହିବ । ପରାଜୟର ଅଧିକ ବିଶ୍ଳେଷଣ କରିବାକୁ ସମୟ ନାହିଁ । କେବଳ ସକାରାତ୍ମକ ଚିନ୍ତା ସହ ଦଳକୁ ପଡ଼ିଆକୁ ଓହ୍ଲାଇବାକୁ ପଡ଼ିବ । ଗତ ସେପ୍ଟେମ୍ବରରେ ୨ଟି ମହିଳା ଦିନିକିଆ ଆୟୋଜନ ପରେ ନ୍ୟୁ ଚଣ୍ଡିଗଡ଼ ଭେନ୍ୟୁରେ ପ୍ରଥମଥର ପାଇଁ ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍ ହେବାକୁ ଯାଉଛି । ଗତ ଆଇପିଏଲ୍ ସମୟରେ ଏଠାରେ ୨୦୦ ରନ୍ ସ୍ପର୍ଶ କରିବା ସହଜ ନ ଥିଲା । ୧୦୧ ସର୍ବନିମ୍ନ ସ୍କୋର ଥିଲା । ସୂଚନା ଯେ, ମ୍ୟାଚ୍ ଅବସରରେ ଯୁବରାଜ ସିଂ ଓ ହରମନ୍‌ପ୍ରୀତ କୌରଙ୍କ ନାମରେ ଷ୍ଟାଡିୟମ ଷ୍ଟାଣ୍ଡ ଉନ୍ମୋଚିତ ହେବ ।



ଶୁବମନ ଗିଲ୍



ଦୃଷ୍ଟିବାଧିତ ମହିଳା ଟି୨୦ ବିଶ୍ୱକପ୍ ବିଜୟୀ ଭାରତୀୟ ଦଳରେ ସାମିଲ ଓଡ଼ିଶାର ୪ ଖେଳାଳି ଫୁଲ ସୋରେନ, ବାସନ୍ତି ହାଁସ୍‌ଦା, ଯମୁନାରାଣୀ ଟୁଡୁ ଓ ପାର୍ବତୀ ମାର୍ଣ୍ଡିଙ୍କୁ ବୁଧବାର ହୋଟେଲ ଲାଇଫ୍‌ରେ ସିଆଇଆଇଏଲ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । (ଫଟୋ: ବିକାଶ ନାୟକ)

# ପାକିସ୍ତାନ ଟୁର୍‌ରେ ଯିବ ଅଷ୍ଟ୍ରେଲିଆ

ଲାହୋର, ୧୦।୧୨(ପି.ଟି.)

ଜାନୁଆରୀରେ ପାକିସ୍ତାନ ବିପକ୍ଷରେ ଖେଳାଯିବାକୁଥିବା ୩ ମ୍ୟାଚ୍‌ବିଶିଷ୍ଟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ସିରିଜ୍ ପୂର୍ବରୁ ସେଠିକା ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା ପାଇଁ କ୍ରିକେଟ ଅଷ୍ଟ୍ରେଲିଆର ଏକ ପ୍ରତିନିଧି ଦଳ ଲାହୋରରେ ପହଞ୍ଚିଛି । ଏହି ଦଳରେ ଜଣେ ସ୍ୱାଧୀନ ସୁରକ୍ଷା ଉପଦେଷ୍ଟା ଓ ଅଷ୍ଟ୍ରେଲିଆନ କ୍ରିକେଟର୍ସ ଆସୋସିଏଶନର ଜଣେ ଅଫିସିଆଲ ମଧ୍ୟ ରହିଛନ୍ତି । ଅଷ୍ଟ୍ରେଲିଆ କ୍ରିକେଟ ଦଳ ଏକ ହ୍ୱାଇଟ୍ ବଲ୍ ସିରିଜ୍ ଖେଳିବା ଲାଗି ଆସନ୍ତାବର୍ଷ ପ୍ରାରମ୍ଭରେ ପାକିସ୍ତାନ ଟୁର୍‌ରେ ଯିବ ।

# ଜିଲାସ୍ତରୀୟ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ୨୧ରେ

ଭୁବନେଶ୍ୱର, ୧୦।୧୨(ତପନ ସ୍ୱାଇଁ)

ଭୁବନେଶ୍ୱର ଜିମ୍ନାଷ୍ଟିକ୍ ଆସୋସିଏଶନର ଜିଲାସ୍ତରୀୟ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ ପ୍ରତିଯୋଗିତା ଚଳିତ ମାସ ୨୧ରେ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀଠାରେ ଅନୁଷ୍ଠିତ ହେବ । ପ୍ରତିଯୋଗିତା ସକାଳ ୧୦ଟାରୁ ଆରମ୍ଭ ହେବ ଏବଂ ଏଥିରେ ସିନିୟର, ଜୁନିୟର, ସବ୍‌ଜୁନିୟର ଏବଂ ୮ ଓ ୧୦ ବର୍ଷରୁ କମ୍ ଉଭୟ ବାଳିକା, ବାଳକ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା ହେବ । ୮ ବର୍ଷରୁ କମ୍ ବାଳିକା ଓ ବାଳକ ବର୍ଗରେ କେବଳ ଫ୍ଲୋର ଏକ୍ସରସାଇଜ୍ ଇଭେଣ୍ଟ ଅନୁଷ୍ଠିତ ହେବ । ୧୦ ବର୍ଷରୁ କମ୍ ବାଳକ ବର୍ଗରେ ଫ୍ଲୋର ଏକ୍ସରସାଇଜ୍ ଓ ଭଲ୍ଟିଂ ଟେବଲ ଏବଂ ବାଳିକା ବର୍ଗରେ ଫ୍ଲୋର ଏକ୍ସରସାଇଜ୍ ଓ ବାଲାନ୍ସିଂ ବିମ୍, ସବ୍‌ଜୁନିୟରରେ ଜିଏଫ୍‌ଆଇ ନିୟମ ଏବଂ ଜୁନିୟର ଓ ସିନିୟର୍‌ରେ ଏଫ୍‌ଆଇଜି ନିୟମରେ ପ୍ରତିଯୋଗିତା ହେବ । ଆସୋସିଏଶନ ସମ୍ପାଦକ ନରେନ୍ଦ୍ର କୁମାର ସେଠୀ ଭୁବନେଶ୍ୱରର ସମସ୍ତ ଜିମ୍ନାଷ୍ଟଙ୍କୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ସୂଚନା ଦେଇଛନ୍ତି । ଅଂଶଗ୍ରହଣ ଲାଗି ଇଚ୍ଛୁକ ଖେଳାଳିମାନେ ଅଧିକ ବିବରଣୀ ପାଇଁ ଆସୋସିଏଶନ ଉପସଭାପତି ତଥା ଏକାଡେମୀର ଅଧ୍ୟକ୍ଷା ମୀରାରାଣୀ ଦାସଙ୍କ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି ।

# କୋହଲି ଦ୍ୱିତୀୟ ସ୍ଥାନକୁ ଉନ୍ନୀତ

ଦୁବାଇ,୧୦।୧୨(ପି.ଟି.)

ବୁଧବାର ଆଇସିସି ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ର୍‍ୟାଙ୍କିଙ୍ଗ୍ ତାଲିକା ପ୍ରକାଶ ପାଇଛି । ବ୍ୟାଟର ତାଲିକାରେ ବିରାଟ କୋହଲି ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଥିବା ବେଳେ ରୋହିତ୍ ଶର୍ମା ତାଙ୍କ ପ୍ରଥମ ସ୍ଥାନ ବଜାୟ ରଖିଛନ୍ତି । ୨୦୨୧ ଏପ୍ରିଲରେ କୋହଲିଙ୍କୁ ହଟାଇ ପାକିସ୍ତାନର ବାବର ଆଜାମ ୧ମ ସ୍ଥାନ ଅଧିକାର କରିନେଇଥିଲେ ।

### ଆଇସିସି ଦିନିକିଆ ର୍‍ୟାଙ୍କିଙ୍ଗ୍

ଏହାପରଠାରୁ କୋହଲି ଆଉ ନମ୍ବର-୧ ସ୍ଥାନକୁ ଆସିପାରିନାହାନ୍ତି । କିନ୍ତୁ ଏହି ଡାହାଣହାତୀ ବ୍ୟାଟର ନିକଟରେ ଦକ୍ଷିଣ ଆଫ୍ରିକା ବିପକ୍ଷ ୩ ମ୍ୟାଚ୍‌ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ସିରିଜ୍‌ରେ ଚମତ୍କାର ପ୍ରଦର୍ଶନ କରିବାରୁ ଶୀର୍ଷ ସ୍ଥାନ ନିକଟତର ହୋଇପାରିଛନ୍ତି । ୩୭ ବର୍ଷୀୟ ଏହି ବ୍ୟାଟର ତିନୋଟି ମ୍ୟାଚ୍‌ରେ ୩୦୨ ରନ୍ ସଂଗ୍ରହ କରି ପ୍ଲେୟର ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ । ଏହାଦ୍ୱାରା ସେ ର୍‍ୟାଙ୍କିଙ୍ଗ୍ ତାଲିକାରେ ୨ ସ୍ଥାନ ଉପରକୁ ଉଠି ସାଥୀ ଖେଳାଳି ରୋହିତ୍ ଶର୍ମାଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ରୋହିତ ସିରିଜ୍‌ରେ ୧୪୬ ରନ୍ ସଂଗ୍ରହ କରିଥିଲେ । ତନ୍ମଧ୍ୟରେ ବିଶାଖାପାଟଣାଠାରେ ସିରିଜ୍‌ର ଫାଇନାଲ ମ୍ୟାଚ୍‌ରେ ତାଙ୍କ ଅପରାଜିତ ୭୫ ରନ୍ ସାମିଲ । କୋହଲିଙ୍କଠାରୁ ସେ ମାତ୍ର ୮ ପଏଣ୍ଟ ଆଗରେ ରହିଛନ୍ତି । ସିରିଜ୍‌ର ୩ଟି ମ୍ୟାଚ୍‌ରେ ଖେଳି ନ ଥିଲେ ସୁଦ୍ଧା ଭାରତ ଦିନିକିଆ ଦଳର ଅଧିନାୟକ ଶୁବମନ ଗିଲ୍ ତାଙ୍କ ୫ମ ସ୍ଥାନ ବଜାୟ ରଖିଛନ୍ତି । ସିରିଜ୍‌ରେ ଦୁଇଟି ଅର୍ଦ୍ଧଶତକ ପାଇଁ କାମଚଳା ଅଧିନାୟକ କେ.ଏଲ୍. ରାହୁଲ ଦୁଇ ସ୍ଥାନ ପଦୋନ୍ନତି ସହ ଓଭରଅଲ ୧୨ତମ ସ୍ଥାନରେ ରହିଛନ୍ତି । ସେହିପରି କୁଲଦୀପ ଯାଦବ ବୋଲର ତାଲିକାରେ ୩ ସ୍ତର ଉପରକୁ ଉଠି ୩ୟ ସ୍ଥାନରେ ଅଛନ୍ତି । ଅନ୍ତର୍ଜାତୀୟ ଦିନିକିଆ ବ୍ୟାଟର ତାଲିକାରେ ଦକ୍ଷିଣ ଆଫ୍ରିକାର ୩ ଜଣଙ୍କର ପଦୋନ୍ନତି ହୋଇଛି । କ୍ୱିଣ୍ଟନ୍ ଡି'କକ୍ ୩ ସ୍ଥାନ ଉପରକୁ ଉଠି ୧୩ତମ ସ୍ଥାନରେ ଏବଂ ଏଡେନ ମାରକ୍ରମ ୪ ସ୍ଥାନ ଉପରକୁ ଉଠି ୨୫ତମ ସ୍ଥାନରେ ପହଞ୍ଚିଥିବା ବେଳେ ଟେମ୍ବା ବଭୁମା ୩ ପଦୋନ୍ନତିସହ ୩୭ତମ ସ୍ଥାନକୁ ଯାଇଛନ୍ତି ।

# ପ୍ରି କ୍ୱାର୍ଟରରେ ଉନ୍ନତି, ମାନେପଲ୍ଲୀ

ଭୁବନେଶ୍ୱର/ କଟକ, ୧୦।୧୨
ତପନ ସ୍ୱାଇଁ/କାର୍ତ୍ତିକ ସାହୁ

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ମାଷ୍ଟର୍ସ ବିଡବ୍ଲ୍ୟୁଏଫ୍ ଟୁର୍ ସୁପର ୧୦୦ ବ୍ୟାଡ୍‌ମିଣ୍ଟନର ଦ୍ୱିତୀୟ ଦିବସରେ ମହିଳା ଓ ପୁରୁଷ ସିଙ୍ଗଲ୍ସ, ମହିଳା ଓ ପୁରୁଷ ଡବଲ୍ସ ଏବଂ ମିକ୍ସଡ୍ ଡବଲ୍ସରେ ମୋଟ ୭୬ଟି ମ୍ୟାଚ୍ ଅନୁଷ୍ଠିତ ହୋଇଛି । କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳି ଓ ଆୟୋଜକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହି ଅବସରରେ ବିଧାୟକ ପ୍ରକାଶ ସେଠୀ, କ୍ରୀଡ଼ା ନିର୍ଦ୍ଦେଶକ ବିଜୟ ଯେଦୁଲ୍ଲା, କଟକ ଜଲାପାଳ ଦତ୍ତାତ୍ରୟ ଭାଉ ସାହେବ ଶିନ୍ଦେ, କଟକ ମହାନଗର ନିଗମ ଅଧ୍ୟକ୍ଷା କିରଣ ଦୀପ କୌର ସହଟା, ଚଳଚ୍ଚିତ୍ର ଅଭିନେତା ଶ୍ରୀତମ ଦାସ, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ବେଣୁଗୋପାଳ ମହାଲିଙ୍ଗମ୍ ପ୍ରମୁଖ ଅନ୍ୟତମ ଅତିଥିଭାବେ ଉପସ୍ଥିତ ଥିଲେ । ଦ୍ୱିତୀୟ ଦିବସରେ ଭାରତୀୟ ଖେଳାଳିମାନେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି । ମହିଳା ବିଭାଗର ରାଉଣ୍ଡ ୩୨ରେ ଟପ୍‌ସିଡ୍ ଭାରତର ଉନ୍ନତି ହୁଡା ୟୁନାଇଟେଡ୍ ଆରବ ଏମିରେଟ୍ସର ପ୍ରକ୍ରିତି ଭାରତଙ୍କୁ ୨୧-୧୨, ୨୧-୧୮ରେ ହରାଇ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି । ମହିଳା ପ୍ରିକ୍ୱାର୍ଟରରେ ପହଞ୍ଚିଥିବା ଅନ୍ୟ ଖେଳାଳିମାନେ ହେଲେ ତୃତୀୟ ସିଡ୍ ତନ୍‌ଭୀ ଶର୍ମା, ଷଷ୍ଠ ସିଡ୍ ଅନ୍‌ମୋଲ ଖର୍ବ ଏବଂ ଅଣସିଡେଡ୍ ତାନ୍ୟା ହେମନ୍ତ । ପୁରୁଷ ସିଙ୍ଗଲ୍ସରେ ମଧ୍ୟ ଟପ୍ ସିଡ୍ ଥରୁନ ମାନେପଲ୍ଲୀ ନିଜ ଦେଶର ମାନବ ଚୌଧୁରୀଙ୍କୁ ୨୧-୫,୨୧-୮ରେ ହରାଇ ପ୍ରି-କ୍ୱାର୍ଟରରେ ପହଞ୍ଚିଛନ୍ତି । ଏହି ପର୍ଯ୍ୟାୟରେ ପହଞ୍ଚି ସାରିଥିବା ଅନ୍ୟ ଖେଳାଳିମାନେ ହେଲେ ଗତ ସିଜନର ସିଙ୍ଗଲ ଚାମ୍ପିୟନ ସତୀଶ୍ କୁମାର, ଦ୍ୱିତୀୟ ସିଡ୍ କିରଣ ଜର୍ଜ ଏବଂ ପ୍ରିୟାଂଶୁ ରାଜୱତ । ମିକ୍ସଡ ଡବଲ୍ସରେ ଅନୁଷ୍ଠିତ ରାଉଣ୍ଡ ୩୨ ମ୍ୟାଚ୍‌ରେ ଟପ୍‌ସିଡ୍ ଇଣ୍ଡୋନେସିଆର ଏମ୍. ଫାଜା ଓ ଏ. ପ୍ରଣତାଙ୍କ ଯୋଡ଼ି ମାଲେସିଆ ଯୋଡ଼ି ୱାଇ ୟି ହେର୍ନ ଓ ଭାନୀ ଗୋବିଙ୍କୁ ୨୧-୧୮, ୨୧-୧୧ରେ ପରାଜିତ କରି କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି । କ୍ୱାର୍ଟର ଫାଇନାଲ ପ୍ରବେଶ କରିଥିବା ଅନ୍ୟ ଯୋଡ଼ିମାନେ ହେଲେ ଇଣ୍ଡୋନେସିଆର ବି. ପ୍ରସେତ୍ୟ-ଏ. ମୁଂଗରଣ, ଭାରତର ଆର୍ଯ୍ୟନ ସପିଆ-ଅଶ୍ୱିନୀ ପୋନାପ୍ପା ଏବଂ ଡି. ଭେଲ ମୁରୁଗାନ୍-ପି. ନଟରାଜନ୍ ।

### ଓଡ଼ିଶା ମାଷ୍ଟର୍ସ ସୁପର ୧୦୦ ବ୍ୟାଡ୍‌ମିଣ୍ଟନ



ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ଅତିଥି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ ।



ପୁରୁଷ ସିଙ୍ଗଲ୍ସରେ ଅନୁଷ୍ଠିତ ଏକ ମ୍ୟାଚ । (ଫଟୋ: ରାଜକିଶୋର ମହାନ୍ତି)

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ